# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଏପ୍ରିଲ ୯/୨୦୨୩ (୧୪ ପୃଷ୍ଠା+ଛୁଟିଦିନ) Bhubaneswar, Sunday, April 9/2023 Page 14 ₹ 7.00

୪୯ଶ ଭାଗ ୧୩୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 134 ମୂଲ୍ୟ₹୭/-




## ଛୋଟ ପିଲାର ସ୍ୱପ୍ନ ପୂରଣ ହେଲା

ଅଭିନେତା ରାମ ଚରଣ 'ୟେତମ୍ମା'ରେ ଭାଇଜାନ୍ ସଲମାନ୍‌ଙ୍କ ସହ ଡ୍ୟାନ୍ସ କରି ଜଣେ ଛୋଟପିଲାର ସ୍ୱପ୍ନ ପୂରଣ ହୋଇଛି ବୋଲି କହିଛନ୍ତି। ୧୦

୧୧

## ତେଜସ୍ୱିନଙ୍କୁ ରୌପ୍ୟ ପଦକ

ଜିମ୍ କ୍ଲିକ୍ ଶୁଟ୍‌ଆଉଟ୍ ପ୍ରତିଯୋଗିତାରେ ଭାରତୀୟ ହାଇଜମ୍ପର ତେଜସ୍ୱିନ ଶଙ୍କର ଡେକାଥଲନରେ ରୌପ୍ୟପଦକ ଜିତିଛନ୍ତି।





ଶନିବାର ସୁଖୋଇ-୩୦ ଏମ୍‌କେଆଇ ଯୁଦ୍ଧବିମାନରେ ଉଡ଼ାଣ କରିବା ପରେ ଆସାମର ତେଜପୁର ବାୟୁସେନା ଷ୍ଟେଶନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।

# ବଜ୍ରପାତ ନେଲା ୪ଜୀବନ

**ପ୍ରକୃତି କୋପର ଶିକାର କିଏ କେତେବେଳେ ଯେ ହେବ ତାହା କେହି କଳନା କରି ପାରିବେ ନାହିଁ। କେହି କିଛି ଭାବିବା ପୂର୍ବରୁ ଅକାଳରେ ଚାଲିଯାଏ ଜୀବନ। ଶନିବାର ବଜ୍ରପାତରେ ୨ଟି ସ୍ଥାନରେ ୪ ଜୀବନ ଚାଲିଯାଇଛି । ମୟୂରଭଞ୍ଜ ଜିଲା କରଞ୍ଜିଆରେ ଜଣେ ସମ୍ପର୍କୀୟଙ୍କ ଶବସଂସ୍କାର କରିବା ପାଇଁ ଶ୍ମଶାନକୁ ଆସିଥିବା ୩ଜଣ ମହିଳା ଗଛତଳେ ବସିଥିବାବେଳେ ବଜ୍ରପାତର ଶିକାର ହୋଇ ମୃତ୍ୟୁବରଣ କରିଛନ୍ତି। ସେହିପରି ବାଲେଶ୍ୱର ଜିଲା ସୋର ବ୍ଲକ ଅଞ୍ଚଳରେ ରାସ୍ତା କାମ ତଦାରଖ କରୁଥିବାବେଳେ ବଜ୍ରପାତରେ ଜଣେ ସୁପରଭାଇଜରଙ୍କ ମୃତ୍ୟୁ ଘଟିଛି।**

- ଶବ ସଂସ୍କାର କରିବାକୁ ଯାଇଥିବା ୩ ମହିଳା ମୃତ
- ବଜ୍ରପାତରେ ଜଳିଗଲା ଗଛ
- ରାସ୍ତା କାମ ତଦାରଖ କରୁଥିବା ସୁପରଭାଇଜର ମୃତ

ବାରିପଦା ଅଫିସ/କରଞ୍ଜିଆ/ସୋର, ୮।୪(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା କରଞ୍ଜିଆ ଏନ୍‌ଏସିର ୧୫ନଂ. ୱାର୍ଡ ଅଙ୍କୁରା ଅଞ୍ଚଳରେ ଶନିବାର ଅପରାହ୍ନରେ କାଳବୈଶାଖୀ ସହ ବଜ୍ରପାତ ହୋଇ ୩ ମହିଳାଙ୍କ ଜୀବନ ଯାଇଛି। ବନ୍ଧୁ ପରିଜନଙ୍କ ସହ ଶବ ସଂସ୍କାର କରିବାକୁ ନିକଟସ୍ଥ ଶ୍ମଶାନକୁ ଯାଇଥିବାବେଳେ ଏଭଳି ଅଘଟଣ ଘଟିଛି। ମୃତକମାନେ ହେଲେ ଅଙ୍କୁରା ଗ୍ରାମର ସୁବାସିନୀ ଦାସ(୭୦), ଗର୍ଭବତୀ ମହିଳା ହେମଲତା ହୋ(୨୫) ଓ ସରୋଜପଶି ଗ୍ରାମର ଜୀବତୀ ନାଏକ(୩୦)। ବଜ୍ରପାତରେ ୫ଜଣ ଗୁରୁତର ଆହତ ମଧ୍ୟ ହୋଇଛନ୍ତି। ସେମାନଙ୍କୁ ସଙ୍ଗେ ସଙ୍ଗେ ଆମ୍ବୁଲାନ୍ସ ଯୋଗେ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଛି। ଆହତମାନେ ହେଲେ ଯୁବତୀ ନାଏକ, ମାଳତୀ ନାଏକ, ଭୁବନ ହୋ, ସୋନାଲି ବାସ୍କେ ଓ ଦେଢ଼ବର୍ଷର ଶିଶୁ ତେଜଶ୍ୱରୀ ନାଏକ। ଶନିବାର ସକାଳେ ମୁକ୍ତା ମୁଣ୍ଡା ନାମ୍ନୀ ମହିଳାଙ୍କ ମୃତ୍ୟୁ ହୋଇଥିଲା। ବନ୍ଧୁ ପ୍ରିୟଜନମାନେ ଶବ ସତ୍କାର କରିବାକୁ ନିକଟସ୍ଥ ମଶାଣିକୁ ଯାଇଥିଲେ। ଅପରାହ୍ନରେ କାଳବୈଶାଖୀ ମାଡ଼ି ଆସିବାରୁ ମହିଳାମାନେ ଆମ୍ବଗଛ ମୂଳରେ ଥିବା ଚାଲିଆରେ ଆଶ୍ରୟ ନେଇଥିଲେ । ଏହି ସମୟରେ ଆମ୍ବ ଗଛକୁ ବଜ୍ରପାତ ହେବାରୁ ତଳେ ଆଶ୍ରୟ ନେଇଥିବା ମହିଳାଙ୍କ ମଧ୍ୟରେ ୩ଜଣ ଏହାର ଶିକାର ହୋଇ ଢଳି ପଡ଼ିଥିଲେ। ଆମ୍ବଗଛ ହୁତୁ ହୁତୁ ହୋଇ ଜଳୁଥିବାବେଳେ ଅନ୍ୟମାନେ ଆତଙ୍କିତ ହୋଇପଡିଥିଲେ। ଖବରପାଇ ଅଙ୍କୁରାସ୍ଥିତ ବାସଭବନରେ ଥିବା ମହିଳା ଓ ଶିଶୁ ବିକାଶ ତଥା ମିଶନଶକ୍ତି ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଡାକ୍ତରଖାନା ପଠାଇ ଚିକିତ୍ସା ବିଷୟରେ ବୁଝାସୁଝା କରିଥିଲେ। ମନ୍ତ୍ରୀଙ୍କ ସହ ଏନ୍‌ଏସି ଅଧ୍ୟକ୍ଷା ପପି ପୃଷ୍ଟି, ଦିଲୀପ ସାହୁ, ଗିରିଧାରୀ ପୃଷ୍ଟି, ମହେଶ୍ୱର ନାୟକ, ସିପୁ ନାୟକଙ୍କ ସମେତ ବହୁ ଲୋକ ଉପସ୍ଥିତ ଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିବା ସହ ଏକ ଅପମୃତ୍ୟୁ ମାମଲା (ନଂ.୧୦/୨୩) ରୁଜୁ କରି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସେହିପରି ବାଲେଶ୍ୱର ଜିଲା ସୋର ବ୍ଲକ ଗୋପୀନାଥପୁର ପଞ୍ଚାୟତ ଟିଣା ପୋଲ ନିକଟରେ ☞ପୃଷ୍ଠା-୪

## ରାଜ୍ୟରେ ହେବ ଜିମ୍ନାଷ୍ଟିକ୍ ହାଇପରଫର୍ମାନ୍ସ ସେଣ୍ଟର

........୩........

### ଆଜିର ସମ୍ପାଦକୀୟ

ନ କହିବା ଭଲ

### ଆଜିର ମନ୍ତବ୍ୟ

"ମନୀଷ ସିସୋଡିଆ ଦିଲ୍ଲୀରେ ଶିକ୍ଷା ବିପ୍ଳବର ସ୍ଥପତି। ଆସୁରିକ ଶକ୍ତିଗୁଡ଼ିକ ତାଙ୍କୁ ଜେଲକୁ ଠେଲି ଦେଇଛନ୍ତି।

-ଅରବିନ୍ଦ କେଜ୍‌ରିୱାଲ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ






# ସିମ୍ କେୱାଇସି ଯାଞ୍ଚ ଖୁବ୍‌ଶୀଘ୍ର

**ଦେଶରେ ଫେକ୍ ସିମ୍ କାର୍ଡ ବ୍ୟବହାର କରି ସାଇବର ଅପରାଧ ଘଟାଯାଉଛି। ଗୋଟିଏ ପରିଚୟପତ୍ରରେ ଅନେକ ସିମ୍ ମିଳୁଥିବାରୁ ସାଇବର ଅପରାଧୀମାନେ ଏହାର ଫାଇଦା ନେଉଛନ୍ତି। ସିମ୍ କାର୍ଡର ଏପରି ଦୁରୁପଯୋଗକୁ ରୋକିବା ପାଇଁ କେନ୍ଦ୍ର ସରକାର ସିମ୍ ଆବେଦନର ନିୟମକୁ କଡ଼ାକଡ଼ି କରିବାକୁ ଯାଉଛନ୍ତି। ଟେଲିକମ୍ୟୁନିକେଶନ ବିଭାଗ (ଡିଓଟି)ର ଯୋଜନା ମୁତାବକ ସିମ୍ କାର୍ଡ ପାଇଁ ସମ୍ପୂର୍ଣ୍ଣ ଡିଜିଟାଲ ପ୍ରକ୍ରିୟା ଆପଣାଯିବ। ନୋ-ୟୋର୍ କଷ୍ଟମର (କେୱାଇସି) ଯାଞ୍ଚ ବିନା ସିମ୍ ମିଳିବ ନାହିଁ। ଏପରି କି ବର୍ତ୍ତମାନ ୟୁଜର୍ସ ଗୋଟିଏ ପରିଚୟପତ୍ରରେ ୯ଟି ସିମ୍ ପାଉଥିବାବେଳେ ଆଗକୁ ଏହା ୫ରେ ସୀମିତ ରହିବ। ଏଥିଯୋଗୁ ମୋବାଇଲ୍ ଫୋନ୍ ବ୍ୟବହାରକାରୀମାନେ ଅନେକ ସୁବିଧାରୁ ବଞ୍ଚିତ ହେବେ ବୋଲି କୁହାଯାଉଛି।**




ନୂଆଦିଲ୍ଲୀ, ୮।୪

- ଦୁରୁପଯୋଗ କଲେ ଜେଲ, ଜରିମାନା
- ଗୋଟିଏ ପରିଚୟପତ୍ରରେ ୯ ପରିବର୍ତ୍ତେ ୫ କାର୍ଡ ଇସ୍ୟୁ ହେବ

ମୋବାଇଲ ଫୋନ୍ ଯୋଗେ ଆର୍ଥିକ ଜାଲିଆତି ଓ ଠକେଇ ବଢୁଥିବାରୁ ଏହାକୁ ବନ୍ଦ କରିବା ଲାଗି ଟେଲିକମ୍ୟୁନିକେଶନ ବିଭାଗ ସିମ୍ କାର୍ଡଗୁଡ଼ିକର ନୋ ୟୋର୍ କଷ୍ଟମର (କେୱାଇସି) ଯାଞ୍ଚ କରିବା ପାଇଁ ଯୋଜନା କରିଛି। ଏହାଦ୍ୱାରା ଜାଲ୍ ସିମ୍ କାର୍ଡଗୁଡ଼ିକୁ ଚିହ୍ନଟ କରାଯାଇପାରିବ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ନୂଆ କେୱାଇସି ନିୟମାବଳୀରେ ସିମ୍ କାର୍ଡ ଇସ୍ୟୁ ସଂଖ୍ୟାକୁ କମାଇ ଦିଆଯିବ। ଏବେ ଗୋଟିଏ ପରିଚୟ ପତ୍ରରେ ୯ଟି ସିମ୍ କାର୍ଡ ଇସ୍ୟୁ କରାଯାଇ ପାରୁଥିବାବେଳେ ଏହାକୁ ୫କୁ ☞ପୃଷ୍ଠା-୪

## ଫେକ୍ ସିମ୍ ରୋକିବ ଇ-କେୱାଇସି: ବିଶେଷଜ୍ଞ

ଭୁବନେଶ୍ୱର,୮।୪ (ବ୍ୟୁରୋ)

ସାଇବର ଅପରାଧୀମାନେ ମୁଖ୍ୟତଃ ଫେକ୍ ସିମ୍ ବ୍ୟବହାର କରି ଲୋକଙ୍କୁ ଠକିଥାନ୍ତି। ଅନେକ ସମୟରେ ସେମାନେ ସିମ୍ ଦ୍ୱାରା ହ୍ୱାଟ୍ସ ଆପ୍ ମେସେଜ ବା କଲ୍ କରିଥାନ୍ତି। ସେମାନେ ଚଞ୍ଚକତା ପୂର୍ବକ ଫେକ୍ ସିମ୍ ହାତେଇ ଲୋକଙ୍କୁ କଲ୍ କରି ଲୁଟିଥାନ୍ତି। ଟଙ୍କା ନେଇ ସାରିବା ପରେ ପୁଣି ସେହି ସିମ୍‌କୁ ଫିଙ୍ଗି ଆଉ ଏକ ସିମ୍‌କୁ ବ୍ୟବହାର କରନ୍ତି। ତେବେ ଏସବୁ ପଛରେ କିଛି ଦୋକାନୀ କିମ୍ବା ଡିଷ୍ଟ୍ରିବ୍ୟୁଟରଙ୍କ ହାତ ଥାଏ। ସେମାନେ ଲୋକଙ୍କ ଆଧାର, ପ୍ୟାନ୍ କାର୍ଡ ଯାଞ୍ଚ କରିବା ସମୟରେ ସମ୍ପୃକ୍ତ ବ୍ୟକ୍ତିଙ୍କ ଏକାଧିକ ବାର ଟିପଚିହ୍ନ(ଥମ୍ବ ଇମ୍ପ୍ରେଶନ) ☞ପୃଷ୍ଠା-୪

# ଉତ୍ତରପୂର୍ବାଞ୍ଚଳରେ ଭାଜପା କେତେ ସଫଳ

ନୂଆଦିଲ୍ଲୀ, (କୁଳଦୀପ ସିଂ) ୮।୪




କେନ୍ଦ୍ରରେ କ୍ଷମତାସୀନ ଭାରତୀୟ ଜନତା ପାର୍ଟି (ଭାଜପା) ଏପ୍ରିଲ ୬ ତାରିଖରେ ୪୩ତମ ପ୍ରତିଷ୍ଠା ଦିବସ ପାଳନ କରିଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦଳୀୟ କ୍ୟାଡରମାନଙ୍କୁ ସମ୍ବୋଧିତ କରି ଅତ୍ୟଧିକ ଆତ୍ମବିଶ୍ୱାସର ଶିକାର ନ ହେବାକୁ ପରାମର୍ଶ ଦେଇଥିଲେ। ନିକଟରେ ଶେଷ ହୋଇଥିବା ୩ ଉତ୍ତରପୂର୍ବାଞ୍ଚଳ ରାଜ୍ୟ ନିର୍ବାଚନ ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀଙ୍କ ଏଭଳି ମନ୍ତବ୍ୟ ଦଳୀୟ କର୍ମୀମାନଙ୍କ ଲାଗି ଏକ ଉଲ୍ଲେଖନୀୟ ବାର୍ତ୍ତା। ଗତ ମାର୍ଚ୍ଚ ୨ରେ ମେଘାଳୟ, ତ୍ରିପୁରା ଓ ନାଗାଲାଣ୍ଡ ଭୋଟ ଫଳାଫଳ ପ୍ରକାଶ ପାଇଥିଲା। ନିର୍ବାଚନକୁ ଭାଜପା ପୂରା ପୋଛିନେଲା ବୋଲି ଇଣ୍ଟରନେଟ୍‌ରେ ମନ୍ତବ୍ୟ ଛାଇଯାଇଥିଲା। ଗୈରିକ ଦଳ ବିଜୟ ଉତ୍ସବ ମନାଇବା ସହ ୩ ରାଜ୍ୟରେ ମେଣ୍ଟ କିମ୍ବା ବିନା ମେଣ୍ଟରେ ସରକାର ଗଢ଼ିଥିଲା। ଭାଜପା ଉତ୍ତରପୂର୍ବାଞ୍ଚଳରେ ନିଜ ଉପସ୍ଥିତି ବଢ଼ାଇବାରେ ସଫଳ ହୋଇଥିଲେ ମଧ୍ୟ ଉକ୍ତ ଅଞ୍ଚଳରେ କ୍ଲିନ୍ ସୁଇପ୍ ପାଇଁ ଏହି ଦଳକୁ ଆହୁରି ଅନେକ ପଥ ଅତିକ୍ରମ କରିବାକୁ ପଡ଼ିବ। ଆସାମକୁ ବାଦ୍‌ଦେଲେ ୭ ଉତ୍ତରପୂର୍ବାଞ୍ଚଳ ରାଜ୍ୟ ଯଥା ସିକିମ, ତ୍ରିପୁରା, ଅରୁଣାଚଳପ୍ରଦେଶ, ନାଗାଲାଣ୍ଡ, ମିଜୋରାମ, ମେଘାଳୟ ଏବଂ ମଣିପୁରରେ ମୋଟ ☞ପୃଷ୍ଠା-୪

# ତରଳିଲାଣି ୫୭୦ ନିୟୁତ ହାତୀ ଓଜନର ହିମବାହ

ଲଣ୍ଡନ, ୮।୪

ତାପମାତ୍ରା ବୃଦ୍ଧି ଓ ଜଳବାୟୁ ପରିବର୍ତ୍ତନ ଯୋଗୁ ପ୍ରକୃତି ବ୍ୟାପକ ପ୍ରଭାବିତ ହେବାରେ ଲାଗିଛି। ଏଥିଯୋଗୁ ସମଗ୍ର ପ୍ରାଣୀଜଗତ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଛି। କ୍ରମବର୍ଦ୍ଧିଷ୍ଣୁ ତାପମାତ୍ରା ହେତୁ ହିମବାହ ତରଳିବାରେ ଲାଗିଛି। କେନ୍ଦ୍ରୀୟ ହିମାଳୟର ହିମବାହ ଦ୍ରୁତ ବେଗରେ ହ୍ରାସ ପାଇଛି, ଯେଉଁଥିପାଇଁ ୨୦୦୦ରୁ ୨୦୨୦ ମସିହା ମଧ୍ୟରେ ଗ୍ଲାସିଆଲ ଲେକ୍ (ହିମବାହ ତରଳି ସୃଷ୍ଟି ହୋଇଥିବା ହ୍ରଦ)ର ସଂଖ୍ୟା ବୃଦ୍ଧି ପାଇଛି। ଗତ ୨୦ ବର୍ଷ ମଧ୍ୟରେ ହିମାଳୟରୁ



## ହିମାଳୟ ଉପରେ ଜଳବାୟୁ ପରିବର୍ତ୍ତନ ପ୍ରଭାବ

- ସତର୍କ କରାଇଲେ ବିଶେଷଜ୍ଞ

୨.୭ ଗିଗା ଟନ୍ (୨୭୦କୋଟି ଟନ୍) ଓଜନର ହିମବାହ ତରଳିଛି। ଏହା ୫୭୦ ନିୟୁତ ହାତୀଙ୍କ ଓଜନ ସହିତ ସମାନ ବୋଲି ବିଶେଷଜ୍ଞ ଦାବି କରିଛନ୍ତି। ବ୍ରିଟେନ୍‌ର ୟୁନିଭର୍ସିଟି ଅଫ୍ ସେଣ୍ଟ ଆଣ୍ଡ୍ରେୟୁସ୍, ଚାଇନିଜ୍ ଏକାଡେମୀ ☞ପୃଷ୍ଠା-୪




## ୫ ବର୍ଷୀୟା ବାଳିକାକୁ କୁକୁର ଝୁଣି ମାରିଦେଲେ

ଛତିଶଗଡ଼ର କୋରିଆ ଜିଲାର ତାଲ୍ଲାପଡ଼ା ଗ୍ରାମରେ ଶୁକ୍ରବାର ୫ ବର୍ଷର ଶିଶୁକନ୍ୟାକୁ ବୁଲା କୁକୁର ଝୁଣି ମାରିଦେଇଛନ୍ତି। ସୁକାନ୍ତି ମାଝି ନାମ୍ନୀ ନାବାଳିକା ସ୍ନାକ୍ସ କିଣିବା ପାଇଁ ଦୋକାନକୁ ଯାଇଥିବାବେଳେ ବୁଲା କୁକୁର ଆକ୍ରମଣର ଶିକାର ହୋଇଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ଜିଲା ହସ୍ପିଟାଲକୁ ନିଆଯାଇଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ। ନାବାଳିକାଙ୍କ ବାପା ଅଜୟ ମାଝି ଗାଁର ଏକ ଇଟାଭାଟିରେ କାମ କରନ୍ତି।

# ଟାଇୱାନ୍‌କୁ ଚାରିପଟୁ ଘେରିଲା ଚାଇନା

## ବହୁ ଯୁଦ୍ଧଜାହାଜ, ଫାଇଟର ଜେଟ୍ ମୁତୟନ




**ବେଜିଂ, ୮।୪**

ଚାଇନାର ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍ଏ) ଶନିବାର ତାଇୱାନ୍ ଚାରିପଟେ ବିପୁଳ ସଂଖ୍ୟାରେ ଯୁଦ୍ଧଜାହାଜ ମୁତୟନ କରିବା ସହ ଫାଇଟର ଜେଟ୍ ଉଡ଼ାଇଛି। ତାଇୱାନ୍ ରାଷ୍ଟ୍ରପତି ସାଇ ଇଙ୍ଗ୍-ୱେନ୍‌ଙ୍କ ଆମେରିକା ଗସ୍ତ ଏବଂ ହାଉସ୍ ସ୍ପିକର କେଭିନ୍ ମାକାର୍ଥିଙ୍କୁ ଭେଟିବା ପରେ ବେଜିଂ ନିଜର ଆକ୍ରମଣାତ୍ମକ ସାମରିକ ସାମର୍ଥ୍ୟ ପ୍ରଦର୍ଶନ କରିଛି। ସ୍ୱୟଂଶାସିତ ଦ୍ୱୀପ ଦେଶ ତାଇୱାନ୍‌କୁ ଚାଇନା ନିଜ ଭୂଖଣ୍ଡ ବୋଲି ଦାବି କରିଆସୁଛି।

ଶନିବାର ତାଇୱାନ୍ ଦ୍ୱୀପ ଚାରିପଟେ ଚାଇନାର ୮ଟି ଯୁଦ୍ଧଜାହାଜ ଏବଂ ୭୧ଟି ଲଢୁଆ ବିମାନକୁ ଚିହ୍ନଟ କରାଯାଇଥିବା ତାଇୱାନ୍ ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି। ୪୫ ବିମାନ ତାଇୱାନ୍ ପ୍ରଣାଳୀର ମଧ୍ୟରେଖା ଅତିକ୍ରମ କରିଥିଲା। ୨୯ଟି ଜେଟ୍ ତାଇୱାନ୍‌ରେ ଦକ୍ଷିଣପଶ୍ଚିମାଞ୍ଚଳ ଏୟାର ଡିଫେନ୍ସ ଆଇଡେଣ୍ଟିଫିକେଶନ ଜୋନ୍ (ଏଡିଆଇଜେଡ୍) ଅତିକ୍ରମ କରିଛି। ଚଳିତ ବର୍ଷ ଗୋଟିଏ ଦିନରେ ଏହା ସର୍ବାଧିକ। ଚେଙ୍ଗଡୁ ଜେ-୧୦, ଶେନ୍ୟାଙ୍ଗ ଜେ-୧୧ ଏବଂ ଶେନ୍ୟାଙ୍ଗ ଜେ-୧୬ ଜେଟ୍ ଏଥିରେ ସାମିଲ ଅଛନ୍ତି। ତାଇୱାନ୍‌କୁ ଚେତାବନୀ ସ୍ୱରୂପ ୩ ଦିନିଆ ଯୁଦ୍ଧପ୍ରସ୍ତୁତି ପାଟ୍ରୋଲ ଆରମ୍ଭ ହୋଇଥିବା ଚାଇନା ସୈନ୍ୟବାହିନୀ ପକ୍ଷରୁ ଘୋଷଣା କରାଯାଇଛି। ତାଇୱାନ୍ ଏହାର ତଥ୍ୟତଃ ସ୍ୱାଧୀନତାକୁ ସ୍ଥାୟୀ କରିବାକୁ ଉଦ୍ୟମ ଚଳାଇଥିବାରୁ ଏଭଳି ଚେତାବନୀ ଦିଆଯାଇଥିବା ବେଜିଂ କହିଛି। ତେବେ ପୂର୍ବ ସମରାଭ୍ୟାସର ପୁନରାବୃତ୍ତି ହେବ କି ନାହିଁ ତାହା ସ୍ପଷ୍ଟ କରିନାହିଁ। ପୂର୍ବଥର ଚାଇନା ସେନା ସମରାଭ୍ୟାସ ବେଳେ ସମୁଦ୍ରକୁ କ୍ଷେପଣାସ୍ତ୍ର ନିକ୍ଷେପ କରିବାରୁ ଜାହାଜ ଓ ବିମାନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା।

ଶନିବାର ଚାଇନା ନୌସେନା ପକ୍ଷରୁ ତାଇୱାନ ଅପରପାର୍ଶ୍ୱରେ ଥିବା ଫୁଜି ପ୍ରଦେଶର ଲୋୟୁଆନ୍ ବେ'ରେ 'ଲାଇଭ୍ ଫାୟାର ଟ୍ରେନିଂ' ଲାଗି ଯୋଜନା କରିଛି। ଏହି ଫାୟାରିଂ ବେଳେ ଜାହାଜ ଚଳାଚଳକୁ ବନ୍ଦ ରଖାଯିବ। ଆଗାମୀ ଦୁଇ ସପ୍ତାହରେ ୫ ଦିନ ଧରି ଏଭଳି ପ୍ରଶିକ୍ଷଣ ଚାଲିବ ବୋଲି ସ୍ଥାନୀୟ ମେରିଟାଇମ୍ କର୍ତ୍ତୃପକ୍ଷ ଘୋଷଣା କରିଛନ୍ତି।

ଆମେରିକା ହାଉସ୍ ସ୍ପିକର ମାକାର୍ଥି ଗୁରୁବାର କାଲିଫର୍ନିଆରେ ତାଇୱାନ୍ ରାଷ୍ଟ୍ରପତି ସାଇ ଇଙ୍ଗ୍-ୱେନଙ୍କ ସହ ଆଲୋଚନା କରିଥିଲେ। ଚାଇନା ଧମକର ସମ୍ମୁଖୀନ ହେଉଥିବା ତାଇୱାନକୁ ସମର୍ଥନ ସ୍ୱରୂପ ଅନେକ ବିଦେଶୀ ଆଇନପ୍ରଣେତା ସାଇଙ୍କୁ ଭେଟିଛନ୍ତି। ଏହାର ପ୍ରତିକ୍ରିୟାରେ ଶୁକ୍ରବାର ବେଜିଂ ଆମେରିକୀୟ ଗ୍ରୁପ୍ ଏବଂ ସାଇଙ୍କ ଆମେରିକା ଗସ୍ତରେ ସାମିଲ ଥିବା ବ୍ୟକ୍ତିଙ୍କ ବିରୋଧରେ ଭ୍ରମଣ ଉପରେ ବ୍ୟାନ୍ ଲଗାଇବା ସହ ଆର୍ଥିକ କଟକଣା ଜାରି କରିଛି।

୧୯୪୯ ଗୃହଯୁଦ୍ଧ ପରେ ତାଇୱାନ୍ ଚାଇନାରୁ ଅଲଗା ହୋଇଥିଲା। ଆବଶ୍ୟକ ହେଲେ ବଳପ୍ରୟୋଗ କରି ଏହି ଦ୍ୱୀପକୁ ମୂଳ ଭୂଖଣ୍ଡରେ ସାମିଲ କରାଯିବ ବୋଲି ଚାଇନାର ଶାସକ କମ୍ୟୁନିଷ୍ଟ ପାର୍ଟି କହିଛି। ସ୍ଥାୟୀ ସ୍ୱାଧୀନତା ଚାହୁଁଥିବା ତାଇୱାନ୍‌କୁ ବିଦେଶ ଅଧିକାରୀମାନେ ପ୍ରୋତ୍ସାହିତ କରୁଛନ୍ତି। ଉକ୍ତ ଅଧିକାରୀମାନଙ୍କ ସହ ବେଜିଂ ଯୋଗାଯୋଗ କରୁଛି। ଏହା ଯୁଦ୍ଧ ଆଡ଼କୁ ନେଇଯାଇପାରେ ବୋଲି ଶାସକ ଦଳ ଚେତାବନୀ ଦେଇଛି।

### ହାଉସ୍ ସ୍ପିକରଙ୍କୁ ତାଇୱାନ୍ ରାଷ୍ଟ୍ରପତି ଭେଟିବା ପରେ ଶକ୍ତି ଦେଖାଇଲା ବେଜିଂ

## ସଂକ୍ଷେପରେ

### ଦଳିତ ମହିଳାଙ୍କୁ ବଳାତ୍କାର ପରେ ଜାଳିଦେଲେ

**ବାଡମିର, ୮।୪:** ରାଜସ୍ଥାନ ବାଡମିରରେ ଜଣେ ଦଳିତ ମହିଳାଙ୍କୁ ବଳାତ୍କାର ପରେ ପୋଡ଼ିଦେବା ଘଟଣା ସାମ୍ନାକୁ ଆସିଛି। ମହିଳାଙ୍କ ଶରୀରର ୪୦% ପୋଡ଼ିଯାଇଥିବାବେଳେ ଯୋଧପୁର ଡାକ୍ତରଖାନାରେ ମହିଳାଙ୍କ ଚିକିତ୍ସା ଚାଲିଛି। ଅଭିଯୁକ୍ତ ଶାକୁର ଗୁରୁବାର ମହିଳାଙ୍କୁ ବଳାତ୍କାର କରିବା ପରେ ତାଙ୍କ ଉପରେ କିଛି କେମିକାଲ୍ ଢାଳି ଜାଳି ଦେଇଥିଲେ। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିବାବେଳେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

### ଏମର୍ଜେନ୍ସି ଡୋର୍ ଖୋଲି ବିମାନ ଯାତ୍ରୀ ଗିରଫ

**ନୂଆଦିଲ୍ଲୀ, ୮।୪:** ଦିଲ୍ଲୀରୁ ବେଙ୍ଗାଲୁରୁ ଯାଉଥିବା ଇଣ୍ଡିଗୋ ବିମାନର ଏମର୍ଜେନ୍ସି ଡୋର ଖୋଲିବା ଅଭିଯୋଗରେ ୪୦ ବର୍ଷୀୟ ଯାତ୍ରୀଙ୍କୁ ପୋଲିସ ଗିରଫ କରିଛି। ଶନିବାର ଇଣ୍ଡିଗୋ ବିମାନ ୬ଇ ୩୦୮ ଇନ୍ଦିରାଗାନ୍ଧୀ ଇଣ୍ଟରନ୍ୟାଶନାଲ ବିମାନବନ୍ଦରରୁ ୭ଟା ୫୬ମିନିଟ୍‌ରେ ଉଡ଼ାଣ ଭରିଥିଲା। ନିଶାସକ୍ତ ଅବସ୍ଥାରେ ଥିବା ଜଣେ ଯାତ୍ରୀ ଏମର୍ଜେନ୍ସି ଡୋର୍‌ର ଫ୍ଲାପ୍ ଖୋଲିବାକୁ ଚେଷ୍ଟା କରିଥିଲେ। ସହଯାତ୍ରୀ ଏ ନେଇ ଅଭିଯୋଗ କରିବା ପରେ ଯୁବକଙ୍କୁ ଏପରି କରିବାକୁ ବାରଣ କରାଯାଇଥିଲା। ବିମାନଟି ବେଙ୍ଗାଲୁରୁରେ ଅବତରଣ କରିବା ପରେ ଯାତ୍ରୀଙ୍କୁ ସିଆଇଏସ୍ଏଫ୍‌କୁ ହସ୍ତାନ୍ତର କରାଯାଇଥିବା ବିମାନ କର୍ତ୍ତୃପକ୍ଷ କହିଛନ୍ତି।

### କିରେନ ରିଜିଜୁଙ୍କ ଗାଡ଼ି ସହ ପିଟିହେଲା ଟ୍ରକ୍

**ଶ୍ରୀନଗର, ୮।୪:** ଜମ୍ମୁ-କଶ୍ମୀରର ରାମବାନରେ ଶନିବାର କେନ୍ଦ୍ର ଆଇନ ମନ୍ତ୍ରୀ କିରେନ ରିଜିଜୁଙ୍କ ଗାଡ଼ି ସହ ଏକ ଟ୍ରକ୍ ପିଟି ହୋଇଛି। ତେବେ ଘଟଣାରେ କାହାରି ଜୀବନହାନି ହୋଇ ନ ଥିବା ଜମ୍ମୁ-କଶ୍ମୀର ପୋଲିସ ପକ୍ଷରୁ କୁହାଯାଇଛି। ମାଲ୍ ବୋଝେଇ ଟ୍ରକ୍ କେନ୍ଦ୍ରମନ୍ତ୍ରୀଙ୍କ ସ୍କର୍ପିଓରେ ପିଟିହେବା ପରେ ସୁରକ୍ଷାକର୍ମୀ ତୁରନ୍ତ ଡୋର୍ ଖୋଲି କେନ୍ଦ୍ରମନ୍ତ୍ରୀ ଓ ଅନ୍ୟମାନଙ୍କୁ କାର୍‌ରୁ ବାହାର କରିଥିଲେ। ଜମ୍ମୁରୁ ଉଧମପୁରରେ ଲିଗାଲ୍ ସର୍ଭିସ୍ କ୍ୟାମ୍ପକୁ ଯିବା ସମୟରେ ଏହି ଘଟଣା ଘଟିଥିବା ଜଣାପଡ଼ିଛି।


କିରେନ ରିଜିଜୁ

### ଝିଅକୁ ବଳାତ୍କାର ମାମଲା: ବାପାଙ୍କୁ ମୃତ୍ୟୁ ଦଣ୍ଡାଦେଶ

**ଇସ୍‌ଲାମାବଦ୍, ୮।୪:** ପାକିସ୍ତାନ ପଞ୍ଜାବ ପ୍ରଦେଶରେ ନିଜ ନାବାଳିକା ଝିଅଙ୍କୁ ବଳାତ୍କାର ମାମଲାରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପାକ୍‌ର ଏକ କୋର୍ଟ ମୃତ୍ୟୁ ଦଣ୍ଡାଦେଶ ଶୁଣାଇଛନ୍ତି। ୪ ମାସ ପୂର୍ବେ ପରଭେଜ୍ ଶେହଜାଦ ନିଜ ୧୩ ବର୍ଷ ଝିଅକୁ ବଳାତ୍କାର କରିଥିଲେ। ନାବାଳିକା ଜଣକ ଆଈଙ୍କୁ ଏ ସମ୍ପର୍କରେ କହିବା ପରେ ଥାନାରେ ଅଭିଯୋଗ କରାଯାଇଥିଲା। ଶୁକ୍ରବାର ଜଜ୍ ମାମଲାର ଶୁଣାଣି କରି ଅଭିଯୁକ୍ତଙ୍କୁ ମୃତ୍ୟୁ ଦଣ୍ଡରେ ଦଣ୍ଡିତ କରିବା ସହ ଜରିମାନା ବାବଦକୁ ୪ ଲକ୍ଷ ୪୦ ହଜାର ଟଙ୍କା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

### ଇରାନୀୟ ମହିଳାଙ୍କ ଉପରେ ନଜର ରଖିବ କ୍ୟାମେରା

**ତେହରାନ୍, ୮।୪:** ଇରାନ୍‌ରେ ଏଣିକି ମହିଳାଙ୍କ ଉପରେ କ୍ୟାମେରା ନଜର ରଖିବ। ଯେଉଁ ମହିଳାମାନେ ହିଜାବ ପିନ୍ଧୁ ନାହାନ୍ତି ସେମାନଙ୍କୁ ଚିହ୍ନଟ କରିବା ପାଇଁ ଇରାନ୍‌ର ରକ୍ଷଣଶୀଳ ସରକାର ସାର୍ବଜନୀନ ସ୍ଥାନରେ କ୍ୟାମେରା ଖଞ୍ଜିଛନ୍ତି। ଇରାନୀୟ ଇସ୍‌ଲାମିକ୍ ଶାରିନ୍ ନିୟମ ଅନୁସାରେ ମହିଳାମାନେ କେଶ ଘୋଡ଼ାଇ ରଖିବାକୁ କୁହାଯାଇଛି। ହିଜାବ ପିନ୍ଧି ନ ଥିବା ମହିଳାଙ୍କୁ ଦଣ୍ଡିତ କରିବା ପାଇଁ ଏହି ଉପାୟ ଅବଲମ୍ବନ କରାଯାଇଥିବା ଇରାନୀୟ ରକ୍ଷଣଶୀଳ ପୋଲିସ କହିଛି। ନିୟମ ଉଲ୍ଲଂଘନ କରିଥିବା ମହିଳାଙ୍କୁ ପ୍ରଥମେ ଟେକ୍ସ ୱର୍ନିଂ ମେସେଜ୍ ପଠାଯିବ। ଗତବର୍ଷ ସେପ୍ଟେମ୍ବରରେ ଇରାନରେ ହିଜାବ ବିରୋଧୀ ଆନ୍ଦୋଳନ ବଡ଼ ରୂପ ନେଇଥିଲା। ୨୨ ବର୍ଷୀୟା ମହସା ଆମିନ ଭୁଲ୍ ଢଙ୍ଗରେ ହିଜାବ ପିନ୍ଧିବା ଯୋଗୁ ଇରାନ୍‌ର ରକ୍ଷଣଶୀଳ ପୋଲିସ ତାଙ୍କୁ ଗିରଫ କରିଥିଲା। ପରେ ଆମିନଙ୍କ ହାଜତ ମୃତ୍ୟୁ ଘଟିଥିଲା। ମହସାଙ୍କୁ ନ୍ୟାୟ ଦାବିରେ ଇରାନ୍‌ରେ ସରକାରଙ୍କ ବିରୋଧରେ ବଡ଼ ଧରଣର ଆନ୍ଦୋଳନ କରାଯାଇଥିଲା।

## ୨୦୩୦ ସୁଦ୍ଧା କ୍ୟାନ୍‌ସର, ହୃଦ୍‌ରୋଗ ଟିକା

**ଲଣ୍ଡନ, ୮।୪(ଆଇଏଏନ୍‌ଏସ୍)**

ଚଳିତ ଦଶନ୍ଧି ଶେଷ ସୁଦ୍ଧା କ୍ୟାନ୍‌ସର ଏବଂ ହୃଦ୍‌ରୋଗ ପାଇଁ ଟିକା ଆସିଯିବ ବୋଲି ବିଶେଷଜ୍ଞମାନେ କହିଛନ୍ତି। ଏହା ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ବଞ୍ଚାଇବାରେ ସହାୟକ ହେବ। ୨୦୩୦ ସୁଦ୍ଧା କ୍ୟାନ୍‌ସର, କାର୍ଡିଓଭାସ୍କୁଲାର ଏବଂ ଅଟୋଇମ୍ୟୁନ୍ ରୋଗ ପାଇଁ ଟିକା ଆସିଯିବ ବୋଲି ଆମେରିକାର ଏକ ଅଗ୍ରଣୀ ଔଷଧ ନିର୍ମାତା କମ୍ପାନୀ କହିଛି। ୫ ବର୍ଷ ମଧ୍ୟରେ ମଡର୍ନା ଔଷଧ କମ୍ପାନୀ ଏଭଳି ରୋଗ ପାଇଁ ଚିକିତ୍ସା ଉପଲବ୍ଧ କରାଇବାରେ ସମର୍ଥ ହେବ ବୋଲି ଏହାର ମୁଖ୍ୟ ମେଡିକାଲ ଅଫିସର ପାଉଲ୍ ବୁର୍ଟୋନ କହିଛନ୍ତି। କରୋନା ଟିକା ବିକଶିତ କରିଥିବା ଏହି କମ୍ପାନୀ ବିଭିନ୍ନ ଟ୍ୟୁମର ଭଳି କ୍ୟାନ୍‌ସରର ଚିକିତ୍ସା ପାଇଁ ଟିକା ବିକଶିତ କରୁଛି।

## ସକ୍ରିୟ ମାମଲା ୩୧ ହଜାର ଟପିଲା

**ନୂଆଦିଲ୍ଲୀ, ୮।୪**

ଗତ ୨୪ ଘଣ୍ଟା ମଧ୍ୟରେ ଦେଶରେ ୬,୧୫୫ କୋଭିଡ୍ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। କ୍ରମାଗତ ଭାବେ କୋଭିଡ୍ ମାମଲା ବଢ଼ିବା ପରେ ଦେଶରେ କରୋନା ଆକ୍ଟିଭ୍ ମାମଲା ୩୧, ୧୯୪ରେ ପହଞ୍ଚିଥିବା କେନ୍ଦ୍ରୀୟ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଶନିବାର ସକାଳ ୮ଟା ସୁଦ୍ଧା କରୋନାରେ ୧୧ ଜଣଙ୍କ ମୃତ୍ୟୁ ଘଟିଛି। ଦେଶରେ କୋଭିଡ୍ ଆକ୍ରାନ୍ତଙ୍କ ସଂଖ୍ୟା ୪.୪୭ କୋଟି ରହିଥିବାବେଳେ ମୃତ୍ୟୁସଂଖ୍ୟା ୫,୩୦,୯୫୪ ରହିଛି। ଅନ୍ୟପକ୍ଷେ ବୃଦ୍ଧି ପାଉଥିବା ସଂକ୍ରମଣକୁ ଦୃଷ୍ଟିରେ ରଖି ବିଦେଶ ଫେରନ୍ତାଙ୍କ ପାଇଁ କୋଭିଡ୍ ଟେଷ୍ଟ ବାଧ୍ୟତାମୂଳକ କରିଛନ୍ତି ଉତ୍ତର ପ୍ରଦେଶ ସରକାର।

## ତେଜପୁରରୁ ସୁଖୋଇରେ ଉଡ଼ିଲେ ରାଷ୍ଟ୍ରପତି

**ନୂଆଦିଲ୍ଲୀ, ୮।୪**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶନିବାର ଆସାମର ତେଜପୁର ବାୟୁସେନା ଷ୍ଟେଶନରୁ ସୁଖୋଇ-୩୦ ଏମ୍‌କେଆଇ ଯୁଦ୍ଧବିମାନରେ ଉଡ଼ିଛନ୍ତି। ସେ ଏକ ମାଧ୍ୟାକର୍ଷଣ ନିରୋଧୀ ସୁଟ୍ ପିନ୍ଧିଥିବା ଦେଖାଯାଇଥିଲା। ଭାରତୀୟ ସଶସ୍ତ୍ର ବଳର ସର୍ବୋଚ୍ଚ କମାଣ୍ଡର ରାଷ୍ଟ୍ରପତି ପ୍ରାୟ ୩୦ ମିନିଟ୍ ଯୁଦ୍ଧବିମାନରେ ଉଡ଼ିଥିଲେ। ସେ ହିମାଳୟ ସମେତ ବ୍ରହ୍ମପୁତ୍ର ଓ ତେଜପୁର ଉପତ୍ୟକା ଦେଖିବାର ସୁଯୋଗ ପାଇଥିଲେ। ବହୁତ ଭଲ ଲାଗିଲା ବୋଲି ଅବତରଣ କରିବା ପରେ ରାଷ୍ଟ୍ରପତି ଖବରଦାତାମାନଙ୍କୁ କହିଛନ୍ତି। ୩ ଦିନିଆ ଆସାମ ଗସ୍ତରେ ଥିବା ରାଷ୍ଟ୍ରପତି ମୁର୍ମୁ ଶନିବାର ତେଜପୁରରେ ପହଞ୍ଚିବା ପରେ ତାଙ୍କୁ ଏୟାରବେସ୍‌ରେ ଏୟାର ମାର୍ଶାଲ ଏସ୍.ପି. ଧାରକର, ରାଜ୍ୟପାଳ ଗୁଲାବ ଚାନ୍ଦ୍ କାଟାରିଆ ଏବଂ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ସ୍ୱାଗତ କରିଥିଲେ। ବାୟୁସେନା ଯବାନମାନେ ତାଙ୍କୁ ଗାର୍ଡ ଅଫ୍ ଅନର ଦେଇଥିଲେ। ପରେ ସେ ଫ୍ଲାଇଂ ସୁଟ୍ ପିନ୍ଧି ହ୍ୟାଙ୍ଗରରେ ପହଞ୍ଚି ଯୁଦ୍ଧବିମାନରେ ଚଢ଼ିଥିଲେ। ୧୦୬ ସ୍କ୍ୱାଡ୍ରନ୍‌ର କମାଣ୍ଡିଂ ଅଫିସର ଗ୍ରୁପ୍ କ୍ୟାପ୍‌ଟେନ୍ ନବୀନ କୁମାର ଯୁଦ୍ଧବିମାନ ଉଡ଼ାଇଥିଲେ। ଏହା ସମୁଦ୍ର ପତ୍ତନଠାରୁ ୨ କିଲୋମିଟର ଉଚ୍ଚରେ ୮୦୦ କିଲୋମିଟର ବେଗରେ ଉଡ଼ିଥିଲା। ଯୁଦ୍ଧବିମାନରେ ଉଡ଼ିବାରେ ମୁର୍ମୁ ତୃତୀୟ ରାଷ୍ଟ୍ରପତି ଏବଂ ଦ୍ୱିତୀୟ ମହିଳା ରାଷ୍ଟ୍ରପତି।


ଅଗରତାଲାରେ ବିକ୍ଷୋଭବେଳେ ସୁରକ୍ଷାବଳ ସହ କଂଗ୍ରେସକର୍ମୀଙ୍କ ଧସ୍ତାଧସ୍ତି।

## ଆଜି ଭାରତ ଆସିବେ ୟୁକ୍ରେନ୍ ମନ୍ତ୍ରୀ

**ନୂଆଦିଲ୍ଲୀ, ୮।୪**

ୟୁକ୍ରେନ୍‌ର ବହିର୍ବ୍ୟାପାର ଉପମନ୍ତ୍ରୀ ଏମିନ୍ ଝାପରୋଭା ସୋମବାର ୪ ଦିନିଆ ଭାରତ ଗସ୍ତରେ ଆସିବେ। ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣକୁ ଗୋଟିଏ ବର୍ଷ ବିତିଯାଇଥିବାବେଳେ ୟୁକ୍ରେନୀୟ ମନ୍ତ୍ରୀଙ୍କର ଏହା ପ୍ରଥମ ଭାରତ ଗସ୍ତ ବୋଲି କେନ୍ଦ୍ରୀୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏମିନ୍ ଭାରତ ଗସ୍ତ ଅବସରରେ ଦୁଇ ଦେଶର ଦ୍ୱିପାକ୍ଷିକ ସମ୍ପର୍କ, ୟୁକ୍ରେନ୍‌ର ବର୍ତ୍ତମାନ ସ୍ଥିତି ଉପରେ ଆଲୋଚନା କରାଯିବା ନେଇ ଆକଳନ କରାଯାଉଛି। ଗସ୍ତ ଅବସରରେ ଏମିନ୍ ବହିର୍ବ୍ୟାପାର ଏବଂ ସଂସ୍କୃତି ରାଷ୍ଟ୍ରମନ୍ତ୍ରୀ ମିନାକ୍ଷୀ ଲେଖି, ଜାତୀୟ ସୁରକ୍ଷା ଉପ-ପରାମର୍ଶଦାତା ବିକ୍ରମ ମିସ୍ରିଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ଗତ ୩୦ ବର୍ଷ ଧରି ୟୁକ୍ରେନ୍ ସହିତ ଭାରତର ଦ୍ୱିପାକ୍ଷୀକ ସମ୍ପର୍କ ବେଶ୍ ମଜଭୁତ ରହିଆସିଛି। ଶିକ୍ଷା, ସ୍ୱାସ୍ଥ୍ୟ, ସଂସ୍କୃତି ଏବଂ ପ୍ରତିରକ୍ଷା କ୍ଷେତ୍ରରେ ଦୁଇ ଦେଶର ସହଭାଗିତା ରହିଛି । ରୁଷିଆ ଆକ୍ରମଣରେ ନଷ୍ଟ ହୋଇଯାଇଥିବା ଏନର୍ଜି ଇନ୍‌ଫ୍ରାଷ୍ଟ୍ରକ୍ଚରର ମରାମତି ଏବଂ ମାନବୀୟ ସହାୟତା ୟୁକ୍ରେନ୍ ମାଗିବା ନେଇ ଆଲୋଚନା କରାଯାଉଛି। ଅନ୍ୟପକ୍ଷେ କିଭ୍ ଗସ୍ତ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଏମିନ୍ ପ୍ରସ୍ତାବ ଦେବାର ସମ୍ଭାବନା ରହିଥିବା କୁହାଯାଉଛି।


ଏମିନ୍ ଝାପରୋଭା

### ଗଣବଳାତ୍କାର ମାମଲା

## ୨୧ ଆନ୍ଧ୍ର ପୋଲିସ ଦୋଷମୁକ୍ତ

**ବିଶାଖାପାଟଣା, ୮।୪**

୧୬ ବର୍ଷ ପୂର୍ବରେ ଗଣବଳାତ୍କାର ମାମଲାରେ ଆନ୍ଧ୍ରପ୍ରଦେଶର ୨୧ ଅଭିଯୁକ୍ତ ପୋଲିସଙ୍କୁ ଏକ ସ୍ୱତନ୍ତ୍ର ଅଦାଲତ ଦୋଷମୁକ୍ତ କରିଛନ୍ତି। ୨୦୦୭ ଅଗଷ୍ଟରେ ଆନ୍ଧ୍ରପ୍ରଦେଶର ଆଲ୍ଲୁରି ଜିଲାର ଏକ ଗ୍ରାମରେ ୧୧ ଜଣ କନ୍ଧ ଆଦିବାସୀ ମହିଳାଙ୍କୁ ଗଣବଳାତ୍କାର ମାମଲାରେ ଗ୍ରେହାଉଣ୍ଡ ବାହିନୀର ୨୧ ପୋଲିସ ଅଭିଯୁକ୍ତ ଥିଲେ। ଦୁଇ ତଦନ୍ତକାରୀ ଅଫିସର ନିରପେକ୍ଷ ତଦନ୍ତ କରିବାରେ ବିଫଳ ହୋଇଥିବାରୁ ଅଭିଯୁକ୍ତମାନଙ୍କୁ ଦୋଷମୁକ୍ତ କରିଦିଆଯାଇଛି। ଜିଲା ନ୍ୟାୟିକ ସେବା କର୍ତ୍ତୃପକ୍ଷ ଜରିଆରେ ପୀଡ଼ିତାମାନଙ୍କୁ କ୍ଷତିପୂରଣ ଯୋଗାଇ ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

## ଆନ୍ଧ୍ରରୁ ୧୫ ବିରଳ ମୃତ୍ତିକା ଉପାଦାନ ଠାବ

**ହାଇଦ୍ରାବାଦ, ୮।୪**

ଆନ୍ଧ୍ରପ୍ରଦେଶର ଅନନ୍ତପୁର ସହରରୁ ହାଇଦ୍ରାବାଦର ସିଏସ୍‌ଆଇଆର-ନ୍ୟାଶନାଲ ଜିଓଫିଜିକାଲ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ (ଏନ୍‌ଜିଆର୍‌ଆଇ)ର ବୈଜ୍ଞାନିକମାନେ ୧୫ଟି ହାଲୁକା ବିରଳ ମୃତ୍ତିକା ଉପାଦାନ (ଆର୍‌ଇଇ) ଠାବ କରିଛନ୍ତି। ଅନେକ ଇଲେକ୍ଟ୍ରୋନିକ୍ ଉପକରଣରେ ଆର୍‌ଇଇ ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ। ଏହା ବ୍ୟତୀତ ମେଡିକାଲ ପ୍ରଯୁକ୍ତି, ଏରୋସ୍ପେସ୍ ଏବଂ ପ୍ରତିରକ୍ଷା ସମେତ ବିଭିନ୍ନ ଶିଳ୍ପ କାରଖାନାରେ ଏହାକୁ ଉପଯୋଗ କରାଯାଇଥାଏ। ହାଲୁକା ବିରଳ ମୃତ୍ତିକା ଉପାଦାନ ମଧ୍ୟରେ ରହିଛି ଲେନ୍ଥାନମ୍, ସେରିଅମ୍, ପାସିଓଡିମିଅମ୍, ନିଓଡିମିଅମ୍, ୟଟ୍ରିଅମ୍, ହାଫ୍‌ନିଅମ୍, ଟାଣ୍ଟାଲମ୍, ନିଓବିଅମ୍, ଜିର୍କୋନିଅମ୍ ଏବଂ ସ୍କାଣ୍ଡିଅମ୍। ଏନ୍‌ଜିଆର୍‌ଆଇର ବରିଷ୍ଠ ମୁଖ୍ୟ ବୈଜ୍ଞାନିକ ଡ. ପି.ଭି. ସୁନ୍ଦର ରାଜୁ ଏହି ସୂଚନା ଦେଇଛନ୍ତି।

## ପରୀକ୍ଷା ଢାଞ୍ଚାରେ ପରିବର୍ତ୍ତନ ଲାଗି ଏନ୍‌ସିଇଆର୍‌ଟିର ପ୍ରସ୍ତାବ

**ନୂଆଦିଲ୍ଲୀ, ୮।୪**

### ନବମରୁ ଦ୍ୱାଦଶ ଶ୍ରେଣୀ ମଧ୍ୟରେ ୮ ସେମିଷ୍ଟର

ଜାତୀୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ (ଏନ୍‌ସିଇଆର୍‌ଟି) ନବମରୁ ଦ୍ୱାଦଶ ଶ୍ରେଣୀ ପିଲାମାନଙ୍କ ପରୀକ୍ଷା ଢାଞ୍ଚାରେ ବଡ଼ ଧରଣର ପରିବର୍ତ୍ତନ ଲାଗି ପ୍ରସ୍ତାବ ରଖିଛି। ୯ମରୁ ୧୨ଶ ଶ୍ରେଣୀ ମଧ୍ୟରେ ପିଲାମାନଙ୍କୁ ୮ଟି ସେମିଷ୍ଟର ବା ବୋର୍ଡ ପରୀକ୍ଷା ଦେବାକୁ ପଡ଼ିବ। ଅର୍ଥାତ୍ ପ୍ରତି ଶିକ୍ଷାବର୍ଷରେ ସେମାନେ ଦୁଇଟି ସେମିଷ୍ଟର ବା ବୋର୍ଡ ପରୀକ୍ଷାର ସମ୍ମୁଖୀନ ହେବେ। ଯଦି ସେମାନେ ଗୋଟିଏ ସେମିଷ୍ଟରରେ ଭଲ ନ କରନ୍ତି, ତେବେ ପରବର୍ତ୍ତୀ ସେମିଷ୍ଟରରେ ସେମାନଙ୍କୁ ଆଉ ଏକ ସୁଯୋଗ ମିଳିବ ବୋଲି ସ୍କୁଲ୍ ଶିକ୍ଷା ପାଇଁ ଥିବା ନୂଆ ଜାତୀୟ ପାଠ୍ୟକ୍ରମ ରୂପରେଖ (ଏନ୍‌ସିଏଫ୍)ରେ କୁହାଯାଇଛି। କେନ୍ଦ୍ର ଦ୍ୱାରା ନିଯୁକ୍ତ ଜାତୀୟ ଷ୍ଟିଅରିଂ କମିଟି ପ୍ରସ୍ତାବ ଅନୁଯାୟୀ କଳା ବିଭାଗର ପିଲାମାନେ ବାଣିଜ୍ୟ ଓ ବିଜ୍ଞାନ ପାଠ ପଢ଼ିପାରିବେ। ସେହିପରି ବାଣିଜ୍ୟ ଓ ବିଜ୍ଞାନ ପିଲାଙ୍କୁ ମଧ୍ୟ କଳା ବିଭାଗର ବିଷୟ ପଢ଼ିବାର ସୁଯୋଗ ମିଳିବ। ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ)ର ପୂର୍ବତନ ଅଧ୍ୟକ୍ଷ କେ. କସ୍ତୁରିରଙ୍ଗନ ଜାତୀୟ ଷ୍ଟିଅରିଂ କମିଟିର ମୁଖ୍ୟ ରହିଛନ୍ତି। ପରୀକ୍ଷା ଢାଞ୍ଚାରେ ପ୍ରସ୍ତାବିତ ପରିବର୍ତ୍ତନ ଉପରେ ଏନ୍‌ସିଇଆର୍‌ଟି ଛାତ୍ରୀଛାତ୍ର, ଅଭିଭାବକ, ଶିକ୍ଷାବିତ୍ ଓ ବୁଦ୍ଧିଜୀବୀମାନଙ୍କଠାରୁ ପ୍ରସ୍ତାବ ମାଗିଛି।

## ସିକନ୍ଦରାବାଦ-ତିରୁପତି ବନ୍ଦେ ଭାରତ ଟ୍ରେନ୍ ଶୁଭାରମ୍ଭ

- କାର୍ଯ୍ୟକ୍ରମରେ ସାମିଲ ହେଲେନି କେସିଆର୍
- ଚେନ୍ନାଇ ବିମାନବନ୍ଦର ନୂଆ ଟର୍ମିନାଲ ବିଲ୍ଡିଂ ଉଦ୍‌ଘାଟିତ

**ହାଇଦ୍ରାବାଦ/ଚେନ୍ନାଇ, ୮।୪**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ହାଇଦ୍ରାବାଦଠାରେ ସିକନ୍ଦରାବାଦ-ତିରୁପତି ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳ ଶୁଭାରମ୍ଭ କରିଛନ୍ତି। ସେ ଉକ୍ତ ଟ୍ରେନ୍‌ରେ ଚଢ଼ି ସ୍କୁଲ୍ ପିଲାମାନଙ୍କ ସହ ବାର୍ତ୍ତାଳାପ କରିଥିଲେ। ଏହି ଟ୍ରେନ୍ ଚଳାଚଳ ଯୋଗୁ ତେଲଙ୍ଗାନାର ସିକନ୍ଦରାବାଦ ଏବଂ ଆନ୍ଧ୍ରପ୍ରଦେଶର ତିରୁପତି ମଧ୍ୟରେ ଯାତ୍ରା ସମୟ ସାଢ଼େ ୩ ଘଣ୍ଟା ହ୍ରାସ ପାଇବା ସହ ଦୁଇ ରାଜ୍ୟର ତୀର୍ଥଯାତ୍ରା ଲାଗି ଲାଭଦାୟକ ହେବ। ଏହି କାର୍ଯ୍ୟକ୍ରମରେ ତେଲଙ୍ଗାନା ରାଜ୍ୟପାଳ ତାମିଲିସାଇ ସୌନ୍ଦରାରାଜନ, ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜି. କିଷନ ରେଡ୍ଡୀ ଉପସ୍ଥିତ ଥିଲେ। ତେବେ ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ (କେସିଆର୍)ଙ୍କୁ ଦେଖିବାକୁ ମିଳି ନ ଥିଲା। ଏପରିକି ବେଗୁମପେଟ୍ ବିମାନବନ୍ଦରରେ ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ କରିବାକୁ ମଧ୍ୟ କେସିଆର୍ ଆସି ନ ଥିଲେ। ତେଲଙ୍ଗାନାରେ ପ୍ରଧାନମନ୍ତ୍ରୀ ଅନେକ ବିକାଶମୂଳକ ପ୍ରକଳ୍ପ ଉଦ୍‌ଘାଟନ କରିଥିଲେ। ପ୍ରୋଟୋକଲ ଅନୁଯାୟୀ କେସିଆର୍‌କୁ ଏଥିରେ ଭାଗ ନେବା ଲାଗି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ନିମନ୍ତ୍ରଣ ପଠାଯାଇଥିଲେ ମଧ୍ୟ ସେ ସାମିଲ ହୋଇ ନ ଥିଲେ।

ତାମିଲନାଡୁର ଚେନ୍ନାଇ ଅନ୍ତର୍ଜାତୀୟ ବିମାନ ବନ୍ଦରର ନୂଆ ସମନ୍ୱିତ ଟର୍ମିନାଲ ବିଲ୍ଡିଂକୁ ପ୍ରଧାନମନ୍ତ୍ରୀ ଶନିବାର ଉଦ୍‌ଘାଟନ କରିଛନ୍ତି। ୧,୨୬୦ କୋଟିଟଙ୍କାରେ ନିର୍ମିତ ଏହି ଟର୍ମିନାଲ ବିଲ୍ଡିଂ ଯାତ୍ରୀ ପରିଚାଳନା ବଢ଼ାଇବାରେ ସହାୟକ ହେବ। ରାଜ୍ୟର ସଂସ୍କୃତି ଓ ଐତିହ୍ୟର ପ୍ରଦର୍ଶନ ଏହି ବିଲ୍ଡିଂର ଅନନ୍ୟ ଡିଜାଇନରେ ଦେଖିବାକୁ ମିଳିଛି।


ହାଇଦ୍ରାବାଦରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପତାକା ଦେଖାଇ ସିକନ୍ଦରାବାଦ-ତିରୁପତି ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ ଚଳାଚଳର ଶୁଭାରମ୍ଭ କରୁଛନ୍ତି।

# ରାଜ୍ୟରେ ହେବ ଜିମ୍ନାଷ୍ଟିକ୍ ହାଇପରଫର୍ମାନ୍ସ ସେଣ୍ଟର

## କ୍ୱେଟୋରେ ପର୍ଯ୍ୟଟନ, କ୍ରୀଡ଼ା ପ୍ରତିନିଧି ମଣ୍ଡଳୀଙ୍କ ସହ ଆଲୋଚନା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୮।୪(ବ୍ୟୁରୋ)




ଓଡ଼ିଶାରେ ଜିମ୍ନାଷ୍ଟିକ୍ ହାଇପରଫର୍ମାନ୍ସ ସେଣ୍ଟର ନିର୍ମାଣ ହେବ। ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ଜାପାନର କ୍ୱୋଟୋଠାରେ ଶନିବାର ରାଜ୍ୟ କ୍ରୀଡ଼ା ବିଭାଗ ଓ ଆର୍ସେଲର ମିତ୍ତଲ-ନିପ୍ପନ ଷ୍ଟିଲ୍ (ଏଏମ୍/ଏନ୍‌ପିଏସ୍) ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି। ଜାପାନ ଗସ୍ତ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ସହ ଆର୍ସେଲର ମିତ୍ତଲ-ନିପ୍ପନ ଷ୍ଟିଲ୍ ଅଧିକାରୀଙ୍କ ଏ ନେଇ ଆଲୋଚନା ହୋଇଛି। ଏହି ବିଶ୍ୱସ୍ତରୀୟ ସ୍ପୋର୍ଟ୍ସ ସେଣ୍ଟର ଭବିଷ୍ୟତରେ ଜିମ୍ନାଷ୍ଟିକ କ୍ଷେତ୍ର ପାଇଁ ନୂଆ ସମ୍ଭାବନା ସୃଷ୍ଟି କରିବ। ପର୍ଯ୍ୟଟନ ଶିଳ୍ପ, କ୍ରୀଡ଼ା କ୍ଷେତ୍ରର ବିକାଶ ଉପରେ ଜାପାନ ପ୍ରତିନିଧିଙ୍କ ସହ ମୁଖ୍ୟମନ୍ତ୍ରୀ ଆଲୋଚନା କରିଛନ୍ତି। ଏଥିସହିତ ଜାପାନ-ଓଡ଼ିଶା ମଧ୍ୟରେ ସାଂସ୍କୃତିକ ଓ ବାଣିଜ୍ୟିକ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ନେଇ ମଧ୍ୟ ଆଲୋଚନା କରାଯାଇଛି।

ଓଡ଼ିଶା ସରକାର ହକି ଉପରେ ଅଧିକ ଫୋକସ ଦେଉଥିବା ନେଇ ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। ରାଉରକେଲାଠାରେ ବିଶ୍ୱର ସର୍ବବୃହତ୍ ବିର୍ସା ମୁଣ୍ଡା ହକି ଷ୍ଟାଡିୟମ ୧୫ ମାସ ମଧ୍ୟରେ ନିର୍ମାଣ କରାଯାଇଛି। ରାଜ୍ୟ ସରକାର ତୃଣମୂଳ ସ୍ତରରୁ କିପରି କ୍ରୀଡ଼ାର ବିକାଶ ପାଇଁ କାର୍ଯ୍ୟ କରୁଛନ୍ତି ସେ ସମ୍ପର୍କରେ ମୁଖ୍ୟମନ୍ତ୍ରୀ କହିଛନ୍ତି। କିଛିଦିନ ତଳେ କ୍ୱେଟୋର ଦୋଶିସା ବିଶ୍ୱବିଦ୍ୟାଳୟର ଛାତ୍ରମାନଙ୍କ ଏକ ପ୍ରତିନିଧି ଦଳ କିଟ୍ ବିଶ୍ୱବିଦ୍ୟାଳୟ ଆସିଥିଲେ। ସେମାନେ ଓଡ଼ିଶା ଆସି ଏଠାରେ ଅନେକ ସମ୍ଭାବନାର ସୁଯୋଗ ଦେଖିବାକୁ ପାଇଥିଲେ। ଓଡ଼ିଶାରେ କ୍ରୀଡ଼ା ଓ ପର୍ଯ୍ୟଟନ କ୍ଷେତ୍ରରେ ଥିବା ସୁଯୋଗର ଫାଇଦା ନେବାକୁ ମୁଖ୍ୟମନ୍ତ୍ରୀ ଷ୍ଟେକ୍‌ହୋଲ୍‌ଡରମାନଙ୍କୁ ପରାମର୍ଶ ଦେଇଛନ୍ତି। ରାଜ୍ୟର କ୍ରୀଡ଼ା ଓ ପର୍ଯ୍ୟଟନ କ୍ଷେତ୍ରରେ ପୁଞ୍ଜିନିବେଶ କରିବାକୁ ମୁଖ୍ୟମନ୍ତ୍ରୀ ଜାପାନ ପ୍ରତିନିଧିଙ୍କୁ ଆମନ୍ତ୍ରଣ କରିଛନ୍ତି।

ଆଲୋଚନାରେ ହସ୍ପିଟାଲିଟି ଓ କ୍ରୀଡ଼ା କ୍ଷେତ୍ରର ଜାପାନ ଟୁର୍ ଅପରେଟର, କ୍ରୀଡ଼ା ସଂଘ ଓ ପ୍ରତିନିଧିମାନେ ଯୋଗଦେଇଥିଲେ। ମୁଖ୍ୟମନ୍ତ୍ରୀ ଓଡ଼ିଶାରେ ଥିବା ପର୍ଯ୍ୟଟନ ସ୍ଥଳଗୁଡ଼ିକ ବିଷୟରେ ଉଲ୍ଲେଖ କରିବା ସହ ଧଉଳି, ଲଳିତଗିରି, ରତ୍ନଗିରିର ବୌଦ୍ଧ ଐତିହ୍ୟ ଓ ପରମ୍ପରା ବିଷୟରେ ସୂଚନା ଦେଇଥିଲେ। ରାଜ୍ୟରେ ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ ପାଇଁ ରାଜ୍ୟ ସରକାର ନେଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ କହିଥିଲେ। ରାଜ୍ୟର କ୍ରୀଡ଼ା ଜାପାନ କ୍ରୀଡ଼ା ସଂଘ ଓ ପ୍ରତିନିଧିଙ୍କ

### ରାଜ୍ୟ ସରକାର-ଏଏମ୍/ଏନ୍‌ଏସ୍ ଏମ୍‌ଓୟୁ ସ୍ୱାକ୍ଷର

ସହଯୋଗରେ ଆହୁରି ବିକାଶ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକଟ କରିଛନ୍ତି।

ଓଡ଼ିଶାରେ କ୍ରୀଡ଼ା ଓ ପର୍ଯ୍ୟଟନ କ୍ଷେତ୍ରରେ ଥିବା ଐତିହ୍ୟ ଓ ପ୍ରାକୃତିକ ସୌନ୍ଦର୍ଯ୍ୟଗୁଡ଼ିକର ବିକାଶ ପାଇଁ ରାଜ୍ୟ ସରକାରଙ୍କ ସହଯୋଗରେ ପୁଞ୍ଜିନିବେଶ ପାଇଁ ଜାପାନ ପ୍ରତିନିଧିମାନେ ଆଗ୍ରହ ପ୍ରକାଶ କରିଛନ୍ତି। ଉଭୟ ଜାପାନ ଏବଂ ଓଡ଼ିଶାର ପ୍ରତିନିଧିମଣ୍ଡଳୀ କ୍ରୀଡ଼ା ଏବଂ ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ପରସ୍ପର ମଧ୍ୟରେ ରାଉଣ୍ଡଟେବୁଲ ଆଲୋଚନା କରିଛନ୍ତି। କିଓଟୋରେ ମିଳିଥିବା ଆତିଥ୍ୟକୁ ନେଇ ମୁଖ୍ୟମନ୍ତ୍ରୀ ଖୁସିବ୍ୟକ୍ତ କରିବା ସହ ଏହି ଗସ୍ତ ଜାପାନ ଏବଂ ଓଡ଼ିଶାର ସମ୍ପର୍କକୁ ଆହୁରି ସୁଦୃଢ଼ କରିବ ବୋଲି କହିଛନ୍ତି। ଶିଳ୍ପ ସଚିବ ହେମନ୍ତ ଶର୍ମା କ୍ରୀଡ଼ା କ୍ଷେତ୍ର ପାଇଁ ରାଜ୍ୟ ନୀତିରେ ଥିବା ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେଇଥିଲେ। ସେହିପରି କ୍ରୀଡ଼ା ଓ ଯୁବବ୍ୟାପାର ସଚିବ ଆର୍. ଭିନିଲ କ୍ରିଷ୍ଣା କ୍ରୀଡ଼ା ସମ୍ପର୍କିତ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ।

# ୧୧ରେ ବିଶ୍ୱ ଛେନାପୋଡ଼ ଦିବସ

ନୟାଗଡ଼ ଅଫିସ, ୮।୪

- ଜିଆଇ ଟ୍ୟାଗ୍ ମାନ୍ୟତା ପାଇଁ ଜୋର୍‌ଦାର ପ୍ରୟାସ
- ସରକାରୀ କାର୍ଯ୍ୟାଳୟରେ ଛେନାପୋଡ଼ ଦିବସ ପାଳନ ହେବ
- ଟିମ୍ ନୟାଗଡ଼ରେ କାର୍ଯ୍ୟକ୍ରମର ଫଟୋ ପୋଷ୍ଟ କରାଯିବ
- ପ୍ରକାଶ ପାଇଲା ଜିଲାପାଳଙ୍କ ନିର୍ଦ୍ଦେଶନାମା



ଆସନ୍ତା ୧୧ ତାରିଖକୁ ବିଶ୍ୱ ଛେନାପୋଡ଼ ଦିବସ ଭାବେ ପାଳନ କରାଯାଉଛି। ଛେନାପୋଡ଼କୁ ଜିଆଇ ଟ୍ୟାଗ୍ ମାନ୍ୟତା ଦେବା ପାଇଁ ନୟାଗଡ଼ ଜିଲା ପ୍ରଶାସନ ପକ୍ଷରୁ ଉଦ୍ୟମ ଜାରି ରହିଛି। ଏଭଳିସ୍ଥଳେ ଏପ୍ରିଲ ୧୧ ପୂର୍ବାହ୍ନ ୧୧ଟାରେ ଜିଲାର ସବୁ ସରକାରୀ କାର୍ଯ୍ୟାଳୟରେ ଛେନାପୋଡ଼ କାଟି ଉତ୍ସବ ପାଳନ କରିବାକୁ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏହାର ଫଟୋ ଉତ୍ତୋଳନ କରି ଟିମ୍ ନୟାଗଡ଼ ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ପୋଷ୍ଟ କରିବାକୁ ଚିଠିରେ ଉଲ୍ଲେଖ ରହିଛି। ଛେନାପୋଡ଼ ପ୍ରସ୍ତୁତକର୍ତ୍ତା ସ୍ୱର୍ଗତ ସୁଦର୍ଶନ ସାହୁଙ୍କ ଜନ୍ମ ଦିବସ ଏପ୍ରିଲ ୧୧ରେ ଏହି ଉତ୍ସବ ପାଳନ କରାଯିବ। ଏନେଇ ଜିଲାପାଳଙ୍କ ଅଫିସ ପକ୍ଷରୁ ଏସ୍‌ପି, ଅତିରିକ୍ତ ଜିଲାପାଳ, ଉପଜିଲାପାଳ, ଜିଲାସ୍ତରୀୟ ଲାଇନ୍ ବିଭାଗର ଅଧିକାରୀ, ତହସିଲଦାର ଓ ବିଡିଓ, ଏନ୍‌ଏସି ଓ ମ୍ୟୁନିସିପାଲିଟିର ନିର୍ବାହୀ ଅଧିକାରୀ, ସିଡିପିଓ, ଡିଏଫ୍‌ଓ, ଜିଲା ଶିକ୍ଷା ବିଭାଗ ପରି ବିଭାଗୀୟ କାର୍ଯ୍ୟାଳୟରେ ଛେନାପୋଡ଼ ଦିବସ ପାଳନ କରିବାକୁ ଚିଠି ହୋଇଛି।

ଏନେଇ ଜିଲାପାଳ ରବୀନ୍ଦ୍ର ନାଥ ସାହୁ କୁହନ୍ତି, ଛେନାପୋଡ଼ ହେଉଛି ନୟାଗଡ଼ର ଅନ୍ୟତମ ପରିଚୟ। ଛେନାପୋଡ଼କୁ ଜିଆଇ ମାନ୍ୟତା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଜିଆଇ ଟ୍ୟାଗ୍‌ର ଚେନ୍ନାଇ ଅଫିସକୁ ପ୍ରସ୍ତାବ ଦିଆଯାଇଛି। ଅନ୍ୟପକ୍ଷେ ଏପ୍ରିଲ ୧୧କୁ ସରକାରୀ ଭାବେ ବିଶ୍ୱସ୍ତରୀୟ ଛେନାପୋଡ଼ ଦିବସ ଭାବେ ପାଳନ କରାଯିବାକୁ ଜିଲାର ସବୁ ସରକାରୀ କାର୍ଯ୍ୟାଳୟକୁ ଚିଠି କରାଯାଇଛି ବୋଲି କହିଛନ୍ତି।




# ଓଏମ୍‌ଡିସି କର୍ମଚାରୀଙ୍କୁ ଗୁଳିକରି ହତ୍ୟା



ଓଏମ୍‌ଡିସି କର୍ମଚାରୀ ଦୁଃଶାସନ ବାରିକଙ୍କ ମୃତଦେହ।

ବଡ଼ବିଲ, ୮।୪ (ସ୍ୱ.ପ୍ର.)

- ୨ ରାଉଣ୍ଡ ଜୀବନ୍ତ ଗୁଳି ଜବତ
- ସାଇଣ୍ଟିଫିକ ଟିମ୍ ସହାୟତାରେ ପୋଲିସର ତନାଘନା
- ଜମିଜମା ବିବାଦରୁ ସମ୍ପର୍କୀୟ ହତ୍ୟା କରିଥିବା ସନ୍ଦେହ

କେନ୍ଦୁଝର ଜିଲା ବଡ଼ବିଲ ଥାନା ଅଧୀନ ଠାକୁରାଣୀ ଦଲକି ବସ୍ତିରେ ରହୁଥିବା ଓଏମ୍‌ଡିସି (ଓଡ଼ିଶା ମିନେରାଲ ଡେଭଲପମେଣ୍ଟ କମ୍ପାନୀ)ର କର୍ମଚାରୀଙ୍କୁ ଗୁଳି କରି ହତ୍ୟା କରାଯାଇଛି। ମୃତକ ହେଲେ ଦୁଃଶାସନ ବାରିକ (୫୫)। ଦାମୁ ହଟିଂସ୍ଥିତ ଇଲେକ୍ଟ୍ରିକ ଗ୍ରୀଡ୍ ନିକଟ ଏକ ହାଇଟେନ୍‌ସନ୍ ଟାୱାର ତଳେ ଦୁଃଶାସନଙ୍କ ମୃତଦେହ ପୋଲିସ ଠାବ କରିଥିଲା। ସାଇଣ୍ଟିଫିକ ଟିମ୍ ପହଞ୍ଚି ଭିଡିଓ ରେକର୍ଡିଂ ସହ ନମୁନା ସଂଗ୍ରହ କରିଛି। ଘଟଣାସ୍ଥଳରୁ ପୋଲିସ ୨ ଟି ୯ ଏମ୍‌ଏମ୍ ଜୀବନ୍ତ ଗୁଳି ଜବତ କରି ତଦନ୍ତ କରୁଛି। ଜମିଜମା ବିବାଦରୁ ସମ୍ପର୍କୀୟମାନେ ହତ୍ୟା କରିଥିବା ସନ୍ଦେହ ଉପୁଜିଛି।

ସୂଚନା ଅନୁଯାୟୀ, ଦୁଃଶାସନ ଶୁକ୍ରବାର ମଧ୍ୟାହ୍ନ ବିରତି ପରେ ଡ୍ୟୁଟିକୁ ଫେରି ନ ଥିଲେ। ସନ୍ଧ୍ୟା ସୁଦ୍ଧା ଘରକୁ ନ ଫେରିବାରୁ ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ନ ପାଇ ରାତିରେ ପୋଲିସକୁ ଜଣାଇଥିଲେ। ଶନିବାର ସକାଳେ ଦୁଃଶାସନଙ୍କ ମୃତଦେହ ଦାମୁ ହଟିଂସ୍ଥିତ ଇଲେକ୍ଟ୍ରି ଗ୍ରୀଡ୍ ନିକଟ ଏକ ହାଇଟେନସନ ଟାୱାର ତଳେ ପଡ଼ିଥିବା ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ଦୁଃଶାସନଙ୍କ ପୁଅ ଯଶୋବନ୍ତ ମୃତଦେହ ଚିହ୍ନଟ କରିଥିଲେ। ମୃତ ଦୁଃଶାସନଙ୍କ ମୁଣ୍ଡରେ ଗୁଳି ବାଜିଥିବା ଚିହ୍ନ ରହିଥିବା ବେଳେ ଅଳ୍ପ ଦୂରରେ ତାଙ୍କ ବାଇକ ଷ୍ଟାଣ୍ଡ ମରା ହୋଇରହିଥିବା ଦେଖିବାକୁ ମିଳିଥିଲା। ମୃତଦେହ ନିକଟରେ ୩ଟି ବିୟର ବୋତଲ ଓ ଦୁଇଟି ୯ ଏମ୍‌ଏମ୍ ଜୀବନ୍ତ ଗୁଳିକୁ ପୋଲିସ ଜବତ କରିଛି। ପୋଲିସକୁ ତଦନ୍ତରେ ସହାୟତା ନିମନ୍ତେ କେନ୍ଦୁଝର ଜିଲା ମୁଖ୍ୟାଳୟରୁ ସାଇଣ୍ଟିଫିକ ଟିମ୍ ପହଞ୍ଚି ନମୁନା ସଂଗ୍ରହ କରିଥିଲା। ତେବେ ମୃତକଙ୍କ ପରିବାରଙ୍କ ଅଭିଯୋଗ ଅନୁଯାୟୀ, ଜମି ପାର୍ଟିସନ ନିମନ୍ତେ କିଛିଦିନ ତଳେ ଦୁଃଶାସନ ଆବେଦନ କରିଥିଲେ। ଏହାକୁ ନେଇ ତାଙ୍କ ଭଉଣୀ, ଭିଣୋଇ ଓ ଭଣଜାଙ୍କ ସହ ବିବାଦ ରହିଥିଲା। ବିବାଦ ତୁଟାଇବା ନିମନ୍ତେ ଆପୋସ ବୁଝାମଣା ହୋଇ ୨୦ଲକ୍ଷ ଟଙ୍କା ଦେବାକୁ ଦୁଃଶାସନ ସହମତି ପ୍ରକାଶ କରିଥିଲେ। ସେଥିନିମନ୍ତେ ୪ ଲକ୍ଷ ଟଙ୍କା ଅଗ୍ରିମ ମଧ୍ୟ ଭଉଣୀ, ଭିଣୋଇଙ୍କୁ ଦେଇଥିଲେ। ତେବେ ପରବର୍ତ୍ତୀ ସମୟରେ ୫ ତାରିଖ ବୁଧବାର ପୁଣି ବିବାଦ ଉପୁଜିବାରୁ ଅଗ୍ରିମ ଟଙ୍କା ଫେରାଇବାକୁ ଦୁଃଶାସନ କହିଥିଲେ। ଏହାକୁ ନେଇ ତିକ୍ତତା ବଢ଼ିଥିଲା। ଏଥିପାଇଁ ହତ୍ୟାକାଣ୍ଡ ହୋଇଥାଇପାରେ ବୋଲି ପରିବାର ଲୋକେ ସନ୍ଦେହ କରୁଛନ୍ତି। ମୃତକଙ୍କ ପରିବାର ପକ୍ଷରୁ ଏନେଇ ବଡ଼ବିଲ ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୋଲିସ ଏକ ହତ୍ୟା ମାମଲା (ନଂ. ୧୦୯/୨୦୨୩) ରୁଜୁ କରି ପରିବାର ଲୋକଙ୍କୁ ପଚରାଉଚୁରା କରୁଥିବା ଥାନା ଅଧିକାରୀ ପ୍ରମୋଦିନୀ ସାହୁ କହିଛନ୍ତି।

## ସୀମାନ୍ତରୁ ୨ ମାଓବାଦୀ ଗିରଫ



ମାଲକାନଗିରି,୮।୪(ଡି.ଏନ.ଏ.)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ସୁକ୍‌ମା ପୋଲିସ କୋମ୍ବିଂ ଅପରେଶନ ବେଳେ ୨ଜଣ ମାଓବାଦୀଙ୍କୁ ଶନିବାର ଗିରଫ କରିଛି। ସେମାନେ ହେଲେ ମୁଚାକି ସୁଖ୍ରାମ ଏବଂ ହଡମା ମାଡଭି। ସେମାନଙ୍କ ନାମରେ ପୂର୍ବରୁ ୧ ଲକ୍ଷ ଲେଖାଏ ଟଙ୍କାର ପୁରସ୍କାର ଘୋଷଣା ହୋଇଥିଲା। ମାଓବାଦୀ ଦମନ ଲାଗି ସୁକ୍‌ମା ପୋଲିସ କୁକାନାର ଅଞ୍ଚଳରେ କୋମ୍ବିଂ ଅପରେଶନ କରୁଥିବା ବେଳେ ମାଓବାଦୀଙ୍କ ଗତିବିଧି ନେଇ ସୂଚନା ପାଇଥିଲା। ପରେ ଜିଲା ପୋଲିସ ବାହିନୀ ଏବଂ ଡିଆରଜି ମିଳିତ ଭାବେ କୁକାନାରର କାନଭାପାରା ଏବଂ ପେଡାପାରା ଜଙ୍ଗଲରେ ମିଳିତ କୋମ୍ବିଂ ଅପରେଶନ କରିଥିଲେ। ଏହି ସମୟରେ କେତେ ଜଣ ସନ୍ଦିଗ୍ଧ ବ୍ୟକ୍ତି ଜଙ୍ଗଲକୁ ପୋଲିସ ଆସୁଥିବା ଦେଖି ଲୁଚିଯିବାକୁ ଉଦ୍ୟମ କରିଥିଲେ। ତେବେ ପୋଲିସ ତୁରନ୍ତ ସେମାନଙ୍କୁ କାବୁ କରି ପଚରାଉଚରା କରିଥିଲା। ଏହି ସମୟରେ ସେମାନେ ଉଭୟେ ମାଓବାଦୀ ବୋଲି ସ୍ୱୀକାର କରିଥିଲେ। ଏହି ମାଓବାଦୀ ଦ୍ୱୟ ପୂର୍ବରୁ ଅନେକ ବଡ ବଡ ହିଂସାରେ ଜଡିତ ଥିବା ପୋଲିସ ସୂଚନା ଦେଇଛି।

# ଟ୍ରକ୍ ପଛରେ ପିଟିହେଲା ପିକ୍‌ଅପ୍ ଭ୍ୟାନ୍: ୩ ମୃତ, ୬ ଗୁରୁତର

ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର,୮।୪(ସ୍ୱ.ପ୍ର.)

ଯାଜପୁର ଜିଲା ଚଣ୍ଡିଖୋଲ-ପାରାଦୀପ ୫୩ ନଂ.ଜାତୀୟ ରାଜପଥର ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଚାରିନଙ୍ଗଳ ଛକ ନିକଟରେ ଶନିବାର ସକାଳେ ସଡ଼କ ଦୁର୍ଘଟଣାରେ ୩ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୬ଜଣ ଗୁରୁତର ହୋଇ କଟକ ବଡ଼ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ମୃତକ ହେଲେ ଯାଜପୁର ଜିଲା ବୈରୀ ଥାନା ଅନ୍ତର୍ଗତ ବିଦ୍ୟାଧରପୁରର ଗାଡ଼ି ହେଲ୍‌ପର ମାନସ ଦେହୁରି(୩୫), ବ୍ରହ୍ମପୁର ଅଞ୍ଚଳରୁ ଆସି ବାଲିଚନ୍ଦ୍ରପୁର ଅଞ୍ଚଳରେ ଶୁଖୁଆ ବ୍ୟବସାୟ କରୁଥିବା ମମି ବେହେରା (୩୫) ଓ ମମତା ବେହେରା(୪୦)। ଗୁରୁତର ଆହତମାନେ ହେଲେ ଯାଜପୁର ଛତିଆ ଅଞ୍ଚଳର ପିକ୍‌ଅପ୍ ଭ୍ୟାନ୍ ଡ୍ରାଇଭର ସରଜୁ ସିଂହ(୩୫), ବାଲିଚନ୍ଦ୍ରପୁର ଅଞ୍ଚଳର କମଳୀ ବେହେରା (୬୦), ଲକ୍ଷ୍ମୀ ବେହେରା (୪୮), କାମୁଲୀ ବେହେରା (୫୦), ଗୁରା ବେହେରା (୫୧) ଓ ଗୀତାଞ୍ଜଳି ବେହେରା (୪୨)।

ଛତିଆରୁ ଏକ ପିକ୍‌ଅପ ଭ୍ୟାନ୍ (ଓଡି-୦୪-ଇ-୧୨୩୧) ପଟ୍ଟାମୁଣ୍ଡାଇ ଅଞ୍ଚଳକୁ ଧାନ ଚଷ୍ଟ ଆଣିବାକୁ ଯାଉଥିଲା। ବାଟରେ ବାଲିଚନ୍ଦ୍ରପୁର ନିକଟରୁ ୬ଜଣ ଶୁଖୁଆ ବ୍ୟବସାୟୀ ଉକ୍ତ ଗାଡ଼ିରେ ଉଠିଥିଲେ। ଏହାପରେ ଗାଡ଼ିଟି ଚାରିନଙ୍ଗଳ ଛକ ନିକଟରେ ଠିଆ ହୋଇଥିବା ଏକ ଲୁହାପଥର ବୋଝେଇ ଟ୍ରକ୍(ଓଡି-୦୪-ଏଲ-୪୧୧୭) ପଛରେ ପିଟିହୋଇ ଯାଇଥିଲା। ଘଟଣାସ୍ଥଳରେ ଭ୍ୟାନ୍ ହେଲପର ମାନସଙ୍କ ମୃତ୍ୟୁ ହୋଇଯାଇଥିଲା। ଅନ୍ୟମାନେ ଗୁରୁତର ହୋଇଥିଲେ। ବାଲିଚନ୍ଦ୍ରପୁର ପୋଲିସ ପହଞ୍ଚି ଆମ୍ବୁଲାନ୍ସ ଓ ଅଗ୍ନିଶମ ବାହିନୀ ସହାୟତାରେ ସେମାନଙ୍କୁ ଉଦ୍ଧାର କରି ପ୍ରଥମେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲା। କିନ୍ତୁ କଟକ ବଡ଼ ମେଡିକାଲରେ ମମତା ଓ ମମିଙ୍କ ମୃତ୍ୟୁ ହୋଇଥିଲା। ଡ୍ରାଇଭର ସରଜୁ ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି। ଭୋର ସମୟରେ କୁହୁଡି ହେଇଥିଲେ ମଧ୍ୟ ଗାଡ଼ିଚାଳକ ନିଶାଶକ୍ତ ହୋଇ ଦ୍ରୁତଗତିରେ ଯିବାରୁ ଦୁର୍ଘଟଣା ଘଟିଥିଲା ବୋଲି କେତେଜଣ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ତେବେ ମାଲ ପରିବହନ ଗାଡ଼ିରେ ଚାଳକ ଲୋକଙ୍କୁ ପରିବହନ କରିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଘଟଣାକୁ ନେଇ ବାଲିଚନ୍ଦ୍ରପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତକ ୩ ଜଣଙ୍କ ପରିବାରକୁ ରେଡ୍‌କ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ଲେଖାଏ ସହାୟତା ଦିଆଯାଇଥିବା ଦର୍ପଣ ତହସିଲଦାର ଶୁଭଦର୍ଶନ ମିଶ୍ର ପ୍ରକାଶ କରିଛନ୍ତି।



ଦୁର୍ଘଟଣାଗ୍ରସ୍ତ ପିକ୍‌ଅପ୍ ଭ୍ୟାନ୍।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖନା ବୋଲେ ଶୁଣି ଯାଅ,**
**ନଡ଼ିଆ ଗଛ ମୂଳେ ଚିଟା ଦିଅ।**
**ଗଛ ହେବ ବହୁତ ମୋଟା,**
**ଶୀଘ୍ର ଶୀଘ୍ର ଧରେ ଗୋଟା।**

ସାଧାରଣତଃ ନଡ଼ିଆ ଗଛ ମୂଳେ ଅଗାଡ଼ି ଦେଲେ ନଡ଼ିଆ ଗଛଟିର ଆକାର ବୃଦ୍ଧି ପାଇଥାଏ। ଏଥିସହିତ ନଡ଼ିଆ ଗଛଟିରେ ଶୀଘ୍ର ଫଳ ଧରିବା ସହ ଫଳର ଆକାର ମଧ୍ୟ ବଡ଼ ହୋଇଥାଏ ବୋଲି ଏଠାରେ ଦର୍ଶାଯାଇଛି।

**ଖା ମୁଢ଼ି ପି'ପାଣି**
**ବାପା ଯାଇଛି ବଇଦ ଆଣି।**

ସାଧାରଣତଃ ମୁଢ଼ି ଖାଇ ସାରିବା ପରେ ପାଣି ପିଆଯାଇ ନ ଥାଏ। ଏପରି କରିବା ସ୍ୱାସ୍ଥ୍ୟପକ୍ଷେ ଅହିତକର ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:




# ରାଣୀ ପଣ୍ଡାଙ୍କ ସହ ସେଲ୍ଫି ପାଇଁ ଗୋଷ୍ଠୀସଂଘର୍ଷ

**ଭଞ୍ଜନଗର,୮।୪(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ଭଞ୍ଜନଗର ଥାନା ଭେଜିପୁଟରେ ପଞ୍ଚୁଦଣ୍ଡ ଯାତ୍ରା ହେଉଥିବା ବେଳେ ଅଭିନେତ୍ରୀ ରାଣୀ ପଣ୍ଡାଙ୍କ ସହ ସେଲ୍ଫିପାଇଁ ଶୁକ୍ରବାର ବିଳମ୍ବିତ ରାତିରେ ଗୋଷ୍ଠୀ ସଂଘର୍ଷ ଘଟିଛି। ପ୍ରକାଶ ଯେ, ଭେଜିପୁଟରେ ଶୁକ୍ରବାର ପଞ୍ଚୁଦଣ୍ଡ ଯାତ୍ରା ହେଉଥିଲା। ଉକ୍ତ ଯାତ୍ରାକୁ ଅଭିନେତ୍ରୀ ରାଣୀ ପଣ୍ଡା ଆସିଥିଲେ। ତାଙ୍କୁ ଦେଖିବାକୁ ବହୁ ଲୋକଙ୍କ ଭିଡ଼ ଜମିଥିଲା। ବିଳମ୍ବିତ ରାତିରେ ନାଚ ଚାଲିଥିଲା। ରାଣୀ ପଣ୍ଡା ମଞ୍ଚ ଉପରକୁ ନୃତ୍ୟ କରିବାକୁ ଆସିଥିଲେ। ଯଦିଓ ତାଙ୍କ ନୃତ୍ୟରେ ଅଶ୍ଳୀଳତା ନ ଥିଲା, ତଥାପି ତାଙ୍କ ସହିତ ଫଟୋ ଏବଂ ସେଲ୍ଫି ଉଠାଇବାକୁ ଯୁବଗୋଷ୍ଠୀଙ୍କ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ଏହି ସମୟରେ ଠେଲାପେଲା ହୋଇ ଗୋଷ୍ଠୀସଂଘର୍ଷ ଘଟିଥିଲା। ଏଥିରେ ଅନେକ ଆହତ ହୋଇଥିବା ଜଣାପଡ଼ିଛି। ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ସେହିପରି ଗତ ୨ ତାରିଖରେ ନୂଆଁ ମହୁଲିଆରେ ଦଣ୍ଡନାଚରେ ଅଶ୍ଳୀଳ ନୃତ୍ୟ ଚାଲିଥିବା ବେଳେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଥିଲା। ତୁରୁମୁରେ ମଧ୍ୟ ଦଣ୍ଡନାଚରେ ଅଶ୍ଳୀଳ ନୃତ୍ୟ ଚାଲିଥିବା ବେଳେ ଗୋଷ୍ଠୀ ସଂଘର୍ଷ ହୋଇଥିଲା।

# ଭୁଲ୍ ଇଞ୍ଜେକ୍ସନ ନେଲା ଗ୍ରାମରକ୍ଷୀଙ୍କ ଜୀବନ

- **ଅଭିଯୋଗ ଆଣିଲେ ସ୍ତ୍ରୀ**
- **ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଉତ୍ତେଜନା**

**ବାଣପୁର,୮।୪(ଡି.ଏନ୍.ଏ.)**

ଭୁଲ୍ ଇଞ୍ଜେକ୍ସନ ଯୋଗୁ ଜଣେ ଗ୍ରାମରକ୍ଷୀଙ୍କ ମୃତ୍ୟୁ ହୋଇଥିବା ଶନିବାର ଅଭିଯୋଗ ହୋଇଛି। ମୃତକ ହେଲେ ଖୋର୍ଦ୍ଧା ଜିଲା ବାଣପୁର ଥାନା ଅଧୀନ କୋଳଅଡ଼ିହ ଗ୍ରାମର ପାଣ୍ଡବ ନାୟକ (୫୪)। ସେ ବାଣପୁର ଥାନାରେ ଗ୍ରାମରକ୍ଷୀ ଭାବେ କାର୍ଯ୍ୟରତ ଥିଲେ। ବାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏଭଳି ଅଭାବନୀୟ ଘଟଣା ଘଟିଛି। ଏହାକୁ ନେଇ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ଅନ୍ୟପଟେ ମୃତକଙ୍କ ସ୍ତ୍ରୀ ମଞ୍ଜୁ ନାୟକଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୧୭୩/୨୩) ରୁଜୁକରି ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, ପାଣ୍ଡବଙ୍କ ହାତରେ ଘା' ହୋଇଥିବାରୁ ଚିକିତ୍ସା ପାଇଁ ସ୍ତ୍ରୀଙ୍କ ସହିତ ବାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲେ। ସେହି ସମୟରେ ଉପସ୍ଥିତ ଡାକ୍ତରଙ୍କୁ ଦେଖାଇବା ପରେ ପାଣ୍ଡବଙ୍କ ହାତରେ ବ୍ୟାଣ୍ଡେଜ୍ କରାଯାଇଥିଲା। ଡାକ୍ତର ଲେଖିଥିବା ପ୍ରେସ୍କ୍ରିପଶନ ଦେଖି ନର୍ସ ଇଞ୍ଜେକ୍ସନ ଦେଇଥିଲେ। ତେବେ ଇଞ୍ଜେକ୍ସନ ନେବା ପରେ ତାଙ୍କ ପାଟି ଅଠା ହୋଇଯିବା ସହ ତଣ୍ଟି ଶୁଖିଯାଇଥିଲା। ଏପରିକି ପାଟିରୁ ଫେଣ ବାହାରିବାରୁ ମଞ୍ଜୁ ତୁରନ୍ତ ଡାକ୍ତରଙ୍କୁ ଡାକିଥିଲେ। ଡାକ୍ତର ପହଞ୍ଚି ଦେଖିବା ସହ ପାଣ୍ଡବଙ୍କୁ ମୃତ ଘୋଷଣା କରିଥିଲେ। ୫ ମିନିଟ୍ ମଧ୍ୟରେ ଏହି ଘଟଣା ଘଟିଯାଇଥିଲା। ସମ୍ପୃକ୍ତ ଡାକ୍ତର ଓ ନର୍ସଙ୍କ ପାଇଁ ପାଣ୍ଡବଙ୍କ ଜୀବନ ଯାଇଥିବା ମଞ୍ଜୁ ତାଙ୍କ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ବାଣପୁର ଥାନା ଅଧିକାରୀ ଜୟ ପ୍ରକାଶ ପରିଡ଼ା କହିଛନ୍ତି। ଅନ୍ୟପକ୍ଷରେ ସମ୍ପୃକ୍ତ ଡାକ୍ତରଙ୍କ ମତାମତ ମିଳିପାରି ନାହିଁ।

# +୨ ମୂଲ୍ୟାୟନରେ ସହଯୋଗ କରିବେ ୬୬୨ ବର୍ଗ ଅଧ୍ୟାପକ

## ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ସଚିବଙ୍କ ଅନୁପସ୍ଥିତି ଯୋଗୁ ଘୁଞ୍ଚିଲା ଆଲୋଚନା

**ଭୁବନେଶ୍ୱର,୮।୪(ବ୍ୟୁରୋ)**

ଆସନ୍ତା ୧୦ ତାରିଖରୁ +୨ ପରୀକ୍ଷା ଖାତା ମୂଲ୍ୟାୟନ ଆରମ୍ଭ ହେଉଛି। ଯେତେବେ ଆନ୍ଦୋଳନକୁ ଓହ୍ଲାଇଥିବା ୬୬୨ ବର୍ଗ ଅଧ୍ୟାପକମାନେ ସର୍ତ୍ତମୂଳକ ଭାବେ ମୂଲ୍ୟାୟନରେ ସହଯୋଗ କରିବେ କହିଛନ୍ତି। ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବ ଓଡ଼ିଶାରେ ନ ଥିବାରୁ ଦାବି ପୂରଣ ନେଇ ଆଲୋଚନା ହୋଇପାରି ନାହିଁ। ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି +୨ ମୂଲ୍ୟାୟନ କାର୍ଯ୍ୟରେ ୬୬୨ ବର୍ଗ କଲେଜ ସଂଘ ସହଯୋଗ କରିବ। ସରକାର ପ୍ରତିଶ୍ରୁତି ରକ୍ଷା ନ କଲେ ଆଗକୁ ଆନ୍ଦୋଳନ ତୀବ୍ରତର ହେବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ସମାନ ଗ୍ରେଡ-ପେ'କୁ ସମାନ ଦରମା ବୃଦ୍ଧି, ସମସ୍ତ କର୍ମଚାରୀଙ୍କୁ ଗ୍ରାଚ୍ୟୁଇଟି ଦେବା ଓ ପେନ୍‌ସନ ପରିସରଭୁକ୍ତ କରିବା, ୨୦୧୮ ଜି.ଓ.ରେ ଅନ୍ତର୍ଭୁକ୍ତ କର୍ମଚାରୀଙ୍କୁ ୭ମ ବେତନ ହାରରେ ଦରମା ଦେବା, ଅନୁଦାନରୁ ବାଦ୍ ପଡ଼ିଥିବା କର୍ମଚାରୀଙ୍କୁ ଅନୁଦାନ ପରିସରଭୁକ୍ତ କରିବା ଆଦି ୪ଦଫା ଦାବି ନେଇ ୫୫ ଦିନ ହେବ ଅହୋରାତ୍ର ଆନ୍ଦୋଳନ ଚାଲିଛି। ପରୀକ୍ଷା ପୂର୍ବରୁ ସରକାରଙ୍କ ମନ୍ତ୍ରୀସ୍ତରୀୟ କମିଟି ସହ ଦାବି ସମ୍ପର୍କରେ ଆଲୋଚନା ହୋଇଥିଲା। ମାତ୍ର ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଗତ ୬ ତାରିଖରେ କଳାପଟି ବାନ୍ଧି, ମହମବତି ଜାଳି ଅଧ୍ୟାପକ ଓ କର୍ମଚାରୀମାନେ ପ୍ରତିବାଦ କରିଥିଲେ। ଏଥିସହ ଆଗକୁ +୨ ମୂଲ୍ୟାୟନରେ ଅସହଯୋଗ କରିବା ନେଇ ସଂଘ ଚେତାବନୀ ଦେଇଥିଲା। ଅନ୍ୟପଟେ ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ସଚିବ ଓଡ଼ିଶାରେ ନାହାନ୍ତି। ଅନୌପଚାରିକ ଆଲୋଚନାରେ ସେମାନେ ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ବିଜେଡି ବିଧାୟକ ପ୍ରଣବ ପ୍ରକାଶ ଦାସ ସଂଘକୁ ଅନୁରୋଧ କରିଥିଲେ। ଅନୁରୋଧ ରକ୍ଷା ସହ ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି +୨ ମୂଲ୍ୟାୟନ କାର୍ଯ୍ୟରେ ସହଯୋଗ କରାଯିବ ବୋଲି ସଂଘ ସଭାପତି ଗୋଲକ ନାୟକ କହିଛନ୍ତି। ହେଲେ ପ୍ରତୀକାତ୍ମକ ଧାରଣା ଜାରି ରହିବାନେଇ ଦୁଇ ସାଧାରଣ ସମ୍ପାଦକ ସତାପ ଉଦ୍ଦିନ ଅହମ୍ମଦ ଓ ରଞ୍ଜନ କୁମାର ପ୍ରଧାନଙ୍କ ସମେତ ଡ. ଗଗନ ବେଉରା, ତପନ କୁମାର ଜେନା, ଜ୍ୟୋତ୍ସ୍ନାରାଣୀ ବସ୍ତିଆ, ସୁଧୀର ମହାନ୍ତି, ସରୋଜ ରଥ, ଅଶୋକ ବେହେରା ପ୍ରମୁଖ ଜଣାଇଛନ୍ତି।

# ୪୦ ଡିଗ୍ରୀ ମୁହାଁ ପାରଦ, ବାରିପଦା ସବୁଠୁ ଉତ୍ତପ୍ତ

## ୧୧ରୁ ବର୍ଷା କମିବ, ତାତି ଅସହ୍ୟ ହେବ



**ଭୁବନେଶ୍ୱର,୮।୪(ବ୍ୟୁରୋ)**

ରାଜ୍ୟରେ ଶନିବାର ପାଗ ପ୍ରାୟ ଶୁଖିଲା ରହିଥିଲା। ତେବେ ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ମୟୂରଭଞ୍ଜ, ବାଲେଶ୍ୱର, କନ୍ଧମାଳ, ରାୟଗଡା, ବୌଦ୍ଧ ଓ କଳାହାଣ୍ଡି ଜିଲାର କିଛି ଅଞ୍ଚଳରେ ବିଜୁଳି ଘଡଘଡି ସହ ବର୍ଷା ଓ ପବନ ହୋଇଥିଲା। ଆସନ୍ତା ୪୮ ଘଣ୍ଟା ଯାଏ ରାଜ୍ୟରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବା ନେଇ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ନିଂ ଜାରି ହୋଇଛି। ଅନ୍ୟପକ୍ଷରେ ପୂର୍ବଠାରୁ ରାଜ୍ୟରେ ବର୍ଷା କମିଥିବାବେଳେ ତାପମାତ୍ରା ବଢ଼ି ଚାଲିଛି। ଶନିବାର ୩୧ ସହରରେ ପାରଦ ସ୍ୱାଭାବିକଠାରୁ ଉପରେ ରହିବା ସହ ୪୦ ଡିଗ୍ରୀ ମୁହାଁ ହୋଇଛି। ୩୯.୪ ଡିଗ୍ରୀ ସେଲସିୟସ୍ ସହ ବାରିପଦା ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଥିବାବେଳେ ୯ ସହରରେ ତାପମାତ୍ରା ୩୮ ଡିଗ୍ରୀ ସେଲସିୟସ୍ ଓ ଏହାଠାରୁ ଅଧିକ ରହିଛି। ଅନୁଗୋଳରେ ୩୮.୭, ଝାରସୁଗୁଡ଼ା ୩୮.୬, ଭବାନୀପାଟଣା ଓ ଟିଟିଲାଗଡ଼ରେ ୩୮.୫, ଚାନ୍ଦବାଲି ଓ ତାଳଚେରରେ ୩୮.୨ ଡିଗ୍ରୀ, ସୁନ୍ଦରଗଡ଼ ଓ ବୌଦ୍ଧରେ ପାରଦ ୩୮ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି। ତେବେ ୧୧ ତାରିଖରୁ ରାଜ୍ୟରେ ବର୍ଷା କମିବ ଓ ପ୍ରବଳରୁ ଅତିପ୍ରବଳ ଗରମ ହେବା ନେଇ ଆଞ୍ଚଳିକ ପାଣିପାଗ ବିଶେଷଜ୍ଞ ଉମାଶଙ୍କର ଦାସ କହିଛନ୍ତି। ବଙ୍ଗୋପସାଗରରୁ କ୍ରମାଗତ ଭାବେ ଥଣ୍ଡା ଜଳୀୟବାଷ୍ପପୂର୍ଣ୍ଣ ବାୟୁ ସ୍ଥଳଭାଗ ଆଡ଼କୁ ପ୍ରବାହିତ ହେଉଥିବାରୁ ରାଜ୍ୟର ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ଉପରବେଳା କାଳବୈଶାଖୀ ବର୍ଷା ହେଉଛି। ରବିବାର ବାଲେଶ୍ୱର, କେନ୍ଦୁଝର, ମୟୂରଭଞ୍ଜ, ଭଦ୍ରକ, ଯାଜପୁର, ସୁନ୍ଦରଗଡ଼, ସମ୍ବଲପୁର, ଦେବଗଡ଼, ଝାରସୁଗୁଡ଼ା, ଅନୁଗୋଳ, ଢେଙ୍କାନାଳ, ମାଲକାନଗିରି, କୋରାପୁଟ ଓ ରାୟଗଡ଼ା ଆଦି ୧୪ ଜିଲାକୁ ବିଜୁଳି ଘଡ଼ଘଡ଼ି ସହ ବର୍ଷା ନେଇ ୟେଲୋ ୱାର୍ନିଂ ରହିଛି। ସୋମବାର ୯ ଜିଲା କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା, ମାଲକାନଗିରି, ଗଜପତି, ନବରଙ୍ଗପୁର, କେନ୍ଦୁଝର, ମୟୂରଭଞ୍ଜ ଓ କୋରାପୁଟକୁ ବର୍ଷା ୱାର୍ନିଂ ଜାରି ହୋଇଛି। ୧୧ ତାରିଖଠାରୁ ରାଜ୍ୟରେ ବର୍ଷା ପରିମାଣ କମିବା ସହ ପାରଦ ଉପରମୁହାଁ ହେବ। ୧୮ରୁ ୨୦ ତାରିଖ ସୁଦ୍ଧା ଏହା ୪୧ରୁ ୪୪ ଡିଗ୍ରୀ ଯାଏ ବୃଦ୍ଧିପାଇବ ବୋଲି ଭାରତୀୟ ପାଣିପାଗ ସଂସ୍ଥାନ (ଆଇଏମଡି)ର ଏକାଧିକ ପାଣିପାଗ ମଡେଲ ପୂର୍ବାନୁମାନ କରିଛି।

**ପ୍ରଥମ ପୃଷ୍ଠାରୁ...**

## ସିମ୍ କେୱାଇସି ଯାଞ୍ଚ ...

ହ୍ରାସ କରାଯିବ। ସିମ୍ କାର୍ଡ ଇସ୍ୟୁ ପାଇଁ ଡିଜିଟାଲି ଯାଞ୍ଚ ହୋଇଥିବା ଦସ୍ତାବିଜ୍‌କୁ ବ୍ୟବହାର କରାଯିବ। ସିମ୍ କାର୍ଡର ଦୁରୁପଯୋଗ କରୁଥିଲେ କିମ୍ବା ଉକ୍ତ କାର୍ଡ ପାଇବା ପାଇଁ ଜାଲ୍ ଦସ୍ତାବିଜ ଦେଇଥିଲେ, ଜରିମାନା ସାଙ୍ଗକୁ ଜେଲଦଣ୍ଡ ବ୍ୟବସ୍ଥା ରହିବ। ଭାରତର ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ), ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟ ଏବଂ ଅନ୍ୟାନ୍ୟ ସରକାରୀ ପ୍ରତିନିଧିଙ୍କ ସହ ବିଚାରବିମର୍ଶ କରି ଟେଲିକମ୍ ବିଭାଗର ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଏବଂ ଡିଜିଟାଲ ଇଣ୍ଟେଲିଜେନ୍ସ ୟୁନିଟ୍ ୬ ମାସ ମଧ୍ୟରେ ନୂଆ କେୱାଇସି ନିୟମାବଳୀ ଉପରେ ବିଜ୍ଞପ୍ତି ପ୍ରକାଶ କରିବ। କେୱାଇସି ନିୟମାବଳୀରେ ପରିବର୍ତ୍ତନ ସହ ଦୁଇ ମାସ ମଧ୍ୟରେ ଟେଲିକମ୍ ଆନାଲିଟିକ୍ସ ଫର୍ ଫ୍ରଡ୍ ମ୍ୟାନେଜମେଣ୍ଟ ଆଣ୍ଡ କଞ୍ଜୁମର ପ୍ରୋଟେକ୍ସନ (ଟିଏଏଫ୍-ସିଓପି) ପୋର୍ଟାଲ ବିଭାଗ ପକ୍ଷରୁ ସାରା ଦେଶରେ ଲଞ୍ଚ୍ କରାଯିବ। ଏବେ ଏହି ପୋର୍ଟାଲ ଆନ୍ଧ୍ରପ୍ରଦେଶ, କେରଳ, ରାଜସ୍ଥାନ, ତେଲଙ୍ଗାନା, ଜମ୍ମୁ-କଶ୍ମୀର ଆଦି ରାଜ୍ୟରେ ସକ୍ରିୟ ରହିଛି। ଜଣେ ଗ୍ରାହକଙ୍କ ନାମରେ କୋଡୋଟି ମୋବାଇଲ ସଂଯୋଗ କାର୍ଯ୍ୟ କରୁଛି, ତାହା ଏହି ପୋର୍ଟାଲ ଜଣାଇଦେବ। ଗ୍ରାହକଙ୍କ ଜ୍ଞାତସାର ବିନା ଯଦି ତାଙ୍କ ନାମରେ ଅତିରିକ୍ତ ମୋବାଇଲ ସଂଯୋଗ ଥାଏ, ତେବେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିପରି ସେଣ୍ଟ୍ରାଲ ଇକ୍ୱିପ୍‌ମେଣ୍ଟ ଆଇଡେଣ୍ଟିଟି ରେଜିଷ୍ଟର (ସିଇଆଇଆର୍) ପୋର୍ଟାଲ ଟେଲିକମ୍ ଅପରେଟରମାନଙ୍କ ପାଇଁ ଏକ କେନ୍ଦ୍ରୀୟ ସିଷ୍ଟମ ଭାବେ କାର୍ଯ୍ୟ କରିବ। ଏହା କଳାତାଲିକାଭୁକ୍ତ ମୋବାଇଲ ଡିଭାଇସ୍‌ଗୁଡ଼ିକୁ ସେମାନଙ୍କ ମଧ୍ୟରେ ଶେୟାର କରିବ। ଯାହା ଫଳରେ ଗୋଟିଏ ନେଟ୍‌ୱର୍କରେ ବ୍ଲାକ୍‌ଲିଷ୍ଟ ହୋଇଥିବା ମୋବାଇଲ ଫୋନ୍ ଅନ୍ୟ ନେଟ୍‌ୱର୍କରେ କାର୍ଯ୍ୟ କରିବ ନାହିଁ, ଏପରିକି ସିମ୍ କାର୍ଡ ବଦଳାଇଲେ ମଧ୍ୟ ହେବ ନାହିଁ। ଉକ୍ତ ପୋର୍ଟାଲ ବ୍ୟବହାର କରି ୟୁଜରମାନେ ସେମାନଙ୍କ ଡିଭାଇସ୍‌ର ପ୍ରାମାଣିକତା ଯାଞ୍ଚ କରିପାରିବେ ଏବଂ ଏହା ଚୋରି ମୋବାଇଲ ସେଟ୍ ହୋଇଥିଲେ ରିପୋର୍ଟ କରିପାରିବେ। ୨୦୧୯ରେ ଲଞ୍ଚ ହୋଇଥିବା ସିଇଆଇଆର୍ ପୋର୍ଟାଲ ଗତ ମାସରେ ସାରା ଦେଶର ସମସ୍ତ ଉପଭୋକ୍ତାଙ୍କ ପାଇଁ ଉପଲବ୍ଧ ହୋଇଛି। ଜାଲ୍ ସିମ୍ କାର୍ଡ ଚିହ୍ନଟ କରି ସେଗୁଡ଼ିକୁ ବ୍ଲକ୍ କରିବା ଲାଗି ସରକାର ସାରା ଦେଶରେ ସିମ୍‌କାର୍ଡ ଗ୍ରାହକଙ୍କ ମୁହଁକୁ ଚିହ୍ନି ପାରୁଥିବା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ କ୍ଷମତାଯୁକ୍ତ ବ୍ୟବସ୍ଥା (ଏଏସ୍‌ଟିଆର୍) କାର୍ଯ୍ୟକାରୀ କରୁଛନ୍ତି। ହରିୟାଣାର ମେୱାତ୍‌ରେ ଏହାକୁ ପାଇଲଟ୍ ପ୍ରୋଗ୍ରାମ ଭାବେ ଆରମ୍ଭ କରାଯାଇଥିଲା।

ଜାଲ୍ ଦସ୍ତାବିଜ୍ ଆଧାରରେ ତୃତୀୟ ପକ୍ଷ ନାମରେ ଅନେକ ସିମ୍ କାର୍ଡ ଇସ୍ୟୁ କରାଯାଉଛି। ଏହି ସିମ୍ କାର୍ଡଗୁଡ଼ିକ ସାଇବର କ୍ରାଇମ୍‌ରେ ବ୍ୟବହୃତ ହେଉଛି, ଯାହାକୁ ଚିହ୍ନଟ କରିବା କଷ୍ଟକର। ତେବେ ଜଣେ ଉପଭୋକ୍ତାଙ୍କ ସମାନ ଫଟୋକୁ ବିଭିନ୍ନ ନାମରେ ବ୍ୟବହାର କରାଯାଇଥିଲେ, ଏଏସ୍‌ଟିଆର୍ ବ୍ୟବହାର କରି ତାହାକୁ ଧରିହେବ। ଏହା ସମ୍ପୃକ୍ତ ବ୍ୟକ୍ତିଙ୍କ ଠିକଣା ଓ ଅନ୍ୟାନ୍ୟ କେୱାଇସି ବିବରଣୀର ମଧ୍ୟ ଯାଞ୍ଚ କରିବ। ୨୦୨୧ ସେପ୍ଟେମ୍ବରରେ ଟେଲିକମ୍‌ରେ ସଂସ୍କାର ଅଣାଯାଇ ସିମ୍‌କାର୍ଡ ଇସ୍ୟୁ ପାଇଁ ଆଧାରଭିତ୍ତିକ ଇ-କେୱାଇସି ପ୍ରକ୍ରିୟାର ବ୍ୟବସ୍ଥା ଆରମ୍ଭ ହୋଇଥିଲା। ଆଗକୁ କେୱାଇସି ନିୟମାବଳୀରେ ପରିବର୍ତ୍ତନ ତାହାର ପରିବର୍ଦ୍ଧିତ ରୂପ। ବର୍ତ୍ତମାନ ୯୭ ପ୍ରତିଶତ ସିମ୍ କାର୍ଡ ଡିଜିଟାଲି ଯାଞ୍ଚ ହୋଇଥିବା ଦସ୍ତାବିଜ୍‌ରେ ଦିଆଯାଉଛି। ସାଇବର ଜାଲିଆତି ବନ୍ଦ କରିବାକୁ ହେଲେ ଏହି ଟାର୍ଗେଟକୁ ୧୦୦ ପ୍ରତିଶତ କରିବାକୁ ହେବ ବୋଲି ଜଣେ ଅଧିକାରୀ କହିଛନ୍ତି।

## ଫେକ୍ ସିମ୍ ରୋକିବ...

ନେଇଯାଇଥାନ୍ତି। ପରେ ଉକ୍ତ ଲୋକଙ୍କୁ ଗୋଟିଏ ସିମ୍ ଦେଇ ଅନ୍ୟଗୁଡ଼ିକୁ ଚୋରାରେ ବିକ୍ରି କରିଦେଇଥାନ୍ତି। ସେହି ସିମ୍‌କୁ ନେଇ ସାଇବର ଠକମାନେ ସେମାନଙ୍କ ଲୁଟ୍‌ରେ ବ୍ୟବହାର କରିଥାନ୍ତି। ତେଣୁ ଏଥର ଯେଉଁ ଇ-କେୱାଇସି ନିୟମ ହେବାକୁ ଯାଉଛି ତାହା ସାଇବର ଫ୍ରଡ୍ ବା ଠକେଇ ରୋକିବାରେ ସହାୟକ ହୋଇପାରିବ। କାରଣ ଏବେ ଗୋଟିଏ ଲୋକ ଅତିବେଶିରେ ୫ଟି ସିମ୍ ନେଇପାରିବେ। ଯେତେଗୁଡ଼ିଏ ସିମ୍ ଅଛି ବା ନୂଆ ନେବେ ତାହାର ସବୁ ଡିଜିଟାଲ କେୱାଇସି କରାଯିବ। ଯେତେବେଳେ ଜଣେ ଲୋକ ସିମ୍ କିଣିବାକୁ ଯିବେ ତାଙ୍କର ଫଟୋ ଉଠାଯିବ, ଯାହାକି ସେଣ୍ଟ୍ରାଲାଇଜ ଅନୁସାରେ ଡାଟା ବେସ୍ ରହିବ। ତେଣୁ ସେହି ଲୋକ ଯଦି ୫ଟି ପରେ ଆଉ କୌଣସି ଜାଗାରେ ନାମ ବଦଳାଇ ସିମ୍ ବାହାର କରେ ତାହା ଜଣାପଡ଼ିଯିବ। ତେଣୁ ସିମ୍‌କୁ ଆୟତ୍ତ କରାଯାଇପାରିଲେ ସାଇବର ଫ୍ରଡ୍ କମିଯିବାର ସମ୍ଭାବନା ରହିଛି। ଏହାସହ ଲୋକମାନେ ମଧ୍ୟ ସଚେତନ ରହିବା ଆବଶ୍ୟକ ବୋଲି ସାଇବର ବିଶେଷଜ୍ଞ ପ୍ରଶାନ୍ତ ସାହୁ କହିଛନ୍ତି।

## ଉତ୍ତରପୂର୍ବାଞ୍ଚଳରେ ଭାଜପା...

ବିଧାନସଭା ଆସନ ମଧ୍ୟରୁ ଭାଜପାକୁ ୩୭.୭ ପ୍ରତିଶତ ମିଳିଛି। ଉକ୍ତ ଅଞ୍ଚଳରେ ମୋଟ ୩୭୧ ଆସନ ମଧ୍ୟରୁ ଭାଜପା ୧୪୦ଟି ଆସନ ଅକ୍ତିଆର କରିପାରିଛି। ୧୦ ବର୍ଷ ପୂର୍ବରୁ ଉତ୍ତରପୂର୍ବାଞ୍ଚଳରେ ଗୈରିକ ଦଳର ସ୍ଥିତି ନଗଣ୍ୟ ଥିଲା। ସଦ୍ୟ ଅନୁଷ୍ଠିତ ନିର୍ବାଚନରେ ଭାଜପା ତ୍ରିପୁରାରେ ୪ ଆସନ ହରାଇଥିବାବେଳେ ନାଗାଲାଣ୍ଡ ଓ ମେଘାଳୟରେ ପୂର୍ବ ସ୍ଥିତି ବଜାୟ ରଖିଛି। ତେବେ ତ୍ରିପୁରା ଓ ମେଘାଳୟରେ ଦଳର ଭୋଟ ଭାଗ କମିଥିବାରୁ ଏହା ଭାଜପା ନେତୃବୃନ୍ଦଙ୍କ ପାଇଁ ଚିନ୍ତାଜନକ। ୨୦୧୮ ନିର୍ବାଚନରେ ଭାଜପା ତ୍ରିପୁରାରେ ୩୬ ଆସନ ପାଇଥିବାବେଳେ ଏଥର ୩୨ଟିରେ ସନ୍ତୁଷ୍ଟ ହୋଇଛି। ସେହିପରି ସେଠାରେ ଭାଜପାର ଭୋଟ ହାର ପାଖାପାଖି ୫% କମିଛି। ମେଘାଳୟରେ ଏଥର ଭାଜପା ସମସ୍ତ ୬୦ ଆସନରେ ଲଢ଼ି ମାତ୍ର ୨ ଆସନରେ ଜିତିଛି। ଏହାର ଭୋଟ ଭାଗ ମଧ୍ୟ ପୂର୍ବାପେକ୍ଷା ହ୍ରାସ ପାଇଛି। ଏହି ରାଜ୍ୟରେ ଝୁଲା ବିଧାନସଭା ସ୍ଥିତି ସୃଷ୍ଟି ହୋଇଥିବାରୁ କ୍ଷମତାରେ ରହିବା ପାଇଁ ଭାଜପାକୁ ୨୬ ଆସନ ଦଖଲ କରିଥିବା ମୁଖ୍ୟମନ୍ତ୍ରୀ କନରାଡ୍ ସାଙ୍ଗମାଙ୍କ ନେତୃତ୍ୱାଧୀନ ନ୍ୟାଶନାଲ ପିପୁଲ୍ସ ପାର୍ଟି (ଏନ୍‌ପିପି)କୁ ସମର୍ଥନ ଦେବାକୁ ପଡ଼ିଛି। ଉଲ୍ଲେଖଯୋଗ୍ୟ, ମେଘାଳୟ ବିଧାନସଭା ନିର୍ବାଚନ ପୂର୍ବରୁ ଭାଜପା ଏନ୍‌ପିପିକୁ ଛାଡ଼ି ଏକାକି ଲଢ଼ିବା ପାଇଁ ନିଷ୍ପତ୍ତି ନେଇଥିଲା। ତେବେ ଖ୍ରୀଷ୍ଟିଆନ ବହୁଳ ରାଜ୍ୟ ନାଗାଲାଣ୍ଡରେ ଭାଜପାର ଭୋଟ ହାର ୩ ପ୍ରତିଶତ ବୃଦ୍ଧି ପାଇଛି। ନାଗାଲାଣ୍ଡରେ ଭାଜପା ୧୨ ଆସନ ଜିତିଥିବାବେଳେ ୨୫ ଆସନ ଦଖଲ କରିଥିବା ନ୍ୟାଶନାଲିଷ୍ଟ ଡେମୋକ୍ରାଟିକ୍ ପ୍ରୋଗ୍ରେସିଭ୍ ପାର୍ଟି (ଏନ୍‌ଡିପିପି) ସହ ମେଣ୍ଟ ସରକାର ଗଢ଼ିଛି। ଉଭୟ ମେଘାଳୟ ଓ ନାଗାଲାଣ୍ଡରେ ଦୁଇ ଆଞ୍ଚଳିକ ଦଳ ଏନ୍‌ପିପି ଏବଂ ଏନ୍‌ଡିପିପି ୨୦୧୮ ନିର୍ବାଚନ ତୁଳନାରେ ଏଥର ଅଧିକ ଆସନ ଦଖଲ କରିଛନ୍ତି। ପୂର୍ବରୁ ଏନ୍‌ଡିପିପିର ୧୮ ବିଧାୟକ ଥିବାବେଳେ ଏଥର ଏହି ସଂଖ୍ୟା ଆଉ ୭ ବଢ଼ିଛି। ଏନ୍‌ପିପି ମଧ୍ୟ ପୂର୍ବଠାରୁ ୬ ଅଧିକ ଆସନ ଦଖଲ କରିଛି। ଏହି ୩ ରାଜ୍ୟକୁ ବାଦ୍‌ଦେଲେ ଭାଜପା ଆସାମ, ଅରୁଣାଚଳପ୍ରଦେଶ, ସିକିମ ଓ ମଣିପୁରରେ ମଧ୍ୟ କ୍ଷମତାରେ ରହିଛି। ଉତ୍ତରପୂର୍ବାଞ୍ଚଳରେ ଭାଜପାର ବିକାଶମୂଳକ କାର୍ଯ୍ୟ ଓ ନୂଆ ପ୍ରକଳ୍ପ ଆରମ୍ଭକୁ ନେଇ ରଣନୀତି ପ୍ରସ୍ତୁତି ଦଳକୁ ଫାଇଦା ଦେଇଛି। ଅନ୍ୟପକ୍ଷରେ ମିଜୋରାମରେ ଏହି ଦଳର ସ୍ଥିତି ଆଖିଦୃଶିଆ ନୁହେଁ। ଏହି ରାଜ୍ୟର ବିଧାନସଭାରେ ଭାଜପାର ଜଣେ ମାତ୍ର ବିଧାୟକ ଅଛନ୍ତି। ମେଘାଳୟରେ ମଧ୍ୟ ଦଳ ନିଜର ସ୍ଥିତି ବଢ଼ାଇପାରି ନାହିଁ। ହିନ୍ଦୁତ୍ୱ ଭାବମୂର୍ତ୍ତି ସତ୍ତ୍ୱେ ଭାଜପା ଉତ୍ତରପୂର୍ବାଞ୍ଚଳରେ ଗୋମାଂସ ବିରୋଧୀ ଅଭିଯାନ ଓ ଧର୍ମାନ୍ତରୀକରଣ ବିରୋଧୀ ଅଭିଯାନରୁ ନିଜକୁ ଦୂରେଇ ରଖିଛି। ତଥାପି ମେଘାଳୟ ଭଳି ଖ୍ରୀଷ୍ଟିଆନ୍ ବହୁଳ ରାଜ୍ୟରେ ଭାଜପା ଉପରେ ଲୋକଙ୍କ ଆସ୍ଥା ନାହିଁ।

## ତରଳିଲାଣି ୫୭୦ ନିୟୁତ ...

ଅଫ୍ ସାଇନ୍ସ, ଅଷ୍ଟ୍ରେଲିଆର ଗ୍ରାଜ୍ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଏବଂ ଗର୍ନେଜ ମେଲୋନ ୟୁନିଭର୍ସିଟି ପକ୍ଷରୁ ହିମବାହ କ୍ଷୟ ବିଷୟରେ ଅଧ୍ୟୟନ କରାଯାଇଛି। ହିମବାହ ତରଳିବା କାରଣରୁ ହିମାଳୟ ପର୍ବତରେ ବହୁ ପରିବର୍ତ୍ତନ ପରିଲକ୍ଷିତ ହେଉଥିବା ବିଶେଷଜ୍ଞମାନେ କହିଛନ୍ତି। ପ୍ରଥମ ଥର ପାଇଁ ହିମାଳୟରୁ କ୍ଷୟ ହୋଇଥିବା ହିମବାହର ପରିମାଣ ଆକଳନ ବିଶେଷଜ୍ଞମାନଙ୍କ ଦ୍ୱାରା ସମ୍ଭବ ହୋଇଛି। ଅଧ୍ୟୟନ ସମ୍ପର୍କିତ ରିପୋର୍ଟର ବିସ୍ତୃତ ବିବରଣୀ ଜର୍ନାଲ୍ 'ନେଚର ଜିଓସାଇନ୍ସ'ରେ ପ୍ରକାଶ ପାଇଛି। ହିମାଳୟର ଅନ୍ୟ ପାର୍ଶ୍ୱ ଅପେକ୍ଷା କେନ୍ଦ୍ରୀୟ ଅଞ୍ଚଳରେ ଅଧିକ ମାତ୍ରାରେ ହିମବାହ ତରଳୁଥିବା ବିଶେଷଜ୍ଞମାନେ ଲକ୍ଷ୍ୟ କରିଛନ୍ତି। ଗ୍ଲାସିଓ-ହାଇଡ୍ରୋଲୋଜିକାଲ ମଡେଲ ଜରିଆରେ ସାଟେଲାଇଟ୍‌ରୁ ସଂଗୃହୀତ ଡେଟା ଦ୍ୱାରା ହିମବାହ କ୍ଷୟ ସମ୍ପର୍କରେ ତଥ୍ୟ ହାସଲ କରାଯାଇଛି। ଅନ୍ୟପକ୍ଷେ ପୂର୍ବ ଅଧ୍ୟୟନଗୁଡ଼ିକର ବିଶେଷଜ୍ଞମାନେ ଏ ବିଷୟରେ ଅବଗତ ନ ଥିବା ରିପୋର୍ଟରେ କୁହାଯାଇଛି। ୨୦୦୦ରୁ ୨୦୨୦ ମଧ୍ୟରେ ହିମାଳୟରେ ପ୍ରୋଗ୍ଲାସିଆଲ୍ ଲେକ୍ ସଂଖ୍ୟା ବଢ଼ିଛି। ଗ୍ଲାସିଆଲ୍ ଲେକ୍ ସଂଖ୍ୟାରେ ୪୭% ବୃଦ୍ଧି ଘଟିଥିବାବେଳେ ଅଞ୍ଚଳରେ ୩୩% ଏବଂ ଆୟତନରେ ୪୨% ବୃଦ୍ଧି ଘଟିଛି। ଗ୍ଲାସିଆଲ୍ ଲେକ୍‌ର ପରିମାଣ ବଢ଼ିଲେ ସମୁଦ୍ର ପତ୍ତନ ବୃଦ୍ଧି ପାଇ ତଳିଆ ଅଞ୍ଚଳ ଏବଂ ଉପକୂଳ ସହରଗୁଡ଼ିକୁ ବିପଦ ମାଡ଼ିବା ନେଇ ବିଶେଷଜ୍ଞମାନେ ସତର୍କ କରାଇଛନ୍ତି।

## ବଜ୍ରପାତ ନେଲା ...

ଶନିବାର ପୂର୍ତ୍ତ ବିଭାଗ ରାସ୍ତାକାମ ଚାଲିଥିବାବେଳେ ବଜ୍ରପାତ ହେବାରୁ ସେଠାରେ ଉପସ୍ଥିତ ଜଣେ ସୁପରଭାଇଜରଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ନୀଳଗିରି ଥାନା ମିତ୍ରପୁର ପାଟଣା ଗ୍ରାମର ବୈଦ୍ୟନାଥ ରାଉତ (୨୫)। ସେ ଖନ୍ତାପଡା ଅଞ୍ଚଳର ଠିକାଦାର ଗଣେଶ ପ୍ରଧାନଙ୍କ ପାଖରେ ସୁପରଭାଇଜର ଭାବେ କାମ କରୁଥିଲେ। ଶ୍ରମିକ ଓ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ବୈଦ୍ୟନାଥଙ୍କ ଆସନ୍ତା ୧୭ ତାରିଖରେ ବିବାହ ହୋଇଥାନ୍ତା ବୋଲି ଶ୍ରମିକମାନେ କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଯାତ୍ରା ସମୟରେ ଜଣେ ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିବେ। ସରକାରୀ ସ୍ତରରୁ ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ବିବାଦ ବୃଦ୍ଧିର ସମ୍ଭାବନା ରହିଛି। ଭୁଲ୍ ବୁଝାମଣା ଯୋଗୁ କୌଣସି ଅପରିଚିତଙ୍କ ସହ କଳହ ଲାଗିପାରେ।

**ବୃଷ** ପାରିବାରିକ କ୍ଷେତ୍ରରେ କେତେକ ବ୍ୟତିକ୍ରମ ଲାଗି ରହିଥିଲେ ମଧ୍ୟ ମନକଥା ମନରେ ମାରି ଚଳିବାକୁ ବାଧ୍ୟ ହେବେ। ବନ୍ଧୁଙ୍କ ସହାନୁଭୂତି ଲାଭ କରିବା ଫଳରେ ବିବାଦୀୟ ଘଟଣା ଓ ଆର୍ଥିକ ସମସ୍ୟାର ସମାଧାନ ଘଟିବ। ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ପରିସ୍ଥିତି ଜଟିଳ ହେବ ନାହିଁ। ପରିଜନଙ୍କ ସହିତ ସୁଖଭ୍ରମଣ ଯୋଗ ରହିଛି।

**ମିଥୁନ** ଆଜି ନୂତନ କାର୍ଯ୍ୟାରମ୍ଭ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବ। କିନ୍ତୁ ଯାହାକଲେ ମଧ୍ୟ ବିନା ଖର୍ଚ୍ଚରେ କାମ ହାସଲ ହୋଇ ପାରିବ ନାହିଁ। ସ୍ୱାସ୍ଥ୍ୟ ସମସ୍ୟା ଅପରିବର୍ତ୍ତିତ ରହିବା ଅବହେଳାର କାରଣ ହୋଇପାରେ। ଆକସ୍ମିକ ଭାବରେ ମିତ୍ର ବନ୍ଧୁଙ୍କ ସହ ମନାନ୍ତର ଘଟିବାର ସମ୍ଭାବନା ରହିଛି।

**କର୍କଟ** ଦୀର୍ଘ ଦିନର ସ୍ଥଗିତ କାମକୁ ଆରମ୍ଭ କରିବା ସକାଶେ ଅନୁକୂଳ ବାତାବରଣ ସୃଷ୍ଟି ହେବ। ସହକର୍ମୀମାନେ ପ୍ରତ୍ୟେକ କ୍ଷେତ୍ରରେ ସହଯୋଗର ହାତ ବଢ଼ାଇବେ। ଆଜି ପ୍ରତ୍ୟେକ କ୍ଷେତ୍ରରେ ଅଜଣା ଅଶୁଣା ବ୍ୟକ୍ତିଙ୍କଠାରୁ ଦୂରେଇ ରହିବା ଭଲ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ।

**ସିଂହ** କୌଣସି କ୍ଷେତ୍ରକୁ ନ ଡାକିଲେ ଯାଆନ୍ତୁ ନାହିଁ ଏବଂ ନ ପଚାରିଲେ କିଛି କହିବା ଠିକ୍ ହେବନାହିଁ। ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। କାର୍ଯ୍ୟବ୍ୟସ୍ତ ଯୋଗୁ ବନ୍ଧୁଙ୍କ ସହ ଆଲୋଚନା କରିବାର ଅବସର ପାଇବେ ନାହିଁ। ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବା କାରଣରୁ ସାମୟିକ ଭାବରେ ଆଶ୍ୱସ୍ତି ଲାଭ କରିବେ।

**କନ୍ୟା** ଅନ୍ୟମାନଙ୍କ ପାଇଁ ତ୍ୟାଗ ସ୍ୱୀକାର କଲେ ମଧ୍ୟ ସେମାନେ ତାହାକୁ ସହଜରେ ଗ୍ରହଣ କରିପାରିବେ ନାହିଁ। ଅସାବଧାନତା କାରଣରୁ ଆଘାତ ପ୍ରାପ୍ତି କିମ୍ବା ଧନହାନିର ସମ୍ଭାବନା ରହିଛି। ଚିନ୍ତା କରିଥିବା କାମଗୁଡ଼ିକ ଆଜି ଓଲଟା ହେବାରୁ ଚିନ୍ତା ପ୍ରକଟ କରିବେ। କଳା, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରେ ବେଶ୍ ଆଦୃତ ହେବେ।

**ତୁଳା** ସମସ୍ୟା ମଧ୍ୟରେ ଆଜିହିଁ ଶେଷ କରିବାକୁ ଭାବୁଥିବା କାମଟିକୁ ଖର୍ଚ୍ଚାନ୍ତ ହେଲେ ମଧ୍ୟ ଶେଷ କରିପାରିବେନି। ପ୍ରତିଟି କ୍ଷେତ୍ରରେ ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡ଼ିପାରନ୍ତି। କୌଣସି କାର୍ଯ୍ୟ ସମ୍ପନ୍ନ କରିବା କ୍ଷେତ୍ରରେ ବନ୍ଧୁମାନେ ଅସହଯୋଗ କରିପାରନ୍ତି। ପାରିବାରିକ ସମସ୍ୟା ମାନସିକ ସ୍ଥିତିକୁ କଳୁଷିତ କରିପାରେ।

**ବିଛା** ଅତୀତର ଘଟଣା ମାନସିକ ସ୍ଥିତିକୁ ଚିନ୍ତିତ କରାଇପାରେ। କାଳେ ସାହାଯ୍ୟ କରିବାକୁ ପଡ଼ିପାରେ ଏହି ଚିନ୍ତାରେ ନିକଟ ସମ୍ପର୍କୀୟମାନେ ମଧ୍ୟ ଆଜି ପାଖ ମାଡ଼ିବେ ନାହିଁ। ଆପଣଙ୍କ ଉଚ୍ଚସ୍ତରରେ ସମ୍ପର୍କ ବୃଦ୍ଧି ପାଇବ, ଯାହାକି କାମକୁ ଆସିବ। ଜମିଜମା କାରଣକୁ ନେଇ କୌଣସି ସମ୍ପର୍କୀୟଙ୍କ ସହ ଯୁକ୍ତିତର୍କ ଲାଗିପାରେ।

**ଧନୁ** ଗୋଟିଏ ସ୍ଥାନରେ ଦୀର୍ଘ ସମୟ ରହିବା ଆପଣଙ୍କ ପାଇଁ ସମସ୍ୟାର କାରଣ ହୋଇପାରେ। ନୂତନ ଯୋଜନାଟିକୁ କାର୍ଯ୍ୟକାରୀ କରିବା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ନିର୍ମାଣ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଚାପର ସମ୍ମୁଖୀନ ହୋଇପାରନ୍ତି। ଆଜିର ପ୍ରାତଃଭ୍ରମଣ ସୁଖ ବେଶ୍ ଉପଭୋଗ୍ୟ ହୋଇପାରେ।

**ମକର** ଆଜି ଆପଣ ଯେଉଁ କାମରେ ହାତ ଦେବେ, ସେଥିରେ ନିଶ୍ଚିତ ସଫଳତା ପାଇବେ। ମନ ବୁଝିଲାଭଳି କଥା କହି ପଡ଼ୋଶୀମାନେ ନିଜର କାର୍ଯ୍ୟ ହାସଲ କରିନେବେ। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ହଠାତ୍ ସମସ୍ୟା ସୃଷ୍ଟି ହେବା କାରଣରୁ ପୂର୍ଣ୍ଣାଙ୍ଗ ହେବାକୁ ଥିବା କାମଟି ଅସମ୍ପୂର୍ଣ୍ଣ ରହିଯିବ। ଯାତ୍ରାରେ ଯାନ୍ତ୍ରିକ ତ୍ରୁଟି ସମସ୍ୟାକୁ ଦ୍ୱିଗୁଣିତ କରିପାରେ।

**କୁମ୍ଭ** କର୍ମକ୍ଷେତ୍ରରେ ଅସଫଳ ହେବାକୁ ନେଇ ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ସାମାନ୍ୟ କେତେକ ବ୍ୟତିକ୍ରମକୁ ବାଦ୍ ଦେଲେ ଦିନଟି ପ୍ରାୟତଃ ଭଲରେ ଅତିବାହିତ ହେବ। ଆଜି ସଭାସମିତି, ଆଧ୍ୟାତ୍ମିକତା, ରାଜନୀତି, ପ୍ରଶାସନ ପାଇଁ ଭଲ।

**ମୀନ** ଆଜି ଯାହା କରିବେ କିମ୍ବା କହିବେ, ପ୍ରତ୍ୟେକ ଦିଗରୁ ତାହା ଅନୁକୂଳ ସୁଫଳ ପ୍ରଦାନ କରିବ। କିନ୍ତୁ କର୍ମକ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବାକୁ ପଡ଼ିପାରେ। ଆନୁଷ୍ଠାନିକ କାମରେ ଗୁରୁ ଦାୟିତ୍ୱ ବହନ କରି ପ୍ରସ୍ତୁତିପଥେ କର୍ମମୁଖର ରହିପାରନ୍ତି। ଶୁଣା କଥାକୁ ବିଶ୍ୱାସ ନ କରି କାର୍ଯ୍ୟ କଲେ ଉପକୃତ ହେବେ।

ଆଜି ବୈଶାଖ କୃଷ୍ଣ ତୃତୀୟା ଯୁକ୍ତ ଚତୁର୍ଥୀ ରବିବାର, ଏପ୍ରିଲ ୯ ତାରିଖ, ଇଷ୍ଟର ରବିବାର, ରାଶି ନକ୍ଷତ୍ର-ବିଶାଖା/ତୁଳା, ଦିବା ଘ.୦୧।୫୯ ଗତେ, ଅନୁରାଧା ନକ୍ଷତ୍ର, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୩୭ ଗତେ ଘ. ୦୯।୪୪ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୨୬ ଗତେ ଘ.୦୫।୫୯ ମଧ୍ୟେ ରାହୁକାଳ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୯ ଏପ୍ରିଲ୍, ୨୦୨୩

**ଜେଲରେ କଏଦୀଙ୍କ ଆତ୍ମହତ୍ୟା**

ବୌଦ୍ଧ,୮।୪(ସ୍ୱ.ପ୍ର.): ବୌଦ୍ଧ ସ୍ୱତନ୍ତ୍ର ଉପକାରାଗାରରେ ଆଜୀବନ ସଜା କାଟୁଥିବା ଜଣେ କଏଦୀ ଶନିବାର ରାତି ପ୍ରାୟ ୧୦ଟାରେ ଆତ୍ମହତ୍ୟା କରିଛନ୍ତି। ବୌଦ୍ଧ ବ୍ଲକ ବାଉଁଶୁଣୀ ଥାନା ଜମଘାଟି ଗ୍ରାମର ରବୀନ୍ଦ୍ର ମେହେର ୨୦୧୬ରେ ଜମିବାଡିକୁ କେନ୍ଦ୍ରକରି ବଡ଼ବାପା ଓ ବଡ଼ମା'ଙ୍କୁ ହତ୍ୟା କରିଥିଲେ। ତାଙ୍କୁ ଆଜୀବନ କାରାଦଣ୍ଡାଦେଶ ହୋଇଥିଲା। ଜେଲ ପରିସରରେ ଥିବା ଏକ ପାଇଖାନା ଭିତରେ ସେ ବେକରେ ଦଉଡି ଲଗାଇ ଆତ୍ମହତ୍ୟା କରିଥିବା ଜଣାଯାଇଛି।



# ଜାଲ୍‌ନୋଟ୍ କାରବାର ଓ ଅପହରଣ ମାମଲା: ୭ ଅଭିଯୁକ୍ତ ଗିରଫ

ବାରିପଦା ଅଫିସ,୮।୪

ମୟୂରଭଞ୍ଜ ଜିଲାର ବିଭିନ୍ନ ଥାନା ଅଞ୍ଚଳରେ ଜାଲ୍ ନୋଟ୍ କାରବାରରେ ଜଡ଼ିତ ଓ ଉକ୍ତ ମାମଲାକୁ ନେଇ ଅପହରଣ ମାମଲାରେ ଶନିବାର ୭ ଜଣ ଗିରଫ ହୋଇଛନ୍ତି। ମହାଦେବ ସିଂଙ୍କ ଅଭିଯୋଗକ୍ରମେ ସଦର ଥାନା ପୋଲିସ (ନଂ. ୭୦/୨୩) ମାମଲା ରୁଜୁକରିବଡ଼ସାହିଥାନା ଅଧୀନ ଯଦୁନାଥପୁର ଅଞ୍ଚଳର ଲୁଟା ବେହେରା(୬୨), ଗଜେନ୍ଦ୍ର ବେହେରା(୨୩), ମଧୁପୁର ଗ୍ରାମର ଶୁକୁରାମ ସିଂ(୪୫), କୁଳିଅଣା ଥାନା କୁଚେଇ ଗ୍ରାମର ରଞ୍ଜିତା ବେହେରା(୩୦)ଙ୍କୁ ଗିରଫ କରିଥିବା ବେଳେ ମୁଖ୍ୟ ଅଭିଯୁକ୍ତ ସଞ୍ଜୟ ବେହେରା(୩୩) ଫେରାର ଅଛନ୍ତି। ଜାଲ୍‌ନୋଟ୍ କାରବାରକୁ ନେଇ ଅପହରଣ ମାମଲାରେ ଲୁଟା ବେହେରାଙ୍କ ଅଭିଯୋଗ କ୍ରମେ ପୋଲିସ (ନଂ.୭୧/୨୩)ମାମଲା ରୁଜୁ କରି ଶାମାଖୁଣ୍ଟା ବ୍ଲକ୍ ଅଞ୍ଚଳ ଶାଳବଣୀ ଗ୍ରାମର ମହାଦେବ ସିଂ(୬୨), ଶ୍ୟାମ ବିନ୍ଧାଣି(୩୨) ଓ ସାନଶୋଳ ଗ୍ରାମର ଠାକୁରା ସିଂ(୩୦)ଙ୍କୁ ଗିରଫ କରିଛି। ଉଭୟ ମାମଲାରେ ବ୍ୟବହୃତ ଗୋଟେ ସ୍କର୍ପିଓ, ବୋଲେରୋ, ଏକ ବାଇକ, ତିନୋଟି ମୋବାଇଲ ସମେତ ତିନୋଟି ନକଲି ନୋଟ୍ ବିଡ଼ା ଜବତ କରିଛି। ପୋଲିସ ସୂଚନା ଅନୁଯାୟୀ, ସଞ୍ଜୟ ଓ ରଞ୍ଜିତା ନିଜକୁ କଟକ ଅଞ୍ଚଳର ପରିଚୟ ଦେଇ ଶିମିଳିପାଳ ପାହାଡ଼ ତଳି ଅଞ୍ଚଳର ଲୋକଙ୍କୁ ୨ ଦିନରେ ଟଙ୍କା ତିନିଗୁଣା କରି ଦେବାର ଲୋଭ ଦେଖାଉଥିଲେ। ଯଦୁନାଥପୁରରେ ଅବସର ଗ୍ରହଣ କରିଥିବା ଅଭିଯୋଗକାରୀ ମହାଦେବ ସିଂଙ୍କ ଘରେ ପହଞ୍ଚି ଏକ ଲକ୍ଷ ଟଙ୍କା ନେଇ ୨ ଦିନ ପରେ ୨ଲକ୍ଷ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ସେମାନଙ୍କ ମୋବାଇଲ ନମ୍ବରରେ ଯୋଗାଯୋଗ କରିବାରୁ ଆଉ ୨ଲକ୍ଷ ଟଙ୍କା ଯୋଗାଡ଼ କରିବାକୁ କହିଥିଲେ। ୨ଲକ୍ଷ ଦେଲେ ୧୦ଲକ୍ଷ ଟଙ୍କା ନେଇ ଘରକୁ ଯିବୁ ବୋଲି କହିବାରୁ ଟଙ୍କା ଦେବାକୁ ମହାଦେବ ରାଜି ହୋଇଥିଲେ। ଗତ ୧ତାରିଖରେ ଠକ ସଂସ୍ଥାର କେତେଜଣ ଲୋକ ସ୍କର୍ପିଓରେ ଆସି ୨ଲକ୍ଷ ଟଙ୍କା ନେଇ କାଗଜ ପେଟି ଦେଇ ୧୦ ଲକ୍ଷ ସିଲ୍ ଥିବା କହି ଫେରାର ହୋଇଯାଇଥିଲେ। ପେଟି ଖୋଲିବାରୁ ବିସ୍କୁଟ ପ୍ୟାକେଟ ଓ ୩ ବିଡାର ଉପର ଓ ତଳ ନୋଟ୍‌ଟି ଅସଲି ରହିଥିବା ବେଳେ ବାକି କାଗଜ ରଖାଯାଇଥିବା ଦେଖିବାକୁ ପାଇଥିଲେ। ଠକାମୀର ଶିକାର ହୋଇଥିବା ଜାଣି ଏକ ବୋଲେରୋରେ କେତେ ଜଣ ଯୁବକଙ୍କୁ ନେଇ ଏଜେଣ୍ଟ ଗଜେନ୍ଦ୍ରଙ୍କୁ ୭ ଏପ୍ରିଲରେ ଅପହରଣ କରିନେଇଥିଲେ। ଗଜେନ୍ଦ୍ରଙ୍କ ବାପା ଲୁଟାଙ୍କୁ ୩ଲକ୍ଷ ଟଙ୍କା ମୁକ୍ତିଜାମିନ ମାଗିଥିଲେ। ଲୁଟା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ କରି ରଙ୍ଗାମାଟିଆ ହାଟ ପାଖ କ୍ଲବ୍ ଘରୁ ଗଜେନ୍ଦ୍ରଙ୍କୁ ଉଦ୍ଧାର କରିଥିଲେ। ସିସିଟିଭି ଫୁଟେଜ ଆଧାରରେ ବାରିପଦା ଟାଉନ ଥାନା ତୁଳସୀଚଉରା ଅଞ୍ଚଳର ବୋଲେରୋକୁ ପୋଲିସ ଠାବ କରିବା ପରେ ରହସ୍ୟ ପଦାକୁ ଆସିଥିଲା।

# ଅନୁଗୋଳ ବଜାରରେ ଭୟାବହ ଅଗ୍ନିକାଣ୍ଡ

- ଶାଢ଼ି ଶୋ'ରୁମ୍‌ରେ ନିଆଁ
- ଜଳିଗଲା ୨୦ ଲକ୍ଷ ଟଙ୍କାର ସମ୍ପତ୍ତି
- ଆୟତ୍ତ ପାଇଁ ୨ ଦମକଳକୁ ଲାଗିଲା ଦେଢ଼ଘଣ୍ଟା

ଅନୁଗୋଳ ଅଫିସ, ୮।୪

ଅନୁଗୋଳ ବଜାର ଭିତରେ ଶନିବାର ଘଟିଛି ଭୟାବହ ଅଗ୍ନିକାଣ୍ଡ। ନିଆଁ ଲାଗି ଜଳିଯାଇଛି ଏକ ଶାଢ଼ି ଶୋ'ରୁମ୍। ଏଥିସହ ଶୋ'ରୁମ୍ ଉପରେ ଥିବା ୨ଟି ଘର ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ଶୋ'ରୁମ୍ ସମ୍ମୁଖରେ ରଖାଯାଇଥିବା ୨ଟି ବାଇକ୍ ପୋଡ଼ି ପାଉଁଶ ହୋଇଯାଇଛି। କ୍ଷୟକ୍ଷତିର ପରିମାଣ ୨୦ ଲକ୍ଷରୁ ଅଧିକ ଟଙ୍କା ହେବ ବୋଲି ପ୍ରାଥମିକ ଭାବେ ଆକଳନ କରାଯାଇଛି। ନିଆଁକୁ ସମ୍ପୂର୍ଣ୍ଣ ଆୟତ୍ତ ପାଇଁ ୨ଟି ଦମକଳକୁ ଦେଢ଼ଘଣ୍ଟା ସମୟ ଲାଗିଥିବା ବେଳେ ଘଟଣାସ୍ଥଳକୁ ଆସିଥିବା ଆଉ ୨ଟି ଦମକଳ ଫେରିଯାଇଥିବା ସୂଚନା ମିଳିଛି।

ସମୟ ସନ୍ଧ୍ୟା ପ୍ରାୟ ୬ଟା ହେବ। ଅନୁଗୋଳ ବଜାର ମଧ୍ୟରେ ଥିବା ଶାଢ଼ି ଶୋ'ରୁମ୍ ମଙ୍ଗଳମରେ ହଠାତ୍ ନିଆଁ ଲାଗିଯାଇଥିଲା। ସେତେବେଳେ ଶୋ'ରୁମ୍‌ରେ ଭିଡ଼ ରହିଥିଲା। ପାଖାପାଖି



ଅନୁଗୋଳ ବଜାରରେ ଥିବା ଶାଢ଼ି ଶୋ'ରୁମ୍ ମଙ୍ଗଳମ୍‌ରେ ନିଆଁ।

୫୦ରୁ ଅଧିକ ଗ୍ରାହକ ଭିତରେ ଥିଲେ। ହେଲେ ନିଆଁ ଦେଖି ଗ୍ରାହକମାନେ ତୁରନ୍ତ ବାହାରକୁ ଚାଲିଆସିଥିବା ବେଳେ କର୍ମଚାରୀମାନେ ନିଆଁକୁ କିପରି ଆୟତ୍ତ କରିବେ ତାହା ବୁଝିପାରି ନ ଥିଲେ। ତଥାପି ନିଆଁ ଲିଭାଇବାକୁ ସେମାନେ ଯଥାସାଧ୍ୟ ଉଦ୍ୟମ କରିଥିଲେ। ହେଲେ ନିଆଁ ଏପରି ବ୍ୟାପିଯାଇଥିଲା ଯେ ତାହାକୁ କାବୁ କରିବା ସେମାନଙ୍କ ପକ୍ଷେ ସମ୍ଭବ ହୋଇ ନ ଥିଲା। ତେବେ ଜୀବନ ବଞ୍ଚାଇବା ପାଇଁ କର୍ମଚାରୀମାନେ ଶୋ'ରୁମ୍ ଭିତରୁ ବାହାରକୁ ଚାଲିଆସିଥିଲେ। ଖବରପାଇ ଅନୁଗୋଳ ଅଗ୍ନିଶମ କେନ୍ଦ୍ରରୁ ୨ଟି ଦମକଳ ଘଟଣାସ୍ଥଳରେ ପହଞ୍ଚିଥିଲା। ଅଗ୍ନିଶମ କର୍ମଚାରୀମାନେ ଦୀର୍ଘ ଦେଢ଼ଘଣ୍ଟା ଧରି ପ୍ରୟାସ କରିବା ପରେ ନିଆଁ ଉପରେ କାବୁ ମିଳିଥିଲା। ଖବରପାଇ ନାଲ୍‌କୋ ଓ ଜିନ୍ଦଲ କମ୍ପାନୀରୁ ୨ଟି ଦମକଳ ଆସି ପହଞ୍ଚିଥିଲେ ମଧ୍ୟ ସେତେବେଳକୁ ନିଆଁ ଆୟତ୍ତ ହୋଇସାରିଥିଲା। ଶର୍ଟସର୍କିଟ୍ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବା ଅଗ୍ନିଶମ ଅଧିକାରୀ ସୁକାନ୍ତ ନାଥ ପ୍ରକାଶ କରିଛନ୍ତି। କ୍ଷୟକ୍ଷତି ପରିମାଣ ୨୦ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ମଙ୍ଗଳମ ମାଲିକ ନନ୍ଦ କିଶୋର ଗୁପ୍ତା ଓ ତାଙ୍କ ଭାଇ ଜିତେନ୍ଦ୍ର କୁମାର ଗୁପ୍ତା କହିଛନ୍ତି।

# ପୋଖରୀରେ ବୁଡ଼ି ୨ ଛାତ୍ର ମୃତ



ପୋଖରୀରେ ଦମକଳ ବାହିନୀର ଉଦ୍ଧାର କାର୍ଯ୍ୟ ଚାଲିଛି।

ଧାମନଗର,୮।୪(ସ୍ୱ.ପ୍ର./ଡି.ଏନ୍.ଏ.)

ଭଦ୍ରକ ଜିଲା ଧାମନଗର ଏନ୍ଏସି ଅଧୀନ ଚିଲପଦୀ ଗ୍ରାମ ନିକଟସ୍ଥ ଏକ ପୋଖରୀରେ ବୁଡ଼ି ଶନିବାର ୨ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଦକ୍ଷିଣବାଡ଼ ଗ୍ରାମର ସୁଦର୍ଶନ ମଲ୍ଲିକଙ୍କ ପୁଅ କମଳ ଲୋଚନ(୧୭) ଓ ବାଲେଶ୍ୱର ଜିଲା ସିମୁଳିଆ ଥାନା ଅଧୀନ ପଣ୍ଡୁ ଗ୍ରାମର ପ୍ରମୋଦ କୁମାର ଗିରିଙ୍କ ପୁଅ ମୁକେଶ(୧୬)। କମଳ ଧାମନଗର କଲେଜର ଯୁକ୍ତ ୨ ପ୍ରଥମ ବର୍ଷ ଛାତ୍ର ଥିବା ବେଳେ ମୁକେଶ ଚଳିତବର୍ଷ ମାଟ୍ରିକ୍ ପରୀକ୍ଷା ଦେଇଛନ୍ତି। ଏନେଇ ଧାମନଗର ଥାନା ପୋଲିସ ଅପମୃତ୍ୟୁ ମାମଲା (ନଂ.୭/୨୩) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ।

# ୯୮,୨୯୪ ବର୍ଗଫୁଟର ରିବନ୍‌ରେ ମାନସିକ ସ୍ୱାସ୍ଥ୍ୟ ସଚେତନତା

ଯାଜପୁର ରୋଡ୍, ୮।୪(ଡି.ଏନ୍.ଏ.)

ଯାଜପୁର ରୋଡ୍‌ର ବ୍ୟାସନଗର ଷ୍ଟାଡିୟମଠାରେ ଶନିବାର ମାନସିକ ସ୍ୱାସ୍ଥ୍ୟ ସଚେତନତାକୁ ନେଇ ଏକ ବିଶ୍ୱସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରୋଟାରାକ୍ଟ କ୍ଲବ ଭୁବନେଶ୍ୱର ରୟାଲ ଓ ରୋଟାରାକ୍ଟ କ୍ଲବ ବ୍ୟାସଭୂମି ଯାଜପୁର ରୋଡ୍‌ର ମିଳିତ ଆନୁକୂଲ୍ୟରେ ଏହା ଅନୁଷ୍ଠିତ ହୋଇଛି। ମାନସିକ ସ୍ୱାସ୍ଥ୍ୟ ଓ ଚାପ ସମ୍ବନ୍ଧୀୟ ସମସ୍ୟାରୁ ମୁକ୍ତି ନିମନ୍ତେ ଲୋକମାନଙ୍କୁ ସଚେତନ ଏବଂ ସକାରାତ୍ମକ ବାର୍ତ୍ତା ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରେରଣ କରାଯାଇଛି। ପୂର୍ବରୁ ମାନସିକ ସ୍ୱାସ୍ଥ୍ୟ ସଚେତନତାକୁ ନେଇ ସ୍ପେନର ଏକ ସଂସ୍ଥା ୭୦,୫୦୦ ବର୍ଗଫୁଟ ରିବନ୍ ତିଆରି କରି ରେକର୍ଡ କରିଥିଲା। ଏହି ରେକର୍ଡକୁ ଭାଙ୍ଗି ରୋଟାରାକ୍ଟ କ୍ଲବ ଭୁବନେଶ୍ୱର ରୟାଲ ୯୮ ହଜାର ୨୯୪ ବର୍ଗଫୁଟ୍‌ର ସବୁଜ କପଡ଼ାରେ ଏକ ରିବନ୍ ଆକୃତି ତିଆରି କରି ଗ୍ଲୋବାଲ ରେକର୍ଡ ଓ ଏସିଆ ପାସିଫିକ୍ ରେକର୍ଡ ସୃଷ୍ଟି କରିଛି। ଏହି ରେକର୍ଡର ନିରୀକ୍ଷଣ ଓ ତଦାରଖ ପାଇଁ ଗ୍ଲୋବାଲ ରେକର୍ଡ ଆଣ୍ଡ ରେଫରେନ୍ସର ଏକ ଟିମ୍ ଆସିଥିଲେ। ସେମାନେ ସମସ୍ତ ପ୍ରକାରର ଗଣନା, ରିବନର ଦୈର୍ଘ୍ୟପ୍ରସ୍ଥର ହିସାବ କରିବା ପରେ ରୋଟାରାକ୍ଟ ରୟାଲ କ୍ଲବ ଗ୍ଲୋବାଲ ରେକର୍ଡ ଓ ଏସିଆ ପାସିଫିକ୍ ରେକର୍ଡ କରିଥିବା ଘୋଷଣା କରିଥିଲେ।



ମାନସିକ ସ୍ୱାସ୍ଥ୍ୟ ସଚେତନତା ପାଇଁ ତିଆରି ହୋଇଥିବା ରିବନ।

## ଗ୍ଲୋବାଲ ରେକର୍ଡ ଓ ଏସିଆ ପାସିଫିକ୍ ରେକର୍ଡ ହାସଲ

ଏହାପରେ ରୋଟାରାକ୍ଟ ରୟାଲ କ୍ଲବକୁ ଉକ୍ତ ଟିମ୍ ୨ ରେକର୍ଡ ନିମନ୍ତେ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ଯାଜପୁର ରୋଡ୍‌ର ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ୯୮,୨୯୪ ବର୍ଗଫୁଟ କପଡ଼ାରେ ତିଆରି ରିବନ ଆକୃତିର ଚାରିପଟେ ଠିଆ ହୋଇଥିଲେ। ଏହି ଅବସରରେ ରୋଟାରାକ୍ଟ ୩୨୬୨ର ମୁଖ୍ୟ ଅଭିଳାଷ ବୋଇତାଇ, କାର୍ଯ୍ୟକ୍ରମର ଚେୟାରମ୍ୟାନ ଡା. ସତ୍ୟବ୍ରତ କର, ରୋଟାରୀ ୩୨୬୨ର ମୁଖ୍ୟ ପ୍ରଭୁଦ ସୁବୁଦ୍ଧି, ଗ୍ଲୋବାଲ ରେକର୍ଡ ଆଣ୍ଡ ରିସର୍ଚ୍ଚ ଫାଉଣ୍ଡେଶନର ମୁଖ୍ୟ ମନମୋହନ ରାୱାତ, ଜୟଶ୍ରୀ ବିଶ୍ୱାଳ, ସୋମ ଶାସ୍ତ୍ରୀ, ଗୁରୁବିନ୍ଦର ସିଂହ, ଅରୁଣ କୁମାର, ଅଭୟ ପତି ପ୍ରମୁଖ ଉପସ୍ଥିତ ଥିଲେ।

# ଅଷ୍ଟପ୍ରହରରେ ପ୍ରସାଦ ଖାଇ ଶତାଧିକ ଅସୁସ୍ଥ

## ୫ ଜଣିଆ ଡାକ୍ତରୀ ଦଳର ଚିକିତ୍ସା

ସାଲେପୁର/ନିଶ୍ଚିନ୍ତକୋଇଲି, ୮।୪(ଡି.ଏନ୍.ଏ./ସ୍ୱ.ପ୍ର.)

ସାଲେପୁର ବ୍ଲକ ମିର୍ଜାପୁର ପଞ୍ଚାୟତ ଅନ୍ତର୍ଗତ କାନପୁର(ଦରିଆପୁର) ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞରେ ପ୍ରସାଦ ଖାଇ ଶତାଧିକ ଲୋକ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ଏହାପରେ ଦରିଆପୁର ଗ୍ରାମରେ ଭୟର ବାତାବରଣ ଖେଳିଯାଇଛି। ଶନିବାର ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଏକ ୫ ଜଣିଆ ଡାକ୍ତରୀ ଦଳ ପହଞ୍ଚି ଚିକିତ୍ସା ଆରମ୍ଭ କରିଛି ବୋଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ ବିଜୟ କୁମାର ପ୍ରଧାନ ସୂଚନା ଦେଇଛନ୍ତି। ଡାକ୍ତରୀ ଦଳ ସେଠାରେ ୮୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଚିକିତ୍ସା କରିଛି। ଏଥିସହ ଖାଦ୍ୟ ଓ ଜଳ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଯାଇଛି ବୋଲି ଚିକିତ୍ସା ଅଧିକାରୀ ପ୍ରଧାନ ସୂଚନା ଦେଇଛନ୍ତି। ପ୍ରାୟ ତିନି ଦିନ ପରେ ପରୀକ୍ଷା ରିପୋର୍ଟ ଆସିବ ବୋଲି କୁହାଯାଉଛି। ଏହା ଆସିବା ପର୍ଯ୍ୟନ୍ତ ଗ୍ରାମରେ ଡାକ୍ତରୀ ଦଳ ରହିବ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ, ଗୁରୁବାର ଏହି ଗ୍ରାମର ସତ୍ୟ ସନାତନ ଭାଗବତ ଟୁଙ୍ଗି ନିକଟରେ ପଞ୍ଚମ ବାର୍ଷିକ ଅଷ୍ଟପ୍ରହର ନାମଯଜ୍ଞ ହୋଇଥିଲା। ଏଥିରେ ଆଖପାଖ ଅଞ୍ଚଳର ଶତାଧିକ ଲୋକ ସାମିଲ ହୋଇ ପ୍ରସାଦ ସେବନ କରିଥିଲେ। ପ୍ରସାଦ ଖାଇବା ପରେ ବହୁ ଲୋକ ଅସୁସ୍ଥ ହୋଇପଡ଼ିଥିଲେ। ସେମାନଙ୍କୁ ସାଲେପୁର, ନିଶ୍ଚିନ୍ତକୋଇଲି ଓ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। କେତେଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନେ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି।

# କାମ ବନ୍ଦ କଲେ ଅସ୍ଥାୟୀ ଠିକା ଶ୍ରମିକ

## ହାଲ୍‌ରେ ଅଶାନ୍ତି

ସୁନାବେଡ଼ା,୮।୪(ସ୍ୱ.ପ୍ର.)

ହାଲ୍ ଠିକା କର୍ମଚାରୀ ଶନିବାର କାମ ବନ୍ଦ କରି ଆନ୍ଦୋଳନ କରିଛନ୍ତି। ପ୍ରତିରକ୍ଷା ମନ୍ତ୍ରଣାଳୟ ଅଧୀନ ସୁନାବେଡ଼ା ହାଲ୍ ପରିସରରେ ଇଞ୍ଜିନ ଡିଭିଜନ ଓ ଏସ୍‌ୟୁ-୩୦ ଦୁଇଟି ଡିଭିଜନ ରହିଛି। ଏହି ୨ ଡିଭିଜନରେ ଦୀର୍ଘ ବର୍ଷ ଧରି ୨୪ଶହ ଅସ୍ଥାୟୀ ଠିକା କର୍ମଚାରୀ କାର୍ଯ୍ୟ କରୁଛନ୍ତି। ତେବେ କେତେଜଣ ଅଧିକାରୀଙ୍କ ପାଇଁ ଶ୍ରମିକମାନେ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ପୂର୍ବରୁ ରବିବାର ବାଦ୍ ୨୬ ଦିନର ମଜୁରି ଶ୍ରମିକମାନେ ପାଉଥିବା ବେଳେ ଏହାକୁ ୨୨ ଦିନକୁ କମାଇ ଦେଇଛନ୍ତି କର୍ତ୍ତୃପକ୍ଷ। ଏବେ ତାହା ୧୬ ଦିନକୁ ଖସାଯାଇଛି। ଫଳରେ ଶ୍ରମିକମାନେ ଏକ ପ୍ରକାର ଅଧା ଦରମା ପାଉଛନ୍ତି। ଏହାକୁ ନେଇ ଶ୍ରମିକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି। ହାଲ୍ କର୍ତ୍ତୃପକ୍ଷଙ୍କ ଶ୍ରମିକମାରଣ ନୀତି ପ୍ରତିବାଦରେ ଅସ୍ଥାୟୀ ଠିକା ଶ୍ରମିକମାନେ କାମ ବନ୍ଦ କରି ହାଲ୍ ଏସ୍‌ୟୁ-୩୦ ଫାଟକ ସମ୍ମୁଖରେ ଶନିବାର ଧାରଣାରେ ବସିଥିଲେ। ଏନେଇ ଶ୍ରମିକମାନେ ଶ୍ରମ ବିଭାଗ , ହାଲ୍ କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ପଣ୍ଡଲୋଇରେ ପୋଲିସ ଚଢ଼ାଉ, ୫ ବସ୍ତା ଟଙ୍କା ଗାଏବ

ସମ୍ବଲପୁର,୮।୪(ବ୍ୟୁରୋ)

ସମ୍ବଲପୁର ଜିଲା ରେଙ୍ଗାଲି ଥାନା ପଣ୍ଡଲୋଇ ଗ୍ରାମରେ ଜଣେ ଅଭିଯୁକ୍ତଙ୍କୁ ଧରିବାକୁ ଯାଇ ପୋଲିସ ଶୁକ୍ରବାର ରାତିରେ ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରେ ଚଢ଼ାଉ କରିଥିଲା। ଚଢ଼ାଉରେ ଦେବଗଡ଼ ଜିଲା ଓ ରେଙ୍ଗାଲି ଥାନା ପୋଲିସ ଟିମ୍ ସାମିଲ ଥିଲେ। ଚଢ଼ାଉ ସମୟରେ ଅଭିଯୁକ୍ତଙ୍କୁ ଧରିବା ନେଇ ପୋଲିସ କିଛି କହିନାହିଁ। ହେଲେ ଉକ୍ତ ବ୍ୟକ୍ତିଙ୍କ ଘରୁ ପ୍ରାୟ ୫ ବସ୍ତା ୨ ହଜାର ଟଙ୍କିଆ ନୋଟ୍ ଜବତ ହୋଇଥିବା କୁହାଯାଉଛି। ତେଣୁ ପୋଲିସର କାର୍ଯ୍ୟ ସନ୍ଦେହଘେରକୁ ଆସିଛି। ପୋଲିସ ଚଢାଉ କରିଥିବା ବ୍ୟକ୍ତିଙ୍କ ପାଖରେ ଜମି ରହିଥିବାବେଳେ ତାହାକୁ ସେ ପର୍ଯ୍ୟାୟକ୍ରମେ ବିକ୍ରି କରୁଛନ୍ତି। ଜମି ବିକ୍ରି କରି ସରକାରୀ ଦରରେ ମିଳୁଥିବା ଟଙ୍କା ଜମାଖାତାରେ ନେଉଛନ୍ତି। ଶିଳ୍ପାଞ୍ଚଳ ହୋଇଥିବାରୁ ଜମି ଅଧିକ ମୂଲ୍ୟରେ ବିକ୍ରି ହେଉଛି। ସରକାରୀ ଦରରୁ ଅଧିକ ଟଙ୍କା ମିଳୁଥିବାରୁ ସେ ଏ ବିଷୟରେ କାହାକୁ କହି ନ ପାରି ଘରେ ବସ୍ତାରେ ରଖିଥିଲେ। ଆୟ ବହିର୍ଭୂତ ଟଙ୍କା ହୋଇଥିବାରୁ ସେ ଏବେ ପୋଲିସ ବିରୋଧରେ ମଧ୍ୟ ମୁହଁ ଖୋଲୁନାହାନ୍ତି। ଅନ୍ୟପଟେ ଦେବଗଡ଼ ଜିଲାର ମହିଳା ସମ୍ବନ୍ଧିତ ଏକ ମାମଲାରେ ଫେରାର ଅଭିଯୁକ୍ତଙ୍କୁ ସୁରକ୍ଷା ଦେବା ନେଇ ସେ ପୋଲିସକୁ ଭୟକରି ଚୁପ୍ ରହିଛନ୍ତି। ହେଲେ ରେଙ୍ଗାଲି ଥାନା ଅଧିକାରୀ ଯଶୋବନ୍ତ ସାଲିମା ଜାଣି ନ ଥିବା କହିଛନ୍ତି। ଏହି ଚଢ଼ାଉରେ ପୋଲିସର ଭିଡିଓଗ୍ରାଫିକୁ ନେଇ ଦ୍ୱନ୍ଦ୍ୱ ଉପୁଜିଛି। ଝାରସୁଗୁଡ଼ା ଉପନିର୍ବାଚନ ପାଖେଇ ଆସୁଥିବାରୁ ଏହି ଟଙ୍କାକୁ ଭୋଟ ପାଇଁ ରଖାଯାଇଥିବା କୁହାଯାଉଛି। ଏ ସମ୍ପର୍କରେ ରେଙ୍ଗାଲି ଥାନା ଅଧିକାରୀ ସାଲିମା କହିଛନ୍ତି, ଚଢାଉ ସମ୍ପର୍କରେ ମୁଁ କିଛି ଜାଣି ନାହିଁ। ସମ୍ବଲପୁର ଏସ୍‌ପି ବାତୁଲା ଗଙ୍ଗାଧର କହିଛନ୍ତି, ଚଢାଉ ହୋଇଛି କି ନାହିଁ ଓ ଟଙ୍କା ମିଳିବା ନେଇ ତଦନ୍ତ କରାଯିବ।

# ସରିଲା ରିମାଣ୍ଡ ଅବଧି, ଜେଲ ଫେରିଲେ ୪ଅଭିଯୁକ୍ତ

## ଜାଲ୍ ସାର୍ଟିଫିକେଟ୍ ମାମଲା

- ବହୁ ତଥ୍ୟ ମିଳିଛି, ଆଗକୁ ଜୋର୍‌ଦାର କାର୍ଯ୍ୟାନୁଷ୍ଠାନ: ଡିଏସ୍‌ପି

ବଲାଙ୍ଗୀର ଅଫିସ, ୮।୪

ଜାଲ୍ ସାର୍ଟିଫିକେଟ୍ ମାମଲାରେ କ୍ରାଇମ୍‌ବ୍ରାଞ୍ଚ ଟିମ୍ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିଛି। ତିନିଦିନିଆ ରିମାଣ୍ଡ ଅବଧି ସରିବା ପରେ ଶନିବାର ଅପରାହ୍ଣରେ କ୍ରାଇମ୍‌ବ୍ରାଞ୍ଚ ଟିମ୍ ମୁଖ୍ୟ ଅଭିଯୁକ୍ତ ମନୋଜ ମିଶ୍ର, ଆଲୋକ ରଞ୍ଜନ ଉଦ୍‌ଗାତାଙ୍କ ସହ ଜାଲ୍ ସାର୍ଟିଫିକେଟ୍ ବ୍ୟବହାରକାରୀ ତ୍ରିବିହାରୀ ପଣ୍ଡା ଓ ପରେଶ ବୁଡେକଙ୍କୁ ଏସ୍‌ଡିଜେଏମ କୋର୍ଟରେ ହାଜର କରି ଜିଲା କାରାଗାରରେ ଛାଡିଥିଲା। ଶୁକ୍ରବାର ବିଳମ୍ବିତ ରାତିରେ ଅଭିଯୁକ୍ତ ଆଲୋକ ଅସୁସ୍ଥ ହୋଇପଡ଼ିବାରୁ କ୍ରାଇମ୍‌ବ୍ରାଞ୍ଚ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ଆଇସିୟୁରେ ଭର୍ତ୍ତି କରିଥିଲା। ଶନିବାର ସୁସ୍ଥ ହେବା ପରେ ଏସ୍‌ଡିଜେଏମ୍ କୋର୍ଟ ନେଇଥିଲା। କ୍ରାଇମ୍‌ବ୍ରାଞ୍ଚ ଡିଏସ୍‌ପି ଦେବବ୍ରତ ଚକ୍ର କହିଛନ୍ତି, ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଛି। ରବିବାରଠାରୁ ଆକ୍ସନ ଆହୁରି ଜୋରଦାର ହେବ ବୋଲି ସେ କହିଥିଲେ। କ୍ରାଇମ୍‌ବ୍ରାଞ୍ଚ ଏହି ମାମଲାରେ ଶିଥିଳ ପଡିଯିବନିତ ବୋଲି ଗଣମାଧ୍ୟମ ପ୍ରତିନିଧି ପ୍ରଶ୍ନ କରିବାରୁ ଆଦୌ ନୁହେଁ ବୋଲି ଡିଏସ୍‌ପି କହିଥିଲେ।

ଜାଲ୍ ସାର୍ଟିଫିକେଟ ମାମଲାର ୪ ଅଭିଯୁକ୍ତଙ୍କୁ ଗତ ୫ ତାରିଖ ତିନିଦିନିଆ ରିମାଣ୍ଡରେ କ୍ରାଇମ୍‌ବ୍ରାଞ୍ଚ ଟିମ୍ ନେଇଥିଲା। କ୍ରାଇମ୍‌ବ୍ରାଞ୍ଚ ଆଇଜି ଅମିତେନ୍ଦ୍ର ନାଥ ସିହ୍ନାଙ୍କ ତତ୍ତ୍ୱାବଧାନରେ ଟିମ୍ ୪ ଅଭିଯୁକ୍ତଙ୍କୁ ମୁହାଁମୁହିଁ ଜେରା କରିଥିଲା। ଜାଲ୍ ସାର୍ଟିଫିକେଟ୍ କିଣି ଚାକିରି ଆବେଦନ କରିଥିବା ତିବିହାରୀ ପଣ୍ଡା ଏବଂ ପରେଶ ବୁଡେକ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ କ୍ରାଇମ୍‌ବ୍ରାଞ୍ଚକୁ ଦେଇଥିବା ଜଣାପଡିଛି। ମନୋଜ ଏବଂ ଆଲୋକଙ୍କୁ ପଚରାଉଚରାବେଳେ କିଭଳି ସେମାନେ ଜାଲ୍ ସାର୍ଟିଫିକେଟ୍ କାରବାର କରୁଥିଲେ ଏବଂ ଏହାର କେତେ ବଡ ନେଟୱର୍କ ରହିଛି ତାକୁ କ୍ରାଇମ୍‌ବ୍ରାଞ୍ଚକୁ ଜଣାଇଥିବା ଜଣାପଡିଛି। ଏହି ରାକେଟରେ ଯେଉଁମାନେ ସମ୍ପୃକ୍ତ ସେ ସଂକ୍ରାନ୍ତରେ ମଧ୍ୟ ଅଭିଯୁକ୍ତମାନଙ୍କଠାରୁ ସୂଚନା ମିଳିଛି। କ୍ରାଇମ୍‌ବ୍ରାଞ୍ଚର ଅନ୍ୟ ଏକ ଟିମ୍ ଇନ୍‌ସପେକ୍ଟର ମମତାରାଣୀ ପଣ୍ଡାଙ୍କ ନେତୃତ୍ୱରେ ବଲାଙ୍ଗୀର ଟାଉନ୍ ଥାନାରେ ମନୋଜ ଓ ଆଲୋକଙ୍କ ସ୍ତ୍ରୀଙ୍କୁ ପଚରାଉଚରା କରିଥିଲେ। କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ଜାଲ୍ ସାର୍ଟିଫିକେଟ କାରବାରର ମୁଖ୍ୟ ଅଭିଯୁକ୍ତ ମନୋଜ ମିଶ୍ରଙ୍କ ୫ଟି ପ୍ଲଟ୍ ଏବଂ ପ୍ରାୟ ଦେଢ଼କୋଟି ଟଙ୍କାର ସମ୍ପତ୍ତି ବାଜ୍ୟାପ୍ତି ପାଇଁ ଆକଳନ କରାଯାଇଥିବା ଜଣାପଡିଛି।

# ସରଗିତଳିଆ ଅଞ୍ଚଳରେ ଅପପୁଷ୍ଟି

- ଶିକାର ହେଲେଣି ୩୦ରୁ ଊର୍ଦ୍ଧ୍ୱ ଶିଶୁ
- ଖାଉଛନ୍ତି ମହୁଲ ସିଝା, ତେନ୍ତୁଳି ମଞ୍ଜି ଛେଚା

ଯୋଡ଼ା,୮।୪(ଡି.ଏନ୍.ଏ)

ଓଡ଼ିଶାର ରତ୍ନଗର୍ଭା ଜିଲା କେନ୍ଦୁଝରର ଯୋଡ଼ା ପୌରପାଳିକା ୧୩ ନଂ. ୱାର୍ଡ ଅଧୀନ ସରଗିତଳିଆ ଅଞ୍ଚଳବାସୀ ଦାରିଦ୍ର୍ୟର କଷାଘାତରେ ପେଷି ହେଉଛନ୍ତି। ଖଣିଖାଦାନ ଘେରା ଅଞ୍ଚଳବାସୀ କାମ ଅଭାବରୁ ଅସହାୟ ଅବସ୍ଥାରେ କାଳତିପାତ କରୁଛନ୍ତି। ଖାଦ୍ୟ ଅଭାବରୁ ମହୁଲ ସିଝା, ତେନ୍ତୁଳିମଞ୍ଜି ଛେଚା ଓ ଜଙ୍ଗଲ ଜାତ ଦ୍ରବ୍ୟକୁ ଆହାର ଭାବେ ଗ୍ରହଣ କରିବାକୁ ବାଧ ହେଉଛନ୍ତି। ଆବଶ୍ୟକ ଖାଦ୍ୟ ଓ ସ୍ୱାସ୍ଥ୍ୟସେବା ନ ପାଇ ଅଞ୍ଚଳରେ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ଶିଶୁ ଅପପୁଷ୍ଟିର ଶିକାର ହୋଇଛନ୍ତି।



ଅପପୁଷ୍ଟିର ଶିକାର ଶିଶୁମାନେ।

ଭୌଗୋଳିକ ଦୃଷ୍ଟିକୋଣରୁ ସରଗିତଳିଆର ଚତୁର୍ଦ୍ଦିଗରେ ଖଣି ରହିଛି। ଆୟତନ ଅନୁସାରେ ପୌରପାଳିକାର ଏହି ୱାର୍ଡଟି ବୃହତ୍ ହୋଇଥିବା ବେଳେ ସରଗିତଳିଆର ସୁରିସାହି, ଲତାରସାହି ଓ ଚିତାନସାହିରେ ମୌଳିକ ସୁବିଧା ଅପହଞ୍ଚ ହୋଇରହିଛି। ଭୋଟର ତାଲିକା ଅନୁଯାୟୀ ଏଠାରେ ଆଦିବାସୀ ସମ୍ପ୍ରଦାୟର ପ୍ରାୟ ୩୦୦ ଲୋକ ବସବାସ କରୁଛନ୍ତି। ଅଞ୍ଚଳରେ ଖଣି, ରେଲସାଇଡିଂ, ପରିବହନ କାର୍ଯ୍ୟ ହେଉଥିଲେ ହେଁ ଏଠାକାର ଲୋକ ରୋଜଗାର ପାଉନାହାନ୍ତି। ପ୍ରାୟତଃ ଜଙ୍ଗଲରୁ କାଠ, ଦାନ୍ତକାଠି, ଶାଳପତ୍ର, କେନ୍ଦୁ, ଚାହାଁର, ଆମ୍ବ, କୋଳି ବିକ୍ରି କରି ଜୀବିକା ନିର୍ବାହ କରିଥାନ୍ତି। ସରକାରୀ ଯୋଜନାରେ ମିଳୁଥିବା ଚାଉଳ ନିଅଣ୍ଟ ହେଉଥିବାରୁ ମହୁଲ ସିଝା, ତେନ୍ତୁଳି ମଞ୍ଜି, ଜଙ୍ଗଲର ପିତାଲୁ, ଶିଆଳି ମଞ୍ଜି, କୁରକୁଟି (କାଇଜନ୍ଦା) ଆଦି ଆହାର ଭାବେ ଖାଉଥିବା ସ୍ଥାନୀୟ ବାସିନ୍ଦା ସୋନୁ ମୁଣ୍ଡା, ତମ୍ବା ମୁଣ୍ଡା ଓ ଗୁରୁଚରଣ ମୁଣ୍ଡା କହିଛନ୍ତି। ପୁଷ୍ଟିକର ଖାଦ୍ୟ ଅଭାବରୁ ଶିଶୁମାନେ ଅପପୁଷ୍ଟିର ଶିକାର ହେଉଛନ୍ତି। କୈଳାଶ ମୁଣ୍ଡା କହିଛନ୍ତି, ଖାଦ୍ୟ ଅଭାବରୁ ଦୁର୍ବଳତା ଏବଂ ପରେ ରକ୍ତହୀନତା ଯୋଗୁ ତାଙ୍କ ୩ ବର୍ଷର ଶିଶୁକନ୍ୟା ସାଳିନୀ ମୁଣ୍ଡା ରୋଗଗ୍ରସ୍ତ ହୋଇଥିଲେ। ପ୍ରଥମେ ଯୋଡ଼ା ଟାଟା ଡାକ୍ତରଖାନା ପରେ କେନ୍ଦୁଝର ଓ କଟକ ଶିଶୁଭବନକୁ ସ୍ଥାନାନ୍ତର ହୋଇଥିଲେ। ମାତ୍ର ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ତେବେ କଟକରେ ଡିଏମ୍ଏଫ୍ ଜରିଆରେ ତାଙ୍କୁ ପ୍ରତିଦିନ ୨୦୦ ଟଙ୍କା ଖର୍ଚ୍ଚ ବାବଦକୁ ମିଳୁଥିବା କହିଥିଲେ। ବୃଦ୍ଧା ସୁଦୁରା ମୁଣ୍ଡା କହିଥିଲେ, ପୁଅର ମୃତ୍ୟୁ ପରେ ୩ ନାତୁଣୀ ଓ ନାତିଙ୍କ ଭରଣପୋଷଣ ଦାୟିତ୍ୱ ତାଙ୍କ ଉପରେ। ସରକାରୀ ଚାଉଳ ନିଅଣ୍ଟ ହେଉଥିବାରୁ ଛୁଆ ଓଳିଏ ଖାଇଲେ ଓଳିଏ ଉପାସ ରହୁଛନ୍ତି। ସେହିପରି ଅଞ୍ଚଳର ଜୁଲୁ ମୁଣ୍ଡା, ସୁଦନ ମୁଣ୍ଡା, ସୋନୁ ମୁଣ୍ଡା କହିଛନ୍ତି, ଖାଦ୍ୟ ଅଭାବରୁ ଅଞ୍ଚଳରେ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ଶିଶୁ ଦୁର୍ବଳ ହୋଇ ରୋଗଗ୍ରସ୍ତ ହୋଇଯାଇଛନ୍ତି। ପ୍ରାୟ ୩ କି.ମି. ଦୂର ଖୁଣ୍ଟପାଣିରେ ଅଙ୍ଗନୱାଡ଼ି କେନ୍ଦ୍ର ରହିଛି। ଏଣୁ ଶିଶୁମାନେ ଚିକିତ୍ସାରୁ ବଞ୍ଚିତ ରହୁଛନ୍ତି। ସ୍କୁଲ ଥାଇ ମଧ୍ୟ ସୁବିଧା ନ ଥିବାରୁ ପାଠରେ ଡୋରି ବନ୍ଧା ହୋଇଛି। ନିକଟରେ ବୈତରଣୀ ନଦୀ ଥାଇ ମଧ୍ୟ ସ୍ୱଚ୍ଛ ପାନୀୟଜଳ ମିଳୁନାହିଁ, ନଳକୂପ ଅଚଳ ହୋଇପଡ଼ିଛି। ହାତୀଙ୍କ ସୁରକ୍ଷା ପାଇଁ ୨୪ ଘଣ୍ଟା ବିଦ୍ୟୁତ୍ କାଟ କରାଯାଉଛି ବୋଲି କହିଥିଲେ।

ସ୍ଥାନୀୟ ସାମାଜିକ କର୍ମୀ ଚର୍ଚ୍ଚିଲ ମହାକୁଡ଼ ନିଜ ଖର୍ଚ୍ଚରେ ଏକ କୂଅକୁ ପୁନରୁଦ୍ଧାର କରି ଜଳ ଯୋଗାଇବା ପାଇଁ ଚେଷ୍ଟା କରୁଛନ୍ତି। ଟାଟାଷ୍ଟିଲ ପକ୍ଷରୁ ମୋଟର ପମ୍ପ ବ୍ୟବସ୍ଥା କରାଯାଇଥିଲେ ହେଁ ବିଦ୍ୟୁତର ଅନିଶ୍ଚିତତା ଯୋଗୁ ଜଳ ସଂକଟ ସୃଷ୍ଟି ହୋଇଛି। ୨୦୧୨ ପୌରପାଳିକା ଦ୍ୱାରା ବୈତରଣୀ ନଦୀ କୂଳରେ ଅଞ୍ଚଳବାସୀଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଏକ ପାର୍କ ନିର୍ମାଣ କରାଯାଇଥିଲା। ମାତ୍ର ବନ ବିଭାଗ ଓ ପୌରପାଳିକାର ସମନ୍ୱୟ ଅଭାବରୁ ଏହା ଅଧା ପନ୍ତରିଆ ହୋଇ ପଡ଼ିରହିଛି। ଯୋଡ଼ା ପୌରାଧ୍ୟକ୍ଷ ଜଗଦୀଶ ପ୍ରସାଦ ସାହୁ ଅବିଳମ୍ବେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିକ୍ରିୟାରେ କହିଥିଲେ। ଅନ୍ୟପକ୍ଷେ ଶନିବାର ଯୋଡ଼ା ବ୍ଲକ ଗୁଡ଼ାସାହିଠାରେ ଜିଲା ଡାକ୍ତରୀ ଟିମ ଯାଞ୍ଚ କରି ୨ ଜଣ ପୁଷ୍ଟିହୀନ ଶିଶୁଙ୍କୁ ବଡ଼ବିଲଠାରେ ଥିବା ଏନ୍ଆରସି (ନିୟୁଟ୍ରିସନ ରିହାବିଲିଟେସନ) ସେଣ୍ଟରକୁ ପଠାଇଛନ୍ତି। ସାହିରେ ଗତ ବୁଧବାର ଓ ଶୁକ୍ରବାର ମୃତ୍ୟୁ ଘଟିଥିବା ଦୁଇ ଶିଶୁଙ୍କର ଆପପୁଷ୍ଟିରେ ମୃତ୍ୟୁ ହୋଇନାହିଁ। ତାଙ୍କର ମୃତ୍ୟୁ ନିମୋନିଆ ଓ ଯକ୍ଷ୍ମା ହେତୁ ହୋଇଛି ବୋଲି ବଡ଼କାଳୀମାଟି ଡାକ୍ତର ରମଣୀ ରଞ୍ଜନ ପାତ୍ର କହିଛନ୍ତି।

ଭଗବାନ ତାଙ୍କର ଦୁଇପ୍ରକାର ଭୃତ୍ୟଙ୍କ କାର୍ଯ୍ୟକୁ ଖୁବ୍ ପସନ୍ଦ କରନ୍ତି– ଯେଉଁ ଭୃତ୍ୟ ପରମଶ୍ରଦ୍ଧାରେ ଖୁବ୍ ନୀରବ ଶାନ୍ତ ମନରେ ତାଙ୍କ ମନ୍ଦିରର ପ୍ରାଙ୍ଗଣ ସମାର୍ଜନ କରୁଥାଏ ଏବଂ ଯେଉଁ ଜଣକ ତାଙ୍କ ସହିତ ପୃଥିବୀର ଯୁଦ୍ଧ ଭୂମିରେ ବୀରତ୍ୱର ସହିତ ଯୁଦ୍ଧ କରୁଥାଏ ଈଶ୍ୱରଙ୍କ ବିଜୟ ସମାପନ ହେବା ଯାଏ। – ଶ୍ରୀଅରବିନ୍ଦ



# ନ କହିବା ଭଲ



ଆକାର ପଟେଲ

କେନ୍ଦ୍ର ସରକାର ୬ ଏପ୍ରିଲ ୨୦୨୩ରେ ଅନ୍‌ଲାଇନ ମିଡିଆକୁ ନେଇ ନୂଆ ଆଇନ ପାସ୍ କରିଥିଲେ। ସରକାରଙ୍କ ସମ୍ପର୍କିତ ନକଲି କିମ୍ବା ଭୁଲ୍ ଅବା ଭ୍ରମ ସୃଷ୍ଟିକାରୀ ଅନ୍‌ଲାଇନ ବିଷୟବସ୍ତୁ ଚିହ୍ନଟ କରିବା ପାଇଁ ଏଥିରେ ପ୍ରାବଧାନ ଅଛି। ସରକାରଙ୍କ ଦ୍ୱାରା ଗଠିତ ଏକ 'ଫ୍ୟାକ୍ଟ ଚେକ୍ ୟୁନିଟ୍' ଏହା କରିବା ସହ ଭୁଲ୍, ଅବୈଧ କିମ୍ବା ନକଲି ବିଷୟବସ୍ତୁଗୁଡ଼ିକୁ ହଟାଇ ଦେବା ଲାଗି ସୋସିଆଲ ମିଡିଆ ସଂସ୍ଥାଗୁଡ଼ିକୁ ନିର୍ଦ୍ଦେଶ ଦେବ ବୋଲି ଏଥିରେ କୁହାଯାଇଛି। ଏହା ନିଶ୍ଚିତ କରେ ଯେ, ଭୁଲ୍ କିମ୍ବା ଭ୍ରମାତ୍ମକ ନ୍ୟୁଜଗୁଡ଼ିକୁ ଚିହ୍ନଟ କରି ହଟାଇବା କେବଳ ସରକାରଙ୍କ ଉପରେ ନିର୍ଭର କରେ। ଏଭଳି ବିଷୟବସ୍ତୁକୁ ହଟାଇ ନେବା ଲାଗି ସୋସିଆଲ ମିଡିଆ ଉପରେ ଚାପ ପ୍ରୟୋଗ କରିବା କିମ୍ବା କାର୍ଯ୍ୟାନୁଷ୍ଠାନ ନେବା ଲାଗି ଉକ୍ତ ଆଇନ ସରକାରଙ୍କୁ ଅଧିକାର ଦେଲା। ଏହା ଉପରେ ଭାରତର ସ୍ୱାଧୀନ ଡିଜିଟାଲ ସଂସ୍ଥା ଦି ଇଣ୍ଟରନେଟ ଫ୍ରିଡମ୍ ଫାଉଣ୍ଡେଶନ କହିଛି ଯେ, ଅନ୍‌ଲାଇନ ବିଷୟବସ୍ତୁର ସତ୍ୟାସତ୍ୟ ନିର୍ଦ୍ଧାରଣ କରିବା ପାଇଁ କୌଣସି ୟୁନିଟ୍‌କୁ ଦାୟିତ୍ୱ ଦେବା ଭଳି ସରକାରଙ୍କର ସ୍ୱେଚ୍ଛାଚାରିତା ତଥା ବ୍ୟାପକ କ୍ଷମତା ସ୍ୱାଭାବିକ ନ୍ୟାୟିକ ସିଦ୍ଧାନ୍ତଗୁଡ଼ିକୁ ଅଣଦେଖା କରିବ। ଏଣୁ ସରକାରଙ୍କ ଏଭଳି ନିଷ୍ପତ୍ତି ଅସାମ୍ବିଧାନିକ। ଏହିସବୁ ସଂଶୋଧିତ ଆଇନର ଅଧିସୂଚନା ସହିତ ବାକ୍ ଏବଂ ଅଭିବ୍ୟକ୍ତିର ସ୍ୱାଧୀନତା ସମ୍ପର୍କିତ ବୈଧ ଅଧିକାରର ସମ୍ବନ୍ଧ ଅଛି। ଦି ଏଡିଟର୍ସ ଗୁଇଲ୍ଡ ଅଫ୍ ଇଣ୍ଡିଆ ଏଥିରେ ଅତ୍ୟଧିକ ଅସନ୍ତୁଷ୍ଟ ପ୍ରକାଶ କରି କହିଲା ଯେ, ଏଭଳି ସଂଶୋଧିତ ଆଇନରେ ଫ୍ୟାକ୍ଟ ଚେକିଂ ୟୁନିଟ୍ ପାଇଁ ଶାସକୀୟ ସଞ୍ଚାଳନ ବ୍ୟବସ୍ଥା କ'ଣ ରହିବ ସେ ସମ୍ପର୍କରେ କୌଣସି ସୂଚନା ନାହିଁ। ଯଦି ସରକାର ଭୁଲ୍ କିମ୍ବା ନକଲି ବିଷୟ ପ୍ରସାରଣ କରୁଥିବା ସୋସିଆଲ ମିଡିଆକୁ ଠାବ କଲେ ସେକ୍ଷେତ୍ରରେ ନ୍ୟାୟିକ ସମୀକ୍ଷା କିମ୍ବା ଅପିଲ କରିବାର ଅଧିକାର କ'ଣ ରହିବ ତା' ଉପରେ କିଛି ସୂଚନା ଦିଆଯାଇ ନାହିଁ। ଏସବୁ ଆମ ସ୍ୱାଭାବିକ ନ୍ୟାୟିକ ବିଚାରଧାରାଗୁଡ଼ିକୁ ବିରୋଧ କରେ ଏବଂ ଏହା ଗଣମାଧ୍ୟମର ପ୍ରସାରଣକୁ ବିରୋଧ କରିବା ଭଳି କାର୍ଯ୍ୟ ବୋଲି ପ୍ରକାଶ କରିଥିଲା। ବୁଝିବାକୁ ହେବ ଯେ, ବିଶେଷକରି ସ୍ୱାଧୀନ ୱେବ୍‌ସାଇଟ୍‌ଗୁଡ଼ିକ ସରକାରଙ୍କ ଟାର୍ଗେଟ୍‌ରେ ଅଛନ୍ତି।

ଏକ ନିର୍ଦ୍ଦିଷ୍ଟ ବିଷୟ କିମ୍ବା ପୃଷ୍ଠଭୂମିକୁ ଆଧାର କରି ନୂଆ ଆଇନଗୁଡ଼ିକ ସାମ୍ନାକୁ ଆସିଛି। ଗତ କିଛିବର୍ଷ ହେଲା ଇଣ୍ଟରନେଟ ବନ୍ଦ କରିବାରେ ବିଶ୍ୱରେ ସବୁଠୁ ଆଗରେ ଅଛି ଭାରତ। ଭାରତରେ ୨୦୧୪ରେ ୬ ଥର, ୨୦୧୫ରେ ୧୪, ୨୦୧୬ରେ ୩୧, ୨୦୧୭ରେ ୭୯, ୨୦୧୮ରେ ୧୩୪, ୨୦୧୯ରେ ୧୨୧, ୨୦୨୦ରେ ୧୦୯, ୨୦୨୧ରେ ୧୦୬ ଏବଂ ୨୦୨୨ରେ ୮୪ଥର ଇଣ୍ଟର୍‌ନେଟ ବନ୍ଦ କରାଯାଇଥିଲା। ୨୦୧୯ରେ ବିଶ୍ୱରେ ମୋଟ ୨୧୩ଥର ଇଣ୍ଟର୍‌ନେଟ ବନ୍ଦ କରାଯାଇଥିଲାବେଳେ ଏହାର ୫୬% ହୋଇଥିଲା ଭାରତରେ। ୨୦୨୦ରେ ଏହା ୧୫୫ଥର ବନ୍ଦ କରାଯାଇଥିବାବେଳେ ଭାରତରେ ବନ୍ଦ ହାର ଥିଲା ତାହାର ୭୦%। ଏପରିକି ଲୋକ କିମ୍ବା ରୋଗୀଙ୍କୁ ଟେଲି ମେଡିସିନ ପାଇବା ଓ ମହାମାରୀ ସମୟରେ ପିଲାଙ୍କୁ ଅନ୍‌ଲାଇନ ଶିକ୍ଷା ଲାଭ କରିବାରୁ ବଞ୍ଚିତ କରାଯାଇଛି। କଶ୍ମୀରରେ ୧୭ ମାସ ଇଣ୍ଟର୍‌ନେଟ ଉପରେ ପ୍ରତିବନ୍ଧକ ଲଗାଗଲା ଓ ପରେ ଶଟ୍‌ଡାଉନ କରି ଦିଲ୍ଲୀ ବାହାରେ କୃଷକ ଆନ୍ଦୋଳନକୁ ଟାର୍ଗେଟ୍ କରାଗଲା। କିନ୍ତୁ ଏହା ଏବେ ସବୁଠି ଏକ ସାଧାରଣ କଥା ହୋଇଯାଇଛି। ନିକଟରେ ଭାରତ ସରକାରଙ୍କ ଦ୍ୱାରା ପଞ୍ଜାବର ଅଧିକାଂଶ ଲୋକଙ୍କର ସୋସିଆଲ ମିଡିଆ ଆକାଉଣ୍ଟ ଏପରି କି ବିବିସିର ପଞ୍ଜାବ ସେବାକୁ କିଛି ସମୟ ପାଇଁ ରୋକା ଯାଇଥିଲା। ଯେଉଁ ଗଣତନ୍ତ୍ରରେ ବାକ୍ ସ୍ୱାଧୀନତା ଏକ ମୌଳିକ ଅଧିକାର ସେଠାରେ ଏସବୁ ଘଟିବା ସମ୍ପୂର୍ଣ୍ଣ ଅପ୍ରତ୍ୟାଶିତ। ନୂତନ ଭାରତରେ ଯେଉଁମାନେ ସରକାରଙ୍କ ସହ ଅସହମତ ସେମାନଙ୍କୁ ନୂଆ ତଥା ଅଭିନବ ବ୍ୟବସ୍ଥା ମାଧ୍ୟମରେ ସବୁବେଳେ ଟାର୍ଗେଟ କରାଯାଉଛି। ଅପରାଧ ଆଇନର ଦୁର୍ବ୍ୟବହାର ଏବଂ ଭିଡ଼ ହିଂସାର ଭୟ ବାକ୍ ସ୍ୱାଧୀନତାର ସମ୍ପୂର୍ଣ୍ଣ କଣ୍ଠରୋଧ କରିଛି। କିଛି ନିର୍ଦ୍ଦିଷ୍ଟ ବିଷୟରେ ଜଣେ କହିଲେ ସମସ୍ୟାରେ ପଡୁଛନ୍ତି। ସରକାର ତାଙ୍କ ବିରୋଧରେ ଅପରାଧ ମାମଲା ରୁଜୁ କରୁଛନ୍ତି, ଅନ୍ୟମାନେ ବି ଏଫ୍‌ଆଇଆର୍ ଦାଏର କରୁଛନ୍ତି। ଏଣୁ ସତ ହୋଇଥିଲେ ସମସ୍ୟା ସମ୍ପର୍କରେ ଲୋକେ ନ କହି ତା'ଠାରୁ ଦୂରେଇ ରହିବା ସବୁଠୁ ଭଲ ବୋଲି ଭାବୁଛନ୍ତି।

ସମାଲୋଚକ ଏବଂ ବିରୋଧୀଙ୍କ କାର୍ଯ୍ୟ ଉପରେ ସରକାରଙ୍କର କଠୋର ଓ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହେଉଛି ଏକ ପ୍ରତିରୋଧକ ବ୍ୟବସ୍ଥା। ଏଭଳି କାର୍ଯ୍ୟାନୁଷ୍ଠାନ ଅନ୍ୟମାନଙ୍କୁ ସମାନ କାର୍ଯ୍ୟ କରିବାରୁ ବିରତ କରିବ ଏବଂ ଯେଉଁମାନେ କିଛି କହିବାକୁ ଚାହୁଁଛନ୍ତି ସେମାନଙ୍କୁ ରୋକିବ। ଭାରତରେ ଅଧିକାଂଶ କ୍ଷେତ୍ରରେ ମୁଖ୍ୟ ଧାରାର ମିଡିଆକୁ ଧମକାଇବା ଆବଶ୍ୟକ ପଡୁନାହିଁ, କାରଣ ସେମାନେ ସରକାରଙ୍କ ଉପରେ ଲାଇସେନ୍ସ ଓ ବିଜ୍ଞାପନ ପାଇଁ ନିର୍ଭରଶୀଳ। ଅଧିକାଂଶ ମିଡିଆ ମାଲିକାନାରେ କର୍ପୋରେଟର ଅଂଶୀଦାର ଥିବା ଯୋଗୁ ସେମାନେ ସରକାର ପ୍ରତି ସମସ୍ୟା ସୃଷ୍ଟି ନ କରି ଯାହା ଚାହୁଁଛନ୍ତି ତାହା କରୁଛନ୍ତି। କିନ୍ତୁ ଭାରତରେ ସୋସିଆଲ ମିଡିଆ ୟୁଜର୍‌ମାନେ ଏହି ସମାନ ବିଷୟ କରିନାହାନ୍ତି। ସେଥିପାଇଁ ନୂଆ ଆଇଟି ନିୟମରେ ସେମାନଙ୍କ ପ୍ରତି ଯେଉଁସବୁ ସମସ୍ୟା ସୃଷ୍ଟି କରାଯାଇଛି, ତାହା ଉପରେ ଦୃଷ୍ଟି ଆକର୍ଷଣ କରାଯିବା ଦରକାର। ଏବେ ଟୁଇଟରକୁ ବାର୍ଷିକ ହଜାର ସଂଖ୍ୟକ ଟେକ୍‌ଡାଉନ ନୋଟିସ ଜାରି କରାଯାଉଛି। ଶାସକ ଦଳରେ କିମ୍ବା ଏହା ସହ ଜଡ଼ିତ ଥିବା ଲୋକଙ୍କ ଦ୍ୱାରା ଘୃଣା ମନ୍ତବ୍ୟ ପୋଷ୍ଟ କରାଗଲେ ତାହାର ସତ୍ୟାସତ୍ୟ ପରଖିବା ବଦଳରେ ହଟାଇ ଦିଆଯାଉଛି। ଏ ବିଷୟରେ ଲେଖିବା ଓ ଆଲୋଚନା କରିବା ଗୁରୁତ୍ୱପୂର୍ଣ୍ଣ କାରଣ ନୂଆ ନିୟମକୁ ସାଙ୍ଗରେ ନେଇ ସରକାର ସମସ୍ୟାକୁ ଆହୁରି ବଢ଼ାଇବାକୁ ସ୍ଥିର କରିଛନ୍ତି। ତେବେ ବାସ୍ତବ ଗଣତନ୍ତ୍ର ନ ଥିବା ଏକ ଦେଶରେ ସରକାର କ'ଣ ତାଙ୍କ ସମ୍ପର୍କରେ ଯେଉଁ ରିପୋର୍ଟ କରାଯାଉଛି ସେଥିରେ କେଉଁଟି ସତ ଏବଂ ଭ୍ରମାତ୍ମକ ତାହା ନିଶ୍ଚିତ କରିବାକୁ ନିଜକୁ ସଶକ୍ତ କରିପାରିବେ ତ।

Email:aakar.patel@gmail.com

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | 1 | 5 | 2 |
| | | 7 | 1 | | | | | 8 |
| | | 3 | | 9 | | | | |
| | 1 | | 3 | | | | | 6 |
| | | | 9 | | | 3 | 4 | |
| | | 5 | | | 6 | | | |
| 8 | 9 | | 7 | 3 | | | | |
| 3 | | | | | | | 6 | |
| | | | | | | 2 | 9 | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 8 | 4 | 2 | 5 | 6 | 1 | 9 | 7 |
| 5 | 7 | 1 | 4 | 9 | 3 | 2 | 6 | 8 |
| 2 | 9 | 6 | 1 | 8 | 7 | 4 | 5 | 3 |
| 4 | 3 | 7 | 6 | 2 | 9 | 8 | 1 | 5 |
| 1 | 5 | 9 | 8 | 7 | 4 | 6 | 3 | 2 |
| 8 | 6 | 2 | 5 | 3 | 1 | 9 | 7 | 4 |
| 7 | 4 | 5 | 9 | 6 | 2 | 3 | 8 | 1 |
| 9 | 1 | 3 | 7 | 4 | 8 | 5 | 2 | 6 |
| 6 | 2 | 8 | 3 | 1 | 5 | 7 | 4 | 9 |

ଗତ କାଲିର ଉତ୍ତର

# ହରିନାମେ କି ରସ ଅଛି



ଚିତ୍ର ଚରିତ୍ର

ଅଧ୍ୟାପକ ନିରଞ୍ଜନ ପାଢ଼ୀ

ନିଜେ ନ ମଲେ ଯେମିତି ଯମରାଜଙ୍କ ଦର୍ଶନ ମିଳେନା, ସେମିତି ନିଜେ ନ ପିଇଲେ ହରିନାମରେ ଥିବା ରସର ସ୍ୱାଦ ଜାଣିହୁଏନା। ଏକାନ୍ତ ବ୍ୟକ୍ତିଗତ ଯେ ଅନୁଭବ, ଯାହାକୁ କାହା ସହିତ ବାଣ୍ଟିହୁଏନା କି ଯେତେ ପିଇଲେ ବି ତୃଷ୍ଣା ମେଣ୍ଟେନା। ବିଜ୍ଞାନ ଓ ଆଧୁନିକତାର ଆବାହନ ମଧ୍ୟରେ ପରିପୁଷ୍ଟ ହେଉଥିବା ଏବେକାର ମଣିଷଙ୍କ ଉନ୍ନତ ଚେତନାରେ ହରିନାମର ଆକର୍ଷଣ ଯେତେ ଦୁର୍ବଳ ହେଲେ ବି ସେମାନଙ୍କ ଅବଚେତନରେ ଏହାର ପ୍ରଭାବ ଓ ପ୍ରତିଷ୍ଠାକୁ ଅସ୍ୱୀକାର କରାଯାଇପାରେନା। ସକାଳର ଶଯ୍ୟାତ୍ୟାଗ ପୂର୍ବରୁ ଭକ୍ତି ସଙ୍ଗୀତଟିଏ ଶୁଣିଦେଲେ ଦେହମନରେ ଯେଉଁ ଅପୂର୍ବ ପୁଲକ ଜାତ ହୁଏ, ତାହା ପ୍ରକୃତରେ ଅନିର୍ବଚନୀୟ। ଭକ୍ତ ଜଣେ ତନ୍ମୟ ଚିତ୍ତରେ ଯେତେବେଳେ ଭଗବାନ୍‌ଙ୍କ ଭଜନ ଶୁଣୁଥାଏ, ସେତେବେଳେ ତା' ଆଖିରୁ ଝରିପଡୁଥିବା ଲୁହକୁ ଲକ୍ଷ୍ୟ କଲେ ଜାଣିହେବ, କେତେ ଶକ୍ତିଶାଳୀ ହୋଇପାରେ ଈଶ୍ୱରଙ୍କ ପ୍ରତି ମଣିଷର ଆସ୍ଥା ଓ ବିଶ୍ୱାସ। ନାସ୍ତିକଙ୍କ ବିଜ୍ଞାନ ବିଚାରକୁ ପ୍ରତିହତ କରି ସଦର୍ପ ଛିଡ଼ାହୁଏ ଆସ୍ତିକଙ୍କ ବିମଳ ବିଶ୍ୱାସ।

ଜୀବନର ଅଧା ସମୟ ବିଜ୍ଞାନାଗାରରେ ବିତାଇଥିବା ଜଣେ ବରିଷ୍ଠ ବୈଜ୍ଞାନିକଙ୍କ ଘରୁ ପ୍ରତିଦିନ ପ୍ରଭାତରେ ଶୁଣିବାକୁ ମିଳେ କେତୋଟି ସୁନ୍ଦର ଭକ୍ତିଭାବ ଉଦ୍ରେକକାରୀ ରେକର୍ଡ ସଙ୍ଗୀତ। ଆଶ୍ଚର୍ଯ୍ୟ ଲାଗେ, ହାଟ ମଧ୍ୟରେ ବ୍ରହ୍ମଜ୍ଞାନ! ବିଜ୍ଞାନ ବିହାରରେ ଭଜନ ଜଣାଣ! ମାତ୍ର ବୈଜ୍ଞାନିକ କହନ୍ତି, ''ସକାଳୁ ହରିନାମ ନ ଶୁଣିଲେ ସମଗ୍ର ଦିନଟି ମୋତେ ଅପୂର୍ଣ୍ଣ ମନେହୁଏ। ଗବେଷଣାରେ ମନ ଲାଗେ ନାହିଁ। ଲାଗେ, ସତେ ସେମିତି କେଉଁଠି କିଛି ହଜାଇ ଦେଇ ଆସିଛି।'' ସେ ପୁଣି କହନ୍ତି, ''ଜଗନ୍ନାଥ ଜଣାଣ, ରାମ ଚରିତ ମାନସ ବା କୃଷ୍ଣ କଥାମୃତର ସୁଲଳିତ ଗାୟନ ମୋ ହୃଦୟକୁ ଯେଉଁ ଆନନ୍ଦରେ ଭରିଦିଏ, ବିଜ୍ଞାନାଗାରର କୌଣସି ଅଭିନବ ଉଦ୍‌ଭାବନ ସେଭଳି ଆନନ୍ଦ ଦେଇପାରେନା। ଅଥଚ ଶ୍ରୀଜଗନ୍ନାଥ, ଶ୍ରୀରାମ ବା ଶ୍ରୀକୃଷ୍ଣଙ୍କ ଐଶ୍ୱରୀୟ ଚିତ୍ର ଓ ଚରିତ୍ର ବିଜ୍ଞାନ ଓ ବୈଜ୍ଞାନିକତାର ଏକାନ୍ତ ପରିପନ୍ଥୀ।''

ପ୍ରକୃତରେ ବିଜ୍ଞାନର ବୌଦ୍ଧିକ ଆବେଦନ ଓ ଆଧୁନିକତାର ଉଗ୍ର ଆବାହନ ସଭ୍ୟ ମଣିଷର ଜୀବନକୁ ଯେତେ ଉଦ୍‌ଭାସିତ କଲେ ବି ଏକ ବିଚିତ୍ର ଅଭାବବୋଧ ଓ ଅସହାୟତା ନେଇ ମଣିଷ ନିଜକୁ ଅପୂର୍ଣ୍ଣ ମନେକରେ। ଏହି ଅପୂର୍ଣ୍ଣତାର ଅନ୍ଧକାରରୁ ମୁକ୍ତି ଦେବା ପାଇଁ ଯେଉଁ ଆଲୋକ ଆବଶ୍ୟକ, ତାହା ଉପଲବ୍ଧ ହୁଏ ମନ୍ଦିରରେ ପୂଜାର୍ଚ୍ଚନାରୁ, ବିଭିନ୍ନ ତୀର୍ଥାଟନରୁ ଓ ହରିକଥା ଶ୍ରବଣରୁ। ଆଧ୍ୟାତ୍ମିକତାର ଏଇ ଆଲୋକ ସଂସ୍ପର୍ଶରେ ଆସି ଆଧୁନିକତାର ଅତିରିକ୍ତ ଔଜ୍ଜ୍ୱଲ୍ୟରେ ଆସ୍ତେ ଆସ୍ତେ ଅନ୍ଧ ହୋଇଯାଉଥିବା ମଣିଷ ଚକ୍ଷୁଷ୍ମାନ୍ ହୁଏ। ତା' ଭିତରର ଦେବତ୍ୱର ବିକାଶ ଘଟେ। ଦୂରୀଭୂତ ହୁଏ ସକଳ ଅହଂକାର। ମଣିଷ ନିଜକୁ ଅମୃତର ସନ୍ତାନ କହିବାର ସାହସ ଓ ସାମର୍ଥ୍ୟ ହାସଲ କରେ।



ମାତ୍ର ଏ ସବୁ ହୁଏନାହିଁ କାହିଁକି? ଏଠି ତ ତୀର୍ଥକ୍ଷେତ୍ରର ଅଭାବ ନାହିଁ। ତୀର୍ଥରେ ମନ୍ଦିର ଅଛି, ମନ୍ଦିରରେ ପୂଜା ପାଉଛନ୍ତି ଦେବଦେବୀ। ଦେବତାଙ୍କ ସ୍ତୁତି ପାଇଁ ଲେଖା ଓ ବୋଲାଯାଉଛି ଶହ ଶହ ଭକ୍ତି ଗୀତ ଓ ସଙ୍ଗୀତ। କିନ୍ତୁ ତଥାପି କାହିଁକି ବିଲୁପ୍ତ ହୋଇପାରୁନି ମଣିଷ ମନରୁ ଅସତ୍ୟ, ଅନାଚାର, ଔଦ୍ଧତ୍ୟ ଓ ଅହଂକାରର ନୀଳ ଜହର! ନିଜ ଆଚାର ବ୍ୟବହାରରେ ଥୋକେ ମଣିଷ କାହିଁକି ପାଲଟି ଯାଉଛନ୍ତି ପଶୁଠାରୁ ମଧ୍ୟ ଆହୁରି ଅସଭ୍ୟ, ଆହୁରି ଇତର! ତେବେ କ'ଣ ନିଷ୍ପ୍ରଭ ହୋଇଗଲାଣି ଆଧ୍ୟାତ୍ମିକ ଆଲୋକ? ମିଥ୍ୟା ଓ ରସଶୂନ୍ୟ ହୋଇଗଲାଣି ହରିନାମର ଓଁକାର ଉଚ୍ଚାରଣ!

ନା, ବିଜ୍ଞାନର ସକଳ ଔଜ୍ଜ୍ୱଲ୍ୟ ସତ୍ତ୍ୱେ ଏବେ ବି ବିଚ୍ଛୁରିତ ହେଉଛି ଈଶ୍ୱର ବିଶ୍ୱାସ ଓ ଆଧ୍ୟାତ୍ମିକତାର ଆଲୋକ। ଏବେ ବି ବିଶ୍ୱର ପ୍ରତ୍ୟେକ ବସ୍ତୁରେ ସଂଜୀବିତ ଅଛନ୍ତି ସର୍ବବ୍ୟାପୀ ଈଶ୍ୱର। ସ୍ରଷ୍ଟା ଓ ସୃଷ୍ଟି ବା ଭକ୍ତ ଓ ଭଗବାନ୍‌ଙ୍କ ମଧ୍ୟରେ ଥିବା ସମ୍ପର୍କରେ କିଛି ବି ପରିବର୍ତ୍ତନ ଘଟିନାହିଁ। କେବଳ ଯାହା ବଦଳିଯାଇଛି ପ୍ରଗତିଶୀଳ ବୋଲାଉଥିବା ସମାଜର ପରିଚୟ ଓ ଆଧୁନିକ ବୋଲାଉଥିବା ମଣିଷର ମାନସିକତା। ସମାଜର ସେହିଭଳି କେଇଜଣ ଆଧୁନିକ ମଣିଷଙ୍କ ଦୃଷ୍ଟିରେ ବିଶ୍ୱର ଆଜି ଭକ୍ତି ଭାବନାର ସର୍ବଶ୍ରେଷ୍ଠ ସଂକଳ୍ପ ଓ ସିଦ୍ଧି ସାଧନାର ସର୍ବଶେଷ ସିଦ୍ଧାନ୍ତ ନ ହୋଇ ପାଲଟି ଯାଇଛନ୍ତି ବିଳାସ ବା ଫେଶନର ବସ୍ତୁ। ସୁତରାଂ, ମଣିଷର ଚାରିତ୍ରିକ ଅବକ୍ଷୟ ଓ ସମାଜର ଅଧଃପତନ ପାଇଁ ଉଭୟର ଅନ୍ତରକୁ ନିରୀକ୍ଷଣ ନ କରି 'ହରିନାମ ରସଶୂନ୍ୟ ହୋଇଗଲାଣି' ବା 'ଈଶ୍ୱର ଚାଲିଗଲେଣି' ବୋଲି ଚିତ୍କାର କରିବା କାହିଁକି?

ଅଳ୍ପଦିନ ତଳେ ଆମ ରାଜଧାନୀ ନଗରୀର ଏକ ଉପାନ୍ତ ଅଞ୍ଚଳରେ ଗୋଟିଏ ନବନିର୍ମିତ ପ୍ରାସାଦର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେଉଥାଏ। ଗୃହସ୍ୱାମୀ ଏହି ଉପଲକ୍ଷେ ଦୁଇଦିନବ୍ୟାପୀ ପୂଜାପାଠ ଓ ଭଜନ କୀର୍ତ୍ତନର ଆୟୋଜନ କରିଥା'ନ୍ତି। ପ୍ରଥମ ଦିନ ଏକାଧିକ ବ୍ରାହ୍ମଣଙ୍କ ଛନ୍ଦମୟ ମନ୍ତ୍ରପାଠ ଓ ଦ୍ୱିତୀୟ ଦିନ ଅଷ୍ଟପ୍ରହରୀ ନାମ ସଂକୀର୍ତ୍ତନର ଉତ୍ତାଳ କୋରସ୍। ଭଗବତ୍ ପ୍ରେମର ଅମୃତ ଧ୍ୱନିରେ ଆଖପାଖ ବିସ୍ତୀର୍ଣ୍ଣ ଅଞ୍ଚଳକୁ ପ୍ଲାବିତ କରୁଥିଲା ହରିନାମ ମହାମନ୍ତ୍ର। ଦୁଇଟି ଶକ୍ତିଶାଳୀ ମାଇକ୍ରୋଫୋନ୍ ସାହାଯ୍ୟରେ ଝାଞ୍ଜ ମୃଦଙ୍ଗର ତାଳେ ତାଳେ ଦୀର୍ଘ ଚବିଶ ଘଣ୍ଟାଯାଏ ଅବିରାମ ଭାବେ ଉଚ୍ଚାରିତ ହେଉଥିଲା 'ହରେକୃଷ୍ଣ ହରେରାମ ହରେହରେ' ସଂକୀର୍ତ୍ତନ ସଙ୍ଗୀତ। ଏ ସବୁ ଗାନ କରୁଥିଲେ କିଛି ଯୁବକ, ଯେଉଁମାନେ ଫିଲ୍ମ ସଙ୍ଗୀତର ସୁର ସହିତ ସୁର ମିଳାଇ ଏମିତି ଗାଉଥିଲେ ଯେ ଦୂରରୁ ଜଣାପଡୁଥିଲା, ସତେଯେମିତି ମାଇକ୍ରୋଫୋନ୍‌ରୁ ହରିନାମ ଧ୍ୱନିତ ହେବା ପରିବର୍ତ୍ତେ ଭାସିଆସୁଛି କିଛି ଲୋକପ୍ରିୟ ସିନେମା ସଙ୍ଗୀତ। ହରିନାମ ମହାମନ୍ତ୍ରର ଉଦ୍‌ଗାତା ଗୌରାଙ୍ଗ ଶ୍ରୀଚୈତନ୍ୟ ଯେଉଁ ଆଦ୍ୟ ସୁରରେ ଏହି ସଂକୀର୍ତ୍ତନକୁ ସଜାଇଥିଲେ, ତାହା ବୋଧହୁଏ ଶ୍ରୁତିକଟୁ ବୋଧ ହେଉଥିଲା ଏଇ ଆଧୁନିକ ଯୁବ ସଂକୀର୍ତ୍ତନକାରୀଙ୍କୁ।

ସେଇ ଅଞ୍ଚଳରେ ବେଶ୍ କିଛି ଝିଅ ପୁଅମାନେ ଅଳ୍ପଦିନ ପରେ ହେବାକୁ ଥିବା ମାଟ୍ରିକ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିଲେ। ଘଣ୍ଟାଏ କି ଦୁଇଘଣ୍ଟା ନୁହେଁ, ଦୀର୍ଘ ସମୟ ମାଇକ୍ରୋଫୋନ୍‌ର ବୁକୁଫଟା ଗର୍ଜନ ଅସହ୍ୟ ହେବାରୁ କେଇଜଣ ଅଭିଭାବକ ବିନା ମାଇକ୍ରୋଫୋନ୍‌ରେ ସଂକୀର୍ତ୍ତନ କରିବାକୁ ଅନୁରୋଧ କଲେ ସଂପୃକ୍ତ ଗୃହସ୍ୱାମୀଙ୍କୁ। ତାତି ଉଠିଲେ ମାଲିକ। ଯଜ୍ଞ, ହୋମ ଓ ନାମ ସଂକୀର୍ତ୍ତନ ଆଦି ପବିତ୍ର କର୍ମରେ ଆପତ୍ତି ଉଠାଉଥିବାରୁ ଅଭିଭାବକମାନଙ୍କୁ ଧର୍ମଦ୍ରୋହୀ ବୋଲି ଭର୍ତ୍ସନା କଲେ ଓ ସ୍ପଷ୍ଟଭାବେ ଶୁଣାଇଦେଲେ, ''ଆପଣଙ୍କ ପିଲାଙ୍କ ପରୀକ୍ଷାଠାରୁ ମୋ ଗୃହପ୍ରତିଷ୍ଠା ଅଧିକ ମହତ୍ତ୍ୱପୂର୍ଣ୍ଣ। ମାଇକ୍ରୋଫୋନ୍ ବ୍ୟବହାର କରି ମୁଁ କେବଳ ମୋ ଗୃହକୁ ନୁହେଁ, ଆଖପାଖ ଇଲାକାର ସମଗ୍ର ପରିବେଶକୁ ହରିରସରେ ପ୍ଲାବିତ କରୁଥିବା ବେଳେ ଆପଣଙ୍କର ଏ ଅଭିଯୋଗ ଆଦୌ ସ୍ପୃହଣୀୟ ନୁହେଁ।''

ପ୍ରକୃତରେ କେଡ଼େ କଥା କରୁ ନ ଥିଲେ ସେଇ ଧାର୍ମିକ ଗୃହସ୍ୱାମୀ ଜଣକ ମାଇକ୍ରୋଫୋନ୍‌ରେ ହରିଙ୍କୁ ଡାକି ଓ ସେ ଡାକ ଅନ୍ୟମାନଙ୍କୁ ଶୁଣାଇ! ତେଣିକି ପ୍ରତିବେଶୀ କିଶୋରୀ କିଶୋରମାନଙ୍କ ପରୀକ୍ଷା ଚୁଲିକୁ ଯାଉପଛେ! ସନ୍ଥ କବୀର ଦିନେ କହିଥିଲେ, ''ଏତେ ଉଚ୍ଚ ସ୍ୱରରେ ଚିତ୍କାର କରି ଏମାନେ କେଉଁ ଆଲ୍ଲା ବା ଈଶ୍ୱରଙ୍କୁ ଡାକୁଛନ୍ତି କେଜାଣି? ମୁଁ ଯେଉଁ ପ୍ରଭୁଙ୍କୁ ଜାଣେ, ଗୋଟିଏ ପିମ୍ପୁଡ଼ି ପାଦରେ ଘୁଙ୍ଗୁର ବାନ୍ଧିଦେଲେ ବି ସେ ତା'ର ଶବ୍ଦ ଶୁଣିପାରିବେ।'' ଆଧୁନିକ ଦୁନିଆର ଶବ୍ଦ ପ୍ରଦୂଷଣ ମଧ୍ୟରେ ସେକାଳର କବୀରଙ୍କ ପ୍ରଭୁ କ'ଣ ଏବେ ଏତେ ବଧିର ହୋଇଗଲେଣି ନା ଏକାଳର ଆଧୁନିକ ମଣିଷ ପ୍ରଭୁଙ୍କୁ ଚିହ୍ନିବାର ଶକ୍ତି ହରାଇ ବସିଲେଣି? କେଜାଣି!

ପ୍ରଜ୍ଞା ନିଳୟ, ବିଦ୍ୟାପତି ନଗର,
ଚକେଇସିହାଣି, ଭୁବନେଶ୍ୱର
ମୋ: ୮୮୯୫୬୨୪୧୦୫

# ଚନ୍ଦ୍ରାଭିମୁଖୀ ମହାକାଶଚାରୀ

ପିଲାଟି ବେଳୁ ଇଚ୍ଛା ଥିଲା ମହାକାଶକୁ ଯିବେ। ତାହା ସମ୍ଭବ ହେଲା। ଏବେ ପୃଥିବୀର ପ୍ରଥମ ମହିଳା ଭାବେ ଚନ୍ଦ୍ରପୃଷ୍ଠରେ ଅବତରଣ କରିବାର ଆଶା ତାଙ୍କର ପୂରଣ ହେବାକୁ ଯାଉଛି। ସେ ହେଲେ ଆମେରିକୀୟ ମହାକାଶ ସଂସ୍ଥା ନ୍ୟାଶନାଲ ଏରୋନଟିକ୍ସ ଆଣ୍ଡ୍ ସ୍ପେସ୍ ଆଡମିନିଷ୍ଟ୍ରେଶନ (ନାସା)ର ମହାକାଶଚାରୀ ଖ୍ରୀଷ୍ଟିନା ହାମୋକ୍ କୋଚ୍। ତାଙ୍କ ସହ ଅନ୍ୟ ଯେଉଁ ତିନି ଜଣ ଚନ୍ଦ୍ରକୁ ଯିବେ ବୋଲି ନାମ ଘୋଷଣା କରାଯାଇଛି, ସେମାନେ ହେଲେ ନାସାର ଗ୍ରିଗୋରି ଆର୍. ୱାଇଜ୍‌ମେନ୍, ଭିକ୍ଟୋର ଗ୍ଲୋଭର ଏବଂ କାନାଡୀୟ ମହାକାଶ ଏଜେନ୍ସି ମହାକାଶଚାରୀ ଜେରେମି ହାନ୍‌ସେନ୍। ତେବେ ଆର୍ଟେମିସ୍-୨ କ୍ରିଉର ମିଶନ୍ ସ୍ପେଶାଲିଷ୍ଟ ଭାବେ ଖ୍ରୀଷ୍ଟିନାଙ୍କୁ ଚୟନ କରାଯାଇଥିବାରୁ ସେ ଅତ୍ୟନ୍ତ ଖୁସି ବ୍ୟକ୍ତ କରିଛନ୍ତି। ଚନ୍ଦ୍ରର ବାହ୍ୟପାର୍ଶ୍ୱ ଯାଏ ୬,୪୦୦ ମାଇଲରୁ ଅଧିକ ଯାତ୍ରା କରିବାକୁ ଥିବା ଏକ ଶକ୍ତିଶାଳୀ ରକେଟ୍ (ଓରିଅନ୍ ସ୍ପେସ୍‌କ୍ରାଫ୍ଟ)ରେ ଏହି ମହାକାଶଚାରୀମାନେ ଗମନ କରିବାର କାର୍ଯ୍ୟକ୍ରମ ରହିଛି। ଖ୍ରୀଷ୍ଟିନା ଏଥିଲାଗି ଖୁବ୍ ଉତ୍ସାହିତ ଥିବା କହିଛନ୍ତି। ୧୦ ଦିନିଆ ଆର୍ଟେମିସ୍-୨ ମିଶନ୍ ଲାଗି ପ୍ରସ୍ତୁତି ଜୋରସୋରରେ ଚାଲିଛି। ଉଲ୍ଲେଖଯୋଗ୍ୟ ଯେ, ୧୯୭୨ରେ ଆପୋଲୋ ୧୭ ଜରିଆରେ ଚନ୍ଦ୍ରପୃଷ୍ଠରେ ପ୍ରଥମେ ମାନବ ପାଦ ଥାପିଥିଲା। ଏହାର ଅର୍ଦ୍ଧଶତାବ୍ଦୀ ପରେ ପୁଣି ମାନବର ଚନ୍ଦ୍ର ଯାତ୍ରା ଓ ସେଥିରେ ଜଣେ ମହିଳା ମହାକାଶଚାରୀଙ୍କ ଉପସ୍ଥିତି ଆଉ ଏକ ଇତିହାସ ରଚିବ ବୋଲି କୁହାଯାଉଛି।

ଖ୍ରୀଷ୍ଟିନା ଆମେରିକା ମିଚିଗାନ୍‌ର ଗ୍ରାଣ୍ଡ ରାପିଡ୍‌ସରେ ଜନ୍ମଗ୍ରହଣ କରିଥିଲେ। କିନ୍ତୁ ନର୍ଥ କରୋଲିନାର ଜାକ୍ସନଭିଲେରେ ସେ ବଢ଼ିଥିଲେ। ନର୍ଥ କରୋଲିନା ସ୍କୁଲ୍ ଅଫ୍ ସାଇନ୍ସ ଆଣ୍ଡ୍ ମାଥ୍‌ମେଟିକ୍ସରୁ ସେ ୧୯୯୭ରେ ସ୍ନାତକ ଡିଗ୍ରୀ ଅର୍ଜନ କରିଥିଲେ। ଏହା ପରେ ସେ ନର୍ଥ କରୋଲିନା ଷ୍ଟେଟ୍ ୟୁନିଭର୍ସିଟିରେ ନାମ ପଞ୍ଜୀକରଣ କରିଥିଲେ। ସେଠାରୁ ସେ ୨୦୦୧ରେ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ଓ ପଦାର୍ଥ ବିଜ୍ଞାନରେ ଦୁଇଟି ବ୍ୟାଚେଲର ଅଫ୍ ସାଇନ୍ସ ଡିଗ୍ରୀ ହାସଲ କରିଥିଲେ। ସେହିବର୍ଷ ସେ ଗୋଡାର୍ଡ ସ୍ପେସ୍ ଫ୍ଲାଇଟ୍ ସେଣ୍ଟରରେ ନାସା ଏକାଡେମି ପ୍ରୋଗ୍ରାମ୍‌ର ଗ୍ରାଜୁଏଟ୍ ହୋଇପାରିଥିଲେ। ୨୦୦୨ରେ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂରେ ସ୍ନାତକୋତ୍ତର କରିବା ପରେ ସେ ସ୍ପେସ୍ ସାଇନ୍ସରେ ଆଗକୁ ବଢ଼ିବା ଲାଗି ଗବେଷଣା ଓ ପ୍ରଶିକ୍ଷଣ ନେବାରେ ଲାଗିପଡ଼ିଥିଲେ। ୨୦୦୪ରୁ ୨୦୦୭ ଯାଏ ଖ୍ରୀଷ୍ଟିନା ୟୁନାଇଟେଡ୍ ଷ୍ଟେଟ୍ସ ଆଣ୍ଟାର୍କଟିକ୍ ପ୍ରୋଗ୍ରାମ୍‌ରେ ରିସର୍ଚ୍ଚ ଆସୋସିଏଟ୍ ଭାବେ କାର୍ଯ୍ୟ କରିଥିଲେ। ଫଳରେ ଆର୍କଟିକ୍ ଓ ଆଣ୍ଟାର୍କଟିକ୍ ଅଞ୍ଚଳରେ ସେ ସାଢ଼େ ତିନି ବର୍ଷରୁ ଊର୍ଦ୍ଧ୍ୱ ଯାତ୍ରା କରିବାର ସୁଯୋଗ ପାଇଥିଲେ। ସାଉଥ୍‌ପୋଲ ଷ୍ଟେଶନର ଅମୁଣ୍ଡସେନ୍-ସ୍କଟ୍‌ରେ ମାଇନସ୍ ୧୧୧ ଡିଗ୍ରୀ ଫାରେନ୍‌ହାଇଟ୍‌ରେ ୱିଣ୍ଟର ଓଭର ସିଜିନ୍‌ରେ ଅଂଶ ଗ୍ରହଣ କରି ନିଜ ଦକ୍ଷତା ପ୍ରତିପାଦନ କରିଥିଲେ। ଆଣ୍ଟାର୍କଟିକାରେ ଥିବା ବେଳେ ଫାୟାରଫାଇଟିଂ ଟିମ୍ ଏବଂ ଓସେନ୍/ଗ୍ଲେସିଅର ସର୍ଚ୍ଚ ଆଣ୍ଡ୍ ରେସ୍କ୍ୟୁ ଟିମ୍‌ରେ ଜଣେ ସଦସ୍ୟ ଭାବେ କାର୍ଯ୍ୟ କରିଥିଲେ। ସେ କହିଛନ୍ତି ଯେ, ସାଉଥ୍‌ପୋଲରେ କାର୍ଯ୍ୟ କରିବା ତାଙ୍କ ସକାଶେ ଶାରୀରିକ ତଥା ମାନସିକ ସ୍ତରରେ ଚ୍ୟାଲେଞ୍ଜିଂ ଥିଲା। ମାସ ମାସ ଧରି ସୂର୍ଯ୍ୟଙ୍କୁ ଦେଖିବାକୁ ପାଉ ନ ଥିଲେ କି ଭଲ ଖାଇବାକୁ ମିଳୁ ନ ଥିଲା। ପରିବାର ଓ ବନ୍ଧୁ ପରିଜନଙ୍କ ସହ ଯୋଗାଯୋଗ ହେବାର ସୁଯୋଗ ମଧ୍ୟ ନ ଥିଲା। ଅତ୍ୟନ୍ତ କଠୋର ସ୍ଥିତିରେ କିଭଳି ବଞ୍ଚିବାକୁ ହୋଇଥାଏ ସେ ସେହିଠାରୁ ଶିଖିବାକୁ ପାଇଥିଲେ। ଏହା ପରେ ସେ ୨୦୦୭ରୁ ୨୦୦୯ ଜନ୍ସ ହପ୍‌କିନ୍‌ସ ୟୁନିଭର୍ସିଟିର ସ୍ପେସ୍ ଡିପାର୍ଟମେଣ୍ଟ ଅଫ୍ ଦି ଆପ୍‌ଲାଏଡ୍ ଫିଜିକ୍ସ ଲାବରେଟୋରିରେ ଇଲେକ୍ଟ୍ରିକାଲ ଇଞ୍ଜିନିୟର ଭାବେ କାର୍ଯ୍ୟ କରିଥିଲେ। ସେଠାରେ ନାସା ମିଶନ ଲାଗି ରେଡିଏଶନ୍ ପାର୍ଟିକିଲ୍ସ ଉପରେ ହେଉଥିବା ଅଧ୍ୟୟନ ଉପରେ ସେ ଗୁରୁତ୍ୱ ଦେଇଥିଲେ। ସେହି ସମୟ ମଧ୍ୟରେ ସେ ଆଣ୍ଟାର୍କଟିକ୍‌ର ପାଲ୍‌ମେର ଷ୍ଟେଶନ ଏବଂ ଗ୍ରୀନ୍‌ଲାଣ୍ଡର ସୁଉଚ୍ଚକୁ ଏକାଧିକ ଥର ଭ୍ରମଣ କରିଥିଲେ। ୨୦୧୨ରେ ସେ ନ୍ୟାଶନାଲ ଓସେନିକ୍ ଆଣ୍ଡ୍ ଆଟ୍‌ମୋସ୍ଫିୟରିକ୍ ଆଡ୍‌ମିନିଷ୍ଟ୍ରେଶନ (ଏନ୍‌ଓଏଏ)ରେ ପ୍ରଥମେ ଫିଲ୍ଡ ଇଞ୍ଜିନିୟର ଏବଂ ପରେ ଆମେରିକାନ୍ ସାମୋଏ ଅବର୍ଜଭେଟୋରିରେ ଷ୍ଟେଶନ ଚିଫ୍ ହୋଇଥିଲେ। ତେବେ ଖ୍ରୀଷ୍ଟିନାଙ୍କ ବାସ୍ତବ ମହାକାଶ ସମ୍ବନ୍ଧୀୟ ଯାତ୍ରା ୨୦୧୩ରେ ଆରମ୍ଭ ହୋଇଥିଲା। ନାସା ଦ୍ୱାରା ବଛାଯିବା ପରେ ସେ ଆଷ୍ଟ୍ରୋନଟ୍ ଗ୍ରୁପ୍ ୨୧ରେ ସାମିଲ ହେବାର ସୁଯୋଗ ପାଇଥିଲେ। ୨୦୧୯ରେ ତାଙ୍କ ମହାକାଶ ଅଭିଯାନ ଆରମ୍ଭ ହୋଇଥିଲା। ମହାକାଶରେ ୩୨୮ ଦିନ ରହିବା ପରେ ସେ ୨୦୨୦ ଫେବୃଆରୀ ୬ରେ ପୃଥିବୀକୁ ଫେରିଥିଲେ। ତେବେ ତାଙ୍କ ଦୀର୍ଘ ବର୍ଷର କଠିନ ପରିଶ୍ରମ ଓ ମହାକାଶ ସମ୍ବନ୍ଧୀୟ ଗଭୀର ଅନୁଧ୍ୟାନ ତାଙ୍କୁ ୨୦୨୪ରେ ହେବାକୁ ଥିବା ଆର୍ଟେମିସ୍ ମିଶନର ଅଂଶବିଶେଷ କରାଇପାରିଛି। ନାସାରେ କାର୍ଯ୍ୟ କଲା ବେଳେ ସେ ଜନ୍ ହପ୍‌କିନ୍ସ ସମ୍ମାନଠାରୁ ଆରମ୍ଭ କରି ୟୁନାଇଟେଡ୍ ଷ୍ଟେଟ୍‌ସ କଂଗ୍ରେସ ଆଣ୍ଟାର୍କଟିକ୍ ସର୍ଭିସ ମେଡାଲ ପାଇପାରିଛନ୍ତି।

ବ୍ୟକ୍ତିଗତ ଜୀବନ କହିଲେ ଖ୍ରୀଷ୍ଟିନା ଏବେ ତାଙ୍କ ସ୍ୱାମୀ ରବର୍ଟ କୋଚ୍‌ଙ୍କ ସହ ଟେକ୍ସାସ୍‌ରେ ରହୁଛନ୍ତି। ପାହାଡ଼ ଚଢ଼ିବା, ଜଳଯାତ୍ରା କରିବା, ଦୌଡ଼ିବା, ଯୋଗ କରିବା, ଫଟୋଗ୍ରାଫିରେ ରୁଚି ରଖିବା ସହ ଗୋଷ୍ଠୀଗତ ସେବାରେ ନିଜକୁ ନିୟୋଜିତ କରିବାରେ ଆନନ୍ଦ ଅନୁଭବ କରିଥାଆନ୍ତି।

– ଜିତେନ୍ଦ୍ର କୁମାର ନାୟକ

ବ୍ୟକ୍ତିତ୍ୱ



ଖ୍ରୀଷ୍ଟିନା ହାମୋକ୍ କୋଚ୍

## ଏଇ ଭାରତରେ

ନାଁ ରୁହାନି ବର୍ମା। ବୟସ ୧୮। ସେ ଏହି ବୟସରେ ଆର୍କିଟେକ୍ ଶ୍ରୀଧର ରାଓଙ୍କ ସହ ମିଶି ଏକ କାର୍ବନ ନିର୍ଗମନ ଶୂନ୍ୟ ଶୌଚାଳୟ ନିର୍ମାଣ କରି ଉଦାହରଣ ସୃଷ୍ଟି କରିଛନ୍ତି। ବଡ଼ କଥା ହେଉଛି, ରୁହାନି ଏହି ଶୌଚାଳୟକୁ କେବଳ ପ୍ଲାଷ୍ଟିକ ବର୍ଜ୍ୟରେ ନିର୍ମାଣ କରିଛନ୍ତି। ସେ ୪ ଲକ୍ଷ ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ୍ ବ୍ୟାଗ୍‌ରୁ ୧୦୦୦ ଟାଇଲ ତିଆରି କରି ଶୌଚାଳୟରେ ଲଗାଇଛନ୍ତି। ରୁହାନି ଉକ୍ତ ଶୌଚାଳୟକୁ ଅମୃତସର ଅନ୍ତରାଷ୍ଟ୍ରୀୟ ବିମାନ ବନ୍ଦର ପାର୍କିଂ ସ୍ଥଳରେ ରଖିଛନ୍ତି। ରୁହାନି ଜୟପୁରର ଜୟଶ୍ରୀ ପୋରିବାଲ ଇଣ୍ଟରନ୍ୟାଶନାଲ ସ୍କୁଲରେ ପଢୁଛନ୍ତି। ସ୍କୁଲରେ ଇକୋ ପ୍ରୋଜେକ୍ଟରୁ ଏକ ପରିବେଶ ଉପଯୋଗୀ ଟଏଲେଟ ନିର୍ମାଣ କରିବାର ପ୍ରେରଣା ମିଳିଥିଲା। ଏଥିପାଇଁ ସେ ଛୁଟିରେ ଏକ ଆର୍କିଟେକ୍ଟର ଫାର୍ମରେ ଇଣ୍ଟର୍ନଶିପ୍ କରିବା ପରେ ଆର୍କିଟେକ୍ ଶ୍ରୀଧର ରାଓଙ୍କ ସହଯୋଗରେ କାର୍ଯ୍ୟ ଆରମ୍ଭ କରି ଏହି ସଫଳତା ପାଇଛନ୍ତି। ଏଭଳି ଶୌଚାଳୟ ଅଧିକ ସଂଖ୍ୟାରେ ନିର୍ମାଣ କରାଯାଇପାରିଲେ ଉଭୟ ବର୍ଜ୍ୟ ଓ କାର୍ବନ ନିର୍ଗମନ ସମସ୍ୟାର ସମାଧାନ ହୋଇପାରନ୍ତା ବୋଲି କହନ୍ତି ରୁହାନି।

## ୨୫ ବର୍ଷ ତଳର ଧରିତ୍ରୀ

୯ ଏପ୍ରିଲ ୧୯୯୮

- ଆଦିବାସୀ ଉଗ୍ରପନ୍ଥୀଙ୍କ ଦ୍ୱାରା ଗୁଆହାଟୀରୁ ଅଗରତାଲା ଅଭିମୁଖେ ଯାଉଥିବା ବସ୍‌ରୁ ୩୦ ଯାତ୍ରୀ ଅପହୃତ।
- କେନ୍ଦ୍ର ମନ୍ତ୍ରିମଣ୍ଡଳରୁ ଭୂପୃଷ୍ଠ ପରିବହନ ମନ୍ତ୍ରୀ ଏସ୍.ଆର୍, ମୁଥାୟାଙ୍କ ଇସ୍ତଫା ପ୍ରଦାନ।
- ଆନ୍ଧ୍ରପ୍ରଦେଶରେ କ୍ଷମତାସୀନ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ସହ ୧୫ ବର୍ଷ ଧରି ରଖିଥିବା ସମ୍ପର୍କ ସିପିଆଇ ଆନୁଷ୍ଠାନିକ ଭାବେ ଛିନ୍ନ କରିଛି।

## ଚିରନ୍ତନୀ

ହେ ପାଷାଣ! ମାଗୁନାହିଁ ଶମିବାକୁ ମୋ ମରମଭାର,
କ୍ଷମିବାକୁ ଅପରାଧ ତୁଟିବାକୁ ବ୍ୟର୍ଥତା ଆଶାର
ଲୋଡୁନାହିଁ ଲଭିବାକୁ ତବ ଅନୁଗ୍ରହେ
ଧନ ମାନ ଯଶ ଖ୍ୟାତି ଅଭୟ ହୃଦୟେ,
ମୃତ୍ୟୁ ପରେ ମୁକ୍ତି ନାହିଁ ମାଗେଁ
ବଇକୁଣ୍ଠ ନାହିଁ ଭଲ ଲାଗେ,
ଏ ମର୍ତ୍ତ୍ୟ ଭୁବନ
ମୋ ସ୍ନେହ-ସଦନ,
ଏ ଧରଣୀ
ସୁଖମଣି।

(ପୁରୀ-ମନ୍ଦିର)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଅଦିନିଆ ଝଡ଼ରେ ବ୍ୟାପକ କ୍ଷତି

ମହାଶୟ,

ଅଦିନିଆ ଝଡ଼ବର୍ଷା, ପବନ ଓ କୁଆପଥର ମାଡ଼ ପରିବା ଚାଷୀଙ୍କୁ ହତାଶ କରିଛି। ହଜାର ହଜାର ଟଙ୍କା ଋଣ କରି ଚାଷୀମାନେ ବିଭିନ୍ନ ପରିବା ଚାଷ କରିଥିଲେ। ଫସଲ ଅମଳ ବେଳକୁ ସେସବୁ ଛାରଖାର ହୋଇଗଲା। ବିଶେଷ କରି ତୈଳବୀଜ ଫସଲ, ତରଭୁଜ, କାକୁଡ଼ି ଆଦି ମାଟିରେ ମିଶିଯାଇଛି। ଚାଷୀ ମୁଣ୍ଡରେ ହାତ ଦେଇ ହିଡ଼ ଉପରେ ବସିଛି। ଋଣ କିପରି ଶୁଝିବ ସେ କଥା ଭାବୁଛି। ଏଥିରୁ ବର୍ତ୍ତିବା ପାଇଁ ତାଙ୍କୁ ସାହାଯ୍ୟ କରିବା ନିହାତି ଆବଶ୍ୟକ। ପଞ୍ଚାୟତ ସ୍ତରରେ କ୍ଷୟକ୍ଷତି ଆକଳନ କରି ତୁରନ୍ତ ଚାଷୀଙ୍କୁ ଆର୍ଥିକ ସହାୟତା ଦିଆଯାଉ। ଖାଉଟିଙ୍କ ପାଇଁ ଯୋଗାଉଥିବା ପରିବା ଚାଷୀଙ୍କୁ ସହାୟତା ନ ମିଳିଲେ ଚାଷୀ ଚାଷ କରିବା ପାଇଁ କୁଣ୍ଠାବୋଧ କରିବେ।

– ଯଦୁନାଥ ସାହୁ, ବରିଷ୍ଠ ନାଗରିକ, ସାବରଙ୍ଗ, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ସର୍ବଭାରତୀୟ ବିଶାଳ ହସ୍ତଶିଳ୍ପ ପ୍ରଦର୍ଶନୀ, ଗାନ୍ଧୀଶିଳ୍ପ ବଜାର,ଏକାମ୍ର ହାଟ, ୟୁନିଟ୍-୩, ପୂର୍ବାହ୍ନ ୧୦ଟା।
- ପ୍ରୟାସର ୧୬ତମ ବାର୍ଷିକ ବୈଠକ, ଲୋହିଆ ଏକାଡେମୀ, ପୂର୍ବାହ୍ନ ୧୦ଟା।
- ଡିଭାଇନ୍ ଟ୍ୟାଲେଣ୍ଟ ହଣ୍ଟ, ଭଞ୍ଜକଳା ମଣ୍ଡପ, ପୂର୍ବାହ୍ନ ୧୦ଟା।
- ଓଡ଼ିଶା ସରକାରୀ ହାଇସ୍କୁଲ ଚୁକ୍ତିଭିତ୍ତିକ ଶିକ୍ଷକ ସଂଘର ଧାରଣା, ଲୋୟର ପିଏମ୍‌ଜି, ପୂର୍ବାହ୍ନ ୧୧ଟା।
- ହରିହର ସରକାରୀ ଉଚ୍ଚ ବିଦ୍ୟାଳୟର ବନ୍ଧୁମିଳନ, ବିଦ୍ୟାଳୟ ପରିସର, କୋର୍ଟ ପଛ, ପୂର୍ବାହ୍ନ ୧୦ଟା ୩୦।
- ସ୍ମୃତି ସାନ୍ତ୍ୱନାର ବିଷୁବ ମିଳନ ମହୋତ୍ସବ, ବୁଦ୍ଧ ମନ୍ଦିର, ଅପରାହ୍ନ ୩ଟା ୫୦।
- ୨୧ତମ ଏକାମ୍ର ନୃତ୍ୟ ମହୋତ୍ସବ-୨୦୨୩, ଉତ୍କଳ ରଙ୍ଗମଞ୍ଚ, ଅପରାହ୍ନ ୪ଟା।
- ସେଲ୍ଟର ଫାଉଣ୍ଡେଶନ ପକ୍ଷରୁ ୧୪ତମ ବାର୍ଷିକ ପ୍ରତିଯୋଗିତା ଏବଂ ଶିଶୁକଳା ପ୍ରଦର୍ଶନୀ, ସୂଚନା ଭବନ, ଅପରାହ୍ନ ୫ଟା।
- କ୍ଲବ ସନ୍‌ରାଇଜ୍‌ର ୩୫ତମ ବାର୍ଷିକ ଉତ୍ସବ, ଗ୍ୟାରେଜ ଛକ, ସନ୍ଧ୍ୟା ୬ଟା।
- ନିଷ୍ଠ ପବ୍ଲିକ ସ୍କୁଲର ୯ମ ବାର୍ଷିକ ଉତ୍ସବ 'ଉଡାନ', ଜରିପାଟଣା, ବରିମୁଣ୍ଡ, ମଞ୍ଚେଶ୍ୱର, ସନ୍ଧ୍ୟା ୬ଟା।
- ଶିଶୁ କିଶୋର ନୃତ୍ୟ ପ୍ରତିଯୋଗିତା, ଏକାମ୍ର ହାଟ, ସନ୍ଧ୍ୟା ୭ଟା।
- ଜଗନ୍ନାଥ ହସ୍ପିଟାଲର ୧୧ତମ ବାର୍ଷିକ ଉତ୍ସବ, ହୋଟେଲ ପଦ୍ମଜା, ଚନ୍ଦ୍ରଶେଖରପୁର, ସନ୍ଧ୍ୟା ୭ଟା।
- ଓଡ଼ିଶା ଓମେନ୍ ଟଗ୍ ଅଫ୍ ୱାର ପ୍ରତିଯୋଗିତା, ଓମ୍ ଗୁରୁକୁଳ ପବ୍ଲିକ ସ୍କୁଲ, ବଡ଼ଗଡ଼, କେନାଲ ରୋଡ଼, ସନ୍ଧ୍ୟା ୭ଟା।

କଟକ

- ରୋଟାରୀ କ୍ଲବ କଟକ-ବାରବାଟୀ ପକ୍ଷରୁ ଥଣ୍ଡା ପାନୀୟଜଳ ପ୍ରକଳ୍ପ ଉଦ୍‌ଘାଟନ, କୃଷକ ବଜାର, ବିଡ଼ାନାସୀ, ପୂର୍ବାହ୍ନ ୧୦ଟା।
- ଲିଗାଲ ଏଡ୍ କାଉନ୍‌ସିଲର ଆଲୋଚନାଚକ୍ର, ଚହଟେଶ୍ୱର ମନ୍ଦିର, ଚହଟା, ପୂର୍ବାହ୍ନ ୧୦ଟା ୩୦।

ବାଲିଅନ୍ତା

- ରାମଲୀଳାର ନାଟକ ସୀତାଚୋରି, ବେଣୁପୁର ରାମଲୀଳା ପଡ଼ିଆ, ରାତି ୧୧ଟା ୩୦।
- ରାମଲୀଳାର ନାଟକ ବାଲିବଧ, କାକରୁଦ୍ରପୁର ପତିତପାବନ ମନ୍ଦିର ନିକଟ ପଡ଼ିଆ, ରାତି ୧୧ଟା ୩୦।
- ରାମଲୀଳାର ନାଟକ ଗୟାରେ ପିଣ୍ଡଦାନ ଓ ବିରାଟ ବଧ, ଗୋତଲବିନ୍ଧା ସୀତା ରାମେଶ୍ୱର ମନ୍ଦିର ନିକଟ, ରାତି ୧୧ଟା ୩୦।

ଟିଗିରିଆ

- ପୂଜ୍ୟ ପୂଜନ କାର୍ଯ୍ୟକ୍ରମ-୨୦୨୩ ଓ ସମ୍ବର୍ଦ୍ଧନା, ମହେଶ୍ୱର ନୋଡାଲ ବିଦ୍ୟାପୀଠ ପରିସର, ପୁରୁଣା ଟିଗିରିଆ, ପୂର୍ବାହ୍ନ ୧୦ ଟା।

# ନମ୍ବର ପ୍ଲେଟରେ ଚୁଇଂଗମ୍ ମାରି ବୁଲୁଛନ୍ତି ଅମାନିଆ

## ଫାଇନରୁ ବର୍ତ୍ତିବା ଲାଗି ନୂଆ ତରିକା

- ଚେତାବନୀ ଦେଲା ଟ୍ରାଫିକ ପୋଲିସ
- ନିୟମ ନ ମାନିଲେ ଗାଡ଼ି ଜବତ ସହ ବଡ଼ ଜରିମାନା

ଭୁବନେଶ୍ୱର,୮।୪(ବ୍ୟୁରୋ)

ଆଇନ ଯେତେ କଡ଼ାକଡ଼ି କରାଯାଉଛି, ଅମାନିଆ ସେତିକି ନୂଆ ନୀତି ଆପଣାଉଥିବା ଦେଖିବାକୁ ମିଳୁଛି। ଟ୍ରାଫିକ୍ ନିୟମ ଉଲ୍ଲଂଘନକାରୀଙ୍କୁ ସାବାଡ କରିବାକୁ ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ(ଏଚ୍‌ଏସ୍‌ଆର୍‌ପି)କୁ ବାଧ୍ୟତାମୂଳକ କରାଯାଇଛି। ଫଳରେ କେହି ନିୟମ ଉଲ୍ଲଂଘନ କଲେ ସିସିଟିଭିରେ ଗାଡ଼ି ନମ୍ବରକୁ କଏଦ କରାଯାଇ ସେମାନଙ୍କ ପାଖକୁ ଜରିମାନା ରସିଦ୍ ଅନ୍‌ଲାଇନରେ ପଠାଯାଉଛି। ହେଲେ ଏଥିରୁ ବର୍ତ୍ତିବା ପାଇଁ ଏବେ କିଛି ଅମାନିଆ ନୂଆନୀତି ଆପଣାଇଥିବା ଦେଖିବାକୁ ମିଳୁଛି। କେହି ନମ୍ବର ପ୍ଲେଟର କିଛି ଅଂଶ ଲିଭାଇ ଦେଉଥିବାବେଳେ ଆଉ କେତେଜଣ ଟ୍ରାଫିକ ଛକ ଆସିଲେ ନମ୍ବର ପ୍ଲେଟରେ ରୁମାଲ କିମ୍ବା ଅନ୍ୟ କପଡ଼ା ଗୁଡ଼ାଇ ଦେଉଛନ୍ତି। ଏପରିକି ଆଉ କେତେଜଣ ଚୁଇଂଗମ୍ ଲଗାଇ ଦେଉଛନ୍ତି। ଫଳରେ ସେମାନଙ୍କ ଗାଡ଼ି ନମ୍ବରକୁ ସହଜରେ ଟ୍ରାକ୍ କରାଯାଇ ପାରୁନାହିଁ। ଏଣୁ ଏବେ ଯେଉଁମାନେ ଗାଡ଼ିର ନମ୍ବରପ୍ଲେଟ୍‌କୁ କୌଣସି ପ୍ରକାରେ ଟ୍ୟାମ୍ପରିଂ କରାଯାଇଥିବା ଜଣାପଡ଼ିବ ସେମାନଙ୍କ ଗାଡ଼ି ଜବତ କରାଯିବା ସହ ମୋଟା ଅଙ୍କର ଜରିମାନା ଲାଗୁ କରାଯିବାକୁ ଟ୍ରାଫିକ୍ ପୋଲି ନିଷ୍ପତ୍ତି ନେଇଛି।

ରାଜଧାନୀ ଭୁବନେଶ୍ୱରରେ ଅମାନିଆଙ୍କୁ ଧରିବାକୁ ସହରର ବିଭିନ୍ନ ସ୍ଥାନରେ କ୍ୟାମେରା ଲଗାଯିବାସହ ପ୍ରମୁଖ ଛକଗୁଡ଼ିକରେ ପୋଲିସ ସ୍ପେଶାଲ ଡ୍ରାଇଭ କରୁଛି। ଏହାସତ୍ତ୍ୱେ ଟ୍ରାଫିକ ସିସିଟିଭିରୁ ବର୍ତ୍ତିବା ପାଇ କେତେଜଣ ଭିନ୍ନ ତରିକା ଆପଣାଉଛନ୍ତି। କିଏ ଜରିମାନା ଫାଙ୍କିବାକୁ ତ ଆଉ କିଏ ଅପରାଧ ଘଟାଇବା ପାଇଁ ନମ୍ବର ପ୍ଲେଟ ଟ୍ୟାମ୍ପରିଂ କରୁଛନ୍ତି, ଯାହାକି ପୋଲିସ ପାଇଁ ଚିନ୍ତାର କାରଣ ପାଲଟିଛି। ତେଣୁ ଏଭଳି ଅମାନିଆଙ୍କୁ ସତର୍କ କରାଇଛି ଟ୍ରାଫିକ୍ ପୋଲିସ। ନିୟମ ନ ମାନିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଟ୍ରାଫିକ ଏସିପି ସ୍ୱସ୍ତିକ ପଣ୍ଡା କହିଛନ୍ତି। ସଚେତନ ପରେ ଯଦି କୌଣସି ବ୍ୟକ୍ତି ଏଭଳି କରନ୍ତି ତାହାଲେ ମୋଟା ଅଙ୍କର ଜରିମାନା ସହ ଗାଡିକୁ ସିଧା ଜବତ କରାଯିବ ବୋଲି କହିଛନ୍ତି । ଏହାସହ ସହରରେ ଟ୍ରାଫିକ ସମସ୍ୟାକୁ ସୁଧାରିବା ପାଇଁ ଆକ୍ସନ ପ୍ଲାନ ପ୍ରସ୍ତୁତ କରାଯାଉଛି । ପାର୍କିଂ ପାଇଁ ସୃଷ୍ଟି ହେଉଥିବା ଟ୍ରାଫିକ ଜାମ୍‌କୁ ସୁବ୍ୟବସ୍ଥିତ କରାଯିବ ବୋଲି ପଣ୍ଡା କହିଛନ୍ତି। ଅଟୋ ଷ୍ଟାଣ୍ଡ ପାଇଁ ସ୍ୱତନ୍ତ୍ର ସ୍ଥାନ ଚିହ୍ନଟ କରିବା ସହିତ ଗୋଟିଏ ସ୍ଥାନରୁ ଅନ୍ୟ ଏକ ସ୍ଥାନକୁ ଯାତ୍ରୀ ଭଡ଼ା ସ୍ଥିର କରି ନିର୍ଦ୍ଧାରିତ ମୂଲ୍ୟର ତାଲିକା ପ୍ରତି ଷ୍ଟାଣ୍ଡରେ ଲଗାଯିବ। ସେହିପରି ରାଜଧାନୀରେ ଦିନକୁ ଗାଡ଼ି ମୋଟର ସଂଖ୍ୟା ବୃଦ୍ଧି ପାଉଥିବାରୁ ଲୋକମାନେ ଜାମ୍‌ରେ ନ ଫସିବା ପାଇଁ ସୋସିଆଲ ମିଡିଆରେ ଟ୍ରାଫିକ ପୋଲିସ ଯୋଡି ହୋଇଛି। କେଉଁ ରୁଟରେ କ'ଣ ସମସ୍ୟା ରହିଛି ଟୁଇଟର, ଫେସ୍‌ବୁକ ଓ ଏଫ୍‌ଏମ୍ ମାଧ୍ୟମରେ ଲୋକଙ୍କୁ ଅବଗତ କରାଯାଉଛି ବୋଲି ପଣ୍ଡା କହିଛନ୍ତି ।




ଏକ ଗାଡ଼ିର ନମ୍ବର ପ୍ଲେଟ୍‌ରେ ଚୁଇଂଗମ୍ ଲଗାଯାଇଛି। । ଅନ୍ୟଏକ ଗାଡ଼ିର କେତେକ ନମ୍ବରକୁ ଲିଭାଯାଇଛି।




ଭୁବନେଶ୍ୱରସ୍ଥିତ ସାଇ ଇଣ୍ଟରନ୍ୟାଶନାଲରେ ରୋଲର୍ ସ୍ପିଡ୍ ସ୍କେଟିଂ ଶିବିରରେ ଭାରତର ରୋଲର ସ୍କେଟିଂ କୋଚ୍ ଗୁଇଲିଓ ରାଭାସି ଓ ଅନ୍ୟମାନେ।

# ସାଇ ଇଣ୍ଟରନ୍ୟାଶନାଲରେ ରୋଲର୍ ସ୍ପିଡ୍ ସ୍କେଟିଂ ଶିବିର

## ଯୋଗଦେଲେ କୋଚ୍ ଗୁଇଲିଓ ରାଭାସି

ଭୁବନେଶ୍ୱର, ୮।୪ (ବ୍ୟୁରୋ)

ସାଇ ଇଣ୍ଟରନ୍ୟାଶନାଲ ସ୍କୁଲରେ ରୋଲର ସ୍ପିଡ୍ ସ୍କେଟିଂ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭାରତର ରୋଲର ସ୍କେଟିଂ କୋଚ୍ ଗୁଇଲିଓ ରାଭାସି ଯୋଗଦେଇ କହିଲେ, ରୋଲର୍ ସ୍କେଟିଂ ହେଉଛି ଏକ ଆଜୀବନ ଫିଟ୍‌ନେସ୍ ଖେଳ। ଏହା ପିଲାଙ୍କ ମଧ୍ୟରେ ସାହସ, ଧୈର୍ଯ୍ୟ ଓ ମାନସିକ ଦୃଢ଼ତା ସୃଷ୍ଟି କରିଥାଏ। ଏଥିସହ ଶିବିରରେ ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କୁ ରୋଲର ସ୍ପିଡ୍ ସ୍କେଟିଂ ଶିଖିବାର କୌଶଳ ଶିକ୍ଷା ସହ ଏହା ଖେଳିବା ଦ୍ୱାରା ଫିଟ୍‌ନେସ୍, ସନ୍ତୁଳନ ବିକାଶ ଓ ସମନ୍ୱୟ ଦିଗରେ ଏହା କିପରି ସହାୟକ ହୁଏ ସେ ବିଷୟରେ ଆଲୋକପାତ କରିଥିଲେ। ଏଥିସହ ଖେଳିବା ସମୟରେ ଆଘାତ ଲାଗିଲେ କ'ଣ କରିବା, ଘୁରିବା ଏବଂ ଷ୍ଟଣ୍ଟ କରିବା ଉପରେ ପରାମର୍ଶ ଦେଇଥିଲେ। ସାଇ ଇଣ୍ଟରନ୍ୟାଶନାଲର ଚେୟାରପର୍ସନ ଡ. ଶିଳ୍ପୀ ସାହୁ ଉପସ୍ଥିତ ରହି, ସ୍କେଟିଙ୍ଗ୍‌ରେ କ୍ୟାରିଅର କରିବାକୁ ଚାହୁଁଥିବା ଛାତ୍ରୀଛାତ୍ର ରାଭାସିଙ୍କ ପରି ଜଣେ ବିଶେଷଜ୍ଞଙ୍କ ଠାରୁ ଅନେକ କିଛି ଶିଖିବାର ସୁଯୋଗ ପାଇଥିବା କହିଥିଲେ।

# ମହୁମାଛି ଆକ୍ରମଣ: ୫ ଆହତ

ବାଲିଅନ୍ତା,୮।୪(ଡି.ଏନ୍.ଏ.)

ମହୁଫଣାକୁ ଟେକା ମାରି ମଜା ନେବା ଜଣେ ସ୍କୁଲ ଛାତ୍ରଙ୍କୁ ମହଙ୍ଗା ପଡିଛି। ସହୁମାଛିଙ୍କ ସମୁହ ଆକ୍ରମଣରେ ୨ ଛାତ୍ରଙ୍କ ସମେତ ୫ ।ହତ ହୋଇଛନ୍ତି। ବାଲିଅନ୍ତା ଭୁବନପୁରସ୍ଥିତ ମହାତ୍ମାସେତୁ ଉପରେ ଶନିବାର ପେରି ଘଟଣା ଘଟିଛି। ସ୍କୁଲ ଛୁଟି ପରେ ଘରକୁ ଫେରୁଥିବା ୨ ଛାତ୍ର ବାଟକରେ ଏକ ଗଛରେ ଥିବା ମହୁଫେଣାକୁ ଟେକା ମାରିଥିବାରୁ ମହୁଫେଣା ଭାଙ୍ଗିଯାଇଥିଲା। ଫଳରେ ମହୁମାଛି ଏକତ୍ରିତ ହୋଇ ଟେକା ମାରିଥିବା ୨ ଛାତ୍ରକୁ ଆକ୍ରମଣ କରିଥିଲେ। ଏଥିସହ ମହୁମାଛି ରାସ୍ତାରେ ଯାଉଥିବା ଆରୋହୀଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ରାସ୍ତାରେ ଯାଉଥିବା ଦମ୍ପତି ମହୁମାଛି ଆକ୍ରମଣର ଶିକାର ହୋଇ ବାଇକ୍ ଛାଡି ସେଠାରୁ ପଳାଇଥିଲେ। ଏଥିପାଇଁ ପ୍ରାୟ ୨୦ ମିନିଟ୍ ଧରି ରାସ୍ତାରେ ଯାତାୟତ ଠପ ହୋଇଯାଇଥିଲା। ଜଣେ ଟ୍ରକ ଚାଳକ ରାସ୍ତାରେ ଗଡୁଥିବା ୨ ଛାତ୍ରଙ୍କୁ ଉଦ୍ଧାର କରି ତାଙ୍କ ଗାଡ଼ିକୁ ନେଇଯାଇଥିଲେ।

# ଦମ୍ପତିଙ୍କଠାରୁ ୯ ଲକ୍ଷ ଠକେଇ, କିରାଣି ଗିରଫ

ଭୁବନେଶ୍ୱର,୮।୪ (ବ୍ୟୁରୋ)

ଚାକିରି ଦେବା ନାଁରେ ଦମ୍ପତିଙ୍କଠାରୁ ୯ ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ଲକ୍ଷ୍ମୀସାଗର ଥାନା ପୋଲିସ ଜଣେ କିରାଣିଙ୍କୁ ଗିରଫ କରିଛି। ସେ ହେଲେ ପୁରୀ ଜିଲାର ବିଭୂତି ଭୂଷଣ ମିଶ୍ର। ଏନେଇ ପୋଲିସ ଏକ ମାମଲା (ନଂ.୮୦/୨୦୨୩) ରୁଜୁ କରି ଅଭିଯୁକ୍ତ ବିଭୂତିଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ବିଭୁତି ଭୂଷଣ ମିଶ୍ର ନୟାଗଡ ଜିଲା ରଣପୁର ଆର୍‌ଡି ଡିଭିଜନରେ କିରାଣୀ ଭାବରେ କାମ କରନ୍ତି। ସେ ଦେବାଶିଷ ଦାସ ନାମକ ଜଣେ ବ୍ୟକ୍ତିଙ୍କୁ ଆର୍‌ଡି କଟକ ଡିଭିଜନରେ ଆସିଷ୍ଟାଣ୍ଟ ଇଞ୍ଜିନିୟର ପଦବୀରେ ଚାକିରି କରାଇ ଦେବାକୁ କହି ଗତ ୨୦୧୪ରେ ତାଙ୍କଠାରୁ ୪ଲକ୍ଷ ଟଙ୍କା ନେଇଥିଲେ। ପୁନର୍ବାର ୨୦୧୭ରେ ୯ ଲକ୍ଷ ଟଙ୍କା ନେବା ସହ ଦେବାଶିଷଙ୍କ ସ୍ତ୍ରୀଙ୍କ ପାଇଁ ଉକ୍ତ ବିଭାଗରେ ଜୁନିୟର କ୍ଲର୍କ ଚାକିରି ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ବିଭୂତି କୌଣସି ଚାକିରି ଦେଇପାରି ନ ଥିଲେ। ଆଉକିଛି ଦିନ ସମୟ ନେଉବା ସହ ଗତ ୨୦୧୯ ଡିସେମ୍ବର ୧୦ରେ ଚାକିରି ବାବଦକୁ ନେଇଥିବା ଟଙ୍କା ସଂକ୍ରାନ୍ତରେ ସେମାନଙ୍କ ମଧ୍ୟରେ ଚୁକ୍ତିପତ୍ର ହୋଇଥିଲା। ଏହାପରେ ମଧ୍ୟ ଚାକିରି ନ ଦେବାରୁ ଦେବାଶିଷ ୨୪ ଫେବୃୟାରୀ ୨୦୨୩ରେ ବିଭୂତିଙ୍କ ନାମରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ବିଭୁତିଙ୍କୁ ଗିରଫ କରି ତଦନ୍ତ ପାଇଁ ଥାନାକୁ ଆଣିଥିଲେ। ତଦନ୍ତ ସମୟରେ ବିଭୁତି ନିଜ ଦୋଷ ମାନିବା ସହ ପୂର୍ବରୁ ଅନେକ ଲୋକଙ୍କୁ ଚାକିରି କରେଇଦେବାର ମିଥ୍ୟା ପ୍ରତିଶ୍ରୁତି ଦେଇ ଏଭଳି ଠକେଇ କରିଥିବା ପୋଲିସ ଜାଣିବାକୁ ପାଇଛି।

## ନୂଆଦିଲ୍ଲୀରେ ପ୍ରଦର୍ଶିତ ହେଲା ଓଡ଼ିଆ ନାଟକ 'ସମୁଦ୍ରରେ ରାଜହଂସୀ'




ଭୁବନେଶ୍ୱର,୮।୪(ବ୍ୟୁରୋ): ଜୀବନରେଖା ଥିଏଟର ପକ୍ଷରୁ ପ୍ରସ୍ତୁତ ନାଟକ 'ସମୁଦ୍ରରେ ରାଜହଂସୀ' ଶନିବାର ନୂଆଦିଲ୍ଲୀସ୍ଥିତ ଅକ୍ଷରା ଥିଏଟରଠାରେ ପ୍ରଦର୍ଶିତ ହୋଇଛି। ନିର୍ଦ୍ଦେଶକ ଅଭିନ୍ନ ରାଉତରାୟ ଏହାର ନିର୍ଦ୍ଦେଶନା ଦେଇଥିବାବେଳେ ଅଭିନୟରେ ରୋହନ ଯାଦବ, ସମର୍ପିତା ଦାଶ, ଦ୍ୱୀପନ୍ୱିତ ଦାସ ମହାପାତ୍ର ରହିଛନ୍ତି। ଜଣେ ଏକାକୀ ମହିଳାର ଜୀବନ, ପ୍ରେମ ଓ ଖୁସିକୁ ନେଇ ନାଟକ ଗତିଶୀଳ ହୋଇଛି। ଏହାର ରଚନା କଲକି କୋଏଚେଲିନ କରିଛନ୍ତି। ପ୍ରଥମ ଶୋ ଅପରାହ୍ନ ୪ରେ ଓ ଦ୍ୱିତୀୟ ଶୋ ସନ୍ଧ୍ୟା ୭ରେ ପ୍ରଦର୍ଶିତ ହୋଇଥିଲା। ଏ ନେଇ ନିର୍ଦ୍ଦେଶକ ରାଉତରାୟ କହିଛନ୍ତି, ଓଡ଼ିଆ ନାଟକ ବାହାରେ ପରିବେଷଣ କରିବାର ଆବଶ୍ୟକତା ରହିଛି। ଆମ ଭାଷା ଛଡ଼ା ଅନ୍ୟ ଭାଷାର ନାଟକ ବାହାରେ ବେଶି ଦେଖିବାକୁ ମିଳେ। ଓଡ଼ିଆ ନାଟକ କେତେ ଉତ୍କୃଷ୍ଟ ତାହା ଅନ୍ୟମାନଙ୍କୁ ଜଣାଇବାକୁ ହେଲେ ଆମ ନାଟକ ସେମାନଙ୍କ ପାଖରେ ପହଞ୍ଚାଇବାକୁ ପଡ଼ିବ। ନାଟକ ଭଲ ହେଲେ ଯେଉଁ ସ୍ଥାନରେ ପରିବେଷଣ କଲେ ବି ହାଉସଫୁଲ ରହିବ।

# ସାହିଯାତରେ ରାବଣ ବଧ ନୀତି



ବାଲିସାହି ଆଖଡ଼ା ପକ୍ଷରୁ ଜଣେ ବ୍ୟକ୍ତି ରାବଣ ବେଶ ଧାରଣ କରିଛନ୍ତି।



ରାମ, ଲକ୍ଷ୍ମଣ ଏବଂ ହନୁମାନ ବେଶରେ ତିନି ବାଳକ।

ପୁରୀ ଅଫିସ,୮।୪

ଶ୍ରୀମନ୍ଦିରର ରୀତିନୀତି ଓ ପରମ୍ପରା ଅନୁଯାୟୀ ରାମ ନବମୀ ଠାରୁ ରାମ ଅଭିଷେକ ପର୍ଯ୍ୟନ୍ତ ଶ୍ରୀକ୍ଷେତ୍ରରେ ସାହିଯାତ ଅନୁଷ୍ଠିତ ହୋଇଥାଏ। ଏବେ ଶେଷ ପର୍ଯ୍ୟାୟରେ ଥିବାବେଳେ ବୈଶାଖ ମାସ କୃଷ୍ଣପକ୍ଷ ଦ୍ୱିତୀୟା ତିଥି ଶନିବାରରେ ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ ରାବଣ ବଧ ନୀତି ସମ୍ପନ୍ନ ହୋଇଛି। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସନ୍ଧ୍ୟା ଧୂପ ବଢ଼ିବା ପରେ ଦକ୍ଷିଣୀ ଘରୁ ଶ୍ରୀରାମଚନ୍ଦ୍ର, ଶ୍ରୀ ଲକ୍ଷ୍ମଣଙ୍କ ପ୍ରତିମୂର୍ତ୍ତିକୁ ମହାଜନ ସେବକମାନେ ଭିତରକୁ ବିଜେ କରି ରତ୍ନସିଂହାସନ ନିକଟକୁ ନେଇଥିଲେ। ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ଆଣି ଶ୍ରୀରାମ, ଲକ୍ଷ୍ମଣ ଏବଂ ସୀତାଙ୍କୁ ପ୍ରଦାନ କରିଥିଲେ। ପରେ ମହାଜନ ସେବକ ଠାକୁରଙ୍କୁ ନେଇ ମୁକ୍ତିମଣ୍ଡପ ନିକଟରେ ଥିବା ପାଲିଙ୍କିରେ ବିଜେ କରାଇଥିଲେ। ପରେ ସାହିଯାତ ନୀତି ନିମନ୍ତେ ଠାକୁର ପାଲିଙ୍କିରେ ଶ୍ରୀଜଗନ୍ନାଥ ବଲ୍ଲଭକୁ ବିଜେ କରିଥିଲେ। ଠାକୁରମାନେ ଜଗନ୍ନାଥ ବଲ୍ଲଭ ପରିସରରେ ପହଞ୍ଚିବା ପରେ ଠାକୁରଙ୍କୁ ମଠର ଖଟଶେଜ ଉପରକୁ ବିଜେ କରାଯାଇଥିଲା। ଅପରପକ୍ଷେ ବାଲିସାହି ଆଖଡା ପକ୍ଷରୁ ରାବଣ ବଧ ନୀତି ପ୍ରସ୍ତାବ ଆଗତ କରାଯାଇଥିଲା। ବାଲିସାହି ଆଖଡ଼ାରୁ ରାମି ମହାସୁଆର ରାବଣ ଏବଂ ତିନିଜଣ ବାଳକ ରାମ, ଲକ୍ଷ୍ମଣ ଏବଂ ହନୁମାନ ବେଶରେ ଜଗନ୍ନାଥ ବଲ୍ଲଭ ପରିସରରେ ନୀତି ସମ୍ପାଦନ କରିଥିଲେ। ନୀତି ସମ୍ପନ୍ନ ପରେ ଠାକୁରଙ୍କୁ ଶୀତଳ ଭୋଗ ମଣୋହି କରାଯାଇ ଠାକୁରମାନେ ଶ୍ରୀମନ୍ଦିରକୁ ବାହୁଡା ବିଜେ କରିଥିଲେ। ବାଲି ସାହି ଆଖଡା ପକ୍ଷରୁ ସମସ୍ତ ନୀତି ସମ୍ପାଦନ କରାଯାଇଥିଲା। ସେହିପରି ବାଲିସାହି ଆଖଡା ପକ୍ଷରୁ ଯାତ ବାହାରି ଥିଲା। ଆଖଡା ଅନ୍ତର୍ଗତ ଥିବା ସମସ୍ତ ଜାଗା ପକ୍ଷରୁ ନାଗା, ମେଢ, ବିଭିନ୍ନ ସମରକଳା ପ୍ରର୍ଦ୍ଦଶନ କରାଯାଇଥିଲା।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ରଶ୍ମି



@ ସତ୍ୟପ୍ରକାଶ



@ ହିମାଂଶୁ



@ ସଞ୍ଜୀବ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ପୁରୀରେ ପହଞ୍ଚିଲା ତୃତୀୟ ପର୍ଯ୍ୟାୟ ରଥ କାଠ



ପୁରୀ ଅଫିସ,୮।୪

ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଚଳିତବର୍ଷ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ପୂର୍ବରୁ ନୟାଗଡ଼ ବନଖଣ୍ଡରୁ ପ୍ରଥମ ପର୍ଯ୍ୟାୟରେ ୧୦୪ ଓ ଦ୍ୱିତୀୟ ପର୍ଯ୍ୟାୟରେ ୨୪ଗୋଟି କାଠ ପୁରୀ ପହଞ୍ଚିଥଲା। ତେବେ ଶନିବାର ବୌଦ୍ଧ ବନଖଣ୍ଡରୁ ତୃତୀୟ ପର୍ଯ୍ୟାୟରେ ଗୋଟିଏ ରଥକାଠ ବୋଝେଇ ଟ୍ରକ ପୁରୀରେ ଆସି ପହଞ୍ଚିଛି। ଏଥିରେ ସମୁଦାୟ ୨୮ ଖଣ୍ଡ ଧଉରା କାଠ ରହିଛି। ୨୮ ଖଣ୍ଡ କାଠ ମଧ୍ୟରେ ୪୦ ଫୁଟିଆ ଧଉରା କାଠ ରହିଛି । ରଥଯାତ୍ରା ପାଇଁ ମୋଟ ୮୬୫ ଖଣ୍ଡ କାଠ ଆବଶ୍ୟକ ଥିବାବେଳେ ପୂର୍ବ ବର୍ଷରୁ ୧୧୮ ଖଣ୍ଡ କାଠ ବଳକା ରହିଛି। ତେଣୁ ଚଳିତ ରଥଯାତ୍ରା ପାଇଁ ୭୪୭ ଖଣ୍ଡ କାଠର ଆବଶ୍ୟକ ରହିଛି। ତେବେ ୭୪୭ ଖଣ୍ଡରୁ ଏପର୍ଯ୍ୟନ୍ତ ମୋଟ ୩ଟି ପର୍ଯ୍ୟାୟରେ ମୋଟ ୧୫୬ ଖଣ୍ଡ କାଠ ପୁରୀରେ ପହଞ୍ଚିଥିବା ବେଳେ ବଳକା କାଠ ପର୍ଯ୍ୟାୟ କ୍ରମେ ପହଞ୍ଚିବ। ସେହିପରି ୮୧ ଖଣ୍ଡ କାଠ କଟକର ସମିଲସ୍ଥିତ ଖପୁରିଆ କରତ କରଠାରେ ପହଞ୍ଚି ସାରିଛି। ରଥ ସଂହିତା ପରମ୍ପରା ଅନୁଯାୟୀ ଶ୍ରୀପଞ୍ଚମୀ ତିଥିରେ ରଥକାଠ ପୂଜା ଅନୁକୂଳ ହୋଇଥିଲା। ସେହିପରୀ ରାମ ନବମୀରେ କଟକସ୍ଥିତ ସ' ମିଲିରେ ରାଥ କାଠ ଚିରଟ କାର୍ଯ୍ୟ ଆରମ୍ଭ ହୋଇଛି। ସେହିପରି ପରମ୍ପରା ଅନୁଯାୟୀ, ଅକ୍ଷୟତୃତୀୟା ତିଥିରେ ରଥ କାର୍ଯ୍ୟ ଅନୁକୂଳ ହେବାର ବିଧି ରହିଛି। ଆବଶ୍ୟକ ଥିବା ରଥ କାଠଗୁଡିକ ପର୍ଯ୍ୟାୟକ୍ରମେ ପୁରୀକୁ ଆସିବ ବୋଲି ଶ୍ରୀମନ୍ଦିର ବରିଷ୍ଠ ତତ୍ତ୍ୱାବଧାରକ ସୁର୍ଦ୍ଦଶନ ମେକାପ ସୂଚନା ଦେଇଛନ୍ତି।

कार्यपालक अभियंता का कार्यालय
पथ निर्माण विभाग, पथ प्रमण्डल, डालटनगंज
(E-mail: eercdmedini-jhr@nic.in)

शुद्धि–पत्र

एतद द्वारा सूचित करना है कि इस कार्यालय द्वारा दिनांक–25.03.2023 को विभिन्न समाचार पत्रो के माध्यम से ई–निविदा पत्रांक सं0– **16/ RCD/Daltonganj/ 2022-23/ 347** आमंत्रित की गई है, जिसका **PR No. 293635 Road (22-23)_D** है। अपरिहार्य कारण से अगले आदेश तक रद्द किया जाता है।

कार्यपालक अभियंता,
पथ निर्माण विभाग,
पथ प्रमंडल, डाल्टेनगंज।

PR 294651 Road(23-24)D

## ସଂକ୍ଷେପରେ

### ନିଖୋଜ ଯୁବକଙ୍କ ମୃତଦେହ ଜବତ

ପୁରୀ ଅଫିସ,୮।୪ : ସଦର ଥାନା ପୋଲିସ ଶନିବାର ନିଖୋଜ ଥିବା ଯୁବକଙ୍କ ମୃତଦେହ ପଥରପଦା ଗ୍ରାମର ଏକ ବଗିଚାରୁ ଜବତ କରିଛି। ସେ ହେଲେ ଉକ୍ତ ଥାନା ଅନ୍ତର୍ଗତ ବାସୁଦେବପୁର ପଞ୍ଚାୟତ ବଣୁଆ ସାହିର ମାନସ ପ୍ରଧାନ (୨୨)। ଏନେଇ ପୋଲିସ ଏକ ମାମଲା (ନଂ.୬୦/୨୩) ରୁଜୁ କରିଛି। ମିଳିଥିବା ସୂଚନା ଅନୁଯାୟୀ, ସଦର ଥାନା ଅନ୍ତର୍ଗତ ପଥରପଦା ଗ୍ରାମ ନିକଟ ଏକ ଆମ୍ବ ବଗିଚାଠାରେ ଜଣେ ଯୁବକଙ୍କ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଶନିବାର ସକାଳେ ଦେଖିଥିଲେ। ଖବର ପାଇ ପୋଲିସ ପହଞ୍ଚି ମୃତଦେହକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ସଦର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ତେବେ ଉଦ୍ଧାର ହୋଇଥିବା ଯୁବକଙ୍କ ମୃତଦେହରେ କ୍ଷତଚିହ୍ନ ଥିବାରୁ ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ସୂଚନାଥାଉ କି, ମୃତ ଯୁବକ ଦୁଇ ଦିନ ହେବ ନିଖୋଜ ଥିବା ନେଇ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରିଥିଲେ। ପରେ ପୋଲିସ ଓ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

### ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ: ସ୍ୱାମୀ ସମେତ ୩ ଗିରଫ

**ହତ୍ୟା ଅଭିଯୋଗ ଆଣିଲେ ବାପଘର**

ପୁରୀ ଅଫିସ,୮।୪ : ବଳିଆପଣ୍ଡା ଥାନା ଅନ୍ତର୍ଗତ ଦୁଲଣା ସାହିରେ ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ ଲୋଜା ସାହୁ। କିନ୍ତୁ ଯୌତୁକ ପାଇଁ ଝିଅକୁ ହତ୍ୟା କରାଯାଇଥିବା ନେଇ ମୃତାଙ୍କ ବାପା ଭ୍ରମର ସାହୁ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ଏକ ମାମଲା (ନଂ.୬୨/୨୩) ରୁଜୁ କରି ମୃତାଙ୍କ ସ୍ୱାମୀଙ୍କ ସମେତ ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ସ୍ୱାମୀ ଜଗନ୍ନାଥ ସାହୁ, ଝୁନା ମହାରଣା ଓ ରାଧା ବାସୁକି। ପୋଲିସର ସୂଚନା ଅନୁଯାୟୀ, ବାସେଲିସାହି ଥାନା ଲୋକନାଥ ରୋଡ ଛପନ ଛକର ଭ୍ରମରଙ୍କ ଝିଅ ଲୋଜାଙ୍କୁ ଜଗନ୍ନାଥ ବିବାହ କରିଥିଲେ। ବିବାହର କିଛିମାସ ପରେ ଶାଶୁଘର ଲୋକ ଅଧିକ ଯୌତୁକ ଆଣିବା ପାଇଁ ଲୋଜାଙ୍କୁ କହିଥିଲେ। ଲୋଜା ମନା କରିବାରୁ ତାକୁ ମାନସିକ ଓ ଶାରୀରିକ ନିର୍ଯାତନା ଦିଆଯାଉଥିବା ଫୋନ କରି ବାପକୁ କହିଥିଲେ। ପରେ ଏହାକୁ ନେଇ ଉଭୟ ପରିବାର ଏବଂ ସ୍ଥାନୀୟ ମୁରବୀଙ୍କୁ ନେଇ କଥା ସମାଧାନ ହୋଇଥିଲା। ଝିଅକୁ ଶାଶୁଘର ଲୋକ ଘରକୁ ନେଇଥିଲେ। ଘଟଣାର କିଛି ଦିନ ପରେ ପୁଣିଥିରେ ଲୋଜାଙ୍କୁ ଶାଶୁଘର ଲୋକେ ନିର୍ଯାତନା ଦେଉଥିବା କହିଥିଲେ। ଶନିବାର ଲୋଜାଙ୍କୁ ନିର୍ଯାତନା ଦିଆଯାଉଥିବା ଶୁଣି ତାଙ୍କ ବାପା ଭ୍ରମର ଆସିବା ବେଳେ ଝିଅର ମୃତ୍ୟୁ ହୋଇଯାଇଥିବା ଦେଖିଥିଲେ। ଏ ନେଇ ଶାଶୁଘର ଲୋକଙ୍କ ବିରୋଧରେ ଭ୍ରମର ଥାନାର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋଜାଙ୍କ ମୃତଦେହକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ସଦରମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଅପରପକ୍ଷେ ପୋଲିସ ଏବଂ ସାଇଣ୍ଟିଫିକ୍ ଟିମ ଏନେଇ ତଦନ୍ତ ଆରମ୍ଭ କରି ପ୍ରାଥମିକ ଭାବେ ୩ଜଣଙ୍କୁ ଗିରଫ କରିଛନ୍ତି।

**ବିଏମ୍‌ସି କର୍ପୋରେଶନକୁ ବର୍ଷେ...**

# ଯୋଜନା ଅନେକ, କାମ ସୀମିତ

- ୱାର୍କ ଅର୍ଡର ନ ମିଳିବାରୁ ଆଗେଇପାରୁନି କାମ
- ସୁଧୁରିଲାନି ଜଳବନ୍ଦୀ ସମସ୍ୟା, ଡଷ୍ଟବିନ୍ ମୁକ୍ତ ହୋଇପାରୁନି ସହର
- ଡ୍ରୋନ୍‌ରେ ମଶା ନିୟନ୍ତ୍ରଣ ବିଫଳ

ଭୁବନେଶ୍ୱର, ୮।୪(ବ୍ୟୁରୋ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ରେ ଦୀର୍ଘ ୩ବର୍ଷ କାଳ ଅଫିସର ରାଜ୍ ଚାଲିବା ପରେ ୨୦୨୨ ଏପ୍ରିଲ୍ ୯ରେ ପ୍ରଥମ ମହିଳା ମେୟର ଭାବେ ସୁଲୋଚନା ଦାସ ଶପଥ ଗ୍ରହଣ କରିଥିଲେ। ତାଙ୍କ ସହିତ ନିର୍ବାଚିତ ହୋଇଥିବା ୬୭ଜଣ କର୍ପୋରେଟର ମଧ୍ୟ ଦାୟିତ୍ୱ ଗ୍ରହଣ କରିଥିଲେ। ଏହାପରେ ମେ ୪ରେ ପ୍ରଥମ କର୍ପୋରେଶନ ବୈଠକ ଅନୁଷ୍ଠିତ ହୋଇଥିଲା। ରବିବାର ଏହି କର୍ପୋରେଶନକୁ ୧ବର୍ଷ ପୂରଣ ହୋଇଛି। ଏହି ବର୍ଷକ ମଧ୍ୟରେ ବିଏମ୍‌ସି ପକ୍ଷରୁ ସହରର ଉନ୍ନତି ପାଇଁ ଅନେକ ପଦକ୍ଷେପ ନିଆଯାଇଥିଲେ ବି ଏବେସୁଦ୍ଧା ବହୁ ଯୋଜନା ବା ପ୍ରକଳ୍ପର ଭିତ୍ତିପ୍ରସ୍ତର ପଡିପାରି ନାହିଁ। ଅନ୍ୟପକ୍ଷରେ ଅଭିଯୋଗ ଓ ସମସ୍ୟା ଶୁଣିବାକୁ ବିଏମ୍‌ସି ଲୋକଙ୍କ ପାଖକୁ ଯିବ। ଏଥିପାଇଁ ପ୍ରତି ୱାର୍ଡରେ ୱାର୍ଡ ଅଫିସ୍ ଖୋଲିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ୩୦ଟି ୱାର୍ଡରେ ୱାର୍ଡ ଅଫିସ୍ ନିର୍ମାଣ ପାଇଁ ଜାଗା ଚିହ୍ନଟ ହୋଇଥିବାବେଳେ ୧୪ଟି ୱାର୍ଡରେ ଚିହ୍ନଟ ସ୍ଥାନ ଛୋଟ ହୋଇଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି ବିଏମ୍‌ସିର ୬୭ଟି ୱାର୍ଡରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ପ୍ରତି ୱାର୍ଡକୁ ୧ କୋଟି ଟଙ୍କା ଲେଖାଏ ପ୍ରଦାନ କରାଯାଇଥିଲା। ୱାର୍ଡରେ କେଉଁଭଳି ଉନ୍ନୟନମୂଳକ କାର୍ଯ୍ୟ ହେବ ସେ ନେଇ ପ୍ରସ୍ତାବ ଦିଆଯିବା ସହ ତାହା ପାରିତ ମଧ୍ୟ ହୋଇଛି। ମାତ୍ର ୱାର୍କ ଅର୍ଡର ମିଳୁ ନ ଥିବାରୁ କାମ ଆରମ୍ଭ ହୋଇପାରୁନାହିଁ। ଜଳବନ୍ଦୀ ସହରର ଅନ୍ୟତମ ମୁଖ୍ୟ ସମସ୍ୟା ଭାବେ ଉଭା ହୋଇଛି। ଅସରାଏ ବର୍ଷା ହେଲେ ବିଭିନ୍ନ ଅଞ୍ଚଳରେ ଜଳବନ୍ଦୀ ସ୍ଥିତି ଉପୁଜୁଛି। ବିଶେଷକରି ଇସ୍କନ ମନ୍ଦିର ସମ୍ମୁଖ ଓ ରସୁଲଗଡ଼-ବମିଖାଲ ରାସ୍ତାରେ ଗାଡ଼ି ମୋଟର ଫସି ରହିବା ନିତିଦିନିଆ ଘଟଣା ପାଲଟିଛି। ଏଭଳି ଘଟଣାର ପୁନରାବୃତ୍ତି ହେବ ନାହିଁ ବୋଲି କର୍ପୋରେଶନ ଆରମ୍ଭ ସମୟରେ ମେୟର ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଏଯାବତ୍ ଏହି ସମସ୍ୟାର ସମାଧାନ ହୋଇ ପାରିନାହିଁ। ଭୁବନେଶ୍ୱରର ପ୍ରମୁଖ ତଥା ସବୁଠୁ ବଡ଼ ୧ନମ୍ବର ହାଟକୁ ସୁବ୍ୟବସ୍ଥିତ କରିବା ସହ ମଡେଲ ହାଟରେ ପରିଣତ କରିବା ପାଇଁ ବାରମ୍ବାର ଯୋଜନା ପ୍ରସ୍ତୁତ କରାଯାଉଥିଲେ ବି ତାହା କାଗଜକଲମରେ ଅଟକିଛି। ତ୍ରୁଟିପୂର୍ଣ୍ଣ ଟେଣ୍ଡର ବ୍ୟବସ୍ଥା ଓ ପ୍ରିୟାପ୍ରୀତି ତୋଷଣ ପାଇଁ ପରିମଳକୁ ନେଇ ବିଏମ୍‌ସି ବାରମ୍ବାର ଅପବାଦ ମୁଣ୍ଡାଉଛି। ପୂର୍ବରୁ ୱାର୍ଡରୁ ଅଳିଆ ଉଠାଇବାଠାରୁ ଆରମ୍ଭ କରି ଡମ୍ପିୟାର୍ଡରେ ପକାଇବା ନେଇ ସମସ୍ତ କାର୍ଯ୍ୟ ଗୋଟିଏ ସଂସ୍ଥାକୁ ଦିଆଯାଉଥିଲା। ମାତ୍ର ଏହାକୁ ବଦଳାଇ ପ୍ରତି କାମ ପାଇଁ ଭିନ୍ନଭିନ୍ନ ଏନ୍‌ଜିଓ ଏବଂ ସଫେଇ ସଂସ୍ଥାକୁ ଦିଆଯାଇଛି। ଫଳରେ କାର୍ଯ୍ୟରେ ସ୍ୱଚ୍ଛତା ରହୁନାହିଁ। ଏବେ ୫୦ଟି ୱାର୍ଡ ପାଇଁ ସଂସ୍ଥା ନିଯୁକ୍ତ ହୋଇଥିବାବେଳେ ବଳକା ୧୭ଟି ୱାର୍ଡ ପାଇଁ ବିଶ୍ୱକପ୍ ହକି ପରେ ପୂର୍ବ ନିୟମ ଅନୁଯାୟୀ ଟେଣ୍ଡର ପ୍ରକ୍ରିୟା କରାଯିବାକୁ ସ୍ଥିର ହୋଇଥିଲା। ମାତ୍ର ଏବେ ସୁଦ୍ଧା ତାହାକୁ କାର୍ଯ୍ୟକାରୀ କରାଯାଇ ନାହିଁ। ସେହିପରି ଦାରୁଠେଙ୍ଗ ଗ୍ରାମବାସୀ ଏବଂ ବିଏମ୍‌ସି ମଧ୍ୟରେ ବିଭିନ୍ନ ଘଟଣାକୁ ନେଇ ବିବାଦ ଦେଖାଦେଇଥିବାରୁ ଭୂଆସୁଣୀ ଡମ୍ପିୟାର୍ଡ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରୁନାହିଁ। ଭୁବନେଶ୍ୱରକୁ ଡଷ୍ଟବିନ୍ ଫ୍ରି ସହରରେ ପରିଣତ କରିବା ଆଶା ମଧ୍ୟ ଧୂଆଁବାଣ ହୋଇଛି। ଭିତ୍ତିଭୂମିକୁ ସୁଦୃଢ ନ କରି ସହରରେ ଥିବା ଡଷ୍ଟବିନ୍‌ଗୁଡ଼ିକୁ ହଟାଇଦେବାରୁ ଲୋକମାନେ ରାସ୍ତାକଡ଼ରେ ଆଣି ଅଳିଆ ଗଦା କରୁଛନ୍ତି। କୋଲକାତା ଢାଞ୍ଚା ଆପଣାଇ ବିଏମ୍‌ସି ପ୍ରଥମଥର ପାଇଁ ମଶା ନିୟନ୍ତ୍ରଣ କରିବାକୁ ଡ୍ରୋନ୍‌ର ସାହାଯ୍ୟ ଆପଣାଇଥିଲା। ଏଥିପାଇଁ ବିପୁଳ ଟଙ୍କା ମଧ୍ୟ ଖର୍ଚ୍ଚ ହୋଇଥିଲା। ମାତ୍ର ମଶା ନିୟନ୍ତ୍ରଣରେ ସଫଳତା ନ ମିଳିବାରୁ ଏହାକୁ ଅଧାରୁ ବନ୍ଦ କରିଦିଆଯାଇଥିଲା। ସେହିପରି ଭୁବନେଶ୍ୱରକୁ ଗୋରୁମୁକ୍ତ କରିବା ଯୋଜନା ମଧ୍ୟ ଯୋଜନାରେ ରହି ଯାଇଛି। ଏବେ ପୁଣି ଥରେ ପରିମଳ ଦାୟିତ୍ୱରେ ଥିବା ଏସ୍ଆଇ (ସାନିଟାରି ଇନ୍ସପେକ୍ଟର), ୱାର୍ଡ ଅଫିସର ଏବଂ ଅନ୍ୟ ଅଧିକାରୀଙ୍କୁ ୱାକିଟକି ପ୍ରଦାନ କରାଯାଇଛି। ଏଥିପାଇଁ ୩୨ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି।

**ସ୍ୱଚ୍ଛ ସର୍ବେକ୍ଷଣ, ପଥ ଉତ୍ସବ, ପ୍ଲେସ୍‌ମେକିଂ ପାଇଁ ପ୍ରଶଂସା**

ତେବେ ଏସବୁ ମଧ୍ୟରେ ସ୍ୱଚ୍ଛ ସର୍ବେକ୍ଷଣରେ ବିଏମ୍‌ସି ପୂର୍ବାପେକ୍ଷା ଭଲ ପ୍ରଦର୍ଶନ କରି ୧୦୦ ମଧ୍ୟରେ ରହିଥିଲା। ସେହିପରି ସ୍ୱଚ୍ଛ ଭାରତ ସର୍ବେକ୍ଷଣ ପକ୍ଷରୁ ମଧ୍ୟ ବିଏମ୍‌ସିକୁ ପ୍ରଶଂସା କରାଯାଇଛି। ଏହାବାଦ୍ ପୁଣିଥରେ ପଥଉତ୍ସବ ଆୟୋଜନ କରିବା, ବିଶ୍ୱକପ୍ ହକି ସମୟରେ ସହରର କାନ୍ଥବାଡ଼ରେ ଚିତ୍ର, ବିଭିନ୍ନ ଖାଲି ସ୍ଥାନକୁ ପ୍ଲେସ୍‌ମେକିଂ ଜରିଆରେ ସୌନ୍ଦର୍ଯ୍ୟକରଣ କରିବା, ଟିକସ ଆଦାୟକୁ ସମ୍ପୂର୍ଣ୍ଣ ଅନ୍‌ଲାଇନ୍ କରିବା, କମିଶନରଙ୍କ ଜନ ଅଭିଯୋଗ ଶୁଣାଣି ଆଦି କାର୍ଯ୍ୟ କରି ପ୍ରଶଂସା ସାଉଣ୍ଟିବାରେ ସଫଳ ହୋଇଛି।

### ଦୟାନଦୀର ସୁରକ୍ଷା ପାଇଁ ଅଣ୍ଟା ଭିଡ଼ିଲେ ୪ ବ୍ଲକ ଅଧିବାସୀ

କଣାସ,୮।୪(ସ୍ୱ.ପ୍ର.) : କଣାସ ବ୍ଲକ ଅନ୍ତର୍ଗତ ଦୋକନ୍ଦା ଗ୍ରାମପଞ୍ଚାୟତସ୍ଥିତ ବାବା ନୀଳକଣ୍ଠେଶ୍ୱର ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଦୟାନଦୀ ସୁରକ୍ଷା ପାଇଁ ଶନିବାର ଏକ ସଭା ବସିଥିଲା। ଏଥିରେ କଣାସ, ଡେଲାଙ୍ଗ, ପିପିଲି, ଜଟଣୀ, ସତ୍ୟବାଦୀ ବ୍ଲକର ଶତାଧିକ ଅଧିବାସୀ ଦୟା ଓ ତାର ଶାଖାନଦୀର ପ୍ରଦୂଷଣମୁକ୍ତ କରିବାକୁ ଏକତ୍ରିତ ହୋଇଥିଲେ। ବୁଦ୍ଧିଜୀବୀମାନେ ଦୟାନଦୀର ସୁରକ୍ଷା ଓ ବନ୍ୟାର ପ୍ରତିକାର ସମ୍ପର୍କରେ ଆଲୋଚନା କରିଥିଲେ। ସାମାଜିକ କର୍ମୀ କୃଷ୍ଣଚନ୍ଦ୍ର ଜଗଦେବ ନିର୍ମଳ ଦୟା ଅଭିଯାନର ଆବାହକ ଆଦିକନ୍ଦ ଶ୍ରୀଚନ୍ଦନ, ସାମାଜିକ କର୍ମୀ ସୁକାନ୍ତ କିଶୋର ସାମନ୍ତରାୟ, ପୂର୍ବତନ ସମିତି ସଭ୍ୟ ପବିତ୍ର ସୁନ୍ଦରାୟ, କୃଷକ ନେତା ଅଶୋକ ପ୍ରଧାନ, ପୂର୍ବତନ ସରପଞ୍ଚ ଦୁର୍ଯ୍ୟୋଧନ ଜେନା ପ୍ରମୁଖ ଶତାଧିକ ବ୍ୟକ୍ତି ଯୋଗ ଦେଇଥିଲେ। ଦୟାନଦୀର ସୁରକ୍ଷା ପାଇଁ ବ୍ୟାପକ ସଚେତନତା ସୃଷ୍ଟି କରିବା, ବୈଷୟିକ ରିପୋର୍ଟ ପ୍ରସ୍ତୁତ, ପଞ୍ଚାୟତସ୍ତରରେ ସଚେତନ ପାଇଁ 'ଦୟାକଥା', ଦୟାନଦୀର ଉତ୍ପତ୍ତିସ୍ଥଳରୁ ଚିଲିକା ପର୍ଯ୍ୟନ୍ତ ୪ବ୍ଲକର କମିଟି ସଦସ୍ୟଙ୍କ ଦ୍ୱାରା ଭୌଗୋଳିକସ୍ଥିତ ଓ ରୂପରେଖ ପ୍ରଦର୍ଶନ ନିମନ୍ତେ ବାଇକ୍ ଯାତ୍ରା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା।

## ସତ୍ୟ ନାରାୟଣ ମିଶ୍ରଙ୍କ 'ସତ୍ୟାର୍ଥ ଦର୍ପଣ' ପାଠକାର୍ପିତ




ଭୁବନେଶ୍ୱର,୮।୪(ବ୍ୟୁରୋ)

ଉତ୍କଳ ସାହିତ୍ୟ କଳା ପରିଷଦ ପକ୍ଷରୁ ଭାଷା ପ୍ରକାଶନ ଦ୍ୱାରା ଶନିବାର ପଞ୍ଚାୟତିରାଜ ବିଭାଗ ସମ୍ମିଳନୀ କକ୍ଷରେ ଡ. ସତ୍ୟନାରାୟଣ ମିଶ୍ରଙ୍କ ପୁସ୍ତକ 'ସତ୍ୟାର୍ଥ ଦର୍ପଣ' ପାଠକାର୍ପିତ ହୋଇଛି। ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ମୁଖ୍ୟବକ୍ତା ଭାବେ ସୋଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅଶୋକ କୁମାର ମହାପାତ୍ର, ସମ୍ମାନିତ ଅତିଥି ବରିଷ୍ଠ ପ୍ରଶାସକ ଡ. ଅଲେଖ ଚନ୍ଦ୍ର ପଢ଼ିଆରୀ, ସମ୍ମାନିତବକ୍ତା ତଥା ପୁସ୍ତକ ସମୀକ୍ଷକ ବିଶିଷ୍ଟ ସ୍ତମ୍ଭକାର ପ୍ରଫେସର ନିରଞ୍ଜନ ପାଢ଼ୀ ଓ ସଭାପତି ପ୍ରଫେସର ଅଶୋକ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପୁସ୍ତକରେ ସର୍ବମୋଟ ୫୪ଟି ଆଲେଖ୍ୟ ସ୍ଥାନ ପାଇଛି। ଅତିଥିମାନେ କହିଲେ, ସ୍ଥାନିତ ହୋଇଥିବା ପ୍ରବନ୍ଧଗୁଡ଼ିକ ସମାଜର ବର୍ତ୍ତମାନ ବ୍ୟବସ୍ଥାକୁ ଅବଲୋକନ କରି ପରିବର୍ତ୍ତନର ପ୍ରୟୋଗାତ୍ମକ ବିଶ୍ଳେଷଣ ଓ ସମାଜର ଉନ୍ନତି ପାଇଁ ଆଶାବାଦୀ। ଅର୍ଥ ହେଉଛି ଅନର୍ଥର ମୂଳ କାରଣ। ସହନଶୀଳତାର ମଧ୍ୟ ଗୋଟିଏ ସୀମା ଥାଏ। ତଥ୍ୟ ଭିତ୍ତିକ ପ୍ରମାଣ ତଥା ବାସ୍ତବତାର ରୂପରେଖକୁ ପାଥେୟ କରି ସ୍ମୃତି ମଣିଷକୁ ରିମାର୍ଜିତ କରେ। ଏକ ଶୃଙ୍ଖଳିତ ଜୀବନଶୈଳୀକୁ ଦିଗଦର୍ଶନ ଦେଇଥାଏ। ଜୀବନର ଲକ୍ଷ୍ମଣରେଖା ପରିଧି ମଧ୍ୟରେ ଜୀବନ ନିର୍ବାହ କଲେ ଜୀବନ ନୌକା ନିର୍ବିଘ୍ନରେ କୂଳରେ ପହଞ୍ଚିପାରିବ। ବଞ୍ଚିବାର ଅନ୍ୟନାମ ହେଉଛି ଶୃଙ୍ଖଳା। ଲେଖା ହେଉଛି ଏକ ଦର୍ପଣ, ଯାହା ଦ୍ୱାରା ମଣିଷ ଅତୀତର ଚିତ୍ରକୁ ସ୍ପଷ୍ଟ ଭାବେ ଅନୁଧ୍ୟାନ କରି ଗବେଷଣା କରି ପରିମାର୍ଜିତ ହୋଇ ଆଉ ଏକ ନୂତନ ଅଧ୍ୟାୟ ସୃଷ୍ଟି କରେ। ଧର୍ମ, ନୀତି, ସାମାଜିକତା, ଅର୍ଥନୀତି, ସଂସ୍କୃତି, ସଭ୍ୟତା, ସାହିତ୍ୟ, ଶିକ୍ଷା, ପରିବେଶ ଆଦି ଉପରେ ଦୃଷ୍ଟିପାତ ଓ ତାହାର ଉପହାର ହେଉଛି ଏହି ପୁସ୍ତକ ବୋଲି ସେମାନେ ମତବ୍ୟକ୍ତ କରିଥିଲେ। ସଞ୍ଜିତ କୁମାର ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା ଓ ଚିତ୍ରା ମିଶ୍ର ଧନ୍ୟବାଦ ଦେଇଥିଲେ।

### ୧୦ ହଜାର ଲିଟର କ୍ଷୀରରେ ସ୍ନାନ କଲେ ନୀଳକଣ୍ଠେଶ୍ୱର

ନିମାପଡ଼ା, ୮।୪(ଡି.ଏନ୍.ଏ.)

ନିମାପଡ଼ା ଅଞ୍ଚଳର ଆରାଧ୍ୟ ଦେବତା ଦିଘାଳୋସ୍ଥିତ ପ୍ରଭୁ ଶ୍ରୀଶ୍ରୀ ନୀଳକଣ୍ଠେଶ୍ୱର ଦେବଙ୍କ ଦ୍ୱାଦଶ ବାର୍ଷିକ ମହାକ୍ଷୀରସାଗର ମେଳା ଶନିବାର ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ନିମାପଡ଼ା ଯାଦବ ମହାସଂଘ ଓ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଏହି ମହାକ୍ଷୀର ସାଗର ମେଳା ଅନୁଷ୍ଠିତ ହୋଇଥିଲା। ସକାଳୁ ପ୍ରଭୁ ଶ୍ରୀ ନୀଳକଣ୍ଠେଶ୍ୱର ଦେବଙ୍କ ମହାସ୍ନାନ, ପହିଲି ଭୋଗ, ଫଳ, ଖେଚେଡ଼ି, ରସଗୋଲା ଆଦି ଭୋଗ ହେବା ପରେ ଠାକୁରଙ୍କ ଉପରେ କ୍ଷୀର ଲାଗି କରାଯାଇଥିଲା। ନିମାପଡ଼ା ବ୍ଲକର ଶହଶହ ଯାଦବ ଭାଇମାନେ ୧୦ହଜାର ଲିଟର କ୍ଷୀର ଠାକୁରଙ୍କୁ ଲାଗି କରିଥିଲେ ବୋଲି ମହାସଂଘ ସଭାପତି ଗୟାଧର ବେହେରା, ସମ୍ପାଦକ ସୁକାନ୍ତ ବେହେରା, ମନ୍ଦିର ପୂଜକ ରମେଶଚନ୍ଦ୍ର ଦୀକ୍ଷିତ, ମନ୍ଦିର କମିଟି ସଭାପତି କାଳିନ୍ଦୀ ସ୍ୱାଇଁ, ସମ୍ପାଦକ ବଳରାମ ସ୍ୱାଇ, କୋଷାଧ୍ୟକ୍ଷ ସୁଦର୍ଶନ ସାହୁ ପ୍ରମୁଖ କହିଛନ୍ତି। କ୍ଷୀର ଲାଗି ହୋଇଥିବା କ୍ଷୀରରେ କ୍ଷୀର ପ୍ରସ୍ତୁତ କରାଯାଇ ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁଙ୍କୁ କ୍ଷୀର ପ୍ରସାଦ ବଣ୍ଟା ଯାଇଥିଲା।

## ୫କୋଟି ଟଙ୍କାର ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ



ଭୁବନେଶ୍ୱର,୮।୪(ବ୍ୟୁରୋ)

ଭୁବନେଶ୍ୱର ମହାନଗର ନିଗମାଧିନ ୱାର୍ଡ ନଂ-୨ ଅନ୍ତର୍ଗତ କଳାରାହାଙ୍ଗା ଓ ନନ୍ଦନ ବିହାରରେ ରାସ୍ତା ଓ ଡ୍ରେନ୍ ନିର୍ମାଣ ତଥା ରାଜସ୍ୱ ନିରୀକ୍ଷକଙ୍କ ଅଫିସ ନିର୍ମାଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ବିଧାୟକ ସୁଶାନ୍ତ ରାଉତ ଏବଂ ମେୟର ସୁଲୋଚନା ଦାସ ପ୍ରକଳ୍ପର ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି। କଳାରାହାଙ୍ଗା ଗ୍ରାମକୁ ସ୍ମାର୍ଟ ଗ୍ରାମରେ ପରିଣତ କରିବାକୁ ଉଦ୍ୟମ କରାଯିବ ବୋଲି ବିଧାୟକ ରାଉତ ଏ ଅବସରରେ କହିଥିଲେ। ୫କୋଟି ବ୍ୟୟରେ ହେବାକୁ ଥିବା ଏହି ପ୍ରକଳ୍ପ ମଧ୍ୟରେ ୨୩ ଲକ୍ଷ ଟଙ୍କା ବ୍ୟୟରେ କଳାରାହାଙ୍ଗ ଗ୍ରାମ ରାସ୍ତା, ୧ କୋଟି ୬୭ ଲକ୍ଷ ଟଙ୍କା ବ୍ୟୟରେ କଳାରାହାଙ୍ଗ ହାଟଠାରୁ କଳାରାହାଙ୍ଗ ଗ୍ରାମ ରାସ୍ତା, ୧କୋଟି ୪୦ଲକ୍ଷ ଟଙ୍କାର ରାଜସ୍ୱ ନୀରକ୍ଷକଙ୍କ ଅଫିସ୍ ୬୭ ଲକ୍ଷ ଟଙ୍କା ବ୍ୟୟରେ ନନ୍ଦନ ବିହାର ଅଞ୍ଚଳରେ ୨ଟି ଡ୍ରେନ ନିର୍ମାଣ କରାଯିବ। ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଏମସି ୱାର୍କସ୍ କମିଟି ଅଧ୍ୟକ୍ଷ ଅମରେଶ ଜେନା, ଡେପୁଟି ମେୟର ମଞ୍ଜୁଲତା କହଁର, ମତ୍ସ୍ୟ ଉନ୍ନୟନ ନିଗମର ଅଧ୍ୟକ୍ଷ ସୁବାଷ ଚନ୍ଦ୍ର ପାତ, ସ୍ଥାନୀୟ କର୍ପୋରେଟର ମିହିର ରାଉତ, ମୋନାଲିସା ବେହେରା, ପ୍ରମୁଖ ଉପସ୍ଥିତ ଥିଲେ।

## ମହାପ୍ରଭୁଙ୍କ ଦର୍ଶନ ପାଇଁ ଅସମ୍ଭାଳ ଭିଡ଼

ପୁରୀ ଅଫିସ,୮।୪

ଶନିବାର ଛୁଟିଦିନ ହୋଇଥିବାରୁ ମହାପ୍ରଭୁଙ୍କ ଦର୍ଶନ ପାଇଁ ପୁରୀରେ ଭକ୍ତଙ୍କ ପ୍ରବଳ ସମାଗମ ହୋଇଥିଲା। ଶ୍ରୀମନ୍ଦିରକୁ ଯିବା ପାଇଁ ଭକ୍ତଙ୍କ ଧାଡ଼ି ମରୀଚିକୋଟ ପର୍ଯ୍ୟନ୍ତ ଲମ୍ବିଥିଲା। କେବଳ ବଡ଼ଦାଣ୍ଡ ନୁହେଁ ସମୁଦ୍ରକୂଳ ଅଞ୍ଚଳରେ ମଧ୍ୟ ପର୍ଯ୍ୟଟକଙ୍କର ପ୍ରବଳ ଗହଳି ଦିନତମାମ ଲାଗିରହିଥିଲା। ଖରାରେ ଗୋଡ଼ ନ ତାତିବାକୁ ପ୍ରଶାସନ ପକ୍ଷରୁ ମରୀଚିକୋଟଠାରୁ ଶ୍ରୀମନ୍ଦିର ପର୍ଯ୍ୟନ୍ତ ରାସ୍ତାରେ ନାଲି ରଙ୍ଗର ମ୍ୟାଟ(ରେଡ୍ କାର୍ପେଟ) ପକାଯାଇଛି। ଶ୍ରୀମନ୍ଦିର ଚାରିପାଖରେ ପ୍ରକଳ୍ପ କାର୍ଯ୍ୟ ଚାଲିଥିବାରୁ ରାସ୍ତା ପ୍ରାୟ ସଂକୀର୍ଣ୍ଣ ହୋଇରହିଛି। ଅପରପକ୍ଷେ ବଡ଼ଦାଣ୍ଡର ଉଭୟ ପାର୍ଶ୍ୱରେ ଉଠା ଦୋକାନୀଙ୍କ ପସରା ପର୍ଯ୍ୟଟକ ଓ ଭକ୍ତଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି। ତେବେ ଗହଳି ଓ ଖରା କାରଣରୁ ଅନେକ ଭକ୍ତ ବାହାରୁ ପତିତପାବନଙ୍କୁ ଦର୍ଶନ କରି ଫେରୁଥିବା ଦେଖିବାକୁ ମିଳିଥିଲା। ଭିଡ଼କୁ ଦୃଷ୍ଟିରେ ରଖି ନିୟନ୍ତ୍ରଣ ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା।




ଉତ୍କଳ ସେବା ସଂଘ ପକ୍ଷରୁ ଶନିବାର ଭୁବନେଶ୍ୱର ସୂଚନାଭବନରେ ଉତ୍କଳ ଦିବସ ପ୍ରତିଭା ରତ୍ନ ସମ୍ମାନ ପ୍ରଦାନ ଅବସରରେ ଅତିଥିମାନେ।

## ନ୍ୟାୟିକ କ୍ଷେତ୍ରରେ ଓଡ଼ିଶା ହାଇକୋର୍ଟ ସ୍ୱତନ୍ତ୍ର




ସମ୍ବର୍ଦ୍ଧନା ଉତ୍ସବରେ ସୁପ୍ରିମକୋର୍ଟ ବିଚାରପତି ବି. ଆର୍. ଗଭାଇ, ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧରଙ୍କ ସହ ଉପସ୍ଥିତ ଅତିଥିବୃନ୍ଦ।

କଟକ ଅଫିସ,୮।୪:

**ପୂର୍ବତନ ମୁଖ୍ୟ ବିଚାରପତି, ବିଚାରପତିଙ୍କୁ ସମ୍ବର୍ଦ୍ଧନା**

ଓଡ଼ିଶା ହାଇକୋର୍ଟର ୭୫ ବର୍ଷ ପୂର୍ତ୍ତି ପାଳନ ଉପଲକ୍ଷେ ବର୍ଷତମାମ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହି କ୍ରମରେ ପୂର୍ବତନ ମୁଖ୍ୟ ବିଚାରପତି ଓ ବିଚାରପତିମାନଙ୍କୁ ସମ୍ବର୍ଦ୍ଧନା ଉତ୍ସବ କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମଠାରେ ଶନିବାର ଆୟୋଜିତ ହୋଇଥିଲା। ଏଥିରେ ସୁପ୍ରିମକୋର୍ଟ ବିଚାରପତି ବି. ଆର୍. ଗଭାଇ ଅଧ୍ୟକ୍ଷତା କରି କହିଥିଲେ, ଓଡ଼ିଶା ହାଇକୋର୍ଟ ଗତ ୭୫ ବର୍ଷ ମଧ୍ୟରେ ଆଇନକୁ ବିକଶିତ କରିବା ସହିତ ଅନେକ ଉଲ୍ଲେଖନୀୟ ରାୟ ପ୍ରଦାନ କରି ଆଇନ କ୍ଷେତ୍ରରେ ଏକ ଟ୍ରେଣ୍ଡସେଟର ଭାବେ ପ୍ରମାଣିତ ହୋଇପାରିଛି। ସୁପ୍ରିମକୋର୍ଟକୁ ଓଡ଼ିଆ ବିଚାରପତିମାନଙ୍କ ଅବଦାନ ବହୁତ ରହିଛି। ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର କହିଥିଲେ, ଆସନ୍ତା ଜୁଲାଇ ୨୬ରେ ହାଇକୋର୍ଟ ୭୫ ବର୍ଷ ପୂର୍ତ୍ତି ପାଳନ କରିବ, ଯାହା ଦୀର୍ଘ ନ୍ୟାୟିକ ଯାତ୍ରାର ଏକ ମାଇଲଖୁଣ୍ଟ। ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଓ ବିଚାରପତିମାନେ ଅନୁଷ୍ଠାନର ଶ୍ରୀବୃଦ୍ଧିରେ ସହାୟକ ହୋଇଛନ୍ତି। ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଦୀପକ ମିଶ୍ର ବାର୍‌ର ଗୁରୁତ୍ୱ ଉପରେ ଆଲୋକପାତ କରି ଏହା ଯୁବ ଆଇନଜୀବୀଙ୍କ ପାଇଁ ଶିକ୍ଷାର ସ୍ଥଳୀ ବୋଲି କହିଥିଲେ। ଓଡ଼ିଶାର ନ୍ୟାୟିକ ବ୍ୟବସ୍ଥାରେ ଟେକ୍ନୋଲୋଜିକୁ ପ୍ରୟୋଗ କରାଯାଇଥିବାରୁ ସେ ଅଭିନନ୍ଦନ ଜଣାଇଥିଲେ। ବିଚାରପତି ଜି. ବି. ପଟ୍ଟନାୟକ ଏଭଳି ସମ୍ବର୍ଦ୍ଧନାର ପରମ୍ପରା ପ୍ରଥମ କରି ଆରମ୍ଭ ହୋଇଥିବା କହିଥିଲେ। ହାଇକୋର୍ଟ ବାର୍ ଆସୋସିଏଶନ ସଭାପତି ଧରଣୀଧର ନାୟକ ଓଡ଼ିଶା ହାଇକୋର୍ଟର ଐତିହ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଆଡ୍‌ଭୋକେଟ୍ ଜେନେରାଲ ଅଶୋକ ପରିଜା ଓଡ଼ିଶାର ନ୍ୟାୟିକ ବ୍ୟବସ୍ଥା ଦେଶରେ ସର୍ବୋତ୍ତମ ବୋଲି କହିଥିଲେ। ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ସ୍ୱାଗତ ଭାଷଣ ଓ ବିଚାରପତି ବିଶ୍ୱନାଥ ରଥ ଧନ୍ୟବାଦ ଦେଇଥିଲେ।

ଏହି ଅବସରରେ ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଜି. ବି. ପଟ୍ଟନାୟକ, ଦୀପକ ମିଶ୍ର, ପୂର୍ବତନ ବିଚାରପତି ଅରିଜିତ ପଶାୟତ, ପି. କେ. ଆୟାର ବାଲସୁବ୍ରମଣ୍ୟମ୍. ଅଶୋକ କୁମାର ଗାଙ୍ଗୁଲି, ଅନଙ୍ଗ କୁମାର ପଟ୍ଟନାୟକ, ଭି. ଗୋପାଳ ଗୌଡ଼ା, ସୁଜିତ ବର୍ମନ ରାୟ, ବିଲାଲ ନଜକି, କେ. ଏସ୍. ଝାବେରି, ପ୍ରଫୁଲ୍ଲ କୁମାର ମିଶ୍ରଙ୍କ ସମେତ ବହୁ ବିଚାରପତି ଓ ଦିବଂଗତ ବିଚାରପତିମାନଙ୍କ ପରିବାରକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସମ୍ବର୍ଦ୍ଧନା ସମାରୋହରେ ହାଇକୋର୍ଟର ବିଚାରପତି ଓ ଆଇନଜୀବୀମାନେ ଉପସ୍ଥିତ ଥିଲେ।

## କଳା ଦିବସ ପାଳିଲା ବ୍ୟବସାୟୀ ସଂଘ

ଭୁବନେଶ୍ୱର, ୮।୪(ବ୍ୟୁରୋ)

**ଗଣେଶ ମଣ୍ଡପ ହାଟ ଉଚ୍ଛେଦକୁ ବର୍ଷେ ପୂରିଲା**

ଝାରପଡ଼ାସ୍ଥିତ ଗଣେଶ ମଣ୍ଡପ ହାଟ ଭଙ୍ଗାକୁ ଶନିବାର ବର୍ଷେ ପୂରିଛି। ମାତ୍ର ଏଯାବତ୍ ସମ୍ପୃକ୍ତ ବ୍ୟବସାୟୀଙ୍କ ଥଇଥାନ ନେଇ କୌଣସି ବ୍ୟବସ୍ଥା ହୋଇପାରିଲା ନାହିଁ। ଫଳରେ ହାଟକୁ ନେଇ ଜୀବିକା ନିର୍ବାହ କରୁଥିବା ଶହଶହ ପରିବାର ଆଜି ଭୋକ ଉପାସରେ ରହିବା ସହ ଫୁଟ୍‌ପାଥ୍‌ରେ ଜୀବନ ବିତାଉଛନ୍ତି। ସେମାନଙ୍କ ଥଇଥାନ ନେଇ ବିଏମ୍‌ସି ଦେଇଥିବା ପ୍ରତିଶ୍ରୁତି ଏବେ ଫାଇଲ ତଳେ ଚାପି ହୋଇ ରହିବା ସହ ମିଥ୍ୟା ବୋଲି ପ୍ରମାଣିତ ହୋଇଛି। ଏପରି ଅଭିଯୋଗ ଆଣି କ୍ଷତିଗ୍ରସ୍ତ ବ୍ୟବସାୟୀମାନେ କ୍ଷୋଭ ପ୍ରକାଶ କରିବା ସହ ଏପ୍ରିଲ ୮କୁ କଳା ଦିବସ ଭାବେ ପାଳନ କରିଛନ୍ତି। ବ୍ୟବସାୟୀ ସଂଘର ମୁଖ୍ୟ ଉପଦେଷ୍ଟା ତଥା ପୂର୍ବତନ କର୍ପୋରେଟର ସୁରେଶ ଚନ୍ଦ୍ର ଜେନାଙ୍କ ନେତୃତ୍ୱରେ ୪୨୦ଜଣ ବ୍ୟବସାୟୀ ଶନିବାର ଗଣେଶ ମଣ୍ଡପ ହାଟ ସମ୍ମୁଖରେ କଳା ବ୍ୟାଜ୍ ପିନ୍ଧି କ୍ୟାଣ୍ଡେଲ ଜାଳି ପ୍ରତିବାଦ କରିଥିଲେ। ହାଟ ବ୍ୟବସାୟୀମାନେ ଥଇଥାନ ପାଇଁ ବିଏମ୍‌ସି ଓ ସରକାରଙ୍କୁ ବାରମ୍ବାର ଗୁହାରି କରୁଥିଲେ ବି କେହି କର୍ଣ୍ଣପାତ କରୁ ନାହାନ୍ତି। ତେଣୁ ସରକାର ତୁରନ୍ତ ସମସ୍ୟାର ସମାଧାନ ନ କଲେ ଆଗାମୀ ଦିନରେ ରାଜରାସ୍ତାରେ ତୀବ୍ର ଆନ୍ଦୋଳନ କରାଯିବ ବୋଲି ସଂଘ ସମ୍ପାଦକ ସଞ୍ଜୀବ ମିଶ୍ର ଓ ସଂଯୋଜକ ବାପି ପାଣିଗ୍ରାହୀ ଚେତାବନୀ ଦେଇଛନ୍ତି।



ସୂଚନାଯୋଗ୍ୟ, ୨୦୨୨ ଏପ୍ରିଲ ୮ ଭୋର୍ ୪ଟାରେ ବିଏମ୍‌ସି ପକ୍ଷରୁ ଗଣେଶ ମଣ୍ଡପ ହାଟକୁ ଉଚ୍ଛେଦ କରାଯାଇଥିଲା। କେହି କିଛି ବୁଝିବା ଆଗରୁ ବ୍ୟବସାୟ ପ୍ରତିଷ୍ଠାନ ସବୁ ଧୂଳିସାତ୍ ହୋଇଯାଇଥିଲା। ଅଚାନକ ହୋଇଥିବା ଏହି ଉଚ୍ଛେଦକୁ ବିରୋଧ କରି ବ୍ୟବସାୟୀମାନେ ରାସ୍ତାକୁ ଓହ୍ଲାଇଥିବାବେଳେ ରାଜନୈତିକ ଦଳ ଏବଂ ବିଭିନ୍ନ ସଂଗଠନ ସେମାନଙ୍କ ସମର୍ଥନରେ ବାହାରିଥିଲେ। ପ୍ରତିବାଦ ଜୋର୍ ଧରିବାରୁ ମେୟର ୧ ସପ୍ତାହ ସମୟ ମାଗିବା ସହ ବ୍ୟବସାୟୀଙ୍କୁ ଥଇଥାନ କରିବେ ବୋଲି ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। ମାତ୍ର ଏବେ ୧ବର୍ଷ ବିତିଯାଇଥିଲେ ମଧ୍ୟ ଥଇଥାନ ନେଇ ବିଏମ୍‌ସି ପକ୍ଷରୁ କିଛି ପଦକ୍ଷେପ ନିଆଯାଇ ନ ଥିବାରୁ ଅସନ୍ତୋଷ ତେଜିବାରେ ଲାଗିଛି।

## ସଂକ୍ଷେପରେ

### ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ସଞ୍ଜୟ

ପୁରୀ ଅଫିସ,୮।୪: ପୂର୍ବତନ ମନ୍ତ୍ରୀ ସଞ୍ଜୟ କୁମାର ଦାସବର୍ମା ଶନିବାର ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପୁରୀ ସଦର ଏବଂ କୃଷ୍ଣପ୍ରସାଦ ବ୍ଲକ ଗସ୍ତ କରି ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଦ୍ୟାଳୟ ଭିତ୍ତିଭୂମି ବିକାଶ ଏବଂ ଛାତ୍ରୀଛାତ୍ରଙ୍କ ଗୁଣାତ୍ମକ ଶିକ୍ଷାଦାନ ପାଇଁ ୫ଟି ମାଧମରେ ଚାଲୁ ରହିଥିବା ପୁରୀ ସଦର ବ୍ଲକ ବୀରବଳଭଦ୍ରପୁର ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ କୃଷ୍ଣପ୍ରସାଦ ବ୍ଲକ ସିଆଳ ପଞ୍ଚାୟତ ମୋରଡ଼ା ବଟେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ରୂପାନ୍ତରିତ କାର୍ଯ୍ୟର ଦାସବର୍ମା ଅନୁଧାନ କରିଥିଲେ। ଏହା ପରେ ମଧାହ୍ନରେ ଦାସବର୍ମା କୃଷ୍ଣପ୍ରସାଦ ବ୍ଲକ ବଡ଼ଝାଡ଼ ପଞ୍ଚାୟତ କୁରୁପାଳ ଗ୍ରାମକୁ ଗସ୍ତ କରି କରି ଗ୍ରାମାଞ୍ଚଳରେ ବାସ କରୁଥିବା ଜନସାଧାରଣଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରାଥମିକତା ଦେଉଥିବା ସମ୍ପର୍କରେ ସୂଚନା ଦେଇଥିଲେ। ଏଥିପାଇଁ କୃଷ୍ଣପ୍ରସାଦ ବ୍ଲକ ଚିଲିକା ଦ୍ୱୀପାଞ୍ଚଳରେ ଥିବା ବଡ଼ଝାଡ଼ ପଞ୍ଚାୟତ କୁରୁପାଳ ଗ୍ରାମକୁ ଅନ୍ତର୍ଭୁକ୍ତ କରାଯାଇଛି। ପ୍ରାୟ ଏକ ହଜାର ଲୋକ ବସବାସ କରୁଥିବା କୁରୁପାଳ ଗ୍ରାମକୁ ଏକ କୋଟି ଟଙ୍କା ବ୍ୟୟବରାଦରେ ୫୦ ହଜାର ଲିଟର କ୍ଷମତା ବିଶିଷ୍ଟ ଟାଙ୍କି ପାଇଁ ଶୁଭ ଅନୁକୂଳ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ଏବଂ ପାନୀୟ ଜଳ ଯୋଗାଣ ବିଭାଗୀୟ ଅଧିକାରୀ, କୃଷ୍ଣପ୍ରସାଦ ବ୍ଲକ ଅଧକ୍ଷା ସରୋଜିନୀ ତରେଇ ଓ ଜିଲା ପରିଷଦ ସଦସ୍ୟ ଲକ୍ଷ୍ମୀଧର ସାହୁ, ବିଜୁ ଜନତା ଦଳର ବରିଷ୍ଠ ନେତା କେଦାରନାଥ ଜେନା, ପୁରୀ ସଦର ବ୍ଲକ ଜିଲା ପରିଷଦ ସଦସ୍ୟାଙ୍କ ପ୍ରତିନିଧି ନୁନୁ ମିଶ୍ର, ଭାଇଲିପୁର ପଞ୍ଚାୟତ ସମିତି ସଭ୍ୟ କାର୍ତ୍ତିବିର୍ଯ୍ୟ ସ୍ୱାଇଁ, ବୀରବଳଭଦ୍ରପୁର ସରପଞ୍ଚଙ୍କ ପ୍ରତିନିଧି ପ୍ରଶାନ୍ତ ମିଶ୍ର, ସମିତି ସଭ୍ୟ ବିଜୟ ବେହେରା, ବଡ଼ଝାଡ଼ ସରପଞ୍ଚ ସୁମିତ୍ରା ପାହଣ, ସମିତି ସଭ୍ୟ ଉମାକାନ୍ତ ସେଠୀ, ପୂର୍ବତନ ସମିତି ସଭ୍ୟ ରଘୁନାଥ ଜେନାଙ୍କ ସମେତ କୁରୁପାଳ ଗ୍ରାମବାସୀ ଉପସ୍ଥିତ ଥିଲେ।

### କୁମ୍ଭକର୍ଣ୍ଣ, ଇନ୍ଦ୍ରଜିତ ବଧ ନାଟକ ମଞ୍ଚସ୍ଥ

ଜଟଣୀ,୮।୪(ଡି.ଏନ୍.ଏ.): ଶନିବାର ଜଟଣୀ ବ୍ଲକ ଅଧୀନ ବେଲପଡ଼ା ଖୋଲାଦ୍ୱାର ଏବଂ ଜଟଣୀ ପୌରାଞ୍ଚଳ ଅଧୀନ ବଡ଼ନୂଆଗାଁ ନୀଳକଣ୍ଠେଶ୍ୱର ରାମ ନାଟକ ସଂସଦ ପକ୍ଷରୁ ରାମଲୀଳା ପରିପ୍ରେକ୍ଷୀରେ କୁମ୍ଭକର୍ଣ୍ଣ ଓ ଇନ୍ଦ୍ରଜିତ ବଧ ନାଟକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ନାଟକ ମଞ୍ଚସ୍ଥ ପୂର୍ବରୁ ବାଟ ମହାବୀର ରାମନାଟ୍ୟ ସଂସଦ ପକ୍ଷରୁ ଏକ ସଭା ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ପାଣ୍ଡବ ଜେନା ଫାଉଣ୍ଡେଶନ ଅଧକ୍ଷ ସନ୍ତୋଷ ଜେନା, ସମ୍ମାନିତ ଅତିଥିଭାବେ ବିଜେଡି ନେତା ଅରୂପ ପଟ୍ଟନାୟକ ଯୋଗଦେଇଥିଲେ। ଭାରତୀୟ ସଂସ୍କୃତି ଓ ପରମ୍ପରାର ପରିଚୟ ହେଉଛି ରାମାୟଣ, ଭାଗବତ ଭଳି ପବିତ୍ର ଗ୍ରନ୍ଥ। ଏହା ପଢ଼ିବା ଏବଂ ଶୁଣିବା ଦ୍ୱାରା ଧର୍ମ ପରମ୍ପରା ସଂସ୍କୃତି ବିଷୟରେ ଜାଣିବାରେ ସହାୟକ ହୋଇଥାଏ। ଶକ୍ତିଧର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଗ୍ରାମବାସୀ ସହଯୋଗ କରିଥିଲେ।

### କଳା ଦିବସ ପାଳିଲା ବ୍ୟବସାୟୀ ସଂଘ

ଭୁବନେଶ୍ୱର, ୮।୪(ବ୍ୟୁରୋ) : ଝାରପଡ଼ାସ୍ଥିତ ଗଣେଶ ମଣ୍ଡପ ହାଟ ଭଙ୍ଗାକୁ ଶନିବାର ବର୍ଷେ ପୂରିଛି। ମାତ୍ର ଏଯାବତ୍ ସମ୍ପୃକ୍ତ ବ୍ୟବସାୟୀଙ୍କ ଥଇଥାନ ନେଇ କୌଣସି ବ୍ୟବସ୍ଥା ହୋଇପାରିଲା ନାହିଁ। ଫଳରେ ହାଟକୁ ନେଇ ଜୀବିକା ନିର୍ବାହ କରୁଥିବା ଶହଶହ ପରିବାର ଆଜି ଭୋକ ଉପାସରେ ରହିବା ସହ ଫୁଟ୍‌ପାଥ୍‌ରେ ଜୀବନ ବିତାଉଛନ୍ତି। ସେମାନଙ୍କ ଥଇଥାନ ନେଇ ବିଏମ୍‌ସି ଦେଇଥିବା ପ୍ରତିଶ୍ରୁତି ଏବେ ଫାଇଲ ତଳେ ଚାପି ହୋଇ ରହିବା ସହ ମିଥ୍ୟା ବୋଲି ପ୍ରମାଣିତ ହୋଇଛି। ଏପରି ଅଭିଯୋଗ ଆଣି କ୍ଷତିଗ୍ରସ୍ତ ବ୍ୟବସାୟୀମାନେ କ୍ଷୋଭ ପ୍ରକାଶ କରିବା ସହ ଏପ୍ରିଲ ୮କୁ କଳା ଦିବସ ଭାବେ ପାଳନ କରିଛନ୍ତି। ବ୍ୟବସାୟୀ ସଂଘର ମୁଖ୍ୟ ଉପଦେଷ୍ଟା ତଥା ପୂର୍ବତନ କର୍ପୋରେଟର ସୁରେଶ ଚନ୍ଦ୍ର ଜେନାଙ୍କ ନେତୃତ୍ୱରେ ୪୨୦ଜଣ ବ୍ୟବସାୟୀ ଶନିବାର ଗଣେଶ ମଣ୍ଡପ ହାଟ ସମ୍ମୁଖରେ କଳା ବ୍ୟାଜ୍ ପିନ୍ଧି କ୍ୟାଣ୍ଡେଲ ଜାଳି ପ୍ରତିବାଦ କରିଥିଲେ। ହାଟ ବ୍ୟବସାୟୀମାନେ ଥଇଥାନ ପାଇଁ ବିଏମ୍‌ସି ଓ ସରକାରଙ୍କୁ ବାରମ୍ବାର ଗୁହାରି କରୁଥିଲେ ବି କେହି କର୍ଣ୍ଣପାତ କରୁ ନାହାନ୍ତି। ତେଣୁ ସରକାର ତୁରନ୍ତ ସମସ୍ୟାର ସମାଧାନ ନ କଲେ ଆଗାମୀ ଦିନରେ ରାଜରାସ୍ତାରେ ତୀବ୍ର ଆନ୍ଦୋଳନ କରାଯିବ ବୋଲି ସଂଘ ସମ୍ପାଦକ ସଞ୍ଜୀବ ମିଶ୍ର ଓ ସଂଯୋଜକ ବାପି ପାଣିଗ୍ରାହୀ ଚେତାବନୀ ଦେଇଛନ୍ତି।

# ‘ଆଇନ କ୍ଷେତ୍ରରେ ଟ୍ରେଣ୍ଡସେଟର ପାଲଟିଛି ଓଡ଼ିଶା ହାଇକୋର୍ଟ’

କଟକ ଅଫିସ,୮।୪




ସମ୍ବର୍ଦ୍ଧନା ଉତ୍ସବରେ ସୁପ୍ରିମକୋର୍ଟ ବିଚାରପତି ବି. ଆର୍. ଗଭାଇ, ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧରଙ୍କ ସହ ଉପସ୍ଥିତ ଅତିଥିବୃନ୍ଦ।

ଓଡ଼ିଶା ହାଇକୋର୍ଟର ୭୫ ବର୍ଷ ପୂର୍ତ୍ତି ପାଳନ ଉପଲକ୍ଷେ ବର୍ଷତମାମ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହି କ୍ରମରେ ପୂର୍ବତନ ମୁଖ୍ୟ ବିଚାରପତି ଓ ବିଚାରପତିମାନଙ୍କୁ ସମ୍ବର୍ଦ୍ଧନା ଉତ୍ସବ କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମଠାରେ ଶନିବାର ଆୟୋଜିତ ହୋଇଥିଲା। ଏଥିରେ ସୁପ୍ରିମକୋର୍ଟ ବିଚାରପତି ବି. ଆର୍. ଗଭାଇ ଅଧକ୍ଷତା କରି କହିଥିଲେ, ଓଡ଼ିଶା ହାଇକୋର୍ଟ ଗତ ୭୫ ବର୍ଷ ମଧ୍ୟରେ ଆଇନକୁ ବିକଶିତ କରିବା ସହିତ ଅନେକ ଉଲ୍ଲେଖନୀୟ ରାୟ ପ୍ରଦାନ କରି ଆଇନ କ୍ଷେତ୍ରରେ ଏକ ଟ୍ରେଣ୍ଡସେଟର ଭାବେ ପ୍ରମାଣିତ ହୋଇପାରିଛି। ସୁପ୍ରିମକୋର୍ଟକୁ ଓଡ଼ିଆ ବିଚାରପତିମାନଙ୍କ ଅବଦାନ ବହୁତ ରହିଛି। ବିଚାରପତି ଗଭାଇ ମଧୁବାବୁଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଓଡ଼ିଶା ସ୍ୱାଧୀନତା ଆନ୍ଦୋଳନର କର୍ଣ୍ଣଧାର ବୋଲି କହିଥିଲେ।

ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର କହିଥିଲେ, ଆସନ୍ତା ଜୁଲାଇ ୨୬ରେ ହାଇକୋର୍ଟ ୭୫ ବର୍ଷ ପୂର୍ତ୍ତି ପାଳନ କରିବ, ଯାହା ଦୀର୍ଘ ନ୍ୟାୟିକ ଯାତ୍ରାର ଏକ ମାଇଲଖୁଣ୍ଟ। କଟକରେ ୧୯୧୬ରେ ପାଟନା ହାଇକୋର୍ଟର ସର୍କିଟ ବେଞ୍ଚ ସ୍ଥାପନ ହୋଇ ହାଇକୋର୍ଟର ମୂଳଦୁଆ ପଡ଼ିଥିଲା। ଏଥିପାଇଁ ଉତ୍କଳ ଗୌରବ ମଧୁସୂଦନ ଦାସ ଓ ହାଇକୋର୍ଟର ପ୍ରଥମ ମୁଖ୍ୟ ବିଚାରପତି ବୀରକିଶୋର ରାୟଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ମୁଖ୍ୟ ବିଚାରପତି। ଓଡ଼ିଶା ହାଇକୋର୍ଟ ବିଚାରପତି ସ୍ୱର୍ଗତ ରଙ୍ଗନାଥ ମିଶ୍ର ଦେଶର ସର୍ବୋଚ୍ଚ ନ୍ୟାୟିକ ଆସନ ଚିଫ୍ ଜଷ୍ଟିସ ଅଫ୍ ଇଣ୍ଡିଆ ପଦରେ ଗୌରବ ବୃଦ୍ଧି କରିଥିବାରୁ ତାଙ୍କୁ ମଧ ମୁଖ୍ୟ ବିଚାରପତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଓ ବିଚାରପତିମାନେ ଅନୁଷ୍ଠାନର ଶ୍ରୀବୃଦ୍ଧିରେ ସହାୟକ

## ପୂର୍ବତନ ମୁଖ୍ୟ ବିଚାରପତି, ବିଚାରପତିଙ୍କୁ ସମ୍ବର୍ଦ୍ଧନା

ହୋଇଛନ୍ତି। ଏଥିସହ ଓଡ଼ିଶା ନ୍ୟାୟିକ ବ୍ୟବସ୍ଥାରେ ଉତ୍କଳମଣି ଗୋପବନ୍ଧୁ ଦାସ, ସଦାଶିବ ମିଶ୍ର, ରବୀନ୍ଦ୍ରନାଥ ସିହ୍ନା, ବିଶ୍ୱନାଥ ପଶାୟତ, ବାରିଷ୍ଟର ରଣଜିତ୍ ମହାନ୍ତି, ବିଜୟ ପାଲ, ପ୍ରବୀର ପାଲିତ, ରମାକାନ୍ତ ମହାପାତ୍ର, ବିପିନ ବିହାରୀ ରଥ ଓ ବିପିନ ବିହାରୀ ରାୟଙ୍କ ଭୂମିକା ଉଲ୍ଲେଖନୀୟ। ଓଡ଼ିଶାର ଲୋକମାନେ ବିଚାରପତିଙ୍କଠାରୁ ସ୍ୱଚ୍ଛ ଓ ସମାନ ନ୍ୟାୟ ଆଶା କରିଥାନ୍ତି। ଲୋକଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ ପାଇଁ ଆଇନଜୀବୀ ଓ ବିଚାରପତିମାନେ କଠିନ ପରିଶ୍ରମ କରିବାକୁ ସେ ଆହ୍ୱାନ ଦେଇଥିଲେ।

ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଦୀପକ ମିଶ୍ର ବାର୍‌ର ଗୁରୁତ୍ୱ ଉପରେ ଆଲୋକପାତ କରି ଏହା ଯୁବ ଆଇନଜୀବୀମାନଙ୍କ ପାଇଁ ଶିକ୍ଷାର ସ୍ଥଳୀ ବୋଲି କହିଥିଲେ। ଓଡ଼ିଶାର ନ୍ୟାୟିକ ବ୍ୟବସ୍ଥାରେ ଟେକ୍ନୋଲୋଜିକୁ ପ୍ରୟୋଗ କରାଯାଇଥିବାରୁ ସେ ଅଭିନନ୍ଦନ ଜଣାଇଥିଲେ। ବିଚାରପତି ଜି. ବି. ପଟ୍ଟନାୟକ ଏଭଳି ସମ୍ବର୍ଦ୍ଧନାର ପରମ୍ପରା ପ୍ରଥମ କରି ଆରମ୍ଭ ହୋଇଥିବା କହିଥିଲେ। ହାଇକୋର୍ଟ ବାର୍ ଆସୋସିଏଶନ ସଭାପତି ଧରଣୀଧର ନାୟକ ଓଡ଼ିଶା ହାଇକୋର୍ଟର ଐତିହ୍ୟ ସମ୍ପର୍କରେ ଆଲୋକପାତ କରି ଦୀର୍ଘ ୪୫ ବର୍ଷ ଧରି ନିଜର ଆଇନଗତ ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ଆଡ୍‌ଭୋକେଟ୍ ଜେନେରାଲ ଅଶୋକ କୁମାର ପରିଜା ଓଡ଼ିଶାର ନ୍ୟାୟିକ ବ୍ୟବସ୍ଥା ଦେଶରେ ସର୍ବୋତ୍ତମ ବୋଲି ମତବ୍ୟକ୍ତ କରିଥିଲେ। ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ସ୍ୱାଗତ ଭାଷଣ ଓ ବିଚାରପତି ବିଶ୍ୱନାଥ ରଥ ଧନ୍ୟବାଦ ଦେଇଥିଲେ।

ଏହି ଅବସରରେ ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଜି. ବି. ପଟ୍ଟନାୟକ, ଦୀପକ ମିଶ୍ର, ପୂର୍ବତନ ବିଚାରପତି ଅରିଜିତ ପଶାୟତ, ପି. କେ. ଆୟାର ବାଲସୁବ୍ରମଣ୍ୟମ୍. ଅଶୋକ କୁମାର ଗାଙ୍ଗୁଲି, ଅନଙ୍ଗ କୁମାର ପଟ୍ଟନାୟକ, ଭି. ଗୋପାଳ ଗୌଡ଼ା, ସୁଜିତ ବର୍ମନ ରାୟ, ବିଲାଲ ନଜକି, କେ. ଏସ୍. ଝାବେରି, ପ୍ରଫୁଲ୍ଲ କୁମାର ମିଶ୍ରଙ୍କ ସମେତ ବହୁ ବିଚାରପତି ଓ ଦିବଂଗତ ବିଚାରପତିମାନଙ୍କ ପରିବାରକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସମ୍ବର୍ଦ୍ଧନା ସମାରୋହରେ ହାଇକୋର୍ଟର ବିଚାରପତି ଓ ଆଇନଜୀବୀମାନେ ଉପସ୍ଥିତ ଥିଲେ।

## ୫କୋଟି ଟଙ୍କାର ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ

ଭୁବନେଶ୍ୱର,୮।୪(ବ୍ୟୁରୋ)

ଭୁବନେଶ୍ୱର ମହାନଗର ନିଗମାଧିନ ୱାର୍ଡ ନଂ-୨ ଅନ୍ତର୍ଗତ କଳାରାହାଙ୍ଗା ଓ ନନ୍ଦନ ବିହାରରେ ରାସ୍ତା ଓ ଡ୍ରେନ୍ ନିର୍ମାଣ ତଥା ରାଜସ୍ୱ ନିରୀକ୍ଷକଙ୍କ ଅଫିସ ନିର୍ମାଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ବିଧାୟକ ସୁଶାନ୍ତ ରାଉତ ଏବଂ ମେୟର ସୁଲୋଚନା ଦାସ ପ୍ରକଳ୍ପର ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି। କଳାରାହାଙ୍ଗା ଗ୍ରାମକୁ ସ୍ମାର୍ଟ ଗ୍ରାମରେ ପରିଣତ କରିବାକୁ ଉଦ୍ୟମ କରାଯିବ ବୋଲି ବିଧାୟକ ରାଉତ ଏ ଅବସରରେ କହିଥିଲେ। ୫କୋଟି ବ୍ୟୟରେ ହେବାକୁ ଥିବା ଏହି ପ୍ରକଳ୍ପ ମଧ୍ୟରେ ୨୩ ଲକ୍ଷ ଟଙ୍କା ବ୍ୟୟରେ କଳାରାହାଙ୍ଗ ଗ୍ରାମ ରାସ୍ତା, ୧ କୋଟି ୬୭ ଲକ୍ଷ ଟଙ୍କା ବ୍ୟୟରେ କଳାରାହାଙ୍ଗ ହାଟଠାରୁ କଳାରାହାଙ୍ଗ ଗ୍ରାମ ରାସ୍ତା, ୧କୋଟି ୪୦ଲକ୍ଷ ଟଙ୍କାର ରାଜସ୍ୱ ନୀରକ୍ଷକଙ୍କ ଅଫିସ୍ ୬୭ ଲକ୍ଷ ଟଙ୍କା ବ୍ୟୟରେ ନନ୍ଦନ ବିହାର ଅଞ୍ଚଳରେ ୨ଟି ଡ୍ରେନ ନିର୍ମାଣ କରାଯିବ। ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଏମସି ୱାର୍କସ୍ କମିଟି ଅଧକ୍ଷ ଅମରେଶ ଜେନା, ଡେପୁଟି ମେୟର ମଞ୍ଜୁଲତା କହଁର, ମତ୍ସ୍ୟ ଉନ୍ନୟନ ନିଗମର ଅଧକ୍ଷ ସୁବାଷ ଚନ୍ଦ୍ର ପାତ, ସ୍ଥାନୀୟ କର୍ପୋରେଟର ମିହିର ରାଉତ, ମୋନାଲିସା ବେହେରା, ପ୍ରମୁଖ ଉପସ୍ଥିତ ଥିଲେ।



ଜଟଣୀ: ରାମ ନାଟକ ସଂସଦ ପକ୍ଷରୁ ଆୟୋଜିତ ରାମଲୀଳା ନାଟକର କଳାକାରଙ୍କ ଗହଣରେ ଅତିଥିମାନେ।

# ‘ପ୍ରାଥମିକ ସ୍ତରରୁ ପିଲାଙ୍କ ମନରେ ଦେଶାତ୍ମକ ଭାବ ରହୁ’

କୃଷ୍ଣପ୍ରସାଦ, ୮।୪ (ଡି.ଏନ୍.ଏ.)

## ବିଦ୍ୟାଳୟର ବାର୍ଷିକ ଉତ୍ସବ

କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ବାଘମୁଣ୍ଡାସ୍ଥିତ ଗାଦିବ୍ରହ୍ମ ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷାଧିକାରୀ ମଙ୍ଗୁଳି ଚରଣ ଜେନା ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ବେଳେ ପୂର୍ବତନ ପ୍ରଧାନ ଶିକ୍ଷକ କେଲୁ ଚରଣ ଜେନା ମୁଖ୍ୟ ବକ୍ତାଭାବେ ଯୋଗଦେଇଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ଜେନା ଏଥିରେ ସଭାପତିତ୍ୱ କରିଥିଲେ। ବିଦ୍ୟାଳୟର ଶୈକ୍ଷିକ ପରିବେଶରେ ଉନ୍ନତି ହୋଇପାରିଲେ ଭବିଷ୍ୟତ ପିଢି ଏହାର ଲକ୍ଷ୍ୟ ହାସଲରେ ସଫଳ ହୋଇପାରିବେ। ପ୍ରାଥମିକ ସ୍ତରରୁ ପିଲାମାନଙ୍କ ମନରେ ଦେଶାତ୍ମକ ଭାବନା ଉନ୍ମେଷ ହେଲେ ସମାଜରେ ଶାନ୍ତି, ମୈତ୍ରୀ ଓ ସମାନତାର ମୂଲ୍ୟବୋଧ ଆହୁରି ବ୍ୟାପକ ହୋଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଛାତ୍ର ଗଠନରେ ଶିକ୍ଷକଙ୍କ ବ୍ୟତୀତ ପାରିବାରିକ ପରିବେଶର ପ୍ରଭାବ ଗୁରୁତ୍ୱପୂର୍ଣ୍ଣ। ବିଦ୍ୟାଳୟ ସ୍ତରରୁ ଅଭିଭାବକମାନେ ଏଥିପ୍ରତି ସଜାଗ ରହିବାକୁ ଅତିଥିମାନେ ମତବ୍ୟକ୍ତ କରିଥିଲେ। ବାସୁଦେବ ନୋଡାଲ ହାଇସ୍କୁଲ ପ୍ରଧାନ ଶିକ୍ଷକ ବିଜୟ କୁମାର ପ୍ରଧାନ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ସିଦ୍ଧେଶ୍ୱର କରଣ, ସିଆରସି ବିରଞ୍ଚି ସୁଆର, ସାତପଡା ସରପଞ୍ଚ ରଶ୍ମିତା ସାମନ୍ତରାୟ, ପୂର୍ବତନ ସରପଞ୍ଚ ରବୀନ୍ଦ୍ର କୁମାର ମାଝି, ସମାଜସେବୀ ବ୍ରଜ କିଶୋର ପ୍ରଧାନ, ଗ୍ରାମ ସଭାପତି ଓ ସମ୍ପାଦକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଦିଲୀପ କୁମାର ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ତପସ୍ୱିନୀ ବାରିକ ଓ କାଜଲ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ର ମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ଲୁପ୍ତପ୍ରାୟ ଦଳିତ ସଂସ୍କୃତି, କଳାର ପ୍ରଚାରପ୍ରସାରକୁ ଗୁରୁତ୍ୱ

ଭୁବନେଶ୍ୱର,୮।୪(ବ୍ୟୁରୋ)

## ଆମ୍ବେଡକରବାଦୀ ସାହିତ୍ୟ-ସଂସ୍କୃତି-କଳା ଉତ୍ସବ ଉଦ୍‌ଯାପିତ




ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଅତିଥିମାନେ।

ଆମ୍ବେଡରବାଦୀ ସାହିତ୍ୟ-ସଂସ୍କୃତି-କଳା ଉତ୍ସବ ଶନିବାର ଭଞ୍ଜକଳା ମଣ୍ଡପରେ ଉଦ୍‌ଯାପିତ ହୋଇଯାଇଛି। ବିଶିଷ୍ଟ ଦଳିତ ଲେଖକ ଡ. ବାସୁଦେବ ସୁନାନୀଙ୍କ ଆବାହକତ୍ୱରେ ଚାଲିଥିବା ଏହି ଦୁଇଦିନିଆ ଉତ୍ସବର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବଙ୍ଗଳା ସାହିତ୍ୟର ବିଶିଷ୍ଟ ଲେଖକ ତଥା ବାଲାଘାଟ ବିଧାୟକ ମନୋରଞ୍ଜନ ବ୍ୟାପାରୀ ଯୋଗଦେଇଥିଲେ। ସେ କହିଲେ, ଯେତେ ପ୍ରତିକୂଳ ପରିସ୍ଥିତି ଥିଲେ ହେଁ ଆଜିର ଦିନରେ ସମସ୍ତଙ୍କୁ ଏକଜୁଟ ହୋଇ ଏହାର ମୁକାବିଲା କରିବା ଉଚିତ। ଜୟଦେବ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି, ଭୋପାଳରୁ ଡ. ଅସଂଘୋଷ, ଦିଲ୍ଲୀରୁ କବୟିତ୍ରୀ ଡ. ଅନିତା ଭାରତୀ, ସନ୍ତୋଷ ପଟେଲ, ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପ୍ରାଧାପକ ପ୍ରଭାକର ପାଲାକା, ଅବସରପ୍ରାପ୍ତ ଆଇଏଏସ୍ ଅଫିସର ସଞ୍ଜୟ କୁମାର ହାବଡ଼ା ଓ ଶରତ ଚନ୍ଦ୍ର ନାୟକ ଯୋଗଦେଇ ଲୁପ୍ତପ୍ରାୟ ଦଳିତ ସଂସ୍କୃତି ଓ କଳାର ସଂରକ୍ଷଣ ସହ ପ୍ରଚାରପ୍ରସାର ଉପରେ ଗୁରୁତ୍ୱାରୋପ କରିଛନ୍ତି। ଉତ୍ସବର ବିଭିନ୍ନ ଅଧିବେଶନରେ ସାଂପ୍ରତିକ ଦଳିତ ସାହିତ୍ୟ, ଓଡ଼ିଆ ସାହିତ୍ୟରେ ଆମ୍ବେଦକରବାଦର ସ୍ଥାନ, ଦଳିତଙ୍କ ସମ୍ପର୍କରେ ଦଳିତ ଲେଖକ, ବହୁଜନ ସଂସ୍କୃତିର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ, ଓଡ଼ିଶାର ମୂଳନିବାସୀଙ୍କ ଭାଷାର ସ୍ଥିତି ଏବଂ ତା’ର ବିକାଶ, ବହୁଜନ ସଂଗଠନ ଓ ମିଡିଆର ଭୂମିକା ଆଦି ଉପରେ ଆଲୋଚନା ହୋଇଥିଲା। କଳାହାଣ୍ଡିର ନାଗରା ବାଜା ପରିବେଷଣ ସହ ଏହାର ତାଳ, ଲୟ ଓ ପାର୍‌ଗୁଡ଼ିକ ଉପରେ ବିଶେଷଜ୍ଞମାନେ ଅଧିକ ଚର୍ଚ୍ଚା କରିଥିଲେ। ବରଗଡ଼ ଜିଲା ପଦମ୍‌ପୁରରୁ ଆସିଥିବା ଗଣାବାଜା ପରିବେଷଣ କରି ସେଥିରେ ରହିଥିବା ଧ୍ୱନି ସମ୍ବନ୍ଧରେ ସମସ୍ତେ ଅବଗତ ହେବାକୁ ସୁଯୋଗ ସୃଷ୍ଟି କରାଯାଇଥିଲା। ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲଙ୍କ କଣ୍ଠରୁ ରଙ୍ଗବତୀ ସମେତ ବହୁତ ଲୋକପ୍ରିୟ ଗୀତର ସୁରେ ସୁରେ ଦର୍ଶକ ନାଚି ଉଠିଥିଲେ।

ଏହି ଅବସରରେ ସମାଜସେବା ପାଇଁ ବିଶିଷ୍ଟ ଆମ୍ବେଦକରବାଦୀ ବଲାଙ୍ଗୀରର ରାଜେନ୍ଦ୍ର ସୁନା, ଦଳିତ ସାହିତ୍ୟର ପ୍ରଚାରପ୍ରସାର ପାଇଁ ପି.କେ. ଜେନା ଓ ସଂଗୀତ ଜଗତକୁ ବିଶେଷ ଅବଦାନ ପାଇଁ ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲଙ୍କୁ ବିଶେଷ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଯୁବକବି ଚନ୍ଦନ ନାଗଙ୍କୁ ‘ଯୁବ ପ୍ରେରଣା ସମ୍ମାନ’ ସ୍ୱରୂପ ମାନପତ୍ର ଓ ୧୦ ହଜାର ଟଙ୍କା ଅର୍ଥରାଶି ପ୍ରଦାନ କରାଯାଇଥିଲା। ପରେ ପ୍ରଥମ କରି ଡମ ଭାଷାରେ ଲିଖିତ ଓ ବାସୁଦେବ ସୁନାନୀଙ୍କ ଦ୍ୱାରା ସଂକଳିତ କବିତା ସଂକଳନ ‘ଡମକାଥା’ ଅତିଥିଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ସେହିପରି ମୁଖ୍ୟ ଅତିଥି ବ୍ୟାପାରୀଙ୍କ ବଙ୍ଗଳା ପୁସ୍ତକର ଓଡ଼ିଆ ଅନୁବାଦ ‘ପବନରେ ବାରୁଦର ଗନ୍ଧ’ର ଶୁଭ ଉନ୍ମୋଚନ କରାଯାଇଥିଲା। ପ୍ରାୟ ୨୦ ଜଣ କବୟିତ୍ରୀ, କବି ଅଂଶଗ୍ରହଣ କରି କବିତା ଉପସ୍ଥାପନ କରିଥିଲେ।

# ବିଦ୍ୟାଳୟର ବାର୍ଷିକୋତ୍ସବ




ବାର୍ଷିକ ଉତ୍ସବରେ ବିଧାୟକ ରାଜେନ୍ଦ୍ର କୁମାର ସାହୁଙ୍କ ସମେତ ଅନ୍ୟମାନେ।

ବୋଲଗଡ଼,୮।୪(ଡି.ଏନ୍.ଏ.)

ବୋଲଗଡ଼ ବ୍ଲକ ଗୋପାଳପୁର ପଞ୍ଚାୟତ ଅନ୍ତର୍ଗତ ତାଳତୁମ୍ବସ୍ଥିତ ବୀଣାପାଣି ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ପୁରୁଷୋତ୍ତମ ବେହେରାଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ମୁଖ୍ୟ ବକ୍ତା ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ କିଶୋର ଛୋଟରାୟ ଏବଂ ସମ୍ମାନିତ ଅତିଥିଭାବେ ବଡ଼କୁମାରୀ ସରପଞ୍ଚ ପ୍ରଫୁଲ୍ଲ ପ୍ରଧାନ, ବ୍ଲକ ଉପାଧକ୍ଷ ରମେଶ ସାହୁ, ସ୍ଥାନୀୟ ସରପଞ୍ଚ ପ୍ରଦୀପ୍ତ ବାରିକ, ପଞ୍ଚାୟତ ବିଜେଡି ସଭାପତି ପ୍ରଦୀପ ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପଞ୍ଚାନନ ରଥ, ସମ୍ପାଦକ ବିଜୟ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ପ୍ରଦୀପ ସାହୁ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ କ୍ରୀଡ଼ା, ଗୀତ, ନୃତ୍ୟ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସ୍କୁଲ୍‌ର ସମସ୍ତ ଗୁରୁମା’ ଗୁରୁଜୀ ସହଯୋଗ କରିଥିଲେ। ପ୍ରଧାନ ଆଚାର୍ଯ୍ୟା ଝରଣା ସେଠୀ ଧନ୍ୟବାଦ ଦେଇଥିଲେ।

# ‘ଦେହ କି ଭାଷା’ର ଓଡ଼ିଆ ଅନୁବାଦ ଲୋକାର୍ପିତ



ଅତିଥିମାନେ ପୁସ୍ତକ ଲୋକାର୍ପଣ କରୁଛନ୍ତି।

ଭୁବନେଶ୍ୱର,୮।୪(ବ୍ୟୁରୋ)

କବି ତଥା ରାଜ୍ୟ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗର ସଚିବ ସୁରେଶ କୁମାର ବଶିଷ୍ଠଙ୍କ କବିତା ପୁସ୍ତକ ‘ଦେହ କି ଭାଷା’ର ଓଡ଼ିଆ ଅନୁବାଦ ଶନିବାର ଲୋକାର୍ପିତ ହୋଇଛି। ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ସଂଗ୍ରାମ ମହାପାତ୍ର ଏହାର ଅନୁବାଦ କରିଛନ୍ତି। ଏହି ଅବସରରେ ଓଡ଼ିଆ ଭାଷା, ସାହିତ୍ୟ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ରାଜ୍ୟ ସରକାରଙ୍କ ମୁଖ୍ୟ ପରାମର୍ଶଦାତା ଆର. ବାଲକ୍ରିଷ୍ଣନ ପ୍ରମୁଖଙ୍କ ଉପସ୍ଥିତିରେ ପୁସ୍ତକ ଉନ୍ମୋଚିତ ହୋଇଯାଇଛି। ଓଡ଼ିଆରେ ପୁସ୍ତକର ନାମ ‘ଦେହର ଭାଷା’ ରହିଛି। ଓଡ଼ିଆ ପାଠକଙ୍କର ଏହି ପୁସ୍ତକ ପ୍ରତି ଆଦର ରହିବ ବୋଲି ବଶିଷ୍ଠ ପ୍ରକାଶ କରିଛନ୍ତି।

# ୯୮୦ ସାମଗ୍ରୀ ପ୍ରଦର୍ଶିତ, ୬ ବିଦ୍ୟାଳୟକୁ ପୁରସ୍କାର

ବେଗୁନିଆ,୮।୪(ଡି.ଏନ୍.ଏ.)

## ବ୍ଲକସ୍ତରୀୟ ଶିକ୍ଷଣ ଓ ଶିକ୍ଷାଦାନ ଉପକରଣ ମେଳା




କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀମାନେ।

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକସ୍ତରୀୟ ଶିକ୍ଷଣ ଓ ଶିକ୍ଷାଦାନ ସାମଗ୍ରୀ ମେଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ସମଗ୍ର ଶିକ୍ଷା ଅଭିଯାନ ଆନୁକୂଲ୍ୟରେ ବେଗୁନିଆ ସଦର ମହକୁମାସ୍ଥିତ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ମେଳାରେ ୯୮୦ଟି ସାମଗ୍ରୀ ପ୍ରଦର୍ଶିତ ହୋଇଥିଲା। ବ୍ଲକ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମେଳାରେ ଖୋର୍ଦ୍ଧା ଜିଲା ଶିକ୍ଷା ପ୍ରଶିକ୍ଷଣ କେନ୍ଦ୍ରର ଅଧକ୍ଷ ଡ. ତାପସ କୁମାର ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ବୋଲଗଡ଼ ବ୍ଲକ ଶିକ୍ଷାଧିକାରୀ ଡ. ନିରଞ୍ଜନ ମହାନ୍ତି, ବେଗୁନିଆ ବ୍ଲକ ଶିକ୍ଷା ବିଭାଗର ବିଆର୍‌ସିସି ଲକ୍ଷ୍ମୀ ଦେଇ, ଏବିଇଓ ଦାଶରଥି ପ୍ରଧାନ, ନଳିନୀପ୍ରଭା ଦେବୀ, ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ବାସୁଦେବ ବେହେରା ଏବଂ ବର୍ତ୍ତମାନର ପ୍ରଧାନ ଶିକ୍ଷକ ଶାନ୍ତନୁ କୁମାର ପାଇକରାୟ ପ୍ରମୁଖ ଉପସ୍ଥିତ ଥିଲେ। ଜାତୀୟ ଶିକ୍ଷାନୀତି-୨୦୨୦ରେ ପ୍ରତିପାଦନ ହୋଇଥିବା ପ୍ରାଥମିକ ଶିକ୍ଷାକ୍ଷେତ୍ରରେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନକୁ ଆନ୍ଦୋଳିତ କରିବା ଏହି ମେଳାର ମୁଖ୍ୟ ଲକ୍ଷ୍ୟ। ସେହିପରି ପିଲାମାନଙ୍କୁ ଟିଚିଂ ଲର୍ନି ମ୍ୟାଟେରିଆଲ (ଟିଏଲ୍‌ଏମ୍)ଦ୍ୱାରା ସହଜରେ ଶିକ୍ଷାଦାନ କରାଯାଇପାରିବ ବୋଲି ଅତିଥି ନାୟକ କହିଥିଲେ। ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ପ୍ରଶିକ୍ଷିକା ଶିଖା ସିଆଲ ଓ ପ୍ରଶିକ୍ଷକ ଅକ୍ଷୟ କୁମାର ମହାନ୍ତି ବିଚାରକ ଦାୟିତ୍ୱ ନିର୍ବାହ କରିଥିଲେ। ବ୍ଲକର ପ୍ରାଥମିକ, ଉଚ୍ଚ ପ୍ରାଥମିକ ଏବଂ ଉଚ୍ଚ ବିଦ୍ୟାଳୟର ୨୨୧ ଜଣ ଶିକ୍ଷୟିତ୍ରୀ ଓ ଶିକ୍ଷକ ମେଳାରେ ଅଂଶଗ୍ରହଣ କରିଥିଲେ। ଯୋଗ୍ୟ ବିବେଚିତ ସାମଗ୍ରୀ ପ୍ରଦର୍ଶନ କରି ପୁରସ୍କାର ହାସଲ କରିଥିବା ୬ଟି ସରକାରୀ ବିଦ୍ୟାଳୟ ସାରୁଅ, କାନପୁର, ପରିଛଳ, ସୁଆଁଳ, ଚିରାମାରୁ ଏବଂ ଦକ୍ଷିଣେଶ୍ୱର। ସେହିପରି କଣ୍ଟାବାଡ଼ସ୍ଥିତ ନୀଳକଣ୍ଠ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସ୍ମୃତିରେଖା ଘଡ଼େଇଙ୍କୁ ଉତ୍ତମ ଶିକ୍ଷାର୍ଥୀ ଭାବେ ସମ୍ମାନିତ କରାଯାଇଥିଲା। ସିଆରସିସି ବିଶ୍ୱରଞ୍ଜନ ବେହେରା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅଖିଳେଶ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ରବୀନ୍ଦ୍ର ସାହୁ, ଦାଶରଥି ବେହେରା, ସରୋଜ ବେହେରା, ସନ୍ତୋଷ ମହାପାତ୍ର, ସୁଧାକର ସେଠୀ, ସୁଜାତା ସାହୁଙ୍କ ସମେତ ସମସ୍ତ ସିଆର୍‌ସିସି ମେଳାରେ ସହଯୋଗ କରିଥିଲେ। ଦାଶରଥି ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ରକ୍ତ ଦେବାକୁ ଟଙ୍କା ଦାବି କରୁଥିବା ଯୁବକ ଧରାପଡ଼ିଲେ

**କଟକ ଅଫିସ,୮।୪:** ଏସ୍‌ସିବି ମେଡିକାଲକୁ ଆସୁଥିବା ରୋଗୀମାନେ ଦଲାଲଙ୍କ ହାବୁଡରେ ପଡି ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳି ଏକ ଦଲାଲ ରୋଗୀଙ୍କୁ ରକ୍ତ ଦେବାକୁ ୫୦୦ ଟଙ୍କା ଦାବି କରୁଥିବାବେଳେ ଏସ୍‌ସିବି ମେଡିକାଲର ଏକ ଟିମ୍ ହାତରେ ଧରାପଡିଛନ୍ତି। ତାଙ୍କୁ ମଙ୍ଗଳାବାଗ ପୋଲିସକୁ ହସ୍ତାନ୍ତର କରାଯାଇଥିବା ମେଡିକାଲ ସୂତ୍ରରୁ ଜଣାପଡିଛି।

### ବାଇକ୍ ଜବତ, ୨ ଅଭିଯୁକ୍ତ ଗିରଫ

**ମଙ୍ଗୁଳି-ଜଗତପୁର,୮।୪(ଡି.ଏନ୍.ଏ.):** ଲୁଟ୍ ଘଟଣାରେ ଜଗତପୁର ପୋଲିସ ୨ ଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଜଗତପୁର ଥାନା ଅଧୀନ ଇମାମନଗର ଖଇରାର କାହ୍ନୁ ପ୍ରଧାନ ଓ ବଡମ୍ବା ଥାନା ଅନ୍ତର୍ଗତ ଭାଲୁବରେଣି ଗ୍ରାମର ଜଗନ୍ନାଥ ବେହେରା। ସେମାନଙ୍କଠାରୁ ଏକ ବାଇକ୍ ଜବତ କରାଯାଇଛି। ଜଗତପୁର ଥାନା ଏସ୍‌ଆଇ ଦିଲୀପ କୁମାର ମହାନ୍ତି ଶୁକ୍ରବାର ରାତିରେ ପୋଲିସ ଟିମ୍ ସହ ପାଟ୍ରୋଲିଂ କରୁଥିଲେ। ରାତି ପ୍ରାୟ ସାଢେ ୮ଟାରେ ବିଶେଷ ସୂତ୍ରରୁ ଖବର ପାଇଥିଲେ ୨ ଜଣ ଯୁବକ ଏକ ନମ୍ବରବିହୀନ ବାଇକ୍‌ରେ କେନାଲ ବନ୍ଧ ରାସ୍ତାରେ ବୁଲୁଛନ୍ତି। ତୁରନ୍ତ ସେଠାରେ ଚଢାଉ କରିବା ସହ ସେମାନଙ୍କୁ କାବୁ କରି ଥାନାକୁ ଆଣିଥିଲେ। ପଚରାଉଚରାବେଳେ ଗତ ମାର୍ଚ୍ଚରେ ମହାନଦୀ ବ୍ରିଜ୍ ଉପରୁ ଜଣେ କଲେଜ ଛାତ୍ରୀଙ୍କ ବେକରୁ ସୁନାଚେନ ଏବଂ ମନିପର୍ସ ଲୁଟ୍ ଘଟଣାରେ ଉଭୟଙ୍କର ସମ୍ପୃକ୍ତି ଥିବା ପୋଲିସ ଜାଣିବାକୁ ପାଇଥିଲା। ଏନେଇ ଥାନାରେ ଏକ ମାମଲା (ନଂ.୧୬୩/୨୩)ରୁଜୁ ହୋଇଛି। ଅଭିଯୁକ୍ତଙ୍କ ନାଁରେ ଜଗତପୁର ଥାନାରେ ୮, ଚୌଦ୍ୱାର ଥାନାରେ ଗୋଟିଏ, ମାଲଗୋଦାମ ଥାନାରେ ୨, ମଧୁପାଟଣା ଥାନାରେ ୨ ଓ ଚାଉଳିଆଗଞ୍ଜ ଥାନାରେ ୩ଟି ମାମଲା ରହିଥିବା ଥାନା ଅଧିକାରୀ ରବୀନ୍ଦ୍ର ନାଥ ମେହେର ସୂଚନା ଦେଇଛନ୍ତି।

### ଶ୍ରୀରାମ ନବମୀ ମହୋତ୍ସବ ଉଦ୍‌ଯାପିତ

**କଣ୍ଟାପଡା,୮।୪(ଡି.ଏନ୍.ଏ.):** ସ୍ଥାନୀୟ କୁଆଁରପୁରସ୍ଥିତ ହନୁମାନଜୀଉ ମନ୍ଦିରରେ ୯ଦିନ ବ୍ୟାପୀ ଚାଲିଥିବା ଶ୍ରୀରାମ ନବମୀ ମହୋତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ମନ୍ଦିରରେ ସୂର୍ଯ୍ୟପୂଜା, ହୋମଯଜ୍ଞ ସମେତ ସମ୍ପୂର୍ଣ୍ଣ ରାମାୟଣ ପଢ଼ାଯାଇଥିଲା। ମହୋତ୍ସବର ୪ର୍ଥ ଦିନରେ ସୀତା ବିବାହ ନୀତି ଅନୁଷ୍ଠିତ ହୋଇଥିଲା। ପଣ୍ଡିତ ରବିନାରାୟଣ ପଣ୍ଡା, ବାବା ତ୍ରୈଲୋକ୍ୟନାଥ ଭାରତୀ ପ୍ରମୁଖ ପ୍ରବଚନ ଦେଇଥିଲେ। ଯଶୋବନ୍ତ ଶତପଥୀ ଓ ତାଙ୍କ ସହଯୋଗୀ ପ୍ରହ୍ଲାଦ ଜେନା, ଶରତ ଚନ୍ଦ୍ର ଦାଶଙ୍କ ଦ୍ୱାରା ରାମଚରିତ ମାନସ ଓ ପାରାୟଣ ପରିବେଷିତ ହୋଇଥିଲା। ଏହି ଅବସରରେ ବିଭିନ୍ନ ଦିନରେ ଅନୁଷ୍ଠାନ ପକ୍ଷରୁ ୫୦ଜଣ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଭୁବନେଶ୍ୱର ସାଲିଆ ସାହିସ୍ଥିତ ଆଦିବାସୀ ଗାଁ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଶ୍ରୀରାମଙ୍କ ଉପରେ ପର୍ଯ୍ୟବସିତ ଏକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

### ଧାକୁଲେଇଙ୍କ ବାଣଯାତ୍ରା

**ଫୁଲନଖରା, ୮।୪(ଡି.ଏନ୍.ଏ.):** କଟକ ସଦର ଥାନା ଅନ୍ତର୍ଗତ ପ୍ରତାପ ନଗରୀସ୍ଥିତ ମା' ଧାକୁଲେଇଙ୍କ ପୀଠରେ ଚାଲିଥିବା ବାଣଯାତ୍ରା ଶନିବାର ତୃତୀୟ ଦିନରେ ପହଞ୍ଚିଛି। ଏହି ଅବସରରେ ମା'ଙ୍କ ପୀଠକୁ ରଙ୍ଗବେରଙ୍ଗର ଆଲୋକମାଳାରେ ସଜ୍ଜିତ କରାଯାଇଥିବାବେଳେ ଆକର୍ଷଣୀୟ ତୋରଣ ନିର୍ମାଣ କରାଯାଇଛି। ପ୍ରତିଦିନ କାର୍ଯ୍ୟକ୍ରମରେ ବୁଦ୍ଧିଜୀବୀ ଓ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି। ଲୋକମାନେ ମୀନାବଜାର ବୁଲିବା ସହ ଚଟ୍‌ପଟି ଖାଦ୍ୟର ମଜା ନେଉଛନ୍ତି। ଜନସାଧାରଣଙ୍କ ସୁବିଧା ପାଇଁ ପ୍ରଶାସନ ପକ୍ଷରୁ ପାନୀୟ ଜଳ ଯୋଗାଣ, ଭ୍ରାମ୍ୟମାଣ ଶୌଚାଳୟ ବ୍ୟବସ୍ଥା ସହ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନଙ୍କ ପାଇଁ ସ୍ୱତନ୍ତ୍ର ଷ୍ଟଲ୍ ଖୋଲାଯାଇଛି। ଗାଡି ପାର୍କିଂ ପାଇଁ କମିଟି ପକ୍ଷରୁ ବ୍ୟବସ୍ଥା କରାଯାଇଥିବାବେଳେ ରାତିରେ ଅପେରା ଦେଖିବାକୁ ଲୋକଙ୍କ ଗହଳି ଜମୁଛି।

# 'ମଣିଷ ସତ୍ୟର ସନ୍ଧାନୀ ହେଉ'

**କଟକ ଅଫିସ,୮।୪**

ଭଗବାନଙ୍କ ସୃଷ୍ଟିରେ ମନୁଷ୍ୟକୁ ଅମୃତମୟ ଦୃଷ୍ଟିରେ ଦେଖିବା, ମଧୁର ବାଣୀ ବିତରଣ କରିବା ଏକାନ୍ତ ଆବଶ୍ୟକ। ନିଜ ସୁଖସ୍ୱାଚ୍ଛନ୍ଦ୍ୟ ସହିତ ଅନ୍ୟର ସୁଖଦୁଃଖରେ ଭାଗିଦାର ହେବା ଉଚିତ୍। ଏଥିସହ ମଣିଷ ସତ୍ୟର ସନ୍ଧାନୀ ହେବାକୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ପରାମର୍ଶ ଦେଇଛନ୍ତି। କଟକ ବିଡ଼ାନାସୀସ୍ଥିତ ଶୋଭନୀୟ ଆନ୍ଦୋଳନ କାର୍ଯ୍ୟାଳୟ ପରିସରରେ ୬୧ତମ ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଦିବସ ଓ ଏହାର ପ୍ରତିଷ୍ଠାତା କୁମାର ଭାଇଙ୍କ ୭୬ତମ ଜୟନ୍ତୀ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ରାଜ୍ୟପାଳ ଉଦ୍‌ଘାଟନ କରି ଭଲ ମଣିଷ ହେବା ନିମନ୍ତେ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଏଥିସହ ରାଜ୍ୟ, ଦେଶ, ବିଦେଶରେ ଅଶୋଭନୀୟତାର ନିବାରଣ ଓ ଶୋଭନୀୟତାର ବିକାଶ ପାଇଁ ଏପ୍ରିଲ ୮ ତାରିଖରୁ ବିଭିନ୍ନ ସ୍ଥାନରେ ପାଳିତ ହେଉଥିବା ଏହି ୧୫ ଦିନିଆ କାର୍ଯ୍ୟକ୍ରମକୁ ରାଜ୍ୟପାଳ ଶୁଭାରମ୍ଭ କରିଥିଲେ। ଆନ୍ଦୋଳନର ନିର୍ଦ୍ଦେଶିକା ତଥା ସମ୍ପାଦିକା ଡ. ଅରୁନ୍ଧତୀ ଦେବୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଉତ୍ତର ପ୍ରଦେଶର ସନାତନ ଧର୍ମ ପରିଷଦନ୍ୟାସର ଅଧ୍ୟକ୍ଷ ସନ୍ଥ ଅବଧ ବିହାରୀ ଦାସଜୀ ଯୋଗଦେଇ କହିଥିଲେ, ପ୍ରତ୍ୟେକ ନାରୀ ଦେବୀ ସ୍ୱରୂପା ଏବଂ ଶୋଭନୀୟ ଆଚରଣ ଦ୍ୱାରା ସୁଖୀ ସମାଜ ଗଠନ ସମ୍ଭବ ହୁଏ। ସମ୍ମାନିତ ଅତିଥି ଭାରତର ନିର୍ବାଚନ କମିଶନଙ୍କ ପୂର୍ବତନ ମୁଖ୍ୟ ଉପଦେଷ୍ଟା ଡ. ଭଗବାନ ପ୍ରକାଶ ଶୋଭନୀୟ ଆନ୍ଦୋଳନ ଓ ଶିକ୍ଷାଶ୍ରମରେ ଦିଆଯାଉଥିବା ନୈତିକ ଶିକ୍ଷା ଅନ୍ୟ କେଉଁଠି ନାହିଁ ବୋଲି କହିଥିଲେ। ଏହି ଅବସରରେ ପୂର୍ବତନ ସ୍ୱାସ୍ଥ୍ୟ ନିର୍ଦ୍ଦେଶିକା ଡ. ସେବା ମହାପାତ୍ରଙ୍କୁ ଶୋଭନୀୟ ସେବା ସମ୍ମାନ ଓ ପ୍ରଫେସର ଡାକ୍ତର ଇନ୍ଦିରାଜୀଙ୍କୁ ଶୋଭନୀୟ ସମାଜସେବୀ ସମ୍ମାନ ପ୍ରଦାନ କରାଯାଇଥିଲା।

ଓଡ଼ିଶୀ ସଙ୍ଗୀତଜ୍ଞ ପଦ୍ମଶ୍ରୀ ଶ୍ୟାମାମଣୀ ଦେବୀ ପୂର୍ବାହ୍ନରେ ଚେତନାଯାତ୍ରାକୁ ଉଦ୍‌ଘାଟନ କରିଥିଲେ। ଏହି ଉପଲକ୍ଷେ ଅନୁଷ୍ଠିତ ରକ୍ତଦାନ ଶିବିର ଓ କବିତାପାଠ କାର୍ଯ୍ୟକ୍ରମରେ ପ୍ରଫେସର ଯୁଧିଷ୍ଠିର ଖଟୁଆ, ଶିଶୁ ସାହିତ୍ୟିକ ରବୀନ୍ଦ୍ରନାଥ ମାଝି, ମହିଜା ଦଳବେହେରା, ରାଜ୍ୟବର୍ଦ୍ଧନ ଧଳମହାପାତ୍ର, ବିଜୟ କୁମାର ନାଥ, ମିନତୀ ଦେବୀ, ଡ. ବନଲତା ଦେବୀ, ଅଧ୍ୟାପିକା ଜ୍ୟୋତିର୍ମୟୀ ପ୍ରମୁଖ ଯୋଗଦେଇଥିଲେ। ଶୋଭନୀୟ ବାହିନୀ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ବରଦା ମହାନ୍ତି, ମମତା ପ୍ରଧାନ, ଊର୍ମିଳା ବେହେରା, ଅଧ୍ୟାପକ ନିଖିଳେଶ ମହାନ୍ତି, ଅଧ୍ୟାପକ ଇନ୍ଦ୍ରମଣି ନାୟକ, ରାଜାରାଣୀ ତ୍ରିପାଠୀ, ମା' ଶାରଦା ଦେବୀ, ନିରାକାର ବେଉରା, ଇଂ. ଦୟାନିଧି ରାଉତ, ମାନସ ମଲ୍ଲିକଙ୍କ ସହ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିଭିନ୍ନ ସ୍ଥାନରୁ ଆସିଥିବା ବହୁସଂଖ୍ୟକ ଭକ୍ତ ଓ ସଭ୍ୟାସଭ୍ୟ ଏଥିରେ ଯୋଗଦେଇଥିଲେ।



ବିଡ଼ାନାସୀସ୍ଥିତ ଶୋଭନୀୟ ଆନ୍ଦୋଳନ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ବକ୍ତବ୍ୟ ଦେଉଛନ୍ତି।

**ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଦିବସ**

# 'ଛାତ୍ରୀଛାତ୍ର, ଅଧ୍ୟାପକଙ୍କ ସହଯୋଗରେ ସଫଳ ହେବ ନୂତନ ଶିକ୍ଷାନୀତି'

**ରଘୁନାଥଜୀଉ ଡିଗ୍ରୀ କଲେଜରେ ପାଠଚକ୍ର**

**କଟକ ଅଫିସ, ୮।୪**

ଦେଉଳସାହିସ୍ଥିତ ରଘୁନାଥଜୀଉ ଡିଗ୍ରୀ ମହାବିଦ୍ୟାଳୟ ଶିକ୍ଷା ବିଭାଗ ପକ୍ଷରୁ 'ଜାତୀୟ ଶିକ୍ଷାନୀତି' ଶୀର୍ଷକ ଏକ ପାଠଚକ୍ର ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱରସ୍ଥିତ ନଳିନୀ ଦେବୀ ଶିକ୍ଷା ମହାବିଦ୍ୟାଳୟର ପ୍ରାଧ୍ୟାପକ ଡ. ବିମଳ ଚରଣ ସ୍ୱାଇଁ ଯୋଗଦେଇ ଜାତୀୟ ଶିକ୍ଷାନୀତି ୨୦୨୦ର ଆବଶ୍ୟକତା ସମ୍ପର୍କରେ କହିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଚନ୍ଦ୍ରମୋହନ ସ୍ୱାଇଁ ଯୋଗଦେଇ ଛାତ୍ରୀଛାତ୍ର, ଅଧ୍ୟାପିକାଅଧ୍ୟାପକ ଓ ଜନସାଧାରଣଙ୍କ ସହଯୋଗରେ ନୂତନ ଶିକ୍ଷାନୀତି ସଫଳ ହେବ ବୋଲି କହିଥିଲେ। ସେହିପରି ମୁଖ୍ୟବକ୍ତା ଭାବେ ରାଧାନାଥ ଟ୍ରେନିଂ କଲେଜର ପ୍ରାଧ୍ୟାପିକା ଡ. ରାଜଲକ୍ଷ୍ମୀ ଦାସ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଡ. ବୈଜୟନ୍ତୀମାଳା ଶତପଥୀ ଓ ଅଧ୍ୟାପିକା ଡ. ଅନିତା ବେହେରା ଯୋଗଦେଇଥିଲେ। ଏହି ଅବସରରେ ଶିକ୍ଷା ବିଭାଗର ବାର୍ଷିକ ମୁଖପତ୍ର 'ପ୍ରଜ୍ଞାଶ୍ରୀ' ଉନ୍ମୋଚିତ ହୋଇଥିଲା। ବିଭାଗୀୟ ମୁଖ୍ୟ ଅଧ୍ୟାପିକା ଲକ୍ଷ୍ମୀ ବାରିକ ଅତିଥିଙ୍କୁ ସ୍ୱାଗତ ଓ ଅଧ୍ୟାପିକା ରୋଜାଲିନ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏଥିରେ ମହାବିଦ୍ୟାଳୟର ବିଭିନ୍ନ ବିଭାଗର ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ର ଯୋଗଦେଇଥିଲେ।



ପାଠଚକ୍ର କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।



ପୁଡୁଚେରୀ ବିଶ୍ୱବିଦ୍ୟାଳୟ ନିକଟ ସମୁଦ୍ର ବେଳାଭୂମିରେ ପ୍ରସ୍ତୁତ ହୋଇଥିବା ବାଲୁକାକଳା।

# ଆକର୍ଷଣ ସାଜିଲା ଓଡ଼ିଆ ଛାତ୍ରଙ୍କ ବାଲୁକା କଳା

**କଟକ ଅଫିସ,୮।୪**

ପୁଡୁଚେରୀ ବିଶ୍ୱବିଦ୍ୟାଳୟରେ ଓଡ଼ିଶା ଦିବସ ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୁଡୁଚେରୀ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଓଡ଼ିଆ ଛାତ୍ରୀଛାତ୍ର (ଉତ୍କଳ ଛାତ୍ର ପରିଷଦ)ପକ୍ଷରୁ ଏହି ଦିବସ ପାଳନ କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ଏହାପରେ ଓଡ଼ିଆ ପ୍ରାଧ୍ୟାପକମାନେ ଓଡ଼ିଶାର ଭାଷା, ସଂସ୍କୃତି, ଶିଳ୍ପ ଗବେଷଣା ଶିକ୍ଷା ଉପରେ ଆଲୋକପାତ କରିଥିଲେ। ଏଥିସହ ଓଡ଼ିଶୀ ନୃତ୍ୟ ଓ ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ବିଶ୍ୱବିଦ୍ୟାଳୟ ନିକଟସ୍ଥ ବଙ୍ଗୋପସାଗର ବେଳାଭୂମିରେ ଅର୍ଥନୀତି ବିଭାଗର ଛାତ୍ର ହରେକୃଷ୍ଣ ବେହେରାଙ୍କ ଦ୍ୱାରା ବାଲୁକା କଳା ପ୍ରସ୍ତୁତ କରାଯାଇଥିଲା। ଏହା ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା। ଏହି ସଭାରେ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ଡ. ରାଜନିଷ ଭୂତାନି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶା ଦିବସର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଏଥିରେ ପୁଡୁଚେରୀ ବିଶ୍ୱବିଦ୍ୟାଳୟର ବରିଷ୍ଠ ଓଡ଼ିଆ ପ୍ରାଧ୍ୟାପକ ଡ. ବିଭୂତି ଭୂଷଣ ମହାନ୍ତି, ସଂସ୍କୃତ ବିଭାଗର ପ୍ରାଧ୍ୟାପକ ଡ. ଚକ୍ରଧର ବେହେରା, ମନୋବିଜ୍ଞାନ ବିଭାଗର ମୁଖ୍ୟ ଡ. ସୁରେନ୍ଦ୍ର ସିୟା, ପରିବେଶ ବିଜ୍ଞାନ ବିଭାଗର ସହକାରୀ ପ୍ରାଧ୍ୟାପକ ଡ. ଗୋବର୍ଦ୍ଧନ ସାହୁ ପ୍ରମୁଖ ଯୋଗଦେଇଥିଲେ।

# 'ଖାଦ୍ୟଶସ୍ୟ ଉତ୍ପାଦନରେ ଭାରତ ସ୍ୱାବଲମ୍ବୀ ହୋଇଛି'

**ପ୍ରଫେସର କମଳ କୁମାରୀ ପଟ୍ଟନାୟକ ସ୍ମାରକୀ ବକ୍ତୃତା**

**କଟକ ଅଫିସ,୮।୪**

ପ୍ରଫେସର କମଳ କୁମାରୀ ପଟ୍ଟନାୟକ ସ୍ମାରକୀ ବକ୍ତୃତା ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ଭାରତୀ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଫେସର ପଓ୍ୱନ କୁମାର ଅଗ୍ରଓ୍ୱାଲ ଯୋଗଦେଇ କହିଥିଲେ, ଗତ ତିନି ଦଶନ୍ଧି ହେଲା ଭାରତ ଖାଦ୍ୟଶସ୍ୟ ଉତ୍ପାଦନରେ ସ୍ୱାବଲମ୍ବୀ ହୋଇଛି। ଆମ ଦେଶରେ ବର୍ଷାଭାବରୁ ମରୁଡ଼ି ହେବା ଦ୍ୱାରା କୃଷିକ୍ଷେତ୍ରରେ ଗବେଷଣା ତ୍ୱରାନ୍ୱିତ ହୋଇଥିଲା। ବହୁ ପରୀକ୍ଷାନିରୀକ୍ଷା ପରେ ମରୁଡ଼ି ସହଣି ଧାନ ଓ ଅଧିକ ଅମଳକ୍ଷମ ଧାନ ଉଦ୍ଭାବନ ଫଳରେ ଏହା ସମ୍ଭବ ହୋଇପାରିଛି। ଭାରତ ଏବେ ଦ୍ୱିତୀୟ ସର୍ବାଧିକ ଧାନ ଉତ୍ପାଦନ କରିବା ସହିତ ୭୦ ହଜାର କୋଟି ଟଙ୍କାର ବାସୁମତି ଚାଉଳ ରପ୍ତାନି କରିପାରିଛି। ଅଧିକରୁ ଅଧିକ ଜମିରେ ଜଳସେଚନ ଓ ମୃତ୍ତିକାର ଉର୍ବରତା ରକ୍ଷା ହୋଇପାରିବା ନେଇ ଗବେଷଣା ଚାଲୁରହିଛି ବୋଲି ସେ କହିଥିଲେ। ଡ. ଦୁର୍ଗାପ୍ରସାଦ ଚୌଧୁରୀ ପ୍ରାରମ୍ଭିକ ସୂଚନା, ପ୍ରଫେସର ପ୍ରଦୀପ୍ତ କୁମାର ମହାପାତ୍ର ଅତିଥି ପରିଚୟ ପ୍ରଦାନ ଓ ବ୍ୟାପ୍ତୀ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ପ୍ରଫେସର ପ୍ରଭାତ କୁମାର ମିଶ୍ର, ଡ. ପଦନ କୁମାର ଜେନା, ପ୍ରମୋଦ ମହାପାତ୍ର, ଡ. ନିହାର ରଞ୍ଜନ ସିଂହ, ରେବତୀକାନ୍ତ ମିଶ୍ର, ଡ. ପ୍ରଜ୍ଞା ମିଶ୍ର, ଓମ୍ କର, କିଶୋର ତ୍ରିପାଠୀ, ଜିତେନ୍ଦ୍ର କୁମାର ବଳ ଓ ରାଜକୁମାର ପୃଷ୍ଟିଙ୍କ ସମେତ ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକମାନେ ଉପସ୍ଥିତ ଥିଲେ।

# ପଞ୍ଚମୁଖୀ ମହାବୀର ମତ୍ସ୍ୟ ବ୍ୟବସାୟୀ ସଂଘର ବାର୍ଷିକ ଉତ୍ସବ

**କଟକ ଅଫିସ, ୮।୪**

କଟକ ପ୍ରେସ୍‌ଛକସ୍ଥିତ ଖାନ୍‌ନଗରଠାରେ ଶ୍ରୀ ଶ୍ରୀ ପଞ୍ଚମୁଖୀ ମହାବୀର ମତ୍ସ୍ୟ ବ୍ୟବସାୟ ସଂଘର ୩୦ତମ ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି କ୍ଷୀରୋଦ ଚନ୍ଦ୍ର ତରାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସିଏମ୍‌ସି ମେୟର ସୁବାସ ସିଂ, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ଡେପୁଟି ମେୟର ଦମୟନ୍ତୀ ମାଝୀ, ଏସିପି ଅମରେନ୍ଦ୍ର ପଣ୍ଡା, ଖାନ୍‌ନଗର-ଖପୁରିଆ ଶିଳ୍ପାଞ୍ଚଳ ପୂଜା କମିଟି ସଭାପତି ସୁବାସ ଚନ୍ଦ୍ର ବେହେରା, ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ, କର୍ପୋରେଟର ରବିନାରାୟଣ ସାହୁ, ଗୋପାଳ ବେହେରା ଓ ସନ୍ତୋଷ ଭୋଳ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଘୋଡ଼ାନାଚ ପରିବେଷଣ କରାଯାଇଥିଲା।

# ମହିଳା ବିଜେଡି ପକ୍ଷରୁ ବକ୍ତୃତା ପ୍ରତିଯୋଗିତା



କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ସହ ଅନ୍ୟମାନେ।

**ଚୌଦ୍ୱାର, ୮।୪(ଡି.ଏନ୍.ଏ.)**

ଚୌଦ୍ୱାର-କଟକ ବିଜୁ ମହିଳା ଜନତା ଦଳ ପକ୍ଷରୁ ମହିଳାମାନଙ୍କୁ ନେଇ ଏକ ବକ୍ତୃତା ପ୍ରତିଯୋଗିତା ଶନିବାର ଅନୁଷ୍ଠିତ ହୋଇଯାଇଛି। ଦଳର ଚୌଦ୍ୱାର ସଭାନେତ୍ରୀ କବିତାରାଣୀ ଲେଙ୍କାଙ୍କ ପୌରୋହିତ୍ୟରେ 'ରାଜ୍ୟ ପ୍ରଗତିରେ ମହିଳାମାନଙ୍କ ଭୂମିକା' ଶୀର୍ଷକ ବିଷୟକୁ ନେଇ ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ ୩୦ରୁ ଊର୍ଦ୍ଧ୍ୱ ମହିଳା ଅଂଶଗ୍ରହଣ କରିଥିଲେ। ବିଚାରକ ଭାବେ କିନ୍ନର ମହାସଂଘର କଟକ ଜିଲା ସଭାପତି ତନୁଶ୍ରୀ ବେହେରା, ଶିକ୍ଷାବିତ୍ କାଦମ୍ବିନୀ ମହାନ୍ତି, ଜିଲା ମହିଳା ବିଜେଡି ସଭାପତି ସୌଭାଗିନୀ ଜେନା ଯୋଗଦେଇଥିଲେ। ଏହି ପ୍ରତିଯୋଗିତାରେ ସୁଜାତା ରଥ ପ୍ରଥମ, ଲକ୍ଷ୍ମୀପ୍ରିୟା ପାଣି ଓ କାଞ୍ଚନବାଳା ପାଣି ଦ୍ୱିତୀୟ ଏବଂ ଅଞ୍ଜନା ମହାରଥୀ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ରାଜ୍ୟରେ ନାରୀମାନଙ୍କ ପ୍ରଗତି ପାଇଁ ସରକାର ଅନେକ ଯୋଜନା କରିଛନ୍ତି। ଏଥିରେ ସାମିଲ ହୋଇ ସେମାନେ ଉପକୃତ ହେବାକୁ ବିଶ୍ୱାଳ କହିଥିଲେ। ଏଥିରେ ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ଏମ୍‌ପିଙ୍କ ପ୍ରତିନିଧି ପ୍ରେମଚାନ୍ଦ ନାୟକ, ବିଧାୟକଙ୍କ ପ୍ରତିନିଧି ବିଷ୍ଣୁଚରଣ ପରିଡା ପ୍ରମୁଖ ଅନ୍ୟ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କାଉନ୍‌ସିଲର ସୁବ୍ରତ ସାମଲ ମଞ୍ଚ ପରିଚାଳନା କରିଥିଲେ।

# ଆଧୁନିକ ଜୀବନଚର୍ଯ୍ୟା, ସ୍ୱାସ୍ଥ୍ୟ ସେବାକୁ ଗୁରୁତ୍ୱ

**କଟକ ଅଫିସ, ୮।୪**

ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଉପଲକ୍ଷେ ଖାନ୍‌ନଗର ସରକାରୀ ଉଚ୍ଚ ବିଦ୍ୟାଳୟରେ ଶନିବାର ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅକ୍ଷୟ କୁମାର ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ଜିଲା ଜୁନିୟର ରେଡ୍‌କ୍ରସ ଅଧିକାରୀ ମିହିର କୁମାର ପରିଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଧୁନିକ ଜୀବନ ଚର୍ଯ୍ୟା ଓ ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ ଦେଇଥିଲେ। ପରେଶ କୁମାର ମଲ୍ଲ, ପାର୍ଥସାରଥି ମଲ୍ଲିକ, ଦେବ ପ୍ରସାଦ ତ୍ରିପାଠୀ, ହିରଣ୍ମୟୀ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ବିଦ୍ୟାଳୟର ସ୍କାଉଟ୍ ଗାଇଡ୍, ଜୁନିୟର ରେଡ୍‌କ୍ରସ ଓ ଅନ୍ୟ ଛାତ୍ରୀଛାତ୍ରମାନେ ବସ୍ତି ଅଞ୍ଚଳରେ ସ୍ୱାସ୍ଥ୍ୟ ସଚେତନତା ରାଲି କରିବା ସହିତ ବକ୍ତୃତା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଶିକ୍ଷୟିତ୍ରୀ ଡ. ସୁଜାତା ମହାପାତ୍ର, କ୍ରୀଡା ଶିକ୍ଷକ ଜୟଧର୍ମ ସେନାପତି, ଜୁନିୟର ରେଡ୍‌କ୍ରସ କାଉନ୍‌ସେଲର ରଞ୍ଜିତ ଦାସ, ପ୍ରତାପ କୁମାର ଆଚାର୍ଯ୍ୟ, ରମେଶ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ସୁସ୍ଥ ରହିବା ସମ୍ପର୍କିତ ଆଲୋଚନାଚକ୍ର

**କଟକ ଅଫିସ, ୮।୪**

ରୋଟାରୀ କ୍ଲବ କଟକ ଗ୍ରେଟର ଏବଂ ଅଭିନବ ବିଡାନାସୀ ପଥଚାରୀ ସଂଘ ପକ୍ଷରୁ 'ବୟସ ବୃଦ୍ଧି ସହିତ ସୁସ୍ଥ କିପରି ରହିବା' ଶୀର୍ଷକ ଏକ ଆଲୋଚନାଚକ୍ର ସିଡିଏ ସେକ୍ଟର-୭ସ୍ଥିତ ପଥଚାରୀ ସଭାସ୍ଥଳଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଦେବେନ୍ଦ୍ର ସୂତାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟବକ୍ତା ଭାବେ ଏସ୍‌ସିବି କଲେଜ ଜେରିଆଟିକ ବିଭାଗର ମୁଖ୍ୟ ପ୍ରଫେସର ଧିରେନ୍ଦ୍ର ନାଥ ମହାରଣା ଯୋଗଦେଇ ବୟସ ବୃଦ୍ଧି ସହ ସ୍ୱାସ୍ଥ୍ୟର ଯତ୍ନ ନେବା ଉପରେ ଗୁରୁତ୍ୱ ଦେଇଥିଲେ। ସେହିପରି ରୋଟାରୀ କ୍ଲବ ସଭାପତି ଡା. ବିଶ୍ୱନାରାୟଣ ମହାନ୍ତି, ଡା. ପ୍ରସନ୍ନ କୁମାର ନାୟକ, ଡ. ସତ୍ୟ ରାୟ, ଇଂ. କୃଷ୍ଣ କୁମାର ଦାସବର୍ମା ବିଶ୍ୱ ସ୍ୱାସ୍ଥ୍ୟ ଦିବସ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଚିତ୍ତରଞ୍ଜନ ମହାନ୍ତି ଅତିଥି ପରିଚୟ ଓ କୁଞ୍ଜବିହାରୀ ଜେନା ଧନ୍ୟବାଦ ଦେଇଥିଲେ। ଏଥିରେ ଡା. ନିର୍ମଳା ତ୍ରମ୍ପେ, ଡ. ବିଷ୍ଣୁଚରଣ ସାହୁ, ରବୀନ୍ଦ୍ର ନାଥ ସ୍ୱାଇଁ, ଅନିଲ ରାୟ, ଦୁର୍ଗାପ୍ରସାଦ ମିଶ୍ର, ରମେଶ ଚନ୍ଦ୍ର ସ୍ୱାଇଁ, କୁଞ୍ଜବିହାରୀ ପଣ୍ଡା, ଶ୍ୟାମସୁନ୍ଦର ମହାନ୍ତି, ଡ. ଅଶ୍ୱିନୀ କୁମାର ଦାସ, ମୋନାଲିକା ମହାନ୍ତି, ପ୍ରମିଳା ଦାଶବର୍ମା, ରମେଶ ଚନ୍ଦ୍ର ବିଶ୍ୱାଳ, ଜ୍ୟୋତ୍ସ୍ନାରାଣୀ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ ।



ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥି ବୃନ୍ଦ।

# ଚାକିରି ନିୟମାବଳୀ ସୁବିଧାରୁ ବଞ୍ଚିତ ଫାର୍ମାସିଷ୍ଟ

**କଟକ ଅଫିସ, ୮।୪**

ରାଜ୍ୟ ସରକାରଙ୍କ ନିରାମୟ ଯୋଜନାଠାରୁ ଆରମ୍ଭ କରି ଅନ୍ୟାନ୍ୟ ଜନହିତକାରୀ ଯୋଜନାଗୁଡ଼ିକୁ ଫାର୍ମାସିଷ୍ଟମାନେ ଚାଲୁ ରଖିବା ସହ ଦିନରାତି ରୋଗୀମାନଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଆସୁଛନ୍ତି। ଏପରିକି ଉପାନ୍ତ ଅଞ୍ଚଳରେ ମଧ୍ୟ ଫାର୍ମାସିଷ୍ଟମାନେ ଔଷଧ ବିତରଣ ସହିତ ରୋଗୀସେବାରେ ମୁଖ୍ୟ ଭୂମିକା ଗ୍ରହଣ କରୁଛନ୍ତି। କିନ୍ତୁ ଦୁଃଖର ବିଷୟ ସେମାନେ ରାଜ୍ୟ ସରକାରଙ୍କ ଚାକିରି ନିୟମାବଳୀ ଅନୁଯାୟୀ ସୁବିଧା ସୁଯୋଗ ପାଉନାହାନ୍ତି। ସେହିପରି ରାଜ୍ୟ ସରକାରଙ୍କ ଅନ୍ୟାନ୍ୟ ବିଭାଗର କର୍ମଚାରୀମାନଙ୍କ ଭଳି ପଦୋନ୍ନତି ଓ ଆର୍ଥିକ ସୁବିଧାରୁ ବଞ୍ଚିତ ହୋଇଛନ୍ତି। ଅନ୍ୟପକ୍ଷରେ ସ୍ୱାସ୍ଥ୍ୟ ବିଭାଗ ଫାର୍ମାସିଷ୍ଟମାନଙ୍କ ପାଇଁ କ୍ୟାଡର ରୁଲ୍ ପ୍ରଣୟନ କରିବାକୁ ଯାଉଛି। ଏପରି ହେଲେ ଫାର୍ମାସିଷ୍ଟମାନେ କ୍ଷତି ସହିବେ ବୋଲି ସୂଚନା ମିଳିଛି। ଏଣୁ ସଂଶୋଧିତ ଫାର୍ମାସିଷ୍ଟ କ୍ୟାଡର ରୁଲ ୨୦୧୩ ଅଗଷ୍ଟ ୨୪ରୁ ଲାଗୁ କରିବା ସହ ଅନ୍ୟ ରାଜ୍ୟରେ ଲାଗୁ କରାଯାଇଥିବା ମୂଳ ଦରମାର ଗ୍ରେଡ୍ ପେ ୨୮୦୦ ଟଙ୍କାକୁ ବୃଦ୍ଧି କରିବାକୁ ଦାବି କରାଯାଇଛି। ଆସନ୍ତା ୧୫ ତାରିଖ ସୁଦ୍ଧା ଦାବି ପୂରଣ ନ ହେଲେ ୧୭ ତାରିଖରୁ କଟକ ଜିଲାର ସମସ୍ତ ସରକାରୀ ଫାର୍ମାସିଷ୍ଟମାନେ ସମୂହ ଛୁଟିରେ ଯିବେ। ଏଥିସହ ୫ ଦଫା ଦାବି ନେଇ ଭୁବନେଶ୍ୱର ରାଜରାସ୍ତାରେ ଗଣଧାରଣାରେ ବସିବାକୁ ବାଧ୍ୟ ହେବେ ବୋଲି ଓଡ଼ିଶା ଫାର୍ମାସିଷ୍ଟ ସେବା ସଂଘ ଜିଲା ଶାଖା ପକ୍ଷରୁ କଟକ ଜିଲା ସ୍ୱାସ୍ଥ୍ୟ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସଂଘ ସଭାପତି ଦଶରଥ ଦାସ କହିଛନ୍ତି। ଏହି ସମ୍ମିଳନୀରେ ସଂଘ ସମ୍ପାଦକ ସୁଧାଂଶୁ ଶେଖର ପଣ୍ଡା, ଉପସଭାପତି କାଶୀନାଥ ରାଉତ, ସହସମ୍ପାଦକ ସୁବ୍ରତ କୁମାର ଶତପଥୀ, କୋଷାଧ୍ୟକ୍ଷ ନାରାୟଣ ପ୍ରସାଦ ତିୱାରୀ ଓ ସଙ୍ଗଠନ ସମ୍ପାଦକ ପ୍ରବୋଧ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଓଡ଼ିଶା ଫାର୍ମାସିଷ୍ଟ ସେବା ସଂଘ ଜିଲା ଶାଖାର କର୍ମକର୍ତ୍ତା ଓ ଅନ୍ୟମାନେ।

■ ସଂଶୋଧିତ ଫାର୍ମାସିଷ୍ଟ କ୍ୟାଡର ରୁଲ୍ ଲାଗୁ କରାଯାଉ
■ ଦାବି ପୂରଣ ନ ହେଲେ ସମୂହ ଛୁଟିରେ ଯିବାକୁ ଚେତାବନୀ

## ସଂକ୍ଷେପରେ

### ପୁଡୁଚେରୀ ବିଶ୍ୱବିଦ୍ୟାଳୟରେ ଓଡ଼ିଶା ଦିବସ

### ଆକର୍ଷଣ ସାଜିଲା ଓଡ଼ିଆ ଛାତ୍ରଙ୍କ ବାଲୁକାକଳା

କଟକ ଅଫିସ,୮।୪- ପୁଡୁଚେରୀ ବିଶ୍ୱବିଦ୍ୟାଳୟରେ ଓଡ଼ିଶା ଦିବସ ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୁଡୁଚେରୀ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଓଡ଼ିଆ ଛାତ୍ରୀଛାତ୍ର (ଉତ୍କଳ ଛାତ୍ର ପରିଷଦ)ପକ୍ଷରୁ ଏହି ଦିବସ ପାଳନ କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ଏହାପରେ ଓଡ଼ିଆ ପ୍ରାଧାପକମାନେ ଓଡ଼ିଶାର ଭାଷା, ସଂସ୍କୃତି, ଶିଳ୍ପ ଗବେଷଣା ଶିକ୍ଷା ଉପରେ ଆଲୋକପାତ କରିଥିଲେ। ଏଥିସହ ଓଡ଼ିଶୀ ନୃତ୍ୟ ଓ ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ବିଶ୍ୱବିଦ୍ୟାଳୟ ନିକଟସ୍ଥ ବଙ୍ଗୋପସାଗର ବେଳାଭୂମିରେ ଅର୍ଥନୀତି ବିଭାଗର ଛାତ୍ର ହରେକୃଷ୍ଣ ବେହେରାଙ୍କ ଦ୍ୱାରା ବାଲୁକା କଳା ପ୍ରସ୍ତୁତ କରାଯାଇଥିଲା। ଏହା ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା। ଏହି ସଭାରେ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ଡ. ରାଜନିଷ ଭୂତାନି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶା ଦିବସର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଏଥିରେ ପୁଡୁଚେରୀ ବିଶ୍ୱବିଦ୍ୟାଳୟର ବରିଷ୍ଠ ଓଡ଼ିଆ ପ୍ରାଧାପକ ଡ. ବିଭୂତି ଭୂଷଣ ମହାନ୍ତି, ସଂସ୍କୃତ ବିଭାଗର ପ୍ରାଧାପକ ଡ. ଚକ୍ରଧର ବେହେରା, ମନୋବିଜ୍ଞାନ ବିଭାଗର ମୁଖ୍ୟ ଡ. ସୁରେନ୍ଦ୍ର ସିୟା, ପରିବେଶ ବିଜ୍ଞାନ ବିଭାଗର ସହକାରୀ ପ୍ରାଧାପକ ଡ. ଗୋବର୍ଦ୍ଧନ ସାହୁ ପ୍ରମୁଖ ଯୋଗଦେଇଥିଲେ।

### ରକ୍ତ ଦେବାକୁ ଟଙ୍କା ଦାବି କରୁଥିବା ଯୁବକ ଧରାପଡ଼ିଲେ

କଟକ ଅଫିସ,୮।୪: ଏସ୍‌ସିବି ମେଡିକାଲକୁ ଆସୁଥିବା ରୋଗୀମାନେ ଦଲାଲଙ୍କ ହାବୁଡରେ ପଡି ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳି ଏକ ଦଲାଲ ରୋଗୀଙ୍କୁ ରକ୍ତ ଦେବା ୫୦୦ ଟଙ୍କା ଦାବି କରୁଥିବାବେଳେ ଏସ୍‌ସିବି ମେଡିକାଲର ଏକ ଟିମ୍ ହାତରେ ଧରାପଡିଛନ୍ତି। ତାଙ୍କୁ ମଙ୍ଗଳାବାଗ ପୋଲିସକୁ ହସ୍ତାନ୍ତର କରାଯାଇଥିବା ମେଡିକାଲ ସୂତ୍ରରୁ ଜଣାପଡିଛି।

# ଲୁପ୍ତପ୍ରାୟ ଦଳିତ ସଂସ୍କୃତି, କଳାର ପ୍ରଚାରପ୍ରସାରକୁ ଗୁରୁତ୍ୱ

## ଆମ୍ବେଡକରବାଦୀ ସାହିତ୍ୟ-ସଂସ୍କୃତି-କଳା ଉତ୍ସବ ଉଦ୍‌ଯାପିତ

ଭୁବନେଶ୍ୱର,୮।୪(ବ୍ୟୁରୋ)

ଆମ୍ବେଡରବାଦୀ ସାହିତ୍ୟ-ସଂସ୍କୃତି-କଳା ଉତ୍ସବ ଶନିବାର ଭଞ୍ଜକଳା ମଣ୍ଡପରେ ଉଦ୍‌ଯାପିତ ହୋଇଯାଇଛି। ବିଶିଷ୍ଟ ଦଳିତ ଲେଖକ ଡ. ବାସୁଦେବ ସୁନାନୀଙ୍କ ଆବାହକତ୍ୱରେ ଚାଲିଥିବା ଏହି ଦୁଇଦିନିଆ ଉତ୍ସବର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବଙ୍ଗଳା ସାହିତ୍ୟର ବିଶିଷ୍ଟ ଲେଖକ ତଥା ବାଲାଘାଟ ବିଧାୟକ ମନୋରଞ୍ଜନ ବ୍ୟାପାରୀ ଯୋଗଦେଇଥିଲେ। ସେ କହିଲେ, ଯେତେ ପ୍ରତିକୂଳ ପରିସ୍ଥିତି ଥିଲେ ହେଁ ଆଜିର ଦିନରେ ସମସ୍ତଙ୍କୁ ଏକଜୁଟ ହୋଇ ଏହାର ମୁକାବିଲା କରିବା ଉଚିତ। ଜୟଦେବ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି, ଭୋପାଳରୁ ଡ. ଅସଂଘୋଷ, ଦିଲ୍ଲୀରୁ କବୟିତ୍ରୀ ଡ. ଅନିତା ଭାରତୀ, ସନ୍ତୋଷ ପଟେଲ, ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପ୍ରାଧାପକ ପ୍ରଭାକର ପାଲାକା, ଅବସରପ୍ରାପ୍ତ ଆଇଏଏସ୍ ଅଫିସର ସଞ୍ଜୟ କୁମାର ହାବଡ଼ା ଓ ଶରତ ଚନ୍ଦ୍ର ନାୟକ ଯୋଗଦେଇ ଲୁପ୍ତପ୍ରାୟ ଦଳିତ ସଂସ୍କୃତି ଓ କଳାର ସଂରକ୍ଷଣ ସହ ପ୍ରଚାରପ୍ରସାର ଉପରେ ଗୁରୁତ୍ୱାରୋପ କରିଛନ୍ତି। ଉତ୍ସବର ବିଭିନ୍ନ ଅଧିବେଶନରେ ସାଂପ୍ରତିକ ଦଳିତ ସାହିତ୍ୟ, ଓଡ଼ିଆ ସାହିତ୍ୟରେ ଆମ୍ବେଦକରବାଦର ସ୍ଥାନ, ଦଳିତଙ୍କ ସମ୍ପର୍କରେ ଦଳିତ ଲେଖକ, ବହୁଜନ ସଂସ୍କୃତିର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ, ଓଡ଼ିଶାର ମୂଳନିବାସୀଙ୍କ ଭାଷାର ସ୍ଥିତି ଏବଂ ତା'ର ବିକାଶ, ବହୁଜନ ସଂଗଠନ ଓ ମିଡିଆର ଭୂମିକା ଆଦି ଉପରେ ଆଲୋଚନା ହୋଇଥିଲା। କଳାହାଣ୍ଡିର ନାଗରା ବାଜା ପରିବେଷଣ ସହ ଏହାର ତାଳ, ଲୟ ଓ ପାର୍‌ଗୁଡ଼ିକ ଉପରେ ବିଶେଷଜ୍ଞମାନେ ଅଧିକ ଚର୍ଚ୍ଚା କରିଥିଲେ। ବରଗଡ଼ ଜିଲା ପଦମ୍‌ପୁରରୁ ଆସିଥିବା ଗଣାବାଜା ପରିବେଷଣ କରି ସେଥିରେ ରହିଥିବା ଧ୍ୱନି ସମ୍ବନ୍ଧରେ ସମସ୍ତେ ଅବଗତ ହେବାକୁ ସୁଯୋଗ ସୃଷ୍ଟି କରାଯାଇଥିଲା। ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲଙ୍କ କଣ୍ଠରୁ ରଙ୍ଗବତୀ ସମେତ ବହୁତ ଲୋକପ୍ରିୟ ଗୀତର ସୁରେ ସୁରେ ଦର୍ଶକ ନାଚି ଉଠିଥିଲେ।

ଏହି ଅବସରରେ ସମାଜସେବା ପାଇଁ ବିଶିଷ୍ଟ ଆମ୍ବେଦକରବାଦୀ ବଲାଙ୍ଗୀରର ରାଜେନ୍ଦ୍ର ସୁନା, ଦଳିତ ସାହିତ୍ୟର ପ୍ରଚାରପ୍ରସାର ପାଇଁ ପି.କେ. ଜେନା ଓ ସଂଗୀତ ଜଗତକୁ ବିଶେଷ ଅବଦାନ ପାଇଁ ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲଙ୍କୁ ବିଶେଷ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଯୁବକବି ଚନ୍ଦନ ନାଗଙ୍କୁ 'ଯୁବ ପ୍ରେରଣା ସମ୍ମାନ' ସ୍ୱରୂପ ମାନପତ୍ର ଓ ୧୦ ହଜାର ଟଙ୍କା ଅର୍ଥରାଶି ପ୍ରଦାନ କରାଯାଇଥିଲା। ପରେ ପ୍ରଥମ କରି ଡମ ଭାଷାରେ ଲିଖିତ ଓ ବାସୁଦେବ ସୁନାନୀଙ୍କ ଦ୍ୱାରା ସଂକଳିତ କବିତା ସଂକଳନ 'ଡମକାଥା' ଅତିଥିଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ସେହିପରି ମୁଖ୍ୟ ଅତିଥି ବ୍ୟାପାରୀଙ୍କ ବଙ୍ଗଳା ପୁସ୍ତକର ଓଡ଼ିଆ ଅନୁବାଦ 'ପବନରେ ବାରୁଦର ଗନ୍ଧ'ର ଶୁଭ ଉନ୍ମୋଚନ କରାଯାଇଥିଲା। ପ୍ରାୟ ୨୦ ଜଣ କବୟିତ୍ରୀ, କବି ଅଂଶଗ୍ରହଣ କରି କବିତା ଉପସ୍ଥାପନ କରିଥିଲେ।



ଉତ୍ସବର ଉଦ୍‌ଯାପନ ଅବସରରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

### ନବଗ୍ରହ ମନ୍ଦିରରେ ଠେଲାପେଲା, ଶ୍ରଦ୍ଧାଳୁ ଗୁରୁତର

କୋଣାର୍କ,୮।୪(ଡି.ଏନ୍.ଏ.)

କୋଣାର୍କସ୍ଥିତ ନବଗ୍ରହ ମନ୍ଦିରରେ ଶନିବାର ପୂଜାର୍ଚ୍ଚନା ପାଇଁ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ହୋଇଥିଲା। କାକଟପୁର ଅଞ୍ଚଳର ଝରଣା ସ୍ୱାଇଁ ସପରିବାର ପୂଜାର୍ଚ୍ଚନା ପାଇଁ ଆସିଥିଲେ। ଝରଣା ପରିବାର ସହ ଧାଡ଼ିରେ ଆସି ମନ୍ଦିରରେ ପୂଜାର୍ଚ୍ଚନା କରୁଥିବା ବେଳେ ମନ୍ଦିର ଭିତରେ ଠେଲାପେଲା ହେବାରୁ ସେ ତଳେ ପଡିଯାଇ ଗୁରୁତର ହୋଇଥିଲେ। ଖବରପାଇ ଚମ୍ପାହର ଅଗ୍ନିଶମ ସେବା କେନ୍ଦ୍ର ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ମହିଳାଙ୍କୁ ଚିକିତ୍ସା ନିମନ୍ତେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲକୁ ପଠାଯାଇଛି। ବୈଶାଖ ମାସ ପ୍ରଥମ ପାଳି ଶନିବାର ଥିବାରୁ ଶ୍ରଦ୍ଧାଳୁ ଭକ୍ତମାନଙ୍କ ନାହିଁ ନ ଥିବା ଭିଡ ଯୋଗୁ ଏଭଳି ଅଭାବନୀୟ ସ୍ଥିତି ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି।

# ଗୁରୁ ରତିକାନ୍ତ ମହାପାତ୍ରଙ୍କୁ 'ସୁରଭି ସମ୍ମାନ'




ଏକାମ୍ର ନୃତ୍ୟ ମହୋତ୍ସବରେ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱଙ୍କ ସହ ଅତିଥିମାନେ।

ଭୁବନେଶ୍ୱର,୮।୪(ବ୍ୟୁରୋ)

ସୁରଭି ପକ୍ଷରୁ ଶନିବାର ଗୁରୁ କେଲୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରସ୍ଥିତ ଉତ୍କଳ ରଙ୍ଗମଞ୍ଚଠାରେ ୨୧ତମ ଏକାମ୍ର ନୃତ୍ୟ ମହୋତ୍ସବ ଆରମ୍ଭ ହୋଇଛି। ଅତିଥି ଭାବେ ଗୁରୁ ଅରୁଣା ମହାନ୍ତି, ଗୁରୁ ଶ୍ରୀ ଦୁର୍ଗା ଚରଣ ରଣବୀର, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ, ଡ. ବୁ ଅବଦୁଲ୍ଲା, କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ଉପ ନିର୍ଦ୍ଦେଶକ ପ୍ରକାଶ ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଗୁରୁ ରତିକାନ୍ତ ମହାପାତ୍ରଙ୍କୁ 'ସୁରଭି ସମ୍ମାନ ୨୦୨୩'ରେ ସମ୍ମାନିତ କରାଯାଇଥିଲା। ଅନ୍ୟମାନଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ପ୍ରକାଶ ଚନ୍ଦ୍ର ମହାପାତ୍ର ଓ ସାଥୀଙ୍କ ନୃତ୍ୟରୁ ସନ୍ଧ୍ୟାର କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପରେ ରତିକାନ୍ତ ମହାପାତ୍ର ଓ କୋଲକାତାର ଦେବଜ୍ୟୋତି ନସ୍କାର କଥକ ନୃତ୍ୟ ପରିବେଷଣ କରିଥିଲେ। ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଧାକୁଲେଇଙ୍କ ବାଣଯାତ୍ରା

ଫୁଲନଖରା, ୮।୪(ଡି.ଏନ୍.ଏ.)

କଟକ ସଦର ଥାନା ଅନ୍ତର୍ଗତ ପ୍ରତାପ ନଗରୀସ୍ଥିତ ମା' ଧାକୁଲେଇଙ୍କ ପୀଠରେ ଚାଲିଥିବା ବାଣଯାତ୍ରା ଶନିବାର ତୃତୀୟ ଦିନରେ ପହଞ୍ଚିଛି। ଏହି ଅବସରରେ ମା'ଙ୍କ ପୀଠକୁ ରଙ୍ଗବେରଙ୍ଗର ଆଲୋକମାଳାରେ ସଜ୍ଜିତ କରାଯାଇଥିବାବେଳେ ଆକର୍ଷଣୀୟ ତୋରଣ ନିର୍ମାଣ କରାଯାଇଛି। ପ୍ରତିଦିନ କାର୍ଯ୍ୟକ୍ରମରେ ବୁଦ୍ଧିଜୀବୀ ଓ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି। ଲୋକମାନେ ମୀନାବଜାର ବୁଲିବା ସହ ଚଟ୍‌ପଟି ଖାଦ୍ୟର ମଜା ନେଉଛନ୍ତି। ଜନସାଧାରଣଙ୍କ ସୁବିଧା ପାଇଁ ପ୍ରଶାସନ ପକ୍ଷରୁ ପାନୀୟ ଜଳ ଯୋଗାଣ, ଭ୍ରାମ୍ୟମାଣ ଶୌଚାଳୟ ବ୍ୟବସ୍ଥା ସହ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନଙ୍କ ପାଇଁ ସ୍ୱତନ୍ତ୍ର ଷ୍ଟଲ୍ ଖୋଲାଯାଇଛି। ଗାଡି ପାର୍କିଂ ପାଇଁ କମିଟି ପକ୍ଷରୁ ବ୍ୟବସ୍ଥା କରାଯାଇଥିବାବେଳେ ରାତିରେ ଅପେରା ଦେଖିବାକୁ ଲୋକଙ୍କ ଗହଳି ଜମୁଛି।

### 'ଦେହ କି ଭାଷା'ର ଓଡ଼ିଆ ଅନୁବାଦ ଲୋକାର୍ପିତ



ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଓ ଅନ୍ୟ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର,୮।୪(ବ୍ୟୁରୋ)

କବି ତଥା ରାଜ୍ୟ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗର ସଚିବ ସୁରେଶ କୁମାର ବଶିଷ୍ଠଙ୍କ କବିତା ପୁସ୍ତକ 'ଦେହ କି ଭାଷା'ର ଓଡ଼ିଆ ଅନୁବାଦ ଶନିବାର ଲୋକାର୍ପିତ ହୋଇଛି। ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ସଂଗ୍ରାମ ମହାପାତ୍ର ଏହାର ଅନୁବାଦ କରିଛନ୍ତି। ଏହି ଅବସରରେ ଓଡ଼ିଆ ଭାଷା, ସାହିତ୍ୟ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ରାଜ୍ୟ ସରକାରଙ୍କ ମୁଖ୍ୟ ପରାମର୍ଶଦାତା ଆର. ବାଲକ୍ରିଷ୍ଣନ ପ୍ରମୁଖ ପୁସ୍ତକକୁ ଉନ୍ମୋଚନ କରିଥିଲେ। ଓଡ଼ିଆରେ ପୁସ୍ତକର ନାମ 'ଦେହର ଭାଷା' ରହିଛି। ଓଡ଼ିଆ ପାଠକଙ୍କର ଏହି ପୁସ୍ତକ ପ୍ରତି ଆଦର ରହିବ ବୋଲି ବଶିଷ୍ଠ ପ୍ରକାଶ କରିଛନ୍ତି।

# ଜଳିଗଲା ୩ ଦୋକାନଘର

ଯାଁଳା,୮।୪(ଡି.ଏନ୍.ଏ.)

ଜଟଣୀ ବ୍ଲକ ଅନ୍ତର୍ଗତ ଗଙ୍ଗପଡ଼ା ପଞ୍ଚାୟତ ଗ୍ରାମଡିହ ଗ୍ରାମ ନିକଟ ଏକ ଇଞ୍ଜିନିୟରିଂ କଲେଜ ସମ୍ମୁଖରେ ଥିବା ଏକ ହୋଟେଲ ସହ ଆଉ ଦୁଇଟି ଦୋକାନଘର ଜଳିପୋଡ଼ି ନଷ୍ଟ ହୋଇଯାଇଛି। ଖବର ଅନୁଯାୟୀ, ଗ୍ରାମଡିହ ଗ୍ରାମର ମନୋଜ ଘରୋଇ ଇଞ୍ଜିନିୟରିଂ କଲେଜ ସମ୍ମୁଖରେ ଏକ ହୋଟେଲ ସହ ପରିବା ଦୋକାନ ଏବଂ ଭେରାଇଟି ଷ୍ଟୋର କରିଛନ୍ତି। ଶୁକ୍ରବାର ରାତିରେ ମନୋଜ ଦୋକାନ ସବୁ ବନ୍ଦକରି ଓ କର୍ମଚାରୀଙ୍କୁ ଦୋକାନ ପଛପଟ ଘରେ ଛାଡି ନିଜ ଘରକୁ ଆସିଥିଲେ। ରାତ୍ର ପ୍ରାୟ ୨ଟାରେ ହୋଟେଲ ଭିତରୁ ବହୁତ ଜୋର୍‌ରେ ଧୂଆଁ ଦେଖିବାକୁ ମିଳିଥିଲା। ଆଖପାଖର ଲୋକେ ଏହା ଦେଖି ସଙ୍ଗେସଙ୍ଗେ ମନୋଜଙ୍କୁ ଖବର ଦେଇଥିଲେ। ସେ ଆସି ଦେଖିବାବେଳକୁ ହୋଟେଲରେ ଥିବା ସମସ୍ତ ଆସବାବପତ୍ର ସହ ଘର ଭିତର ହୁ ହୁ ହୋଇ ଜଳୁଛି। ଖବରପାଇ ଜଟଣୀ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଜନସାଧାରଣଙ୍କ ସହିତ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ଦୋକାନର ସମସ୍ତ ଆସବାବପତ୍ର ସହ ରୋଷେଇ ଉପକରଣ ଆଦି ପ୍ରାୟ ୫/୬ଲକ୍ଷ ଟଙ୍କାର ଜିନିଷପତ୍ର ପୋଡ଼ି ନଷ୍ଟ ହୋଇଯାଇଛି। ନିଆଁ କିପରି ଲାଗିଲା ତାହା ଜଣାପଡ଼ିନାହିଁ। ଖବର ପାଇ ଘଟଣାସ୍ଥଳରେ ଇନ୍‌ଫୋଭ୍ୟାଲି ଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ରାଜଧାନୀ ପ୍ରତିଷ୍ଠା ଦିବସ ପାଇଁ ପ୍ରସ୍ତୁତି ବୈଠକ

ଭୁବନେଶ୍ୱର, ୮।୪ (ବ୍ୟୁରୋ)

ରାଜଧାନୀ ଭୁବନେଶରର ୭୫ ତମ ପ୍ରତିଷ୍ଠା ଦିବସକୁ ଆଡମ୍ବର ସହକାରେ ପାଳନ କରାଯିବ। ଏହାର ଆୟୋଜନ ଲାଗି ବିଏମସି ପ୍ରଥମ ଥର ଦାୟିତ୍ୱ ନେଇଛି। ଜୟନ୍ତୀ ପାଳନ ପାଇଁ ଏପ୍ରିଲ ୧୩ରୁ ୧୫ ଯାଏ ଭୁବନେଶ୍ୱରରେ ଉତ୍ସବର ମହୋଲ ରହିବ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି। ଏନେଇ ଶନିବାର ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ପ୍ରତିଷ୍ଠା ଦିବସ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଚଳିତବର୍ଷ 'ରାଜଧାନୀ ଗୌରବ ସାମ୍ମାନ' ପ୍ରଦାନରେ କିଛି ବର୍ଗଙ୍କୁ ଯୋଡାଯାଇ ଥିବାବେଳେ କିଛିଙ୍କୁ ବାଦ ଦିଆଯାଇଛି। ଏଥ ପ୍ରଥମ ଥର ଲାଗି ଶ୍ରେଷ୍ଠ ଶିକ୍ଷକ, ଶ୍ରେଷ୍ଠ ଥିଏଟର ଆର୍ଟିଷ୍ଟ, ଶ୍ରେଷ୍ଠ ଉଦ୍ୟୋଗୀଙ୍କ ସମେତ ଆର୍ଟ ଆଣ୍ଡ କ୍ରାଫ୍ଟ କରୁଥିବା ବ୍ୟକ୍ତିଙ୍କୁ ସମ୍ମାନୀତ କରାଯିବ। ଏନେଇ ସମସ୍ତ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଚିଠି ହୋଇଛି। ଖୁବଶୀଘ୍ର ନାମ ଚୟନ ହୋଇ ବିଭାଗ ପକ୍ଷରୁ ଦିଆଯିବା ପରେ ସେମାନଙ୍କୁ ସମ୍ମାନୀତ କରାଯିବ ବୋଲି ମେୟର ସୂଚନା ଦେଇଛନ୍ତି। ସେହିପରି ୧୩ ତାରିଖ ଦିନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରତିଷ୍ଠା ଦିବସ ଉତ୍ସବକୁ ଉଦ୍‌ଘାଟନ କରିବେ। ଏହି ଅବସରରେ ୩ଜଣ ବୟସ୍କ ବ୍ୟକ୍ତିଙ୍କୁ ସମ୍ମାନୀତ କରାଯିବ। ଯେଉଁମାନେ ଭୁବନେଶ୍ୱରକୁ ନିଜ ପିଲାଦିନେ ଦେଖିଥିଲେ ଏବଂ ଏବେ ଦେଖୁଛନ୍ତି। ବିଭାଗୀୟ ମନ୍ତ୍ରୀମାନେ ରାଜଧାନୀ ପ୍ରତିଷ୍ଠା ଦିବସର ବିଭିନ୍ନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ଏହାବାଦ ରାଜଧାନୀର ସମସ୍ତ ୱାର୍ଡରେ ବିଭିନ୍ନ କାର୍ଯ୍ୟକ୍ରମ ହେବ। କର୍ପୋରେଟରଙ୍କ ନେତୃତ୍ୱରେ ବିଭିନ୍ନ ସମାବେଶ କରାଯିବ। ଏଥିରେ ୱାର୍ଡରେ ଥିବା ପ୍ରତିଭାବାନ ବ୍ୟକ୍ତିଙ୍କୁ ସମ୍ମାନୀତ କରାଯିବ ବୋଲି ବୈଠକରେ ନିର୍ଦ୍ଧାରିତ ହୋଇଛି। ଏଥିରେ ସୂଚନା ଲୋକ ସମ୍ପର୍କ ନିର୍ଦ୍ଦେଶକ, ସଂସ୍କୃତି ବିଭାଗ ନିର୍ଦ୍ଦେଶକ, ବିଏମସି କମିଶନର, ଅତିରିକ୍ତ ଜିଲାପାଳ ଏବଂ ରାଜଧାନୀ ପ୍ରତିଷ୍ଠା ଦିବସ ଉତ୍ସବ ପାଳନ କମିଟି କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

# ୩ ବର୍ଷ ପରେ ମିଳିବ 'ରାଜଧାନୀ ପୁସ୍ତକ ମେଳା ପୁରସ୍କାର'

ଭୁବନେଶ୍ୱର,୮।୪(ବ୍ୟୁରୋ)

ରାଜଧାନୀ ପୁସ୍ତକ ମେଳା ପୁରସ୍କାର ଗତ ୩ବର୍ଷ ଧରି ବନ୍ଦ ରହିଛି। ଚଳିତ ବର୍ଷ ୨୦୨୦, ୨୦୨୧ ଓ ୨୦୨୨ବର୍ଷ ପାଇଁ ଏହି ପୁରସ୍କାର ଦିଆଯିବା ନେଇ ପୁସ୍ତକ ମେଳା କମିଟି ପକ୍ଷରୁ ସ୍ଥିର କରାଯାଇଛି। ଓଡ଼ିଆ ଭାଷା, ସାହିତ୍ୟର ୧୨ଟି ବିଭାଗ ଯଥା ପ୍ରବନ୍ଧ ସମାଲୋଚନା, ଉପନ୍ୟାସ, କ୍ଷୁଦ୍ରଗଳ୍ପ, କାବ୍ୟ କବିତା, ଅନୁବାଦ, ବିଜ୍ଞାନ ସାହିତ୍ୟ, ଧର୍ମ ସାହିତ୍ୟ, ଜୀବନୀ, ଭ୍ରମଣ କାହାଣୀ, ବ୍ୟଙ୍ଗ ସାହିତ୍ୟ ଓ ଶିଶୁ ସାହିତ୍ୟରେ ୨୦୧୮ରୁ ୨୦୨୨ ମଧ୍ୟରେ ପ୍ରକାଶିତ ପୁସ୍ତକଗୁଡ଼ିକୁ ନେଇ ଏକ ସ୍ୱତନ୍ତ୍ର ଉତ୍ସବର ଆୟୋଜନ କରି ପୁରସ୍କାର ପ୍ରଦାନ କରାଯିବ। ଏ ନେଇ କମିଟି ସଭାପତି ଡ. ଉପେନ୍ଦ୍ର କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କମିଟି ବୈଠକରେ ସମ୍ପାଦକ ବିଧୁଭୂଷଣ ପଟ୍ଟନାୟକ, ଆବାହକ ରମେଶ ଚନ୍ଦ୍ର ସ୍ୱାଇଁ, ବୀର କିଶୋର ପ୍ରଧାନ, ଆକୁଳଚନ୍ଦ୍ର ନାଥ ଓ କମଳିନୀ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଆଗ୍ରହୀ ଲେଖକ କିମ୍ବା ପ୍ରକାଶନ ପୁସ୍ତକର ୩ଖଣ୍ଡ ନକଲ ସହିତ କେଉଁ ବର୍ଷ ପାଇଁ ଆବେଦନ କରୁଛନ୍ତି ଓ ଲେଖକଙ୍କ ସଂକ୍ଷିପ୍ତ ପରିଚୟ ଆସନ୍ତା ୨୫ତାରିଖ ସୁଦ୍ଧା ସଭାପତିଙ୍କ ଫ୍ଲଟ ନଂ. ୭୮ ଶହିଦନଗର ଠିକଣାରେ ପଠାଇବା ପାଇଁ କମିଟି ପକ୍ଷରୁ ଅନୁରୋଧ କରାଯାଇଛି।

# କପିଳେଶ୍ୱର ମହୋତ୍ସବ ଉଦ୍‌ଯାପିତ

ପୁରୁଣା ଭୁବନେଶ୍ୱର,୮।୪(ଡି.ଏନ୍.ଏ.)

ଦୁଇଦିନ ଧରି ଚାଲିଥିବା କପିଳେଶ୍ୱର ମହୋତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମର ପ୍ରଥମ ଅର୍ଘ୍ୟ ଅଭିଜିତ୍ ମଜୁମ୍‌ଦାର ଏବଂ ସାଥୀ ଶିଳ୍ପୀ 'ସିଏ ମୋ ଜଗନ୍ନାଥ' ଭଜନରୁ ଆରମ୍ଭ କରିଥିଲେ। ପରେ ହାସ୍ୟ ଅଭିନେତା ପପୁ ପମ୍‌ପମ୍‌ଙ୍କ ହାସ୍ୟ ଅଭିନୟ ଦର୍ଶକଙ୍କୁ ବିମୋହିତ କରିଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥିଭାବେ ମୋ ପରିବାର ଅଧ୍ୟକ୍ଷ ଅରୂପ ପଟ୍ଟନାୟକ, ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, କର୍ପୋରେଟର ଶିବନାରାୟଣ ରାୟ, ଶିବପ୍ରସାଦ ବେହେରା, ପୂର୍ବତନ କର୍ପୋରେଟର କୃଷ୍ଣଚନ୍ଦ୍ର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ମହୋତ୍ସବ ଆବାହକ କର୍ପୋରେଟର ଚନ୍ଦ୍ରଶେଖର ମଲିଆ ଅଧ୍ୟକ୍ଷତା କରିଥିବା ବେଳେ ସାମାଜିକ କର୍ମୀ ଗୋପବନ୍ଧୁ ମଲିଆ ଧନ୍ୟବାଦ ଦେଇଥିଲେ। ଶକ୍ତିଶେଖର ମଲିଆ, ବିଜୟ କୁମାର ମଲିଆ, ରଞ୍ଜିତ କୁମାର ମଲିଆ ପ୍ରମୁଖ ମହୋତ୍ସବ ପରିଚାଳନାରେ ସହଯୋଗ କରିଥିଲେ।



କପିଳେଶ୍ୱର ମହୋତ୍ସବ ଉଦ୍‌ଯାପନୀ ସନ୍ଧ୍ୟାରେ ମଞ୍ଚାସୀନ ଅତିଥିମାନେ।

# ଜୟନ୍ତ ମହାପାତ୍ର କାଳଜୟୀ ଲେଖକ

## ପୁସ୍ତକ 'ଜୟନ୍ତ ମହାପାତ୍ର-ଏ ଜର୍ନି' ଓ କବିତା ସଙ୍କଳନ 'ନୁନ୍: ନ୍ୟୁ ଏଣ୍ଡ୍ ସିଲେକ୍ଟେଡ ପୋଏମ୍‌ସ' ଲୋକାର୍ପିତ




ପ୍ରେସ୍ କ୍ଲବ୍‌ଠାରେ କବି ଜୟନ୍ତ ମହାପାତ୍ର ଓ ଅନ୍ୟମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର,୮।୪(ବ୍ୟୁରୋ)

କବି ଜୟନ୍ତ ମହାପାତ୍ରଙ୍କ ଜୀବନର ଫଟୋଚିତ୍ର ସମ୍ବଳିତ କଫି ଟେବୁଲ ପୁସ୍ତକ 'ଜୟନ୍ତ ମହାପାତ୍ର-ଏ ଜର୍ନି' ଓ କବିତା ସଙ୍କଳନ 'ନୁନ୍: ନ୍ୟୁ ଏଣ୍ଡ୍ ସିଲେକ୍ଟେଡ ପୋଏମ୍‌ସ' ଶନିବାର କେତକୀ ଫାଉଣ୍ଡେସନ ପକ୍ଷରୁ ସ୍ଥାନୀୟ ପ୍ରେସକ୍ଲବଠାରେ ଲୋକାର୍ପିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ କବି ତଥା ଔପନ୍ୟାସିକ ଡ. ଜଗନ୍ନାଥ ପ୍ରସାଦ ଦାସ ଯୋଗଦେଇ ଅନ୍ୟ କୌଣସି ଇଂଲିଶ କବିଙ୍କ ଉପରେ ଏଭଳି କଫି ଟେବୁଲ ପୁସ୍ତକ ପ୍ରକାଶ ପାଇବା ପ୍ରଥମ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଟାଟା ଇନଷ୍ଟିଚ୍ୟୁଟ ଅଫ୍ ସୋସିଆଲ ସାଇନ୍ସର ଡିନ୍ ଅଶ୍ୱିନୀ କୁମାର କହିଲେ, ଜୟନ୍ତ ମହାପାତ୍ର ଜଣେ କାଳଜୟୀ ଲେଖକ। ଇଂଲିଶ ସାହିତ୍ୟ ପାଇଁ ତାଙ୍କ ଅବଦାନ ଅତୁଳନୀୟ। ସ୍ୱତନ୍ତ୍ର ଅତିଥି ଭାବେ କବି ମହାପାତ୍ର ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ମହାପାତ୍ରଙ୍କ କିଛି ସ୍ମୃତି ଓ କଥାକୁ ନେଇ ଏକ କ୍ଷୁଦ୍ର ଚଳଚ୍ଚିତ୍ରର ସ୍କ୍ରିନିଂ ହୋଇଥିଲା। ଫାଉଣ୍ଡେଶନର ଟ୍ରଷ୍ଟି ତଥା ଇଂଲିଶ କବି ଡ. ରବୀନ୍ଦ୍ର ସ୍ୱାଇଁ ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ ଟ୍ରଷ୍ଟି ତଥା ଚିତ୍ରଶିଳ୍ପୀ ଜ୍ୟୋତିରଞ୍ଜନ ସ୍ୱାଇଁ ଏବଂ ୨ଟି ବହିର ଡିଜାଇନର ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବିଜେଡିର ମିଶ୍ରଣ ପର୍ବ

ମାହାଙ୍ଗା,୮।୪(ସ୍ୱ.ପ୍ର.): ମାହାଙ୍ଗା ବ୍ଲକ ଅନ୍ତର୍ଗତ ଗୋତରାଠାରେ ବିଜେଡି ପକ୍ଷରୁ ମିଶ୍ରଣପର୍ବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଗୋତରା ପଞ୍ଚାୟତର ଭାଜପା କର୍ମୀ ତ୍ରିଲୋଚନ ସାହୁ, ରଞ୍ଜନ କୁମାର ପ୍ରଧାନ, ପ୍ରମୋଦ ସେନାପତି, ମନୋଜ କୁମାର ସେଠୀ ପ୍ରମୁଖ ବିଧାୟକ ପ୍ରତାପ ଜେନାଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି । କାର୍ଯ୍ୟକ୍ରମରେ ଯୁବନେତା ଶଶାଙ୍କ ଶେଖର ବେହେରା, କରୁଣାକର ପଣ୍ଡା, ସମିତି ସଭ୍ୟ ପ୍ରଦୀପ୍ତ ବିଶ୍ୱାଳ ଓ ସାରଦା ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ ।

### ହନୁମାନ ଜୟନ୍ତୀ, ଗୀତା ପାଠ ଉତ୍ସବ ପ୍ରସ୍ତୁତି

ମାହାଙ୍ଗା,୮।୪(ସ୍ୱ.ପ୍ର.): ମାହାଙ୍ଗା ବ୍ଲକ ପୁରାଣ ପ୍ରସିଦ୍ଧ ଅଜାଣ ମଠ ପରିସରରେ ମହାବିଷୁବ ପଣା ସଂକ୍ରାନ୍ତି ଅବସରରେ ଅଜାଣ ମଠରେ ହନୁମାନ ଜୟନ୍ତୀ ଓ ଗୀତା ପାଠ ଉତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସାମାଜିକ କର୍ମୀ ଶିବଚରଣ ଜେନା, ଉମେଶ ସେଠୀ, ଭରତ ରାଉତ, କୃଷ୍ଣଚନ୍ଦ୍ର ପାତ୍ର, ଦାମୋଦର ଦାସ, ଭାସ୍କର ଲେଙ୍କା, ସୁବାସ ବାରିକ, ସୁକାନ୍ତ ଦଳେଇ ଓ ମହେନ୍ଦ୍ର ସାମଲ ପ୍ରମୁଖ ଉପସ୍ଥିତ ରହି ଉତ୍ସବକୁ ସରସ ସୁନ୍ଦର କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ ।

### ମା'ବୁଢ଼ୀ ଜାଗୁଳାଇଙ୍କ ବାର୍ଷିକ ଉତ୍ସବ

ମାହାଙ୍ଗା,୮।୪(ସ୍ୱ.ପ୍ର.): ମାହାଙ୍ଗା ବ୍ଲକ ଅନ୍ତର୍ଗତ ଆନନ୍ଦପୁର ପଞ୍ଚାୟତସ୍ଥିତ ଇନ୍ଦା ଗ୍ରାମର ଗ୍ରାମଦେବତୀ ମା'ବୁଢ଼ୀ ଜାଗୁଳାଇଙ୍କ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ କର୍ତ୍ତାଭାବେ ସତ୍ୟଜିତ ସ୍ୱାଇଁ ପୂଜା କାର୍ଯ୍ୟରେ ବସିଥିବାବେଳେ ପଣ୍ଡିତ ବିଭୁପ୍ରସାଦ ମହାପାତ୍ର ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। କାର୍ଯ୍ୟକ୍ରମରେ ଯଚିନ୍ଦ୍ର କୁମାର ନାୟକ, ସାମାଜିକ କର୍ମୀ ଶ୍ୟାମସୁନ୍ଦର ସ୍ୱାଇଁ, ପ୍ରିୟଙ୍କା ପରିଡା, ପ୍ରତିଭା ନାୟକ, ମଞ୍ଜୁଲତା ପାତ୍ର, ରଶ୍ମିତା ନାୟକ, ନିରଞ୍ଜନ ପାତ୍ର, କିଶୋର ନାୟକ, ଚିତ୍ତରଞ୍ଜନ ନାୟକଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ । ପଣ୍ଡିତ ପ୍ରଭାକର ପାତ୍ରଙ୍କ ଦ୍ୱାରା ଗୀତାଯଜ୍ଞ କରାଯାଇଥିବାବେଳେ ଧୀରେନ୍ଦ୍ର ସ୍ୱାଇଁ ଓ ତାଙ୍କ ସାଥୀଙ୍କ ଦ୍ୱାରା ଭଜନ କୀର୍ତ୍ତନ ପରିବେଷଣ କରାଯାଇଥିଲା ।

### ମା'ମଙ୍ଗଳାଙ୍କ ପୀଠରେ ଝାମୁଯାତ୍ରା



ବାଙ୍କୀ,୮।୪(ସ୍ୱ.ପ୍ର.):ବାଙ୍କୀ ବ୍ଲକ ଅନ୍ତର୍ଗତ କଳାପଥର ଗ୍ରାମ ପଞ୍ଚାୟତ କଳାପଥର ତଳସାହି ମା'ମଙ୍ଗଳାଙ୍କ ପୀଠରେ ଝାମୁ ଯାତ୍ରା ଅନୁଷ୍ଠିତ ହୋଇଥିଲା । ଝାମୁରେ ପାଟ ଦଣ୍ଡୁଆ ଅଗ୍ନି ଲଗାଇ ଗ୍ରାମ ବୁଲିବା ସହ ଝାମୁରେ ଚାଲି ଭକ୍ତମାନଙ୍କୁ ଆର୍ଶୀବାଦ କରିଥିଲେ। ଏହି ଅବସରରେ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଓ କଳାପଥର ପଞ୍ଚାୟତ ସରପଞ୍ଚ କମଳା ସ୍ୱାଇଁ ଉପସ୍ଥିତ ଥିଲେ।






ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମଠାରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ସୁପ୍ରିମକୋର୍ଟ ବିଚାରପତି ବି. ଆର୍. ଗଭାଇ, ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧରଙ୍କ ସହ ଉପସ୍ଥିତ ଅତିଥିବୃନ୍ଦ । ସମ୍ବର୍ଦ୍ଧିତ ହୋଇଥିବା ବିଚାରପତିମାନେ ।

# 'ଆଇନ କ୍ଷେତ୍ରରେ ଟ୍ରେଣ୍ଡସେଟର ପାଲଟିଛି ଓଡ଼ିଶା ହାଇକୋର୍ଟ'

କଟକ ଅଫିସ,୮।୪:

ଓଡ଼ିଶା ହାଇକୋର୍ଟର ୭୫ ବର୍ଷ ପୂର୍ତ୍ତି ପାଳନ ଉପଲକ୍ଷେ ବର୍ଷତମାମ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହି କ୍ରମରେ ପୂର୍ବତନ ମୁଖ୍ୟ ବିଚାରପତି ଓ ବିଚାରପତିମାନଙ୍କୁ ସମ୍ବର୍ଦ୍ଧନା ଉତ୍ସବ କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମଠାରେ ଶନିବାର ଆୟୋଜିତ ହୋଇଥିଲା। ଏଥିରେ ସୁପ୍ରିମକୋର୍ଟ ବିଚାରପତି ବି. ଆର୍. ଗଭାଇ ଅଧ୍ୟକ୍ଷତା କରି କହିଥିଲେ, ଓଡ଼ିଶା ହାଇକୋର୍ଟ ଗତ ୭୫ ବର୍ଷ ମଧ୍ୟରେ ଆଇନକୁ ବିକଶିତ କରିବା ସହିତ ଅନେକ ଉଲ୍ଲେଖନୀୟ ରାୟ ପ୍ରଦାନ କରି ଆଇନ କ୍ଷେତ୍ରରେ ଏକ ଟ୍ରେଣ୍ଡସେଟର ଭାବେ ପ୍ରମାଣିତ ହୋଇପାରିଛି। ସୁପ୍ରିମକୋର୍ଟକୁ ଓଡ଼ିଆ ବିଚାରପତିମାନଙ୍କ ଅବଦାନ ବହୁତ ରହିଛି। ବିଚାରପତି ଗଭାଇ ମଧୁବାବୁଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଓଡ଼ିଶା ସ୍ୱାଧୀନତା ଆନ୍ଦୋଳନର କର୍ଣ୍ଣଧାର ବୋଲି କହିଥିଲେ।

ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର କହିଥିଲେ, ଆସନ୍ତା ଜୁଲାଇ ୨୬ରେ ହାଇକୋର୍ଟ ୭୫ ବର୍ଷ ପୂର୍ତ୍ତି ପାଳନ କରିବ, ଯାହା ଦୀର୍ଘ ନ୍ୟାୟିକ ଯାତ୍ରାର ଏକ ମାଇଲଖୁଣ୍ଟ। କଟକରେ

## ପୂର୍ବତନ ମୁଖ୍ୟ ବିଚାରପତି, ବିଚାରପତିଙ୍କୁ ସମ୍ବର୍ଦ୍ଧନା

୧୯୧୬ରେ ପାଟନା ହାଇକୋର୍ଟର ସର୍କିଟ ବେଞ୍ଚ ସ୍ଥାପନ ହୋଇ ହାଇକୋର୍ଟର ମୂଳଦୁଆ ପଡ଼ିଥିଲା। ଏଥିପାଇଁ ଉତ୍କଳ ଗୌରବ ମଧୁସୂଦନ ଦାସ ଓ ହାଇକୋର୍ଟର ପ୍ରଥମ ମୁଖ୍ୟ ବିଚାରପତି ବୀରକିଶୋର ରାୟଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ମୁଖ୍ୟ ବିଚାରପତି। ଓଡ଼ିଶା ହାଇକୋର୍ଟ ବିଚାରପତି ସ୍ୱର୍ଗତ ରଙ୍ଗନାଥ ମିଶ୍ର ଦେଶର ସର୍ବୋଚ୍ଚ ନ୍ୟାୟିକ ଆସନ ଚିଫ୍ ଜଷ୍ଟିସ ଅଫ୍ ଇଣ୍ଡିଆ ପଦରେ ଗୌରବ ବୃଦ୍ଧି କରିଥିବାରୁ ତାଙ୍କୁ ମଧ୍ୟ ମୁଖ୍ୟ ବିଚାରପତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଓ ବିଚାରପତିମାନେ ଅନୁଷ୍ଠାନର ଶ୍ରୀବୃଦ୍ଧିରେ ସହାୟକ ହୋଇଛନ୍ତି। ଏଥିସହ ଓଡ଼ିଶା ନ୍ୟାୟିକ ବ୍ୟବସ୍ଥାରେ ଉତ୍କଳମଣି ଗୋପବନ୍ଧୁ ଦାସ, ସଦାଶିବ ମିଶ୍ର, ରବୀନ୍ଦ୍ରନାଥ ସିହ୍ନା, ବିଶ୍ୱନାଥ ପଶାୟତ, ବାରିଷ୍ଟର ରଣଜିତ୍ ମହାନ୍ତି, ବିଜୟ ପାଲ, ପ୍ରବୀର ପାଲିତ, ରମାକାନ୍ତ ମହାପାତ୍ର, ବିପିନ ବିହାରୀ ରଥ ଓ ବିପିନ ବିହାରୀ ରାୟଙ୍କ ଭୂମିକା ଉଲ୍ଲେଖନୀୟ। ଓଡ଼ିଶାର ଲୋକମାନେ ବିଚାରପତିଙ୍କଠାରୁ ସ୍ୱଚ୍ଛ ଓ ସମାନ ନ୍ୟାୟ ଆଶା କରିଥାନ୍ତି। ଲୋକଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ ପାଇଁ ଆଇନଜୀବୀ ଓ ବିଚାରପତିମାନେ କଠିନ ପରିଶ୍ରମ କରିବାକୁ ସେ ଆହ୍ୱାନ ଦେଇଥିଲେ।



ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଗୋପାଳ ବଲ୍ଲଭ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଦୀପକ ମିଶ୍ର ବାର୍‌ର ଗୁରୁତ୍ୱ ଉପରେ ଆଲୋକପାତ କରି ଏହା ଯୁବ ଆଇନଜୀବୀମାନଙ୍କ ପାଇଁ ଶିକ୍ଷାର ସ୍ଥଳୀ ବୋଲି କହିଥିଲେ। ଓଡ଼ିଶାର ନ୍ୟାୟିକ ବ୍ୟବସ୍ଥାରେ ଟେକ୍ନୋଲୋଜିକୁ ପ୍ରୟୋଗ କରାଯାଇଥିବାରୁ ସେ ଅଭିନନ୍ଦନ ଜଣାଇଥିଲେ। ବିଚାରପତି ଜି. ବି. ପଟ୍ଟନାୟକ ଏଭଳି ସମ୍ବର୍ଦ୍ଧନାର ପରମ୍ପରା ପ୍ରଥମ କରି ଆରମ୍ଭ ହୋଇଥିବା କହିଥିଲେ। ହାଇକୋର୍ଟ ବାର୍ ଆସୋସିଏଶନ ସଭାପତି ଧରଣୀଧର ନାୟକ ଓଡ଼ିଶା ହାଇକୋର୍ଟର ଐତିହ୍ୟ ସମ୍ପର୍କରେ ଆଲୋକପାତ କରି ଦୀର୍ଘ ୪୫ ବର୍ଷ ଧରି ନିଜର ଆଇନଗତ ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ଆଡ୍‌ଭୋକେଟ୍ ଜେନେରାଲ ଅଶୋକ କୁମାର ପରିଜା ଓଡ଼ିଶାର ନ୍ୟାୟିକ ବ୍ୟବସ୍ଥା ଦେଶରେ ସର୍ବୋତ୍ତମ ବୋଲି ମତବ୍ୟକ୍ତ କରିଥିଲେ। ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ସ୍ୱାଗତ ଭାଷଣ ଓ ବିଚାରପତି ବିଶ୍ୱନାଥ ରଥ ଧନ୍ୟବାଦ ଦେଇଥିଲେ।

ଏହି ଅବସରରେ ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଜି. ବି. ପଟ୍ଟନାୟକ, ଦୀପକ ମିଶ୍ର, ପୂର୍ବତନ ବିଚାରପତି ଅରିଜିତ ପଶାୟତ, ପି. କେ. ଆୟାର ବାଲସୁବ୍ରମଣ୍ୟମ୍. ଅଶୋକ କୁମାର ଗାଙ୍ଗୁଲି, ଅନଙ୍ଗ କୁମାର ପଟ୍ଟନାୟକ, ଭି. ଗୋପାଳ ଗୌଡ଼ା, ସୁଜିତ ବର୍ମନ ରାୟ, ବିଲାଲ ନଜକି, କେ. ଏସ୍. ଝାବେରି, ପ୍ରଫୁଲ୍ଲ କୁମାର ମିଶ୍ରଙ୍କ ସମେତ ବହୁ ବିଚାରପତି ଓ ଦିବଂଗତ ବିଚାରପତିମାନଙ୍କ ପରିବାରକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସମ୍ବର୍ଦ୍ଧନା ସମାରୋହରେ ହାଇକୋର୍ଟର ବିଚାରପତି ଓ ଆଇନଜୀବୀମାନେ ଉପସ୍ଥିତ ଥିଲେ।

## ବୃହତ୍ ପାନୀୟ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟର ଶୁଭାରମ୍ଭ

ବାଙ୍କୀ,୮।୪ (ସ୍ୱ.ପ୍ର.)

ବାଙ୍କୀ ଏନ୍‌ଏସି ଅନ୍ତର୍ଗତ ସ୍ଥାନୀୟ ମହାରଣା ମଣ୍ଡପରେ ବୃହତ୍ ପାନୀୟ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟର ଶୁଭାରମ୍ଭ ହୋଇଛି। ଗ୍ରାମ୍ୟ ଜଳଯୋଗାଣ ବିଭାଗ ତରଫରୁ ଏନେଇ ୧୮୬.୬୮କୋଟି ବ୍ୟୟ ଅଟକଳ ହୋଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ସଭାପତିତ୍ୱ କରିଥିଲେ। ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ବାଙ୍କୀ ଡମପଡ଼ା ବ୍ଲକର ୧୭ ପଞ୍ଚାୟତ, ବାଙ୍କୀ ବ୍ଲକର ୧୩ ପଞ୍ଚାୟତ ଏବଂ ବାରଙ୍ଗ ବ୍ଲକର ୨ ପଞ୍ଚାୟତର ଲୋକେ ସ୍ୱଚ୍ଛ ପାନୀୟ ଜଳ ଘର ସମ୍ମୁଖରେ ପାଇପାରିବେ ବୋଲି ତ୍ରିପାଠୀ କହିଥିଲେ। ଏଥିରେ ଡମପଡ଼ା ବ୍ଲକ ଅଧ୍ୟକ୍ଷ ପ୍ରଣବ କିଶୋର ପଟେଲ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ, ସମ୍ମାନିତ ଅତିଥି ଭାବେ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଯୋଗଦେଇ ଏହି ବୃହତ୍ ଜଳପ୍ରକଳ୍ପ ମାଧ୍ୟମରେ ୧୩୩ ଗ୍ରାମର ପ୍ରାୟ ୩.୫ଲକ୍ଷ ଜନସାଧାରଣ ସ୍ୱଚ୍ଛ ପାନୀୟ ଜଳ ପାଇପାରିବେ ବୋଲି କହିଥିଲେ। ୨ ବର୍ଷ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ସେ ଠିକାସଂସ୍ଥାକୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ସୁରେଶ ଚନ୍ଦ୍ର ରାଉତ, କେନ୍ଦ୍ରୀୟ ଜୋନ ଜିଲା ପରିଷଦ ସଦସ୍ୟା ମିନିତୀ ମହାପାତ୍ର, ୩୮ନଂ. ଜିଲାପରିଷଦ ସଦସ୍ୟ ଆଶିଷ ସାହୁ, ଏନ୍‌ଏସି ଅଧ୍ୟକ୍ଷା ମାଣିକ ସାହୁ, ଉପାଧ୍ୟକ୍ଷ ସନ୍ତୋଷ ରଣା, ଡମପଡ଼ା ବ୍ଲକ ଉପାଧ୍ୟକ୍ଷ ଗୀତାଞ୍ଜଳି ବେଉରା, କାଉନ୍‌ସିଲର ସନାତନ ବେହେରା, ବିଡିଓ ଶ୍ୟାମଳ କୁମାର ରାୟ, ବାଙ୍କି କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।



ଅତିଥିମାନେ ବୃହତ୍ ପାନୀୟ ଜଳଯୋଗାଣ ପ୍ରକଳ୍ପର ଶୁଭାରମ୍ଭ କରୁଛନ୍ତି ।

### ୨୩ରେ ବୀର କେଦାରେଶ୍ୱରଙ୍କ ବାର୍ଷିକ ଉତ୍ସବ

ମାହାଙ୍ଗା,୮।୪(ସ୍ୱ.ପ୍ର.)

ମାହାଙ୍ଗା ବ୍ଲକ ପଲ୍ଲିସାହି ପଞ୍ଚାୟତସ୍ଥିତ ବୀର କେଦାରେଶ୍ୱର ମହାଦେବଙ୍କ ଅଷ୍ଟମ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ୨୩ ଏପ୍ରିଲରେ ଅନୁଷ୍ଠିତ ହେବ। ୫ ଦିନ ବ୍ୟାପୀ ହେବାକୁ ଥିବା ଏହି ଉତ୍ସବ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ବୀର କେଦାରେଶ୍ୱର ମନ୍ଦିର କମିଟି ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ଗ୍ରାମର କର୍ମକର୍ତ୍ତାଙ୍କ ସମେତ ମନ୍ଦିର କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ।

### ଅଗ୍ନିବିପନ୍ନଙ୍କୁ ସହାୟତା

ମାହାଙ୍ଗା,୮।୪(ସ୍ୱ.ପ୍ର.):

ମାହାଙ୍ଗା ତହସିଲ ଉମର ପଞ୍ଚାୟତ ଓସ୍ତପୁର ଗ୍ରାମର ଲକ୍ଷ୍ମୀଧର ମଲିକ ଓ ରବୀନ୍ଦ୍ର ମଲିକଙ୍କ ୪ ବଖରା ଗୃହ ଅଗ୍ନିକାଣ୍ଡରେ ଜଳିଯାଇଥିଲା। ଏଥିରେ ତାଙ୍କ ଘରର ସମସ୍ତ ଆସବାବପତ୍ର ପୋଡ଼ିଯାଇଛି। ଆମ ମାହାଙ୍ଗା ଅଧ୍ୟକ୍ଷ ଡ. ଅମରେନ୍ଦ୍ର ମହାନ୍ତିଙ୍କ ନିର୍ଦ୍ଦେଶରେ ସାମାଜିକକର୍ମୀ ବିଜୟ କୁଅଁର ଓ ସଙ୍ଗଠନର ସଦସ୍ୟମାନେ ବିପନ୍ନଙ୍କ ବାସଭବନରେ ପହଞ୍ଚି ତରିପାଲ ଓ ଶୁଖିଲା ଖାଦ୍ୟ ବଣ୍ଟନ କରିଛନ୍ତି।

## ଘର ହିଁ ବିଦ୍ୟାଳୟ କାର୍ଯ୍ୟକ୍ରମ

ବାଙ୍କୀ,୮।୪(ସ୍ୱ.ପ୍ର.):

ବାଙ୍କୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରାଙ୍ଗଣରେ ତୃତୀୟ ଓ ଚତୁର୍ଥ ଶ୍ରେଣୀର ଶିଶୁଙ୍କ ଅଭିଭାବକମାନଙ୍କୁ ନେଇ 'ଘର ହିଁ ବିଦ୍ୟାଳୟ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୭୦ଜଣ ଅଭିଭାବକ ଓ ଅଭିଭାବିକା ଅଂଶଗ୍ରହଣ କରିଥିଲେ । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ନରେଶ କୁମାର ମନ୍ତ୍ରୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପୂର୍ବ ସମ୍ଭାଗର ସଂଯୋଜକ ଶିରିଶ କୁମାର ହାତୀ ଯୋଗଦେଇ ଶିଶୁମାନଙ୍କୁ ଗଢ଼ିତୋଳିବାରେ ଅଭିଭାବକମାନଙ୍କ ଗୁରୁ ଦାୟିତ୍ୱ ରହିଛି ବୋଲି କହିଥିଲେ। ଏହି ଅବସରରେ ଛୋଟ ନାଟିକା 'ମାଳତୀ ନାନି ଓ ଶୁଆ' ପ୍ରଦର୍ଶିତ ହୋଇଥିଲା। ବିଦ୍ୟାଳୟର ସଭାପତି ରଞ୍ଜନ କୁମାର ସାମନ୍ତରାୟ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବାବେଳେ ଉପସଭାପତି ରେଣୁବାଳା ରାଜ ଅତିଥିଭାବେ ଯୋଗଦେଇଥିଲେ। ସ୍ୱର୍ଣ୍ଣଲତା ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସ୍ୱର୍ଣ୍ଣଲତା ମହାପାତ୍ର ଏଥିରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଗୁରୁମା ଓ ଗୁରୁଜୀ ଅଂଶ ଗ୍ରହଣ କରିଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି, ଅଭିଭାବକ ଓ ଅନ୍ୟମାନେ ।

## 'ବୃତ୍ତି ସହ ସାମାଜିକ ସେବାରେ ବ୍ରତୀ ହେବାକୁ ଆହ୍ୱାନ'

### ମହିଳା ମହାବିଦ୍ୟାଳୟ ପରିସରରେ ସ୍ୱର୍ଗତ ରତ୍ନାକର ବେଉରାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଉତ୍ସବ

ଆଠଗଡ଼,୮।୪(ସ୍ୱ.ପ୍ର.)

ଆଠଗଡ ଗୋପବନ୍ଧୁ ମହିଳା ମହାବିଦ୍ୟାଳୟ ପରିସରରେ ବରିଷ୍ଠ ଖବରଦାତା ସ୍ୱର୍ଗତ ରତ୍ନାକର ବେଉରାଙ୍କ ପ୍ରତିମୂର୍ତ୍ତି ଶନିବାର ଉନ୍ମୋଚନ ହୋଇଯାଇଛି। ତାଙ୍କ ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ଏହି ଅବସରରେ ମହିଳା ମହାବିଦ୍ୟାଳୟର ସଭାଗୃହରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ୱାଇଁ ଯୋଗଦେଇ କହିଥିଲେ, ବୃତ୍ତି ସହ ସାମାଜିକ ସେବାରେ ବ୍ରତୀ ହେଲେ ୪ର୍ଥ ସ୍ତମ୍ଭର ଯଥାର୍ଥତା ପ୍ରତିପାଦନ ହେବ। ମହିଳା ମହାବିଦ୍ୟାଳୟର ପ୍ରଥମ ସମ୍ପାଦକ ଓ କାର୍ଯ୍ୟକାରୀ ସଭାପତି ଭାବେ ସ୍ୱର୍ଗତ ବେଉରା ଓ ମନୋରମା ମହାପାତ୍ର

କାର୍ଯ୍ୟ କରିଥିଲେ। ଏନେଇ ତାଙ୍କ ନାମରେ ଚେୟାର ପ୍ରତିଷ୍ଠା କରାଯାଇ ପ୍ରତିବର୍ଷ ଶ୍ରେଷ୍ଠ ଖବରଦାତଙ୍କୁ ସମ୍ମାନିତ କରାଯିବ ବୋଲି ସ୍ୱାଇଁ ଘୋଷଣା କରିଥିଲେ। ସମ୍ମାନିତ ଅତିଥି ଭାବେ ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସଭାପତି ବିଭୂତି ଭୂଷଣ କର ଯୋଗ ଦେଇଥିଲେ। ମୁଖ୍ୟ ବକ୍ତାଭାବେ ବିଶିଷ୍ଟ ସାହିତ୍ୟିକ ପ୍ରାଧ୍ୟାପକ ଡ. ନାରାୟଣ ପଣ୍ଡା ଯୋଗଦେଇଥିଲେ। ଅନ୍ୟତମ ଅତିଥିଭାବେ ବରିଷ୍ଠ ଖବରଦାତା ସନାତନ ରାୟ ଓ ସୁଧିରଞ୍ଜନ ଦାସ ଯୋଗଦେଇ ରତ୍ନାକର ବାବୁଙ୍କ ଆଠଗଡ଼ ଅଞ୍ଚଳରେ ଥିବା ଅବଦାନ ସମ୍ପର୍କରେ ମନେପକାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଷା ଆନ୍ଦୋଳନର ସଦସ୍ୟ ପବିତ୍ର ମହାରଥା, ଆଠଗଡ ନଗରପାଳ ସସ୍ମିତା ରାଉତ, ଜିଲା ପରିଷଦ ସଭ୍ୟା ଶାନ୍ତିଲତା ବେହେରା ପ୍ରମୁଖ ଉପସ୍ଥିତଥିଲେ। ବରିଷ୍ଠ ଖବରଦାତା ପାର୍ଥସାରଥି ପଟ୍ଟନାୟକ ଏହାକୁ ସଂଯୋଜନା କରିଥିବା ବେଳେ ବରିଷ୍ଠ ଆଇନଜୀବୀ ପ୍ରାଣକୃଷ୍ଣ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସ୍ୱର୍ଗତ ବେଉରାଙ୍କ ପରିବାର ସଦସ୍ୟ ପରିଚାଳନା କରିଥିଲେ।



ରତ୍ନାକର ବେଉରାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଅନ୍ୟମାନେ ।

## କାର୍ଯ୍ୟକ୍ଷମ ହେଉନି ଉଠା ଜଳସେଚନ ପ୍ରକଳ୍ପ

- ଚାଷୀ ହତାଶ: ୨ ପଞ୍ଚାୟତରେ ୭ ପ୍ରକଳ୍ପ
- ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପାଣିରେ ପଡ଼ିବା ଆଶଙ୍କା

ନିଶ୍ଚିନ୍ତକୋଇଲି,୮।୪(ସ୍ୱ.ପ୍ର.)

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ଜଳସେଚନ ସୁବିଧା ନ ଥିବା ତଥା ବର୍ଷ ସାରା ଚାଷ ହେଉଥିବା ଜମିକୁ ପାଣି ଯୋଗାଇବାକୁ ନାବାର୍ଡ ସହାୟତାରେ ଉଠା ଜଳସେଚନ ପ୍ରକଳ୍ପ ମାନ ନିର୍ମାଣ କରାଯାଉଛି। ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ନୀତି ପାଇଁ ବ୍ଲକର ବାଲିଆପଦା ଓ କଟରପଡ଼ା ପଞ୍ଚାୟତରେ ୭ଟି ପ୍ରକଳ୍ପରୁ ୫ଟି ଶେଷ ହୋଇଥିଲେ ହେଁ ଏଯାବତ କାର୍ଯ୍ୟକ୍ଷମ ହୋଇପାରୁନାହିଁ। ଫଳରେ ଉଠା ଜଳସେଚନ ପ୍ରକଳ୍ପ ଉପରେ ନିର୍ଭର କରୁଥିବା ଚାଷୀମାନେ ଅସୁବିଧା ଭୋଗୁଥିବା ଅଭିଯୋଗ କରିଛନ୍ତି। ଚାଷୀମାନେ ପାଣି ଅଭାବରୁ ଚାଷ କାର୍ଯ୍ୟ ତ୍ୱରାନ୍ୱିତ କରି ପାରୁନାହାନ୍ତି। ସରକାରୀ ଅର୍ଥ ବ୍ୟୟ କରି ଚାଷୀଙ୍କ ଆର୍ଥିକ ମାନଦଣ୍ଡକୁ ସୁଧାରିବାକୁ ଉଦ୍ୟମ କରୁଛନ୍ତି। ହେଲେ ପ୍ରକଳ୍ପ ଥାଇ ମଧ୍ୟ ଚାଷୀମାନଙ୍କ କାମରେ ଲାଗୁନାହିଁ। ଏଭଳିସ୍ଥଳେ ସରକାରଙ୍କର ୧କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପାଣିରେ ପଡ଼ିବା ନେଇ ଆଶଙ୍କା ପ୍ରକାଶ ପାଇଛି।

ମା' ବିଂଶଭୁଜା ପାଣି ପଞ୍ଚାୟତର ସଭାପତି ପତିତପାବନ ସ୍ୱାଇଁ କୁହନ୍ତି, କଟରପଡ଼ା ଓ ବାଲିଆପଦା ପଞ୍ଚାୟତରେ ବହୁ ଚାଷୀ ପରିବା ଚାଷ କରନ୍ତି। ଏପରିକି ବର୍ଷ ସାରା ବିଭିନ୍ନ ରବି ଓ ଖରିଫ ଚାଷ ମଧ୍ୟ କରିଥାନ୍ତି। ଏହାକୁ ଦୃଷ୍ଟିରେ ରଖି ଅଞ୍ଚଳରେ ଜଳସେଚନ ପାଇଁ ଓଡ଼ିଶା ଉଠା ଜଳସେଚନ ନିଗମର ଆର୍ଥିକ ସହାୟତାରେ ୨୦୨୦-୨୧ ଆର୍ଥିକ ବର୍ଷରେ ବ୍ଲକ ଅଞ୍ଚଳରେ ଏହି ପ୍ରକଳ୍ପ ନିର୍ମାଣ ନିମନ୍ତେ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମଞ୍ଜୁର କରାଯାଇଥିଲା। ନାବାର୍ଡ ଏଥିପାଇଁ ଆର୍ଥିକ ସହାୟତା ଯୋଗାଇ ଦେଇଥିଲା। ଟେଣ୍ଡର ମାଧ୍ୟମରେ ଠିକାଦାର ଚୟନ କରାଯାଇଥିଲା। କିନ୍ତୁ ଏଗୁଡ଼ିକ କାର୍ଯ୍ୟକ୍ଷମ ନ ହେବାରୁ ଖରାଦିନେ ଜଳସେଚନ ସୁବିଧା ହୋଇପାରି ନାହିଁ। ଏଥିଯୋଗୁ ଚାଷ କାର୍ଯ୍ୟ ପ୍ରଭାବିତ ହେଉଛି। ଫଳରେ ସରକାରୀ ଯୋଜନା ଚାଷୀଙ୍କ ହିତରେ ଲାଗିପାରୁନାହିଁ। ବ୍ଲକର ବାଲିଆପଦା ପଞ୍ଚାୟତ ତେନ୍ତୁଲପୁରଠାରେ ୪ଟି ଓ ପଞ୍ଚସରଙ୍ଗ ବଳରାମପୁରଠାରେ ଗୋଟିଏ, କଟରପଡା ପଞ୍ଚାୟତର ସାଙ୍କିଲୋଠାରେ ୨ଟି ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ ସରକାର ଅର୍ଥ ମଞ୍ଜୁର କରିଥିଲେ। ଇତିମଧ୍ୟରେ ଦୀର୍ଘ ୨ବର୍ଷ ଅତିକ୍ରାନ୍ତ ହେବାକୁ ବସିଥିଲା ବେଳେ ଅଧିକାଂଶ ପ୍ରକଳ୍ପ ଏ ପର୍ଯ୍ୟନ୍ତ ପୂର୍ଣ୍ଣାଙ୍ଗ ହୋଇ ପାରି ନାହିଁ ବୋଲି ଅଭିଯୋଗ ହେଉଛି। ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ମନ୍ଥରଗତିରେ ଚାଲିଛି। ଯେଉଁ ପ୍ରକଳ୍ପ କାମ ଶେଷ ହୋଇଛି, ସେଠରେ ଚାଷ ଜମିକୁ ପାଣି ଯୋଗାଣ କରାଯାଇନାହିଁ। ଏଥିପାଇଁ ଚାଷୀମାନେ ପନିପରିବା ଓ ଧାନଚାଷ କରିବାରେ ହଇରାଣ ହେଉଛନ୍ତି। ନିୟମ ଅନୁସାରେ, ଏହି ପ୍ରକଳ୍ପ ନିର୍ମାଣ ସମୟରେ ବିଭାଗୀୟ ଅଧିକାରୀ ଉପସ୍ଥିତ ରହିବା କଥା। ହେଲେ ଏଠାରେ କୌଣସି ବିଭାଗୀୟ ଅଧିକାରୀ କାର୍ଯ୍ୟର ତଦାରଖ କରୁ ନ ଥିବାରୁ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଶାସନ ପକ୍ଷରୁ ତୁରନ୍ତ ଏହି ପ୍ରକଳ୍ପ କାର୍ଯ୍ୟ ଶେଷ କରାଯିବା ସହ ଅଚଳ ପ୍ରକଳ୍ପଗୁଡ଼ିକୁ ସଚଳ କରିବା ଲାଗି ଚାଷୀମାନେ ଦୃଢ ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ଚାଷୀମାନେ ବାଧ୍ୟ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାକୁ ପଛାଇବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଉଠା ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ପବିତ୍ର ମୋହନ ପରିଡାଙ୍କୁ ପଚାରିବାରେ ୭ ପ୍ରକଳ୍ପରୁ ୫ଟିର କାର୍ଯ୍ୟ ଶେଷ ହୋଇଛି। ଯେଉଁ ୩ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବାକୁ ଅଛି, ଆଉ ଯେଉଁ ପ୍ରକଳ୍ପ ହୋଇନାହିଁ, ସମ୍ପୃକ୍ତ ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ତାଙ୍କ ବିଲ୍ ବନ୍ଦ କରାଯାଇଛି। ଦିନେ ଦୁଇଦିନ ମଧ୍ୟରେ ସମସ୍ତ ପ୍ରକଳ୍ପ ପରିଦର୍ଶନ କରାଯିବ ବୋଲି ସେ କହିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୯ ଏପ୍ରିଲ, ୨୦୨୩



## ସଂକ୍ଷେପରେ

### ସାନପଦରରେ ପାସେଞ୍ଜର ହଲ୍ଟ ନିର୍ମାଣ ଖୁବ୍ ଶୀଘ୍ର

ବୋଲଗଡ଼,୮।୪(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ସାନପଦରରେ ବହୁ ପ୍ରତିକ୍ଷୀତ ରେଳ ଷ୍ଟେଶନ (ପାସେଞ୍ଜର ହଲ୍ଟ) ନିର୍ମାଣ ନେଇ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଗତ ଗୁରୁବାର ପୂର୍ବତଟ ରେଳ ଅଧିକାରୀ ମନୋଜ ଶର୍ମା ଓ ବିଭାଗୀୟ ଅନ୍ୟଅଧକାରୀଙ୍କ ସହ ଅଲୋଚନା କରିଛନ୍ତି। ଏହି ଅଲୋଚନାରେ ବରିଷ୍ଠ ନେତା ପ୍ରକାଶ ବିଜୁଳି, ଭାଜପା ଜିଲା ସଭାପତି ରଶ୍ମୀ ରଞ୍ଜନ ମହାପାତ୍ର, ଯୁବମୋର୍ଚ୍ଚା ସଭାପତି ପ୍ରଦୀପ ବଡଜେନା ଉପସ୍ଥିତ ଥିଲେ। ଶନିବାର ଏହି କାର୍ଯ୍ୟକୁ ତ୍ୱରିତଭାବେ କରିବା ପାଇଁ ସାନପଦରର ଭୌଗଳିତ ସ୍ଥିତି ଉପରେ ଆଲୋଚନା ସହ ସ୍ଥାନୀୟ ନେତା ବଟକୃଷ୍ଣ ସାହୁ, ଏମ୍‌ପିଙ୍କ ପ୍ରତିନିଧି ରଘୁନାଥ ଷଡ଼ଙ୍ଗୀ, ବିପନ ବିହାରି ପାଇକରାୟ ପ୍ରମୁଖ ସାନପଦରଠାରେ ନିର୍ମାଣ ସ୍ଥାନ ସମ୍ପର୍କରେ ଏମ୍‌ପିଙ୍କୁ ଅବଗତ କରାଇଛନ୍ତି। ଏହି କାର୍ଯ୍ୟକୁ ଆଗକୁ ନେବାକୁ ସ୍ଥାନୀୟ ଲୋକଙ୍କ ସହଯୋଗ କାମନା କରିଛନ୍ତି। ଏକ ସପ୍ତାହ ମଧରେ ସାନପଦରରେ ଭାଜପାର ଏକ ପ୍ରତିନିଧ ଦଳ ପହଞ୍ଚି ସମୀକ୍ଷା କରିବେ ବୋଲି ସୂଚନା ମିଳିଛି। ପ୍ରକାଶ ଯେ, ଗତ ବର୍ଷ ସାନପଦରରେ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଟ୍ରେନରୁ ଓହ୍ଲାଇ ପାସେଞ୍ଜର୍ ହଲ୍ଟ ନିର୍ମାଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ତେବେ କୌଣସି କାରଣ ନେଇ ଏହି କାର୍ଯ୍ୟ ବିଳମ୍ବ ହେଉଥିବାରୁ ଶୀଘ୍ର କରିବାକୁ ଆଶା ରଖିଥିବା ସ୍ଥାନୀୟ ଜନପ୍ରତିନିଧିମାନେ ଦାବିପତ୍ର ଦେଇ ଆସୁଥିଲେ। ତେବେ ଏମ୍‌ପି ଷଡ଼ଙ୍ଗୀ ଏହା ଉପରେ ଗୁରୁତ୍ୱ ଦେଇ କାର୍ଯ୍ୟ ଆରମ୍ଭ କରିବା ପାଇଁ ରେଳବିଭାଗ ସହ ଯୋଗାଯୋଗ କରିଥିବାରୁ ସ୍ଥାନୀୟ ଅଧିବାସୀ ଖୁସିବ୍ୟକ୍ତ କରିଛନ୍ତି।

### ୨ ମହିଳା ଗିରଫ

ନିରାକାରପୁର,୮।୪(ଡି.ଏନ୍.ଏ.): ଜଙ୍କିଆ ଥାନା ସରପାରି ଗ୍ରାମର ୨ ମହିଳା ନଂ. ୭୭/୨୩ କେସରେ ଆଡଭାନ୍ସ ବେଲ୍ ହେବାକୁ ଯାଇଥିବାବେଳେ ଗିରଫ ହୋଇଛନ୍ତି। ସେମାନେ ହେଲେ ପ୍ରିୟବାସିନୀ ପ୍ରଧାନ ଓ ଲିନା ପ୍ରଧାନ। ସୂଚନା ମୁତାବକ, ଗତ ଫେବୃୟାରୀ ୨୭ରେ ଗୋଟଏ ଚୋରା ବାଲି ବୋଝେଇ ଟ୍ରାକ୍ଟରକୁ ଧରିବାକୁ ଅଚ୍ୟୁତପୁର ଆର୍‌ଆଇ ଓ ଛଣଗିରି ଆରଆଇ ପିଛା କରିଥିଲେ। ପରେ ଟ୍ରାକ୍ଟର ଚାଳକ ବାଲିକୁ ଏକ ସ୍ଥାନରେ ବାଲି ଢାଳି ଗୋଟେ ଜାଗାରେ ଇଞ୍ଜିନ୍ ଏବଂ ଅନ୍ୟ ଏକ ସ୍ଥାନରେ ଡାଲା ରଖିଥିଲେ। ଡାଲାକୁ ଦେଖିବା ପରେ ଦୁଇ ଆର୍‌ଆଇ ଆଣିବାକୁ ଯାଇଥିବାବେଳେ ଚାଳକ ସମେତ ପରିବାର ଲୋକେ ପାଟିତୁଣ୍ଡ କରିଥିଲେ। ଖବରପାଇ ଜଙ୍କିଆ ପୋଲିସ ପହଞ୍ଚି ସେଠାରେ ଥିବା ଡାଲାଟିକୁ ଜବତ କରିଥିଲା। ଏଥିସହ ଚାଳକ ଫେରାର ହୋଇଯାଇଥିବାବେଳେ ତାଙ୍କ ବାପା ଦାଦାଙ୍କୁ ପୋଲିସ ଗିରଫ କରିଥିଲା। ଗତ ୧୩ ତାରିଖରେ ଖୋର୍ଦ୍ଧାରୁ ପୋଲିସ ଟ୍ରାକ୍ଟର ଚାଳକଙ୍କୁ ଗିରଫ କରିଥିଲା।

### ମନ୍ଦିର ଆଗରୁ ବାଇକ୍ ଚୋରି

ଯାଁଳା,୮।୪(ଡି.ଏନ୍.ଏ.): ଇଣ୍ଫୋଭ୍ୟାଲି ଥାନା ଯାଁଳା ଅଞ୍ଚଳରେ କିଛିଦିନ ଅନ୍ତରରେ ପୁଣି ଏକ ବାଇକ ଚୋରି ହୋଇଛି। ଏନେଇ ନାରାୟଣ ଭୂଇଁଆ ଶୁକ୍ରବାର ଥାନାରେ ଏକ ଅଭିଯୋଗ କରିଛନ୍ତି। ସୂଚନାଥାଉ, ଗତ ୩ ଦିନ ତଳେ ମା' ବାଟଭୁଆସୁଣୀ ମନ୍ଦିରଠାରୁ ୨ଟି ବାଇକ୍ ଚୋରି ହୋଇଥିଲା। ପୁଣି ଗ୍ରାମେଶ୍ୱର ମନ୍ଦିରକୁ ନାରାୟଣ ପ୍ରସାଦ ସେବନ କରିବାକୁ ଆସିଥିଲେ। ମନ୍ଦିରରୁ ବାହାରିବା ପରେ ସେ ତାଙ୍କ ଗାଡ଼ି (ଓଆର୍ ୦୨ବିଇ ୮୯୬୪ ନାଲି ରଙ୍ଗର ପ୍ୟାସନ ପ୍ଲସ୍) ପାଇ ନ ଥିଲେ।

### ବାଲିଯାତ୍ରା ମହୋତ୍ସବ: ସଫେଇ କାର୍ଯ୍ୟ ଆରମ୍ଭ

କୃଷ୍ଣପ୍ରସାଦ,୮।୪(ଡି.ଏନ୍.ଏ.)- ପୁରୀ ଜିଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକର ଶ୍ରୀଶ୍ରୀ କମଳେଶ୍ୱର ଦେବଙ୍କ ୩୫ ମୌଜା ପରିଚାଳନା କମିଟି ଦେଉଳପଡା ତିତିପ ଆନୁକୂଲ୍ୟରେ ଦ୍ୱିତୀୟ ବାଲିଯାତ୍ରା ମହୋତ୍ସବ ଆସନ୍ତା ୧୩ ତାରିଖଠାରୁ ଅନୁଷ୍ଠିତ ହେବ। ଏନେଇ ଚଳଚଞ୍ଚଳ ହୋଇ ଉଠିଛି ଯାତ୍ରା ପଡ଼ିଆ। ଗ୍ରୀନ ପାରିକୁଦ ଏବଂ ବ୍ଲକ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଶୁକ୍ରବାରଠାରୁ ସଫେଇ କାର୍ଯ୍ୟ ଆରମ୍ଭ ହୋଇଛି। ଏଥିରେ ଗ୍ରୀନ ପାରିକୁଦ ସଦସ୍ୟା ଅମିତା ତରେଇ, ସାମାଜିକ କର୍ମୀ ବିଷ୍ଣୁଚରଣ ବେହେରା, ମିନାରାଣୀ ସାହୁ, ବାମଦେବ ସାହୁ, କାଳୁ ଚରଣ ପଲେଇ, ଅଭିନନ୍ଦନ ଟ୍ରେଡ଼ର୍ସ ମୁଖ୍ୟ ପରିଚାଳକ ରାଜେଶ ମାଝୀ, ପ୍ରଭାତୀ ପାହାଣ, ସାଗରିକା ଜାଲି ପ୍ରମୁଖ ସାମିଲ ହୋଇ ମନ୍ଦିର ପରିସର ଏବଂ ଯାତ୍ରା ପଡ଼ିଆରୁ ଆବର୍ଜନା ସଫେଇ କରିଥିଲେ। ୩ ଦିନ ଧରି ଚାଲିବାକୁ ଥିବା ଏହି ସଫେଇ କାର୍ଯ୍ୟକ୍ରମରେ ରବିବାର ମିଶନ ଶକ୍ତିର ମହିଳା ଅଂଶଗ୍ରହଣ କରିବେ ବୋଲି ଅମିତା ତରେଇ କହିଛନ୍ତି।

# ହଟୁନି ଅଳିଆ, ବଢୁଛି ଅସନ୍ତୋଷ

■ ମରାମତି ହେଉନି ଡ୍ରେନ୍
■ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଦାବି

ଖୋର୍ଦ୍ଧା ଅଫିସ,୮।୪

ସ୍ୱଚ୍ଛ ସର୍ବେକ୍ଷଣ ତାଲିକାରେ ଶୀର୍ଷ ସ୍ଥାନ ହାସଲ ଲାଗି ଖୋର୍ଦ୍ଧା ପୌର ପରିଷଦ ପକ୍ଷରୁ ସ୍ୱଚ୍ଛ ଭାରତ ସୁସ୍ଥ ଭାରତ ଅଭିଯାନ ଆରମ୍ଭ ହୋଇଥିଲା। ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ସ୍ୱଚ୍ଛତାର ପୋଷ୍ଟର, ୱାଲ୍ ପେଣ୍ଟିଂ କରାଯାଇଛି। ରାସ୍ତାରେ ଅଳିଆ ପଡ଼ିବ ନାହିଁ। ସ୍ୱଚ୍ଛସାଥୀମାନେ ଘର ଘର ବୁଲି ଅଳିଆ ଉଠାଇବେ। ପ୍ରତ୍ୟେକ ଘରୁ ପୃଥକ୍ ଭାବେ ଓଦା ଓ ଶୁଖିଲା ଅଳିଆ ସଂଗ୍ରହ କରିବେ। ଏନେଇ ପୌର ପ୍ରଶାସନ ପକ୍ଷରୁ ସ୍ୱଚ୍ଛସାଥୀ, ସାନିଟାଇଜ କର୍ମଚାରୀଙ୍କୁ ୩ଟି ପର୍ଯ୍ୟାୟରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ସହରରେ ସ୍ୱଚ୍ଛତା ପ୍ରତି ଗୁରୁତ୍ୱ ଦିଆଯିବ। କୌଣସି ସ୍ଥାନରେ ଅଳିଆ ରହିବାକୁ ଦିଆଯିବନାହିଁ ବୋଲି ଖୋର୍ଦ୍ଧା ପୌର ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ଅନ୍ୟପଟେ ସହରର ବିଭିନ୍ନ ସ୍ଥାନରେ ଅଳିଆ ପଡ଼ିରହୁଥିବା ଦେଖିବାକୁ ମିଳିଛି। ସାହି ଗଳିକନ୍ଦିରେ ଅଳିଆ ଜମାହୋଇ ପରିବେଶକୁ ପ୍ରଦୂଷିତ କରୁଛି। ଗୋରୁଗାଇ, କୁକୁର ଖାଦ୍ୟ ଲାଲସାରେ ଅଳିଆକୁ ଏଣେତେଣେ ପକାଉଛନ୍ତି। ଫଳରେ ଅଳିଆ ଜମାହୋଇ ରହୁଥିବା ସ୍ଥାନରେ ଆବର୍ଜନାମୟ ହୋଇ ରହୁଛି। ଉକ୍ତ ରାସ୍ତାରେ ଯାତାୟାତ


ରାସ୍ତାରେ ଗଦା ହୋଇଥିବା ଅଳିଆ ଆବର୍ଜନା।

କରୁଥିବା ଲୋକେ ନାକରେ କପଡ଼ା ନ ଦେଲେ ଯାଇ ହେଉ ନ ଥିବା କହୁଛନ୍ତି। ଫଳରେ ସ୍ୱଚ୍ଛତା ପାଇଁ ଲକ୍ଷାଧିକ ଟଙ୍କା ଅର୍ଥଶ୍ରାଦ୍ଧ ହେଉଛି। ସ୍ୱଚ୍ଛ ଖୋର୍ଦ୍ଧା ସୁସ୍ଥ ଖୋର୍ଦ୍ଧା ପ୍ରହସନ ପାଲଟିଛି।

ସେହିପରି ଗଳିକନ୍ଦି ରାସ୍ତା ଖାଲଖମାରେ ପରିଣତ ହୋଇଛି। ବର୍ଷ ବର୍ଷ ଧରି ଏହାକୁ ମରାମତି କରାଯାଉନାହିଁ। ବର୍ଷା ହେଲେ ରାସ୍ତାରେ ଯାତାୟାତ କରିବାରେ ଲୋକେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ସହରର ଟ୍ରାଫିକ୍ ଛକଠାରୁ ପୁରୁଣା ବସ୍‌ଷ୍ଟାଣ୍ଡ ଏବଂ ବାଳିକା ସ୍କୁଲ ଭିତର ଦେଇ ଯାଇଥିବା ଡ୍ରେନ୍ ପୋତି ହୋଇଥିବା ବେଳେ ପୁରୁଣା ବସ୍‌ଷ୍ଟାଣ୍ଡରେ ଡ୍ରେନ୍ ନାହିଁ। ମାର୍‌ୱାଡ଼ି ପଟିଠାରୁ ଗୋଡ଼ି ପୋଖରୀ ପର୍ଯ୍ୟନ୍ତ ଡ୍ରେନ୍ ପୋତି ହୋଇଗଲାଣି। ଡାକ୍ତରସ୍ ଲେନ୍‌ଠାରୁ ଗୁରୁଜଙ୍ଗ ରାସ୍ତା, ଉପରସାହି, ବରୁଣେଇ ସାହି, ଖ୍ରୀଷ୍ଟିୟାନ ସାହି, ରାଧାବଲ୍ଲଭ ସାହି ଆଦି ଡ୍ରେନ୍ ମଧ ପୋତି ହୋଇଗଲାଣି। ଅନେକ ସ୍ଥାନରେ ଡ୍ରେନ୍ ମରାମତି ନ ହେବାରୁ ତାହା ଭୁଶୁଡ଼ିଗଲାଣି। ଡ୍ରେନ୍‌ଗୁଡ଼ିକର ଅବସ୍ଥା ବିପର୍ଯ୍ୟସ୍ତ ହୋଇ ରହିଛି। ଅନ୍ୟପଟେ ଡ୍ରେନ୍ ସଫେଇ ନ ହେବାରୁ ମଶାଙ୍କ ପ୍ରାଦୁର୍ଭାବ ବଢୁଛି। ସାହି, ଗଳିକନ୍ଦିରେ ଚାଲିଲା ବେଳେ ରାସ୍ତାରେ ମଶା କାମୁଡୁଛନ୍ତି ବୋଲି ସାମାଜିକ କର୍ମୀ ବସନ୍ତ ଦାସ କହିଛନ୍ତି।

ପ୍ରକାଶ ଯେ, ୫୦ ହଜାର ଜନସଂଖ୍ୟା ବିଶିଷ୍ଟ ଖୋର୍ଦ୍ଧା ସହରରେ ୨୨ଟି ୱାର୍ଡ ରହିଛି। ସେଥିରୁ ୨୦ଟି ୱାର୍ଡ ଘରୋଇକରଣ କରାଯାଇଛି। ଏଥିଲାଗି ମାସକୁ ଲକ୍ଷାଧିକ ଟଙ୍କା ପୌର ପ୍ରଶାସନ ପକ୍ଷରୁ ପଇଠ କରାଯାଉଛି। ଠିକାସଂସ୍ଥା ଦ୍ୱାରା ଅଳିଆ ଉଠୁଥିବା ପ୍ରଶାସନ ପକ୍ଷରୁ କୁହାଯାଉଛି। ତେବେ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ। ସହରର ମୁଖ୍ୟରାସ୍ତାକୁ ବାଦ୍‌ଦେଲେ ଗଳିକନ୍ଦିରେ ଅଳିଆ ଆବଜର୍ନା ଗଦାହୋଇ ରହୁଛି। ସ୍ୱଚ୍ଛତା ଆଳରେ ଘରୋଇ ଠିକାସଂସ୍ଥାକୁ ପୋଷାଚାଲିଛି ବୋଲି ବୁଦ୍ଧିଜୀବୀମାନେ ଅଭିଯୋଗ କରିଛନ୍ତି। ଅଳିଆ ଉଠୁଛି କି ନାହିଁ, କେଉଁ ସ୍ଥାନରୁ ଅଳିଆ ଉଠାଯାଉଛି ତାହାର ଖବର ପ୍ରଶାସନ ପକ୍ଷରୁ ରଖାଯାଉନାହିଁ। ଫଳରେ ଠିକାସଂସ୍ଥା କେବଳ ସହର ମୁଖ୍ୟରାସ୍ତାକୁ ଛାଡ଼ି ସାହି ଗଳିକନ୍ଦିରେ ପଡୁଥିବା ଅଳିଆ ସମ୍ପୂର୍ଣ୍ଣ ଉଠାଇବା ପ୍ରତି ଗୁରୁତ୍ୱ ଦେଉ ନ ଥିବା ସାହିବାସିନ୍ଦା କହିଛନ୍ତି। ଅନ୍ୟପକ୍ଷରେ ଏ ସମ୍ପର୍କରେ ପୌର ଉପାଧ୍ୟକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତି କୁହନ୍ତି, ପରିମଳ, ରାସ୍ତାଘାଟ ସ୍ୱଚ୍ଛତା ପ୍ରତି ଗୁରୁତ୍ୱ ଦିଆଯିବ। ନିର୍ମାଣାଧୀନ ପ୍ରକଳ୍ପ କାମ ତୁରନ୍ତ ସାରିବାକୁ ଉଦ୍ୟମ କରାଯାଉଛି।

## ଜଳିଗଲା ୩ ଦୋକାନ ଘର

ଯାଁଳା,୮।୪(ଡି.ଏନ୍.ଏ.)

ଜଟଣୀ ବ୍ଲକ ଅନ୍ତର୍ଗତ ଗଙ୍ଗପଡ଼ା ପଞ୍ଚାୟତ ଗ୍ରାମଡିହ ଗ୍ରାମ ନିକଟରେ ଥିବା ଏକ ଇଞ୍ଜିନିୟରିଂ କଲେଜ ସମ୍ମୁଖରେ ଥିବା ଏକ ହୋଟେଲ ସହ ଆଉ ଦୁଇଟି ଦୋକାନ ଘର ଜଳି ନଷ୍ଟ ହୋଇଯାଇଛି। ଖବର ଅନୁଯାୟୀ, ଗ୍ରାମଡିହ ଗ୍ରାମର ମନୋଜ ଜେନା ଘରୋଇ ଇଞ୍ଜିନିୟରିଂ କଲେଜ ସମ୍ମୁଖରେ ଏକ ହୋଟେଲ ସହ ପରିବା ଦୋକାନ ଏବଂ ଭେରାଇଟ ଷ୍ଟୋର କରିଛନ୍ତି। ଶୁକ୍ରବାର ରାତିରେ ମନୋଜ ଦୋକାନ ସବୁ ବନ୍ଦ କରି ଓ କର୍ମଚାରୀଙ୍କୁ ଦୋକାନ ପଛପଟ ଘରେ ଛାଡି ନିଜ ଘରକୁ ଆସିଥିଲେ। ରାତ୍ର ପ୍ରାୟ ୨ଟାରେ ହୋଟେଲ ଭିତରୁ ବହୁତ ଜୋରରେ ଧୂଆଁ ଦେଖିବାକୁ ମିଳିଥିଲା। ଆଖପାଖର ଲୋକ ଏହା ଦେଖି ସଙ୍ଗେ ସଙ୍ଗେ ମନୋଜଙ୍କୁ ଖବର ଦେଇଥିଲେ। ସେ ଆସି ଦେଖିବାବେଳକୁ ହୋଟେଲରେ ଥିବା ସମସ୍ତ ଆସବାବପତ୍ର ସହ ଘର ଭିତର ହୁହୁ ହୋଇ ଜଳୁଛି। ଖବରପାଇ ଜଟଣୀ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଜନସାଧାରଣଙ୍କ ସହିତ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ ମଧ ଦୋକାନର ସମସ୍ତ ଆସବାବପତ୍ର ରୋଷେଇ ଉପକରଣ ଆଦି ପ୍ରାୟ ୫/୬ଲକ୍ଷ ଟଙ୍କାର ଜିନିଷପତ୍ର ପୋଡି ନଷ୍ଟ ହୋଇଯାଇଛି। ନିଆଁ କିପରି ଲାଗିଲା ତାହା ଜଣାପଡିନାହିଁ। ଖବରପାଇ ଘଟଣାସ୍ଥଳରେ ଇନ୍‌ଫୋଭ୍ୟାଲି ଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।


ଜଟଣୀ: ଓଗରସୁଆଁ ଗୋପୀନାଥପୁରରେ ସୋସାଇଟି ଫର୍ ଚିଲ୍ଡ୍ରେନ (ସୋଚ୍) ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଶିକ୍ଷା ସଂଯୋଜନା ଶିବିର।

## ଓଗରସୁଆଁ ଗୋପୀନାଥପୁରରେ ଶିକ୍ଷା ସଂଯୋଜନା ଶିବିର

ଜଟଣୀ,୮।୪(ଡି.ଏନ୍.ଏ.)

ଜଟଣୀ ବ୍ଲକ ଅଧୀନ ଓଗରସୁଆଁ ଗୋପୀନାଥପୁରଠାରେ ଶନିବାର ସୋସାଇଟି ଫର୍ ଚିଲ୍ଡ୍ରେନ (ସୋଚ୍) ଅନୁଷ୍ଠାନ ପକ୍ଷରୁ ଶିକ୍ଷା ସଂଯୋଜନା ଶିବିର ଅନୁଷ୍ଠିତ ହୋଇଯାଇଛି । ଅତିଥିଭାବେ ନିଶା ପଟ୍ଟନାୟକ, ମାନସ ଆଚାର୍ଯ୍ୟ, ସୁସ୍ମିତା ଦତ୍ତ, କୁସୁମାଟି ଛଣଘର ସରପଞ୍ଚ ସୁବାସିନୀ ବିଶ୍ୱାଳ, ଏ.କେ. ପଣ୍ଡା, ନିର୍ମଳ କୁମାର ବେହେରା, ଧରଣୀଧର ପ୍ରଧାନ, ମନୁ କୁମାର ଶର୍ମା, ମନୋଜ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇ ସମାଜର ମୁଖ୍ୟସ୍ରୋତକୁ ଫେରିବା, ଉଜ୍ଜ୍ୱଳ ଭବିଷ୍ୟତ ଓ ସଫଳତା ହାସଲ ନିମନ୍ତେ ପିଲା ଓ ଅଭିଭାବକମାନଙ୍କୁ ପରାମର୍ଶ ଦେଇଥିଲେ। ମନୀଷା ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଲକ୍ଷ୍ମୀପ୍ରିୟା ସିଂ ବିବରଣୀ ପାଠ କରିଥିଲେ। ଅନୁଷ୍ଠାନର ମୁଖ୍ୟ ମନୋଜ କୁମାର ସ୍ୱାଇଁ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ଶିବିରରେ ମନସ୍ୱିନୀ ସ୍ୱାଇଁ, ରୋଜାଲିନ୍ ବେହେରା, ସାଧନା ମହାଲିକ, ଅନିତା ମଙ୍ଗରାଜ, ରିଲୁ ପରିଡ଼ା, ରଞ୍ଜନ କୁମାର ଧଳ, କୁମାର ମହାପାତ୍ର, ସୁକାନ୍ତ ପରିଡ଼ା, ଟୁନି ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ପ୍ରତିଯୋଗିତାରେ ପାରଦର୍ଶିତା ହାସଲ କରିଥିବା ଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ଲକ୍ଷ୍ମୀପ୍ରିୟା ସିଂ ଧନ୍ୟବାଦ ଦେଇଥିଲେ।

## କପିଳେଶ୍ୱର ମହୋତ୍ସବ ଉଦ୍‌ଯାପିତ

ପୁରୁଣା ଭୁବନେଶ୍ୱର,୮।୪(ଡି.ଏନ୍.ଏ.)

ଦୁଇ ଦିନ ଧରି ଚାଲିଥିବା କପିଳେଶ୍ୱର ମହୋତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମର ପ୍ରଥମ ଅର୍ଘ୍ୟ ଅଭିଜିତ୍ ମଜୁମଦାର ଏବଂ ସାଥୀ ଶିଳ୍ପୀ ସେଇ ମୋ ଜଗନ୍ନାଥ ଭଜନରୁ ଆରମ୍ଭ କରିଥିଲେ। ପରେ ହାସ୍ୟ ଅଭିନେତା ପପୁ ପମ୍‌ପମ୍‌ଙ୍କ ହାସ୍ୟ ଅଭିନୟ ଦର୍ଶକଙ୍କୁ ବିମୋହିତ କରିଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥିଭାବେ ମୋ ପରିବାର ଅଧକ୍ଷ ଅରୂପ ପଟ୍ଟନାୟକ, ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, କର୍ପୋରେଟର ଶିବ ନାରାୟଣ ରାୟ, ଶିବ ପ୍ରସାଦ ବେହେରା, ପୂର୍ବତନ କର୍ପୋରେଟର କୃଷ୍ଣ ଚନ୍ଦ୍ର ସେଠି ପ୍ରମୁଖ ଉପସ୍ଥିତ ଥିଲେ। ମହୋତ୍ସବ ଆବାହକ କର୍ପୋରେଟର ଚନ୍ଦ୍ର ଶେଖର ମଲିଆ ଅଧକ୍ଷତା କରିଥିବା ବେଳେ ସାମାଜିକ କର୍ମୀ ଗୋପବନ୍ଧୁ ମଲିଆ ଧନ୍ୟବାଦ ଦେଇଥିଲେ। ଶକ୍ତି ଶେଖର ମଲିଆ, ବିଜୟ କୁମାର ମଲିଆ, ରଞ୍ଜିତ କୁମାର ମଲିଆ ପ୍ରମୁଖ ମହୋତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## 'ପୁସ୍ତକ ପଢ଼ିବା ଦ୍ୱାରା ସ୍ମରଣଶକ୍ତି ବଢ଼ିଥାଏ'

୨୨ତମ ଜଟଣୀ ପୁସ୍ତକ ମେଳାର ତୃତୀୟ ସନ୍ଧ୍ୟା

ଜଟଣୀ,୮।୪(ଡି.ଏନ୍.ଏ.)

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ଟାଉନ ହଲ୍(ସ୍ରଷ୍ଟା) ପରିସରରେ ଆୟୋଜିତ ୨୨ତମ ଜଟଣୀ ପୁସ୍ତକ ମେଳାର ତୃତୀୟ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଶିକ୍ଷାବିତ୍ ଡ. ବିଜୟା କୁମାରୀ ପାତ୍ର, ସମ୍ମାନିତ ଅତିଥିଭାବେ ସାହିତ୍ୟ ପତ୍ରିକା 'ଆମରି ସତ୍ୟ'ର ପ୍ରତିଷ୍ଠାତା ଡ. ପ୍ରମୋଦ ଚନ୍ଦ୍ର ଦାଶ ଯୋଗଦେଇଥିଲେ। ପୁସ୍ତକ ପଢ଼ିବା ଦ୍ୱାରା ସ୍ମରଣଶକ୍ତି ବଢ଼ିଥାଏ ବୋଲି ମତପ୍ରକାଶ ପାଇଥିଲା। ଶିକ୍ଷକ ନେତା ଜବାହରଲାଲ ସୁବୁଦ୍ଧି ସଭା ପରିଚାଳନା କରିଥିଲେ। ଆୟୋଜିତ କବିତା ପାଠୋତ୍ସବରେ ଡ. ସ୍ନିଗ୍ଧା ସ୍ୱାଇଁ ଏବଂ ବିପିନ ବେହେରା ସଂଯୋଜକ ଭାବେ କାର୍ଯ୍ୟ ତୁଲାଇଥିଲେ। କବିତା ପାଠ ଉତ୍ସବରେ ଖୋର୍ଦ୍ଧା, ବେଗୁନିଆ, ବୋଲଗଡ଼, କଣାସ, ପିପିଲି, ଭୁବନେଶ୍ୱର ସହିତ ଜଟଣୀର ବହୁ କବି ଓ କବୟିତ୍ରୀ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ଏହି ପୁସ୍ତକ ମେଳାରେ ୨୫ରୁ ଉର୍ଦ୍ଧ୍ୱ ପୁସ୍ତକ ପ୍ରକାଶନୀ ସଂସ୍ଥା ଅଂଶଗ୍ରହଣ କରିଛନ୍ତି। କରୋନା ମହାମାରୀ ପରେ ଦୀର୍ଘ ତିନିବର୍ଷର ବ୍ୟବଧାନରେ ପୁସ୍ତକ ମେଳା ଆୟୋଜିତ ହୋଇଥିବାରୁ ସ୍ଥାନୀୟ ପାଠକ ଓ ଛାତ୍ରୀଛାତ୍ର ବିଭିନ୍ନ ଷ୍ଟଲ୍‌ରୁ ଆବଶ୍ୟକ ମୁତାବକ ପୁସ୍ତକ କିଣିନେଉଥିବା ଦେଖିବାକୁ ମିଳିଛି।


ଜଟଣୀ ପୁସ୍ତକ ମେଳାର ତୃତୀୟ ସନ୍ଧ୍ୟାରେ ଉପସ୍ଥିତ ଅତିଥିମାନେ।

## ୩୫୫ ଜଣଙ୍କୁ ଫାଇଲେରିଆ କିଟ୍



ନିରାକାରପୁର,୮।୪(ଡି.ଏନ୍.ଏ.)

ଫାଇଲେରିଆ ନିରାକରଣ ପାଇଁ ପ୍ରଶାସନ ପକ୍ଷରୁ ଉଦ୍ୟମ ଜାରି ରହିଛି। ଏଥିପାଇଁ ଆଶାକର୍ମୀମାନଙ୍କୁ ନିୟୋଜିତ କରାଯାଇଛି। ସେମାନଙ୍କ ରିପୋର୍ଟ ଆଧାରରେ ଶନିବାର ନିରାକାରପୁର ସରକାରୀ ମେଡିକାଲ ପରିସରରେ ରାମେଶ୍ୱର, ନିରାକାରପୁର, ଡିଆ ଓ ଲେଣ୍ଡୋ ପଞ୍ଚାୟତର ମୋଟ ୩୫୫ ଜଣ ଫାଇଲେରିଆ ଥିବା ବ୍ୟକ୍ତିଙ୍କୁ କିଟ୍ ବଣ୍ଟନ କରାଯାଇଛି। ଏଥିରେ ଗାଧୋଇବା ପାଇଁ ଗୋଟିଏ ପ୍ଲାଷ୍ଟିକ୍ ଟପ, ମଗ, ଦୁଇଟି ସାବୁନ ଓ ୬ଟି ଟାୱେଲ ରହିଛି। କେତେଜଣ ଆସି ନ ଥିବା ବେଳେ ସେମାନଙ୍କ ସମ୍ପର୍କୀୟ ଆସି ଏହି ସାମଗ୍ରୀ ନେଇଥିବା ଦେଖିବାକୁ ମିଳିଛି। ଅନ୍ୟପଟେ ଏହିଭଳି କିଟ୍ ୭ ମାସକୁ ଥରେ ମିଳୁଛି ବୋଲି ଆଶାକର୍ମୀ କଲ୍ୟାଣୀ ପ୍ରଧାନ କହିଛନ୍ତି।

## ବଜରଙ୍ଗୀ ଫାଇଟର ଚାମ୍ପିୟନ

କନ୍ତିଆ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ଜଟଣୀ,୮।୪(ଡି.ଏନ୍.ଏ.)

ଜଟଣୀ ବ୍ଲକ ଅଧୀନ କନ୍ତିଆ ଗ୍ରାମରେ କନ୍ତିଆ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ମା' ମଙ୍ଗଳା କ୍ରିକେଟ କ୍ଲବ ଆନୁକୂଲ୍ୟରେ ସାତଦିନ ବ୍ୟାପୀ ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟରେ ବଜରଙ୍ଗୀ ଫାଇଟର ଚାମ୍ପିୟନ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟରେ ୫ଟି ଟିମ୍ ଅଂଶଗ୍ରହଣ କରିଥିବା ବେଳେ ଫାଇନାଲ ମ୍ୟାଚ୍ ବଜରଙ୍ଗୀ ଫାଇଟର ଓ ବ୍ଲାକ୍ ଫାଇଟର ମଧ୍ୟରେ ହୋଇଥିଲା। ବଜରଙ୍ଗୀ ଫାଇଟର ପ୍ରଥମେ ବ୍ୟାଟିଂକରି ୧୦ ଓଭରରେ ୧୦୮ ରନ୍ ସଂଗ୍ରହ କରିଥିଲା। ଜବାବରେ ବ୍ଲାକ୍ ଫାଇଟର ସମସ୍ତ ଉଇକେଟ ବିନିମୟରେ ୮୨ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ଦିବେଶ ଦାସ ଓ ତାପସ ମହାପାତ୍ର ମ୍ୟାଚ୍ ପରିଚାଳନା କରିଥିଲେ। ଏହି ଫାଇନାଲ ମ୍ୟାଚ୍‌ରେ ମୁଖ୍ୟ ଅତିଥିଭାବେ କନ୍ତିଆ ସରପଞ୍ଚ ମନୋଜ ବେହେରା, ଜଟଣୀ ଯୁବ ନଗର ସଭାପତି ପଞ୍ଚାନନ ମହାପାତ୍ର, ଜଟଣୀ ନିର୍ବାଚନମଣ୍ଡଳୀ ଯୁବ ସଭାପତି ଅମରେଶ ନାୟକ, ମନୋରଞ୍ଜନ ବଡ଼ଜେନା ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଶୁଭ ନିଶଙ୍କ ମ୍ୟାନ୍ ଅଫ୍ ଦି ମ୍ୟାଚ, ସତ୍ୟପ୍ରକାଶ ସ୍ୱାଇଁ ମ୍ୟାନ୍‌ଅଫ୍‌ଦ ସିରିଜ୍ ବିବେଚିତ ହୋଇଥିଲେ। ଚାମ୍ପିୟନ ଏବଂ ରନର୍ସଅପ୍ ଟିମ୍‌କୁ ଟ୍ରଫି ଓ ଅର୍ଥରାଶି ପ୍ରଦାନ କରାଯାଇଥିଲା।


ଅତିଥିଙ୍କଠାରୁ ଖେଳାଳି ଟ୍ରଫି ଗ୍ରହଣ କରୁଛନ୍ତି।

## ଦେବାଂଶୀଙ୍କ ଚିତ୍ରାଙ୍କନ ପ୍ରଦର୍ଶନୀ

ଖୋର୍ଦ୍ଧା ଅଫିସ, ୮।୪

ଖୋର୍ଦ୍ଧା ଗୀତାଭବନ ପରିସରରେ ଚିତ୍ରଶିଳ୍ପୀ ଦେବାଂଶୀ ମହାନ୍ତି ଆଙ୍କିଥିବା ଏକାଧିକ ଚିତ୍ରକୁ ନେଇ ଏକ ଚିତ୍ରାଙ୍କନ ପ୍ରଦର୍ଶନୀ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏହା ଦୁଇଦିନ ଧରି ଚାଲିବ। ରବିବାର ମାତୃକୃପା ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ବର୍ଗର ପିଲାଙ୍କୁ ନେଇ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯିବ। ଏଥିସହ କୃତୀ ଶିଳ୍ପୀମାନଙ୍କୁ ପୁରସ୍କୃତ କରାଯିବ।

ଏହି ପ୍ରଦର୍ଶନୀକୁ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଉଦ୍‌ଘାଟନ କରିଥିଲେ। ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି, ଆଇନଜୀବୀ ଶକ୍ତିଶଙ୍କର ମିଶ୍ର, ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ଉପାଧ୍ୟକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତି, ଶିକ୍ଷାବିତ୍ ସତ୍ୟବାଦୀ ବଳିୟାରସିଂ, ଗୋପାଳକୃଷ୍ଣ ଦାସ, ସାମାଜିକ କର୍ମୀ ବିମଳ ଷଡ଼ଙ୍ଗୀ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ପ୍ରଦର୍ଶନୀରେ ପ୍ରଦର୍ଶିତ ସମସ୍ତ ଚିତ୍ର ବିଭିନ୍ନ ପ୍ରତିଯୋଗିତାରେ ସ୍ଥାନ ପାଇଛି। ଏଥିରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଭିନ୍ନ ବେଶ, ଦଶ ଅବତାର, ନବଗୁଞ୍ଜର, ବିଭିନ୍ନ ଦେବଦେବୀ, ପଶୁପକ୍ଷୀ, ଆଦିବାସୀ ସମ୍ପ୍ରଦାୟର ବେଶଭୂଷା, ପାରମ୍ପରିକ


ଚିତ୍ରାଙ୍କନ ପ୍ରଦର୍ଶନୀର ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ଚିତ୍ର ଏବଂ ପଟ୍ଟଚିତ୍ର ରହିଛି। ଏଥିସହିତ ଯୋଗ, ସ୍ୱାସ୍ଥ୍ୟ, ଶିକ୍ଷା, ସଡ଼କ ସୁରକ୍ଷା, ସ୍ୱଚ୍ଛତା, କରୋନା ସଂକ୍ରମଣ ଆଦି ସଚେତନତାମୂଳକ ବାର୍ତ୍ତା ରହିଥିବା ବେଳେ ଗୌତମ ବୁଦ୍ଧ, ନେତାଜୀ ସୁଭାଷ ବୋଷ୍, ଗାନ୍ଧିଜୀଙ୍କ ପରି ମହାନ୍ ରାଷ୍ଟ୍ରନାୟକଙ୍କ ତୈଳ ଫଟୋଚିତ୍ର ମଧ ସ୍ଥାନ ପାଇଛି। ଏହି ଚିତ୍ର ପ୍ରଦର୍ଶନୀକୁ ସ୍ଥାନୀୟ ସ୍କୁଲ କଲେଜ ଛାତ୍ରୀଛାତ୍ର, ବୁଦ୍ଧିଜୀବୀ, ଶିକ୍ଷାବିତ୍ ପ୍ରମୁଖ ଯୋଗଦେଇ ପ୍ରଦର୍ଶନୀ ବୁଲି ଦେଖିଥିଲେ। ଏହି ଅବସରରେ ଶିକ୍ଷାବିତ୍ ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ଏବଂ ଚିତ୍ରଶିଳ୍ପୀଙ୍କ ଗୁରୁ ସନ୍ତୋଷ ବେହେରାଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଆକର୍ଷଣୀୟ ଚିତ୍ରାଙ୍କନ ଲାଗି ଦେବାଂଶୀଙ୍କୁ ମଧ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଭୁବନେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟ ଛାତ୍ରୀ ଦେବାଂଶୀ କୁହନ୍ତି, ଜେଜେ ବାପା, ମା' ଏବଂ ପରିବାରର ସମସ୍ତଙ୍କ ଆଶୀର୍ବାଦରୁ ଏତେଦୂରରେ ପହଞ୍ଚିପାରିଛି। ରାଜ୍ୟ ତଥା ଜାତୀୟ ସ୍ତରରେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପ୍ରତିଭା ସାଉଁଟିଥିବା ଦେବାଂଶୀ ଆଗକୁ ଅନ୍ତର୍ଜାତୀୟସ୍ତରର ପ୍ରତିଯୋଗିତାରେ ଅଂଶଗ୍ରହଣ ଲକ୍ଷ୍ୟ ରଖିଛନ୍ତି। ପଟ୍ଟଚିତ୍ରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଘୁନାଥ ବେଶ ଲାଗି ଭାସ୍କର୍ଯ୍ୟଶିଳ୍ପୀ ରଘୁନାଥ ସାହୁ ଶିଳ୍ପୀ ସମ୍ମାନରେ ସମ୍ମାନିତ ହୋଇଥିଲେ। ଚିତ୍ରଶିଳ୍ପୀ ଦେବାଂଶୀଙ୍କ ବାପା ବିଶ୍ୱଜିତ୍ ଓ ମା' ପ୍ରୀତିଚନ୍ଦା ପରିଚାଳନା କରିଥିବା ବେଳେ ଜେଜେବାପା ସନ୍ତୋଷ, ଜେଜେମା' କାଦମ୍ବିନୀ ଏବଂ ଅଜା ସୁଧୀର କୁମାର ଦାସ ଉପସ୍ଥିତ ଥିଲେ। ଦେବାଂଶୀଙ୍କ ମା' ପ୍ରୀତିଚନ୍ଦା କୁହନ୍ତି, ପିଲାବେଳୁ ତା'ର ଆଗ୍ରହ ଦେଖି ଚିତ୍ରାଙ୍କନ ଶିକ୍ଷାଦେବା ଆରମ୍ଭ କରିଥିଲୁ। ଏବେ ସେ ପେନ୍‌ସିଲ, ୱାଟର କଲରରେ ସୁନ୍ଦର ସୁନ୍ଦର ଚିତ୍ର ଅଙ୍କନ କରୁଛନ୍ତି। ଏହା ହେଉଛି ତାଙ୍କର ପ୍ରଥମ ଚିତ୍ର ପ୍ରଦର୍ଶନୀ। ବର୍ତ୍ତମାନ ସୁଦ୍ଧା ସେ ପ୍ରାୟ ଶହେରୁ ଉର୍ଦ୍ଧ୍ୱ ଚିତ୍ର ଅଙ୍କନ କରିସାରିଲାଣି। ସେ ଜଣେ ଭଲ ଚିତ୍ରକର ହେବା ଆଶା ରହିଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୮।୪।୨୦୨୩

| | |
|---|---|
| ୬,୩୦,୬୦୫ ଟଙ୍କା | |
| ସୁନା | ୩୫.୯୫୦ ଗ୍ରାମ୍ |
| ରୁପା | ୪୦.୯୦୦ ଗ୍ରାମ୍ |

# ଦୁର୍ଘଟଣା ମୃତ୍ୟୁହାର ହ୍ରାସ ଉପରେ ଗୁରୁତ୍ୱ

## ଶୂନ୍ୟ ଦୁର୍ଘଟଣାଜନିତ ମୃତ୍ୟୁ ସପ୍ତାହ ଉଦ୍‌ଯାପିତ

ପୁରୀ ଅଫିସ,୮।୪

ରାଜ୍ୟ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ ଓ କମିଶନର ଅରୁଣ ବୋଥ୍ରାଙ୍କ ନିର୍ଦ୍ଦେଶକ୍ରମେ ଏବଂ ପୁରୀ ଜିଲ୍ଲାପାଳ ସମର୍ଥ ବର୍ମା, ଏସ୍‌ପି କନୱର ବିଶ୍ୱାଲ ସିଂଙ୍କ ପରାମର୍ଶ କ୍ରମେ ଜିଲ୍ଲା ପୋଲିସ, ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ସପ୍ତାହ ହେଲା ଚାଲିଥିବା ଶୂନ୍ୟ ଦୁର୍ଘଟଣାଜନିତ ମୃତ୍ୟୁ ସପ୍ତାହ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ପୁରୀ ଆର୍‌ଟିଓ ରବୀନ ପଟ୍ଟନାୟକ ଓ ଡିଏସ୍‌ପି ଟ୍ରାଫିକ ଶବରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ସାପ୍ତାହିକ ଅଭିଯାନରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ କଡ଼ାକଡ଼ି ଭାବେ ଗାଡି ମୋଟର ଯାଞ୍ଚ କରି ୪୩୫୭ଟି ଚାଲାଣ କଟାଯାଇଛି। ଏହି ଅଭିଯାନରେ ଗାଡିର ଲାଇସେନ୍ସ, ପରମିଟ, ହେଲମେଟ, ସିଟବେଲ୍ଟ, ସବୁ ଯାଞ୍ଚ କରାଯାଇଥିଲା। ପୁରୀ, ଚନ୍ଦ୍ରଭାଗା ବିଭିନ୍ନ ଅଞ୍ଚଳରେ ଦ୍ରୁତ ଗତିରେ ନିଶାସକ୍ତ ଅବସ୍ଥାରେ ପୁଣି ବିନା ପରମିଟରେ ଯାଉଥିବା ଅନେକ ଗାଡିକୁ ପରିବହନ ବିଭାଗ ଗୋଡ଼ାଇ ଧରିଥିଲା। ଆର୍‌ଟିଓ ରବୀନ ପଟ୍ଟନାୟକଙ୍କ ସମେତ ବିଭାଗର ସମସ୍ତ କର୍ମଚାରୀ ଓ ସମସ୍ତ ଅଞ୍ଚଳର ଥାନା ପୋଲିସ ଅଫିସର ଏହି ମେଗା ଅଭିଯାନରେ ସାମିଲ ଥିଲେ। ଏହି କାର୍ଯ୍ୟକ୍ରମରେ ହଜାର ଗାଡି ମୋଟର ଯାଞ୍ଚ କରାଯାଇଥିବା ବେଳେ ଗାଡି ଚାଳକଙ୍କ ଡିଏଲ ଚେକିଂ, ସିଟବେଲ୍ଟ ଚେକିଂ, ହେଲମେଟ ଚେକିଂ, ଫାଇନ ସହିତ ଗାଡି ଜବତ, ଓଭର ସ୍ପିଡ, ମୋବାଇଲ ବ୍ୟବହାର ପାଇଁ ଆଦି ପ୍ରମୁଖ କାରଣ ପାଇଁ ଅନେକ ଡିଏଲ୍‌କୁ ରଦ୍ଦ କରାଯାଇ ଗାଡି ଚାଳକ ନାଁରେ ବିଭିନ୍ନ ମାମଲା ରୁଜୁ ହୋଇଛି। ସହର ତଥା ସମଗ୍ର ଜିଲ୍ଲାରେ ଦୁର୍ଘଟଣା ହାର ଓ ମୃତ୍ୟୁହାର ବୃଦ୍ଧି ପାଇଥିବାରୁ ଜିଲ୍ଲାର ବୃହର ସ୍ୱାର୍ଥ ଦୃଷ୍ଟିରୁ ସାଧାରଣ ଲୋକ ଓ ପର୍ଯ୍ୟଟକଙ୍କ ଧନ ଜୀବନ ସୁରକ୍ଷା ଲାଗି ଆଗକୁ ଏ ଅଭିଯାନକୁ ଆହୁରି କଡ଼ାକଡ଼ି କରାଯିବ। ଲୋକେ ଯେମିତି ଅଯଥାରେ ଜରିମାନା ନ ଦେବେ, ନିଶାଗ୍ରସ୍ତ ଅବସ୍ଥାରେ ଗାଡି ନ ଚଳାଇବାବେ, ଟ୍ରାଫିକ ନିୟମ ମାନିବେ, ଜିଲ୍ଲାରେ ଦୁର୍ଘଟଣା ମୃତ୍ୟୁହାର ରୋକାଯାଇପାରିବ ଏଥିପାଇଁ ପୁରୀ ଆର୍‌ଟିଓ ପଟ୍ଟନାୟକ ଜିଲ୍ଲାବାସୀଙ୍କୁ ନିବେଦନ କରିଛନ୍ତି। ଏ ନେଇ ସହର ତଥା ଜିଲ୍ଲାର ବିଭିନ୍ନ ସ୍କୁଲ କଲେଜ ଛାତ୍ରୀଛାତ୍ର, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ପୋଲିସ ସହାୟତାରେ ଏ ଅଭିଯାନକୁ ଆହୁରି ବ୍ୟାପକ କରାଯିବ ଓ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରାଯିବ ବୋଲି ସୂଚନା ଦେଇଛନ୍ତି। ଏହି ଅଭିଯାନରେ ଆରଟିଓ ପଟ୍ଟନାୟକଙ୍କ ସମେତ ଟ୍ରାଫିକ ଡିଏସପି, ଏମଭିଆଇ, ଆସିଷ୍ଟାଣ୍ଟ ଏମଭିଆଇ, ଟିଆଇ ଓ ବିଭିନ୍ନ ଅଞ୍ଚଳର ପୋଲିସ ଅଧିକାରୀ ପ୍ରମୁଖ ସାମିଲ ଥିଲେ।



ପୁରୀରେ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଗାଡି ଚେକିଂ କରାଯାଉଛି।

# ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ସଞ୍ଜୟ

ପୁରୀ ଅଫିସ,୮।୪

ପୂର୍ବତନ ମନ୍ତ୍ରୀ ସଞ୍ଜୟ କୁମାର ଦାସବର୍ମା ଶନିବାର ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପୁରୀ ସଦର ଏବଂ କୃଷ୍ଣପ୍ରସାଦ ବ୍ଲକ ଗସ୍ତ କରି ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଦ୍ୟାଳୟ ଭିତ୍ତିଭୂମି ବିକାଶ ଏବଂ ଛାତ୍ରୀଛାତ୍ରଙ୍କ ଗୁଣାତ୍ମକ ଶିକ୍ଷାଦାନ ପାଇଁ ୫ଟି ମାଧ୍ୟମରେ ଚାଲୁ ରହିଥିବା ପୁରୀ ସଦର ବ୍ଲକ ବୀରବଳଭଦ୍ରପୁର ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ କୃଷ୍ଣପ୍ରସାଦ ବ୍ଲକ ସିଆଳ ପଞ୍ଚାୟତ ମୋରଡ଼ା ବଟେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ରୂପାନ୍ତରିତ କାର୍ଯ୍ୟର ଦାସବର୍ମା ଅନୁଧ୍ୟାନ କରିଥିଲେ। ଏହା ପରେ ମଧ୍ୟାହ୍ନରେ ଦାସବର୍ମା କୃଷ୍ଣପ୍ରସାଦ ବ୍ଲକ ବଡ଼ଖାଡ଼ ପଞ୍ଚାୟତ କୁରୁପାଳ ଗ୍ରାମକୁ ଗସ୍ତ କରି କରି ଗ୍ରାମାଞ୍ଚଳରେ ବାସ କରୁଥିବା ଜନସାଧାରଣଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରାଥମିକତା ଦେଉଥିବା ସମ୍ପର୍କରେ ସୂଚନା ଦେଇଥିଲେ। ଏଥିପାଇଁ କୃଷ୍ଣପ୍ରସାଦ ବ୍ଲକ ଚିଲିକା ଦ୍ୱୀପାଞ୍ଚଳରେ ଥିବା ବଡ଼ଖାଡ଼ ପଞ୍ଚାୟତ କୁରୁପାଳ ଗ୍ରାମକୁ ଅନ୍ତର୍ଭୁକ୍ତ କରାଯାଇଛି। ପ୍ରାୟ ଏକ ହଜାର ଲୋକ ବସବାସ କରୁଥିବା କୁରୁପାଳ ଗ୍ରାମକୁ ଏକ କୋଟି ଟଙ୍କା ବ୍ୟୟବରାଦରେ ୫୦ ହଜାର ଲିଟର କ୍ଷମତା ବିଶିଷ୍ଟ ଟାଙ୍କି ପାଇଁ ଶୁଭ ଅନୁକୂଳ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ଏବଂ ପାନୀୟ ଜଳ ଯୋଗାଣ ବିଭାଗୀୟ ଅଧିକାରୀ, କୃଷ୍ଣପ୍ରସାଦ ବ୍ଲକ ଅଧ୍ୟକ୍ଷା ସରୋଜିନୀ ତରେଇ ଓ ଜିଲା ପରିଷଦ ସଦସ୍ୟ ଲକ୍ଷ୍ମୀଧର ସାହୁ, ବିଜୁ ଜନତା ଦଳର ବରିଷ୍ଠ ନେତା କେଦାରନାଥ ଜେନା, ପୁରୀ ସଦର ବ୍ଲକ ଜିଲା ପରିଷଦ ସଦସ୍ୟାଙ୍କ ପ୍ରତିନିଧି ନୁନୁ ମିଶ୍ର, ଭାଇଲିପୁର ପଞ୍ଚାୟତ ସମିତି ସଭ୍ୟ କାର୍ତ୍ତିବିର୍ଯ୍ୟ ସ୍ୱାଇଁ, ବୀରବଳଭଦ୍ରପୁର ସରପଞ୍ଚଙ୍କ ପ୍ରତିନିଧି ପ୍ରଶାନ୍ତ ମିଶ୍ର, ସମିତି ସଭ୍ୟ ବିଜୟ ବେହେରା, ବଡ଼ଖାଡ଼ ସରପଞ୍ଚ ସୁମିତ୍ରା ପାହଣ, ସମିତି ସଭ୍ୟ ଉମାକାନ୍ତ ସେଠୀ, ପୂର୍ବତନ ସମିତି ସଭ୍ୟ ରଘୁନାଥ ଜେନାଙ୍କ ସମେତ କୁରୁପାଳ ଗ୍ରାମବାସୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ନିଖୋଜ ଯୁବକଙ୍କ ମୃତଦେହ ଜବତ

ପୁରୀ ଅଫିସ,୮।୪- ସଦର ଥାନା ପୋଲିସ ଶନିବାର ନିଖୋଜ ଥିବା ଯୁବକଙ୍କ ମୃତଦେହ ପଥରପଦା ଗ୍ରାମର ଏକ ବଗିଚାରୁ ଜବତ କରିଛି। ସେ ହେଲେ ଉକ୍ତ ଥାନା ଅନ୍ତର୍ଗତ ବାସୁଦେବପୁର ପଞ୍ଚାୟତ ବଣୁଆ ସାହିର ମାନସ ପ୍ରଧାନ (୨୨)। ଏନେଇ ପୋଲିସ ଏକ ମାମଲା (ନଂ.୬୦/୨୩) ରୁଜୁ କରିଛି। ମିଳିଥିବା ସୂଚନା ଅନୁଯାୟୀ, ସଦର ଥାନା ଅନ୍ତର୍ଗତ ପଥରପଦା ଗ୍ରାମ ନିକଟ ଏକ ଆମ୍ବ ବଗିଚାଠାରେ ଜଣେ ଯୁବକଙ୍କ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଶନିବାର ସକାଳେ ଦେଖିଥିଲେ। ଖବର ପାଇ ପୋଲିସ ପହଞ୍ଚି ମୃତଦେହକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ସଦର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ତେବେ ଉଦ୍ଧାର ହୋଇଥିବା ଯୁବକଙ୍କ ମୃତଦେହରେ କ୍ଷତଚିହ୍ନ ଥିବାରୁ ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ସୂଚନାଥାଉ କି, ମୃତ ଯୁବକ ଦୁଇ ଦିନ ହେବ ନିଖୋଜ ଥିବା ନେଇ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରିଥିଲେ। ପରେ ପୋଲିସ ଓ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

### ନବଗ୍ରହ ମନ୍ଦିରରେ ପଡ଼ି ଶ୍ରଦ୍ଧାଳୁ ଗୁରୁତର

କୋଣାର୍କ,୮।୪(ଡି.ଏନ୍.ଏ.)- ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ କୋଣାର୍କଠାରେ ଥିବା ନବଗ୍ରହ ମନ୍ଦିରରେ ବୈଶାଖ ମାସ ପ୍ରଥମ ଶନିବାର ପାଳିତ ହୋଇଯାଇଛି। ଏହି ଅବସରରେ ଠାକୁରଙ୍କ ପୂଜାର୍ଚ୍ଚନା ପାଇଁ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ହୋଇଥିବା ବେଳେ ଦର୍ଶନ ପାଇଁ ଆସିଥିବା କାକଟପୁର ଅଞ୍ଚଳର ଜଣେ ମହିଳା ଭକ୍ତ ହଠାତ୍ ଅଚେତ ହୋଇପଡ଼ି ଗୁରୁତର ହୋଇଥିଲେ। ଖବରରୁ ପ୍ରକାଶ ଯେ, କାକଟପୁର ଅଞ୍ଚଳର ଝରଣା ସ୍ୱାଇଁ ସପରିବାର ସହ ବୈଶାଖ ମାସ ଶନିବାର ଅବସରରେ ପରିବାରରେ ଗ୍ରହ ଶାନ୍ତି ନିମନ୍ତେ ନବଗ୍ରହ ପୀଠକୁ ପୂଜାର୍ଚ୍ଚନା କରିବା ପାଇଁ ଆସିଥିଲେ। ଝରଣା ପରିବାର ସହ ଧାଡ଼ିରେ ଆସି ମନ୍ଦିରରେ ପୂଜାର୍ଚ୍ଚନା କରୁଥିବା ବେଳେ ମନ୍ଦିର ଭିତର ବହୁତ ଛୋଟ ହୋଇଥିବା ହେତୁ ଠେଲାପେଲା ହେବାରୁ ସେ ତଳେ ପଡିଯାଇ ଗୁରୁତର ହୋଇଥିଲେ। ଖବରପାଇ ଚମ୍ପାହର ଅଗ୍ନିଶମ ସେବା କେନ୍ଦ୍ର ଘଟଣାସ୍ଥଳରେ ପହଞ୍ଚି ଗୁରୁତର ମହିଳାଙ୍କୁ ଚିକିତ୍ସା ନିମନ୍ତେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲକୁ ପଠାଯାଇଛି। ବୈଶାଖ ମାସ ପ୍ରଥମ ପାଳି ଶନିବାର ଥିବାରୁ ଶ୍ରଦ୍ଧାଳୁ ଭକ୍ତମାନଙ୍କ ନାହିଁ ନ ଥିବା ଭିଡ ଯୋଗୁ ଏଭଳି ଅଭାବନୀୟସ୍ଥିତି ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି।



ସୁସଜ୍ଜିତ ବିମାନରେ ଥିବା ଠାକୁର ନଗର ପରିକ୍ରମା କରି ଶ୍ରଦ୍ଧାଳୁଙ୍କ ଦୁଆରେ ଭୋଗ ଓ ପଣା ଖାଉଛନ୍ତି।

# ଗିରି ଗୋବର୍ଦ୍ଧନ ପୂଜା, ଗୋଧନ ବାହୁଡ଼ା ଯାତ୍ରା

ନିମାପଡ଼ା, ୮।୪(ଡି.ଏନ୍.ଏ.)

ନିମାପଡ଼ାର ଶହଶହ ବର୍ଷର ଏକ ନିଆରା ପରମ୍ପରା ହେଉଛି ପ୍ରସିଦ୍ଧ ଗିରିଗୋବର୍ଦ୍ଧନ ପୂଜା ଓ ଗୋଧନ ବାହୁ ଯାତ୍ରା। ଏହି ଯାତ୍ରା ପାଇଁ ସାରା ନିମାପଡ଼ା ଉତ୍ସବ ମୁଖର ହୋଇଉଠିଛି। ଚଳିତ ବୈଶାଖ କୃଷ୍ଣପକ୍ଷ ଦ୍ୱିତୀୟା ତିଥିରେ ଶନିବାର ନିମାପଡ଼ା ଥାନା ଓ ଗିରି ଗୋବର୍ଦ୍ଧନ ପୂଜା କମିଟି ପକ୍ଷରୁ ଏହି ଉତ୍ସବ ଆୟୋଜିତ ହୋଇଛି। ଏହି ଉତ୍ସବର ଏକ ନିଆରା ସ୍ୱତନ୍ତ୍ରତା ରହିଛି, ଯାହା ଏ ଅଞ୍ଚଳରେ ଏକ ବିରଳ ଯାତ୍ରା ଭାବେ ପରିଚିତ। ଥାନାପତି ଠାକୁର ଗୋପୀନାଥ ଦେବ ଓ ପ୍ରଭୁ ରାଧାକାନ୍ତ ଦେବ ରାସବାଡ଼ ମଠ ରାସକୁଞ୍ଜ ସ୍ଥଳରୁ ୨ଟି ସୁସଜ୍ଜିତ ବିମାନରେ ବାହିରି ଏକ ଶୋଭାଯାତ୍ରାରେ ନଗର ପରିକ୍ରମା କରି ଗୋପୀନାଥପାଟଣା, ପତିତପାବପାଟଣା, ନିମାପଡ଼ା ବଜାର, ଅମୁଣିଆପାଟଣା, ଶ୍ୟାମସୁନ୍ଦରପୁର, ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କଠାରେ ବିଭିନ୍ନ ଶ୍ରଦ୍ଧାଳୁଙ୍କ ଦୁଆରେ ଭୋଗ ପଣା ଖାଇ ସାରିବା ପରେ ଜଇନାବାଦ ଗ୍ରାମଠାରେ ଥିବା ମଣ୍ଡପରେ ଠାତକୁରମାନେ ଅବସ୍ଥାନ କରନ୍ତି। ସେଠାରେ ଠାକୁରଙ୍କର ଆକର୍ଷଣୀୟ ଯମୁନା ଗାଧୁଆ ନୀତି ସମାପନ ହେବା ସହ ଠାକୁରଙ୍କର ଯଥାବିଧି ନୀତିକାନ୍ତି ସମାପନ ହୁଏ। ସନ୍ଧ୍ୟା ପରେ ଥାନା ପକ୍ଷରୁ ଠାକୁରଙ୍କୁ ନିମନ୍ତ୍ରଣ କରାଯାଇ ଏକ ବିଶାଳ ଶୋଭାଯାତ୍ରାରେ ଠାକୁରଙ୍କୁ ଅଣାଯାଇ ସହର ପରିକ୍ରମା କରାଯିବା ପରେ ଥାନା ସମ୍ମୁଖରେ ଥିବା ଗୋଧନ ବାହୁଡ଼ା ମଣଅଡପରେ ଠାକୁରଙ୍କୁ ଅବସାନ କରାଯାଏ। ମଣଅଡପରେ ଯଥାବିଧି ପୂଜାର୍ଚ୍ଚନା କରାଯିବା ପରେ ପାରମ୍ପରିକ ଗୋଧନ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୁଏ। ନିମାପଡ଼ା ଥାନା ଆଇଆଇସି ଶଙ୍କର୍ଷଣ ଦଳେଇ, ଏସ୍‌ଡିପିଓ ଦେବାଶିଷ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଯାତ୍ରା, ଉତ୍ସବ, ପୂଜାର୍ଚ୍ଚନା ଆଦି କାର୍ଯ୍ୟ ସମ୍ପାଦନା ହୋଇଥିଲା। ଚଳିତବର୍ଷ ଏହି ଯାତ୍ରା ଓ ଉତ୍ସବରେ ୨୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଦର୍ଶକଙ୍କ ମନୋରଞ୍ଜନ ପାଇଁ ଥାନା ପଡ଼ିଆରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୁସଜ୍ଜିତ ଆଲୋକ ସଜ୍ଜା, କଟକର ଶୁଭମ ସଙ୍ଗୀତ ମେଲୋଡି ଅର୍କେଷ୍ଟ୍ରାର ପ୍ରତିଷ୍ଠିତ କଣ୍ଠଶିଳ୍ପୀଙ୍କ ପରିବେଷିତ ନୃତ୍ୟ ଓ ସୁମଧୁର ସଙ୍ଗୀତ ଦର୍ଶକଙ୍କୁ ବେଶ ବିମୋହିତ କରିଥିଲା। ଆକର୍ଷଣୀୟ ଆତସବାଜି ପ୍ରଦର୍ଶନରେ ଯାତ୍ରା ଓ ଉତ୍ସବ ସ୍ଥଳ ପ୍ରକମ୍ପିତ ହେଉଥିଲା।



ନିମାପଡ଼ା ଥାନା ପଡ଼ିଆରେ ଅର୍କେଷ୍ଟ୍ରାର ଜଣେ କଣ୍ଠଶିଳ୍ପୀ ସଙ୍ଗୀତ ପରିବେଷଣ କରୁଛନ୍ତି।

# ଗୁରୁକୁଳ ଉତ୍ସବ ୨ୟ ସନ୍ଧ୍ୟାରେ ଶାସ୍ତ୍ରୀୟ ସଙ୍ଗୀତ

ସାକ୍ଷୀଗୋପାଳ, ୮।୪ (ଡି.ଏନ.ଏ/ସ୍ୱ.ପ୍ର)

ସତ୍ୟବାଦୀର ବୀରଗୋବିନ୍ଦପୁର ରାମହରି ଦାସ ଓଡ଼ିଶୀ ଗୁରୁକୁଳ ପ୍ରାଙ୍ଗଣରେ ଚାଲିଥିବା ଗୁରୁକୁଳ ଉତ୍ସବ ଶନିବାର ୨ୟ ସନ୍ଧ୍ୟା ଶାସ୍ତ୍ରୀୟ ସଙ୍ଗୀତରୁ ଆରମ୍ଭ ହୋଇଥିଲା। ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରିଥିଲେ ଦେବର୍ଷି ଭଟାଚାର୍ଜୀ। ତାଙ୍କ ସହ ରାଗ ୟମନ ତବଲାରେ ସହଯୋଗ କରିଥିଲେ। ଚିରଞ୍ଜିତ ମୁଖାର୍ଜୀ ଓ ହାରମୋନିୟମରେ ଆକାଶ ରଞ୍ଜୀବ ବିଶାଳ, ତାନପୁରାରେ ସୃଷ୍ଟି ସ୍ୱରୂପା ମିଶ୍ର ସହଯୋଗ କରିଥିଲେ। ସମବେତ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ଗାୟନକୁ ଗୁରୁ ଚନ୍ଦନ କୁମାର ଜେନା ପରିଚାଳନା କରିଥଲେ। ଗୁରୁକୁଳ ପ୍ରତିଷ୍ଠାତା ଗୁରୁ ରାମହରି ଦାସ, ଅଧ୍ୟକ୍ଷ ନିମାକାନ୍ତ ସ୍ୱାଇଁ, ବୀଣା ଗୁରୁ କେ.ରାମାରାଓ ପାତ୍ର ଏବଂ କବି ତଥା କଳା ସମୀକ୍ଷକ ଆର୍ତ୍ତତ୍ରାଣ ଶତପଥୀ ଯୋଗଦେଇଥିଲେ।

# ଅଧାପନ୍ତରିଆ ବାରଘରିଆ ରାସ୍ତା

ସାକ୍ଷୀଗୋପାଳ,୮।୪(ଡି.ଏନ୍.ଏ.)

ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ଅଲଗୁମର ନୂଆସମେଶ୍ୱରପୁର ଗ୍ରାମ ନିକଟରୁ ବାରଘରିଆ ସାହି ପର୍ଯ୍ୟନ୍ତ ରାସ୍ତା ଅଧାପନ୍ତରିଆ ପଡ଼ିରହିଛି। ପ୍ରାୟ ୨୦୧୯ ମସିହାରୁ ଏହି ରାସ୍ତା ଆରମ୍ଭ ହେବା ନେଇ ଶିଳାନ୍ୟାସ ହୋଇଥିଲା। ବିଧାୟକ ଏହି ଶିଳାନ୍ୟାସକୁ ଉଦ୍‌ଘାଟନ କରିଥିଲେ। ହେଲେ ଇତି ମଧ୍ୟରେ ୪ ବର୍ଷ ବିତିଯାଇଥିଲେ ମଧ୍ୟ ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରି ନାହିଁ। ଫଳରେ ବାରଘରିଆ ଓ ନୂଆସମେଶ୍ୱରପୁର ଗ୍ରାମର ଲୋକଙ୍କୁ ଯିବାଆସିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉକ୍ତ କାମ ନେଇଥିବା ଠିକାଦାର ମନମୁଖି କାର୍ଯ୍ୟ କରିବା ସହ ଅଧିକାରୀଙ୍କ ସହ ସଲାସୁତରା ଥିବାରୁ କାର୍ଯ୍ୟ କଚ୍ଛପ ଗତିରେ ଚାଲିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେଣୁ ଏହାର ଠିକ୍ ତଦନ୍ତ କରିବା ସହ ଠିକାଦାରଙ୍କ ବିରୋଧରେ ପଦକ୍ଷେପ ନେବାକୁ ସ୍ଥାନୀୟ ଗ୍ରାମବାସୀ ବିଧାୟକ, ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି। ଏପରିକି ଏହା ମଧ୍ୟରେ ଉକ୍ତ ରାସ୍ତା କାମର ମୂଲ୍ୟ ଦୁଇଥର ରିଭାଇଜ ହୋଇ ଠିକାଦାରଙ୍କୁ ସହିଲା ଭଳି ଅର୍ଥ ବଢ଼ି ଚାଲିଛି। ସେହିଭଳି ବିଧାୟକ ରାସ୍ତା ପାଇଁ କରିଥିବା ଶିଳାନ୍ୟାସର ଫଳକ ଭାଙ୍ଗି ଦିଆଯାଇଛି। ଫଳରେ ଏହି ରାସ୍ତା କାର୍ଯ୍ୟ ସମ୍ପର୍କରେ କୌଣସି ସୂଚନା ଜନସାଧାରଣ ପାଇପାରୁ ନାହାନ୍ତି। ଏବେ କେବଳ ମେଟାଲ ହୋଇ ରାସ୍ତା ପଡିଛି। ତେଣୁ ଏହି ରାସ୍ତାକୁ ତୁରନ୍ତ ସାରିବାକୁ ସ୍ଥାନୀୟ ଗ୍ରାମବାସୀ ପ୍ରଶାସନ ନିକଟରେ ଦାବି କରିଛନ୍ତି।



ନୂଆସମେଶ୍ୱରପୁର ଗ୍ରାମରୁ ବାରଘରିଆ ରାସ୍ତା ଖାଲଖମା ହୋଇଯାଇଛି।

# ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ:ସ୍ୱାମୀ ସମେତ ୩ ଗିରଫ

## ହତ୍ୟା ଅଭିଯୋଗ ଆଣିଲେ ବାପଘର

ପୁରୀ ଅଫିସ,୮।୪

ବଳିଆପଣ୍ଡା ଥାନା ଅନ୍ତର୍ଗତ ଦୁଲଣା ସାହିରେ ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ ଲୋଜା ସାହୁ। କିନ୍ତୁ ଯୌତୁକ ପାଇଁ ଝିଅକୁ ହତ୍ୟା କରାଯାଇଥିବା ନେଇ ମୃତାଙ୍କ ବାପା ଭ୍ରମର ସାହୁ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ଏକ ମାମଲା (ନଂ.୬୨/୨୩) ରୁଜୁ କରି ମୃତାଙ୍କ ସ୍ୱାମୀଙ୍କ ସମେତ ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ସ୍ୱାମୀ ଜଗନ୍ନାଥ ସାହୁ, ଝୁନା ମହାରଣା ଓ ରାଧା ବାସୁକି। ପୋଲିସର ସୂଚନା ଅନୁଯାୟୀ, ବାସେଳିସାହି ଥାନା ଲୋକନାଥ ରୋଡ ଛପନ ଛକର ଭ୍ରମରଙ୍କ ଝିଅ ଲୋଜାଙ୍କୁ ଜଗନ୍ନାଥ ବିବାହ କରିଥିଲେ। ବିବାହର କିଛିମାସ ପରେ ଶାଶୁଘର ଲୋକ ଅଧିକ ଯୌତୁକ ଆଣିବା ପାଇଁ ଲୋଜାଙ୍କୁ କହିଥିଲେ। ଲୋଜା ମନା କରିବାରୁ ତାକୁ ମାନସିକ ଓ ଶାରୀରିକ ନିର୍ଯାତନା ଦିଆଯାଉଥିବା ଫୋନ କରି ବାପକୁ କହିଥିଲେ। ପରେ ଏହାକୁ ନେଇ ଉଭୟ ପରିବାର ଏବଂ ସ୍ଥାନୀୟ ମୁରବୀଙ୍କୁ ନେଇ କଥା ସମାଧନ ହୋଇଥିଲା। ଝିଅକୁ ଶାଶୁଘର ଲୋକ ଘରକୁ ନେଇଥିଲେ। ଘଟଣାର କିଛି ଦିନ ପରେ ପୁଣିଥିରେ ଲୋଜାଙ୍କୁ ଶାଶୁଘର ଲୋକେ ନିର୍ଯାତନା ଦେଉଥିବା କହିଥିଲେ। ଶନିବାର ଲୋଜାଙ୍କୁ ନିର୍ଯାତନା ଦିଆଯାଉଥିବା ଶୁଣି ତାଙ୍କ ବାପା ଭ୍ରମର ଆସିବା ବେଳେ ଝିଅର ମୃତ୍ୟୁ ହୋଇଯାଇଥିବା ଦେଖିଥିଲେ। ଏ ନେଇ ଶାଶୁଘର ଲୋକଙ୍କ ବିରୋଧରେ ଭ୍ରମର ଥାନାର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋଜାଙ୍କ ମୃତଦେହକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ସଦରମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଅପରପକ୍ଷେ ପୋଲିସ ଏବଂ ସାଇଣ୍ଟିଫିକ୍ଟିମ ଏନେଇ ତଦନ୍ତ ଆରମ୍ଭ କରି ପ୍ରାଥମିକ ଭାବେ ୩ଜଣଙ୍କୁ ଗିରଫ କରିଛନ୍ତି।

# ଦୟାନଦୀର ସୁରକ୍ଷା ପାଇଁ ଅଣ୍ଟା ଭିଡ଼ିଲେ ୪ ବ୍ଲକ ଅଧିବାସୀ

କଣାସ,୮।୪(ସ୍ୱ.ପ୍ର.)

କଣାସ ବ୍ଲକ ଅନ୍ତର୍ଗତ ଦୋକନ୍ଦା ଗ୍ରାମପଞ୍ଚାୟତର ପ୍ରତ୍ୟେକ୍ଷ ଠାକୁର ବାବା ନୀଳକଣ୍ଠେଶ୍ୱର ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଦୟାନଦୀ ସୁରକ୍ଷା ପାଇଁ ଶନିବାର ଏକ ସଭା ବସିଥିଲା। ଏଥିରେ କଣାସ, ଡେଲାଙ୍ଗ, ପିପିଲି, ଜଟଣି, ସତ୍ୟବାଦୀ ବ୍ଲକର ଶତାଧିକ ଅଧିବାସୀ ଦୟା ଓ ତାର ଶାଖାନଦୀର ପ୍ରଦୂଷଣମୁକ୍ତ କରିବାକୁ ଏକତ୍ରିତ ହୋଇଥିଲେ। ଆଲୋଚନାଚକ୍ରରେ ବୁଦ୍ଧିଜୀବୀମାନେ ଦୟାନଦୀର ସୁରକ୍ଷା ଓ ବନ୍ୟାର ପ୍ରତିକାର ସମ୍ପର୍କରେ ଆଲୋଚନା କରିଥିଲେ। ବିଶିଷ୍ଟ ସାମାଜିକ କର୍ମୀ କୃଷ୍ଣଚନ୍ଦ୍ର ଜଗଦେବ ନିର୍ମଳ ଦୟା ଅଭିଯାନର ଆବାହକ ଆଦିକନ୍ଦ ଶ୍ରୀଚନ୍ଦନ, ସାମାଜିକ କର୍ମୀ ସୁକାନ୍ତ କିଶୋର ସାମନ୍ତରାୟ, ପୂର୍ବତନ ସମିତି ସଭ୍ୟ ପବିତ୍ର ସୁନ୍ଦରାୟ, କୃଷକ ନେତା ଅଶୋକ ପ୍ରଧାନ, ପୂର୍ବତନ ସରପଞ୍ଚ ଦୁର୍ଯ୍ୟୋଧନ ଜେନା ପ୍ରମୁଖ ଶତାଧିକ ବ୍ୟକ୍ତି ଯୋଗ ଦେଇଥିଲେ। ଦୟାନଦୀର ସୁରକ୍ଷାକୁ କାର୍ଯ୍ୟକାରୀ କରିବାକୁ ଆସନ୍ତା ମାସରେ ହେବାକୁ ଥିବା ସ୍ୱତନ୍ତ୍ର ଗ୍ରାମସଭାରେ ଦୟାନଦୀ ଜଳ ସୁରକ୍ଷା ଓ ପ୍ରଦୂଷଣମୁକ୍ତ ପାଇଁ ପ୍ରତି ପଞ୍ଚାୟତରେ ଗ୍ରାମସଭାର ସ୍ୱତନ୍ତ୍ର ପ୍ରସ୍ତାବ ପାଳିତ କରିବାକୁ ନିଷ୍ପତ୍ତି ହୋଇଥିଲା। ବ୍ୟାପକ ସଚେତନତା ସୃଷ୍ଟି କରିବା ବୈଷୟିକ ରିପୋର୍ଟ ପ୍ରସ୍ତୁତ, ପଞ୍ଚାୟତସ୍ତରରେ ସଚେତନ ପାଇଁ 'ଦୟାକଥା' ତାହା ସହିତ ଦୟାନଦୀର ଉତ୍ପତ୍ତିସ୍ଥଳରୁ ଚିଲିକା ପର୍ଯ୍ୟନ୍ତ ୪ବ୍ଲକର କମିଟି ସଦସ୍ୟଙ୍କ ଦ୍ୱାରା ଭୌଗଳିକସ୍ଥିତ ଓ ରୂପରେଖ ପ୍ରଦର୍ଶନ ନିମନ୍ତେ ବାଇକ୍ ଯାତ୍ରା ପାଇଁ ବୈଠକରେ ନିଷ୍ପତି ହୋଇଥିଲା।




କଣାସରେ ଦୟା ନଦୀ ସୁରକ୍ଷା ଅଭିଯାନ ନେଇ ଅନୁଷ୍ଠିତ ବୈଠକରେ ଯୋଗଦେଇଥିବା ଅତିଥି ଓ ଗ୍ରାମବାସୀ।

# ଜୟ ଜଗନ୍ନାଥ କ୍ଲବକୁ ହରାଇ ମା' ଦକ୍ଷିଣକାଳୀ ଚାମ୍ପିୟନ

## ବିପିଏଲ୍ ନାଇଟ୍ କ୍ରିକେଟ ଟୁର୍ନାମେଣ୍ଟ

ପିପିଲି,୮।୪(ଡି.ଏନ୍.ଏ./ସ୍ୱ.ପ୍ର.)

ପିପିଲି ବ୍ଲକ ଜଇଶପାଟଣା ବ୍ଲକ ନିକଟ ଭାଲିଆବିଲି ୟୁପି ସ୍କୁଲ ଖେଳପଡ଼ିଆରେ ଜଗଜ୍ଜନନୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଷଷ୍ଠ ବାର୍ଷିକ ବିପିଏଲ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଫାଇନାଲରେ ଜୟ ଜଗନ୍ନାଥ କ୍ଲବକୁ ପରାସ୍ତ କରି ମା' ଦକ୍ଷିଣକାଳୀ ଟିମ୍ ଚାମ୍ପିୟନ ହୋଇଛି। ଦୁଇ ଦିନ ଧରି ଚାଲିଥିବା ମ୍ୟାଚରେ ଚାରିଟି ଦଳ ଜିପିଏସ ଟାଇଗର, ଟିମ୍ ନନ୍ଦିଘୋଷ, ଜୟ ଜଗନ୍ନାଥ କ୍ଲବ ଓ ମା' ଦକ୍ଷିଣକାଳୀ ଟିମ୍ ସାମିଲ ହୋଇଥିଲେ। ଫାଇନାଲ ମ୍ୟାଚରେ ଜୟ ଜଗନ୍ନାଥ ଟସ୍ ଜିତି ପ୍ରଥମେ ବୋଲିଂ କରିବା ପାଇଁ ନିଷ୍ପତ୍ତି ନେଇଥିବା ବେଳେ ନିର୍ଦ୍ଧାରିତ ୧୦ ଓଭରରେ ମା' ଦକ୍ଷିଣକାଳୀ ଟିମ୍ ଖେଳାଳି ଅମିତ କୁମାରଙ୍କ ଧୂଆଁଧାର ବ୍ୟାଟିଂରେ ୨୭ବଲରୁ ୭୯ରନ ବଲରେ ୧୩୪ ରନ କରିଥିଲା। ଜବାବରେ ଜୟ ଜଗନ୍ନାଥ କ୍ଲବ ନିର୍ଦ୍ଧାରିତ ଓଭରରେ ୯୮ରନ କରି ୩୬ରନରେ ପରାସ୍ତ ହୋଇଥିଲା। ପ୍ରଥମ ଦିନରେ ବିଧାୟକ ରୁଦ୍ରପ୍ରତାପ ମହାରଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିବା ବେଳେ ଉଦ୍‌ଯାପନୀ ଉତ୍ସବରେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ଅଭିନେତା ତଥା ପୂର୍ବତନ ଏମ୍‌ପି ସିଦ୍ଧାନ୍ତ ମହାପାତ୍ର, ବିଜେଡି ରାଜ୍ୟ ସମ୍ପାଦକ ପ୍ରିୟବ୍ରତ ସାମନ୍ତରାୟ, ପିପିଲି ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ଦେବାଶିଷ ନନ୍ଦ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଯୁଧିଷ୍ଠିର ସ୍ୱାଇଁ ଓ ପୂର୍ଣ୍ଣଚନ୍ଦ୍ର ସାଇଁ, ପୂର୍ଣ୍ଣଚନ୍ଦ୍ର ସାହୁ, ଏନ୍‌ଏସି ଅଧ୍ୟକ୍ଷ ସେକ ବାବୁ, ପୁରୀ-ନିମାପଡା କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ପର୍ଶୁରାମ ମହାପାତ୍ର, ଜିଲା ପରିଷଦ ସଭ୍ୟ ଧରଣୀଧର ସାହୁ, ରାଜ୍ୟ ଯୁବ ବିଜେଡି ସମ୍ପାଦକ ବିଶ୍ୱଜିତ ଦାଶ ଓ ପ୍ରତିଶ ଘୋଷ ମୌଳିକ ପ୍ରମୁଖ ଯୋଗ ଦେଇଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ନଗଦ ୪୦ ହଜାର ଓ ଉପବିଜେତା ଦଳକୁ ଟ୍ରଫି ସହ ନଗଦ ୨୫ ହଜାର ଟଙ୍କା ଅତିଥିମାନେ ପ୍ରଦାନ କରିଥିଲେ। ବିଜୟୀ ଦଳର ଅମିତ କୁମାର ମ୍ୟାନ ଅଫ୍ ଦି ମ୍ୟାଚ୍ ଓ ସିରିଜ ହୋଇଥିଲେ। ବିଗ କପ୍ କାଫେ, ଶ୍ୟାମ ଷ୍ଟିଲ ଓ କେବି ସେଲ ଆଣ୍ଡ ସର୍ଭିସ ମ୍ୟାଚ ପ୍ରାୟୋଜିତ ରହିଥିବା ବେଳେ ଦର୍ଶକଙ୍କ ମନୋରଞ୍ଜନ ପାଇଁ ପ୍ରତ୍ୟେକ ଚୌକା, ଛକାରେ ଚିୟର ଗାର୍ଲ ନୃତ୍ୟ ପରିବେଷଣ କରାଯାଇଥିଲା। ସଞ୍ଜୀବ ମହାପାତ୍ର ଓ ବିକାଶ ଡାଙ୍ଗୁଆ ଖେଳ ପରିଚାଳନା କରିଥିଲେ। ସୁଶାନ୍ତ ପ୍ରଧାନ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ପ୍ରଶାନ୍ତ ପଟ୍ଟନାୟକ ଧାରା ବିବରଣୀ ପ୍ରଦାନ କରିଥିଲେ। କ୍ଲବ ସଭାପତି ପ୍ରମୋଦ କୁମାର ସ୍ୱାଇଁ, ପ୍ରଫୁଲ୍ଲ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ଜେନା, ପ୍ରତାପ କିଶୋର ସ୍ୱାଇଁ ଓ ସଞ୍ଜୟ କୁମାର ପ୍ରଧାନ ଖେଳ ପରିଚାଳନାରେ ସହଯୋଗ କରିଥିଲେ।




ଜଇଶପାଟଣାରେ ଅନୁଷ୍ଠିତ ବିପିଏଲ୍ ନାଇଟ୍ କ୍ରିକେଟ ଟୁର୍ନାମେଣ୍ଟରେ ମଞ୍ଚାସୀନ ଅତିଥିମାନେ।

# ପିଏମ୍ଏମ୍ୱାଇରେ ୨୩.୨ ଲକ୍ଷ କୋଟି ମଞ୍ଜୁର

ନୂଆଦିଲ୍ଲୀ,୮।୪

ଗତ ୮ ବର୍ଷ ମଧ୍ୟରେ ଦେଶର ଲକ୍ଷାଧିକ କ୍ଷୁଦ୍ର ଓ ମଧ୍ୟମ ବର୍ଗର ଉଦ୍ୟୋଗୀମାନେ ଉନ୍ନତି କରିଥିବା ବେଳେ ଦେଶର ଅର୍ଥନୀତିରେ ମଧ୍ୟ ପ୍ରମୁଖ ଯୋଗଦାନ ହାସଲ କରିଥିବା ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ମତପ୍ରକାଶ କରିଛନ୍ତି। ବିଶେଷକରି ଉକ୍ତ ଯୋଜନାର ୮ମ ବାର୍ଷିକ ପୂର୍ତ୍ତି ଉତ୍ସବ ଉପଲକ୍ଷେ ଶନିବାର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ଅର୍ଥମନ୍ତ୍ରୀ କହିଥିଲେ, ୨୦୨୩ ମାର୍ଚ୍ଚ ୨୪ ମଧ୍ୟରେ ଦେଶର ବ୍ୟାଙ୍କିଙ୍ଗ୍ ଓ ଫାଇନାନ୍ସିଆଲ ସଂସ୍ଥା ଦ୍ୱାରା ପ୍ରାୟ ୪୧ ଲକ୍ଷ ହିତାଧିକାରୀଙ୍କୁ ୨୩ ଲକ୍ଷ କୋଟି ଟଙ୍କାରୁ ଅଧିକ ପରିମାଣର ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି । ଅପରପକ୍ଷରେ ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା(ପିଏମ୍ଏମ୍ୱାଇ)ରେ ୨୩.୨ ଲକ୍ଷ କୋଟିରୁ ଅଧିକ ଟଙ୍କାର ଦେଶର ୪୦.୮୨ ଲକ୍ଷ ହିତାଧିକାରୀଙ୍କୁ ବିଭିନ୍ନ ଆର୍ଥିକ ସଂସ୍ଥା ଦ୍ୱାରା ଋଣ ମଞ୍ଜୁର କରାଯାଇଛି ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସେହିଭଳି ଦେଶରେ ରୋଜଗାର ସୃଷ୍ଟି କରୁଥିବା କାର୍ଯ୍ୟକଳାପ ପାଇଁ ମାଇକ୍ରୋ ଉଦ୍ୟୋଗୀମାନଙ୍କୁ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସହଜ ବନ୍ଧକମୁକ୍ତ ଋଣକୁ ସହଜ କରିବାକୁ ପିଏମ୍ଏମ୍ୱାଇ ଲକ୍ଷ୍ୟ ରଖିଛି। ଏହି ଯୋଜନା ଅଧୀନରେ ଅର୍ଥର ଆବଶ୍ୟକତା ଏବଂ ବ୍ୟବସାୟର ପରିପକ୍ୱତା ଉପରେ ଆଧାରକରି ଋଣକୁ ତିନୋଟି ଶ୍ରେଣୀରେ ବିଭକ୍ତ କରାଯାଇଛି। ସେଗୁଡ଼ିକ ହେଉଛି ଶିଶୁ (୫୦,୦୦୦ ଟଙ୍କା ପର୍ଯ୍ୟନ୍ତ ଋଣ), କିଶୋର (୫୦,୦୦୦ ରୁ ଅଧିକ ଏବଂ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ) ଏବଂ ତରୁଣ (୫ ଲକ୍ଷରୁ ଅଧିକ ଏବଂ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ) ଅନ୍ତର୍ଭୁକ୍ତ ରହିଛି। ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ପ୍ରତ୍ୟେକ ଭାରତୀୟଙ୍କ ପାଇଁ ସମୃଦ୍ଧ ତଥା ସମ୍ମାନର ଜୀବନ ସୁନିଶ୍ଚିତ କରିବାରେ ପିଏମ୍ଏମ୍ୱାଇ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏପରିକି ଆଜି ଯେତେବେଳେ ଆମେ ପିଏମ୍ଏମ୍ୱାଇ ମୁଦ୍ରା ଯୋଜନାର ୮ ବର୍ଷ ପାଳନ କରୁଛୁ, ସେତେବେଳେ ମୁଁ ଏଥିରୁ ଉପକୃତ ହୋଇଥିବା ସମସ୍ତ ଉଦ୍ୟୋଗୀଙ୍କୁ ସାଧୁବାଦ ଜଣାଉଛି। ବିଶେଷକରି ମୋଟ ଋଣର ପ୍ରାୟ ୬୯ % ମହିଳା ଉଦ୍ୟୋଗୀଙ୍କୁ ଋଣ ମଞ୍ଜୁର କରାଯାଇଛି ଏବଂ ୫୧% ଋଣ ଏସସି, ଏସଟି ଏବଂ ଓବିସି ବର୍ଗର ଋଣଦାତାଙ୍କୁ ଅନୁମତି ଦିଆଯାଇଛି।

ସୂଚନାଯୋଗ୍ୟ, ୨୦୧୫ ଏପ୍ରିଲ ୮ରେ ଆନୁଷ୍ଠାନିକ ଭାବେ ସାରା ଦେଶରେ ପିଏମ୍ଏମ୍ୱାଇର ଶୁଭାରମ୍ଭ କରାଯାଇଥିଲା।

## ଅପ୍‌ଷ୍ଟକ୍ସ ପକ୍ଷରୁ ଇନ୍‌ଭେଷ୍ଟ ରାଇଟ୍ ଅଭିଯାନର ଶୁଭାରମ୍ଭ

ନୂଆଦିଲ୍ଲୀ,୮।୪

ଦେଶର ପ୍ରମୁଖ ଡିଜିଟାଲ ନିବେଶ ପ୍ଲାଟ୍‌ଫର୍ମ ଅପଷ୍ଟକ୍ସ ପକ୍ଷରୁ ଇନ୍‌ଭେଷ୍ଟ ରାଇଟ୍ ଅଭିଯାନର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷ କରି ଭାରତୀୟମାନଙ୍କୁ ନିବେଶ ଯାତ୍ରାରେ ସହାୟତା ପ୍ରଦାନ କରିବା ଲାଗି ଏଭଳି ଏକ ଅଭିଯାନ ସହ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ନୂଆ ଋତୁ ଆରମ୍ଭ ହୋଇଥିବା ବେଳେ ଉକ୍ତ ଅଭିଯାନର ଶୁଭାରମ୍ଭ ହୋଇଯାଇଛି। ଏ ସମ୍ପର୍କରେ ଅପ୍‌ଷ୍ଟକ୍ସର ସହ ପ୍ରତିଷ୍ଠାତା କବିତା ସୁବ୍ରମଣ୍ୟନ କହିଛନ୍ତି, ପୋର୍ଟଫୋଲିଓରେ ବିବିଧତା ଆଣିବା ଏବଂ ଅର୍ଥନୀତିର ବିଭିନ୍ନ କ୍ଷେତ୍ରର ଅଭିବୃଦ୍ଧିରେ ଅଂଶଗ୍ରହଣ କରିବା ଲାଗି ନିବେଶକମାନଙ୍କୁ ମ୍ୟୁଚୁଆଲ ଫଣ୍ଡ୍ ଶ୍ରେଷ୍ଠ ସୁଯୋଗ ପ୍ରଦାନ କରୁଛି। ଏପରିକି ଲୋକମାନଙ୍କୁ ସୂଚନା ଆଧାରରେ ନିବେଶ ନିଷ୍ପତ୍ତି ଗ୍ରହଣ କରିବାରେ ସହାୟକ ହେବ।

## କୋଚ୍ଚର ଦମ୍ପତିଙ୍କ ବିରୋଧରେ ସିବିଆଇ ଚାର୍ଜଶିଟ୍

ନୂଆଦିଲ୍ଲୀ, ୮।୪



ଆଇସିଆଇସିଆଇ ବ୍ୟାଙ୍କ ଋଣ ଠକେଇ ମାମଲାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଶନିବାର କୋଚ୍ଚର ଦମ୍ପତି ଓ ବେଣୁଗୋପାଳ ଧୁତଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ କରିଛି। ମୁମ୍ବାଇର ସିଟି ସିଭିଲ୍ ଓ ସେସନ୍ କୋର୍ଟରେ ଦାଖଲ କରାଯାଇଥିବା ଚାର୍ଜଶିଟ୍‌ରେ ୯ଟି ସଂସ୍ଥା ଓ ବ୍ୟକ୍ତି ବିଶେଷଙ୍କ ନାମ ଉଲ୍ଲେଖ କରାଯାଇଛି। ଭିଡିଓକୋନ୍‌କୁ ୩,୨୫୦ କୋଟି ଟଙ୍କା ଋଣ ଠକେଇ ମାମଲାରେ ଆଇସିଆଇସିଆଇ ବ୍ୟାଙ୍କର ପୂର୍ବତନ ନିର୍ଦ୍ଦେଶକ ଏବଂ ସିଇଓ ଚନ୍ଦା କୋଚ୍ଚର, ତାଙ୍କ ସ୍ୱାମୀ ଦୀପକ କୋଚ୍ଚର ଓ ଧୁତ୍‌ଙ୍କୁ ଗତବର୍ଷ ଡିସେମ୍ବରରେ ସିବିଆଇ ଗିରଫ କରିଥିଲା। ଜାନୁୟାରୀ ୯ରେ ବମ୍ବେ ହାଇକୋର୍ଟ ଅଭିଯୁକ୍ତଙ୍କ ଜାମିନ ମଞ୍ଜୁର କରିଥିଲେ। ଚନ୍ଦା ସିଇଓ ପଦରେ ଥିବାବେଳେ ବ୍ୟାଙ୍କ ଭିଡିଓକନ୍ କମ୍ପାନୀକୁ ୩,୨୫୦ କୋଟି ଟଙ୍କାର ଲୋନ୍ ଦେଇଥିଲା। ଏହି ଠକେଇରେ ଚନ୍ଦା କୋଚ୍ଚରଙ୍କ ସ୍ୱାମୀ ଦୀପକ ଓ ଭିଡିଓକନ୍ ଅଧ୍ୟକ୍ଷ ବେଣୁଗୋପାଳ ଧୁତ୍ ସାମିଲ ଥିଲେ। ୨୦୧୮ରେ ଏ ନେଇ ଅଭିଯୋଗ ହେବା ପରେ ଚନ୍ଦା ନିଜ ପଦରୁ ଇସ୍ତଫା ଦେଇଥିଲେ।

# ଢେଙ୍କାନାଳରେ ନ୍ୟୁ ଟିଏମ୍‌ଟି ଷ୍ଟିଲ୍ ବାର୍ କାରଖାନା

### ରୁଙ୍ଗ୍‌ଟା ମାଇନ୍ସର ନୂତନ ମାଇଲଖୁଣ୍ଟ

ଭୁବନେଶ୍ୱର,୮।୪

ରୁଙ୍ଗ୍‌ଟା ମାଇନ୍ସ ଲିମିଟେଡ୍‌ର ପ୍ରମୁଖ ଟିଏମ୍‌ଟି ବାର୍ ଓ ସମନ୍ୱିତ ଇସ୍ପାତ ଉତ୍ପାଦ ନିର୍ମାତା ରୁଙ୍ଗ୍‌ଟା ଷ୍ଟିଲ୍‌ର ନ୍ୟୁ ଟିଏମ୍‌ଟି ଷ୍ଟିଲ୍ ବାର୍ କାରଖାନା ସ୍ଥାପନ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଓଡ଼ିଶାର ଢେଙ୍କାନାଳସ୍ଥିତ କମ୍ପାନୀର ନୂତନ କାରଖାନା କାର୍ଯ୍ୟକ୍ଷମ ହୋଇଥିବା ଜଣାପଡ଼ିଛି। ଏହି ଅତ୍ୟାଧୁନିକ କାରଖାନାରେ ରୁଙ୍ଗ୍‌ଟା ମାଇନ୍ସର ପ୍ରମୁଖ ଉତ୍ପାଦ ଷ୍ଟିଲ୍ ଟିଏମ୍‌ଟି ବାର୍‌ର ପ୍ରକ୍ରିୟାକରଣ କରାଯିବ। ଏହି କାରଖାନା କାର୍ଯ୍ୟକ୍ଷମ ହେବା ରୁଙ୍ଗ୍‌ଟା ଷ୍ଟିଲ୍ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ପାଲଟିଛି। କାରଣ କମ୍ପାନୀ ଛତିଶଗଡ଼, ଓଡ଼ିଶା, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ଗୁଜରାଟ ଓ ମଧ୍ୟପ୍ରଦେଶ ବଜାରରେ ଗ୍ରାହକଙ୍କ ଆବଶ୍ୟକତା ପୂରଣ କରିବା ସହ ଉଚ୍ଚମାନର ଷ୍ଟିଲ୍ ଟିଏମ୍‌ଟି ବାର୍ ଉତ୍ପାଦନ କରିବା ଲାଗି କମ୍ପାନୀର କ୍ଷମତାକୁ ମଧ୍ୟ ନୂତନ କାରଖାନା ବଢ଼ାଇବ ବୋଲି ଆକଳନ କରାଯାଉଛି। ବିଶେଷକରି କମ୍ପାନୀର ସମ୍ପ୍ରସାରିତ ଭାରତୀୟ ବଜାରରେ ଗୁଣାତ୍ମକ ଇସ୍ପାତ ଚାହିଦା ପୂରଣ କରିବାରେ ବେଶ୍ ସହାୟକ ହେବ। ଏ ସମ୍ପର୍କରେ ରୁଙ୍ଗ୍‌ଟା ଷ୍ଟିଲ୍‌ର ବରିଷ୍ଠ ମହାପ୍ରବନ୍ଧକ ଏବଂ ବିକ୍ରି ଓ ମାର୍କେଟିଂ ମୁଖ୍ୟ(ଟିଏମ୍‌ଟି) ଅରବିନ୍ଦ କୁମାର କହିଛନ୍ତି, ଅତ୍ୟନ୍ତ ଖୁସିର ସହ ଆମେ ଢେଙ୍କାନାଳ ଠାରେ ନୂତନ କାରଖାନା କାର୍ଯ୍ୟକ୍ଷମ କରାଇଥିବା ବିଷୟରେ ଘୋଷଣା କରୁଛୁ।



ପତଞ୍ଜଳି ଯୋଗପୀଠ ପକ୍ଷରୁ ସନ୍ନ୍ୟାସ ଦୀକ୍ଷା ସମାରୋହ ଅବସରରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ପତଞ୍ଜଳିର ପ୍ରମୁଖ ସ୍ୱାମୀ ରାମଦେବ ଏବଂ ଆଚାର୍ଯ୍ୟ ବାଲକ୍ରିଷ୍ଣା ସମ୍ବର୍ଦ୍ଧିତ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

# ଲୁହାପଥର ଉତ୍ପାଦନରେ ଓଏମ୍‌ସିର ସଫଳତା

### ୨୦୨୨-୨୩ରେ ୨୯.୬ ନିୟୁତ ଟନ୍ ଲୁହାପଥର ଉତ୍ପାଦନ

ଭୁବନେଶ୍ୱର,୮।୪

ଓଡ଼ିଶା ଖଣି ନିଗମ(ଓଏମ୍‌ସି)ର ବାର୍ଷିକ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ୨୦୨୨-୨୩ ଆର୍ଥିକ ବର୍ଷରେ ଓଏମ୍‌ସି ୨୯.୭ ନିୟୁତ ଟନ୍ ଲୁହାପଥର ଉତ୍ପାଦନ କରିଛି। ୨୦୨୧-୨୨ ଆର୍ଥିକ ବର୍ଷରେ ଓଏମ୍‌ସି ୨୫.୩୧ ନିୟୁତ ଟନ୍ ଉତ୍ପାଦନ କରିଥିଲା। ଉଲ୍ଲେଖଯୋଗ୍ୟ, ଓଏମ୍‌ସି ୨୦୨୧-୨୨ ଆର୍ଥିକ ବର୍ଷ ତୁଳନାରେ ୨୦୨୨-୨୩ ଆର୍ଥିକ ବର୍ଷରେ ଲୁହାପଥର ଉତ୍ପାଦନ ହାର ୧୭% ବୃଦ୍ଧି କରିବାରେ ସକ୍ଷମ ହୋଇଛି। ସେହିଭଳି ଓଏମ୍‌ସିର ମୋଟ ଉତ୍ପାଦନ ହାରକୁ ଦେଖିଲେ ୨୦୨୧-୨୨ ଆର୍ଥିକ ବର୍ଷ ଅପେକ୍ଷା ୨୦୨୨-୨୩ରେ ୧୪.୯% ବୃଦ୍ଧି ପାଇଛି। ୨୦୨୨-୨୩ ଆର୍ଥିକ ବର୍ଷରେ ୨୯.୬୮ ନିୟୁତ ଟନ୍ ଲୁହାପଥର, ୩ ନିୟୁତ ଟନ୍ ବକ୍ସାଇଟ୍ ଓ ୧.୦୮ ନିୟୁତ ଟନ୍ କ୍ରୋମ୍ ପଥର ଓଏମ୍‌ସି ଉତ୍ପାଦନ କରିଛି। ସେହିପରି ଓଏମ୍‌ସିର ମୋଟ ଖଣିଜ ବିକ୍ରି ପରିମାଣ ୨୦୨୨-୨୩ ଆର୍ଥିକ ବର୍ଷରେ ୨୮.୬ ନିୟୁତ ଟନ୍‌ରେ ପହଞ୍ଚିବା ସହ ୨୦୨୧-୨୨ ଆର୍ଥିକ ବର୍ଷ ତୁଳନାରେ ମୋଟ ଖଣିଜ ବିକ୍ରି ପରିମାଣ ୩.୧% ବୃଦ୍ଧି ପାଇଛି। ଗତ ଆର୍ଥିକ ବର୍ଷରେ ୨୩.୮ ନିୟୁତ ଟନ୍ ଲୁହାପଥର, ୩.୬୧ ନିୟୁତ ଟନ୍ ବକ୍ସାଇଟ୍ ଏବଂ ୧.୧୬ ନିୟୁତ ଟନ୍ କ୍ରୋମ୍ ପଥର ବିକ୍ରି କରିବାରେ ଓଏମ୍‌ସି ସକ୍ଷମ ହୋଇଛି। ଅପରପକ୍ଷରେ ଏହା ଅଧୀନରେ ବର୍ତ୍ତମାନ ୧୮ଟି ଖଣି କାର୍ଯ୍ୟକ୍ଷମ ରହିଛି। ଓଏମ୍‌ସି ଅତ୍ୟାଧୁନିକ ଡିଜିଟାଲ ଜ୍ଞାନକୌଶଳ ବ୍ୟବହାର କ୍ଷେତ୍ରରେ ଅଗ୍ରଦୂତ ସାଜି ପ୍ରଭାବଶାଳୀ ରୂପାନ୍ତରଣ ଆଣିବାରେ ସକ୍ଷମ ହୋଇଛି। ପରିବେଶର ସୁରକ୍ଷା ସାଙ୍ଗକୁ ଓଏମ୍‌ସି କ୍ରମାଗତ ଭାବେ ଖଣି ଆଖପାଖ ଅଞ୍ଚଳରେ ବାସକରୁଥିବା ଲୋକଙ୍କ ମନରେ ଖୁସି ଭରିଦେବା ଲାଗି କାର୍ଯ୍ୟ କରୁଛି। ଓଏମ୍‌ସି କେବଳ କର୍ପୋରେଟ ସାମାଜିକ ଦାୟିତ୍ୱ ନିର୍ବାହ କରିବାରେ ନିଜକୁ ସୀମିତ ନ ରଖି ସମାଜର ବିବିଧ କ୍ଷେତ୍ରର ଉନ୍ନତି ଲାଗି ପ୍ରତିବଦ୍ଧତାର ସହ କାର୍ଯ୍ୟ କରୁଛି।

# ସୁସ୍ଥ ସମାଜକୁ ନେଇ ସୁସ୍ଥ ପରିବେଶ



ଭାରତର ଅଗ୍ରଣୀ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ପକ୍ଷରୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ଓଡ଼ିଶା ଓ ଛତିଶଗଡ଼ ୟୁନିଟ୍ ପକ୍ଷରୁ ବ୍ୟାପକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ବିଶେଷ କରି ଓଡ଼ିଶାର ଲାଞ୍ଜିଗଡ଼ସ୍ଥିତ ବେଦାନ୍ତ ହସ୍ପିଟାଲ ପରିସରରେ ଏକ ମେଗା ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରାଯାଇଥିଲା। ଏଥିରେ ଗୋଷ୍ଠୀ, କର୍ମଚାରୀ ଓ ବ୍ୟବସାୟିକ ସହଯୋଗୀଙ୍କ ସମେତ ୭୫୦ରୁ ଅଧିକ ସ୍ଥାନୀୟ ଲୋକ ଅଂଶଗ୍ରହଣ କରିଥିଲେ। ସେହିଭଳି କମ୍ପାନୀର ଝାରସୁଗୁଡ଼ା ସ୍ଥିତ ପରିଚାଳନା ଅଞ୍ଚଳରେ ମଧ୍ୟ ଏକ ସ୍ୱାସ୍ଥ୍ୟସେବା ଶିବିରର ଆୟୋଜନ କରାଯାଇଥିଲା। ସ୍ଥାନୀୟ ଅଞ୍ଚଳରେ ପୁଷ୍ଟିହୀନତା, ସନ୍ତୁଳିତ ଖାଦ୍ୟ, ଉତ୍ତମ ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା ଉପରେ ଏକ ସଚେତନତା ଶିବିର ମଧ୍ୟ ଆୟୋଜିତ ହୋଇଥିଲା। ସେହିପରି ଛତିଶଗଡ଼ସ୍ଥିତ ରାୟପୁର ବାଲ୍‌କୋ ହସ୍ପିଟାଲରେ ମଧ୍ୟ ଏକ ସ୍ୱାସ୍ଥ୍ୟସେବା ଶିବିରର ଆୟୋଜନ କରାଯାଇଥିଲା। ଉକ୍ତ ଶିବିର ଜରିଆରେ କୋର୍‌ବା ଜିଲାର ୧୫୦ରୁ ଅଧିକ ଲୋକ ଉପକୃତ ହୋଇଥିଲେ। ଏପରିକି ଦୀର୍ଘ ୪ ଦିନ ଧରି ମହିଳା ଓ ଗର୍ଭବତୀଙ୍କ ପାଇଁ ଏଚ୍‌ବି ପରୀକ୍ଷା, ଡାକ୍ତରୀ ପରାମର୍ଶ ଏବଂ ଔଷଧ ବଣ୍ଟନ ସହ ସ୍ୱାସ୍ଥ୍ୟ ସଚେତନତା ଅଧିବେଶନ ଆୟୋଜିତ ହୋଇଥିଲା। ଅପରପକ୍ଷରେ ବେଦାନ୍ତ ଆଲୁମିନିୟମର ପରିଚାଳନା କ୍ଷେତ୍ର ଅଞ୍ଚଳରେ ବସବାସ କରୁଥିବା ଉଭୟ ଓଡ଼ିଶା ଓ ଛତିଶଗଡ଼ର ଅଣ ସଂରକ୍ଷିତ ଲୋକମାନଙ୍କ ପାଇଁ ବିଭିନ୍ନ ପ୍ରକାର ମୌଳିକ ସୁବିଧା ପ୍ରଦାନ କରାଯାଇଥାଏ। ଉଲ୍ଲେଖଯୋଗ୍ୟ, ୨୦୨୨-୨୩ ଆର୍ଥିକ ବର୍ଷରେ ଓଡ଼ିଶା ଓ ଛତିଶଗଡ଼ କ୍ଷେତ୍ରର ୨.୫ଲକ୍ଷରୁ ଅଧିକ ଲୋକ କମ୍ପାନୀର ସ୍ୱାସ୍ଥ୍ୟସେବା ଶିବିରରୁ ଉପକୃତ ହୋଇଛନ୍ତି।

ଏ ସମ୍ପର୍କରେ ବେଦାନ୍ତ ଲିମିଟେଡ୍‌ର ସିଇଓ (ଆଲୁମିନିୟମ ବିଜ୍‌ନେସ) ରାହୁଲ ଶର୍ମା କହିଛନ୍ତି, ସୁସ୍ଥ ସମାଜ ବଳରେ ଏକ ସୁସ୍ଥ ପରିବେଶ ସୃଷ୍ଟି ହୋଇପାରିବ। କମ୍ପାନୀ ତା'ର କର୍ମଚାରୀ ଓ ସ୍ଥାନୀୟ ଗୋଷ୍ଠୀର ସର୍ବବିଧ କଲ୍ୟାଣ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଆସୁଛି। ବିଶେଷକରି ସ୍ୱାସ୍ଥ୍ୟ ପଦକ୍ଷେପ ଜରିଆରେ ଆମେ ଲୋକମାନଙ୍କ ଜୀବନରେ ଏକ ସକାରାତ୍ମକ ଉନ୍ନତି ଆଣିବାକୁ ପ୍ରତିଶ୍ରୁତିବଦ୍ଧ ରହିଛୁ। ଏପରିକି ଆଲୁମିନିୟମକୁ ଭବିଷ୍ୟତର ଧାତୁରେ ପରିଣତ କରିବାର ପ୍ରୟାସ ମଧ୍ୟ ଜାରି ରଖିଛୁ।

# 'ସଲ୍‌ଭ ଫର୍ ଟୁମୋରୋ' ସିଜନ-୨ର ଶୁଭାରମ୍ଭ

ଭୁବନେଶ୍ୱର,୮।୪



ସାମ୍‌ସଙ୍ଗ ଇଣ୍ଡିଆର ଜାତୀୟ ଶିକ୍ଷା ଓ ନବୀନତା ପ୍ରତିଯୋଗିତା 'ସାମ୍‌ସଙ୍ଗ ସଲ୍‌ଭ ଫର୍ ଟୁମୋରୋ' ସିଜନ-୨ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଭାରତ ସରକାରଙ୍କ ମିନିଷ୍ଟ୍ରି ଅଫ୍ ଇଲେକ୍‌ଟ୍ରୋନିକ୍ସ ଆଣ୍ଡ ଇନ୍‌ଫର୍ମେଶନ ଟେକ୍ନୋଲୋଜି (ଏମ୍‌ଇଆଇଟି)ର ଷ୍ଟାର୍ଟଅପ୍ ହବ୍ ଏବଂ ଫାଉଣ୍ଡେଶନ ଫର୍ ଇନୋଭେଶନ ଆଣ୍ଡ ଟେକ୍ନୋଲୋଜି ଟ୍ରାନ୍ସଫର (ଏଫ୍‌ଆଇଟିଟି) ଓ ଆଇଆଇଟି ଦିଲ୍ଲୀ ସହ ସହଭାଗିତା ହୋଇଥିବା ଜଣାପଡ଼ିଛି। ଅପରପକ୍ଷରେ ସାମ୍‌ସଙ୍ଗ ସଲ୍‌ଭ ଫର୍ ଟୁମୋରୋର ସିଜନ-୨କୁ ଏମ୍‌ଇଆଇଟିର ସଚିବ ଅଲ୍‌କେଶ କୁମାର ଶର୍ମା, ସାମ୍‌ସଙ୍ଗ ସାଉଥ୍‌ୱେଷ୍ଟ ଏସିଆର ଅଧ୍ୟକ୍ଷ ତଥା ସିଇଓ ଜଙ୍ଗ୍ ବମ୍ ପାର୍କ ଏହାର ଉଦ୍‌ଘାଟନ କରିଥିଲେ।

ଏ ସମ୍ପର୍କରେ ଏମ୍‌ଇଆଇଟିୱାଇର ସଚିବ ଶର୍ମା କହିଛନ୍ତି, ଦେଶରେ ନୂତନତା ଓ ଉଦ୍ୟୋଗିତାର ଏକ ଉତ୍ସାହଜନକ ଇକୋସିଷ୍ଟମ ପ୍ରସାରିତ କରିବା ଓ ତା'ର କେନ୍ଦ୍ରରେ ଯୁବପିଢ଼ିଙ୍କୁ ରଖିବା ପାଇଁ କେନ୍ଦ୍ର ସରକାର ଲକ୍ଷ୍ୟ ରଖିଛନ୍ତି। ସେହିଭଳି ସାମ୍‌ସଙ୍ଗ ସାଉଥ୍‌ୱେଷ୍ଟ ଏସିଆର ଅଧ୍ୟକ୍ଷ ତଥା ସିଇଓ ଜଙ୍ଗ୍ ବମ୍ ପାର୍କ କହିଛନ୍ତି, ବାସ୍ତବ ଜୀବନରେ ସମସ୍ୟା ସମାଧାନ କରିବା ପାଇଁ ଯୁବପିଢ଼ିଙ୍କୁ ପ୍ରୋତ୍ସାହିତ କରିବା ଓ ବିଶ୍ୱରେ ଏକ ସକାରାତ୍ମକ ପରିବର୍ତ୍ତନ ଆଣିବା ପାଇଁ ସେମାନଙ୍କୁ ସୁଯୋଗ ପ୍ରଦାନ କରିବା ସହ ସାମ୍‌ସଙ୍ଗ ସଲ୍‌ଭ ଫର୍ ଟୁମୋରୋରେ ଆମେ ଯୁବପିଢ଼ିଙ୍କୁ ଦେଶର ଇନୋଭେଶନ ଇକୋସିଷ୍ଟମକୁ ସୁଦୃଢ଼ କରୁଥିବା ସୁଯୋଗ ଦେବାକୁ ଚାହୁଁଛୁ। ଏହା ଉଭୟ ସରକାର ଓ ଆମର 'ପାୱାରିଂ ଡିଜିଟାଲ ଇଣ୍ଡିଆ' ଲକ୍ଷ୍ୟ ପୂରଣ କରିବାରେ ସହାୟକ ହେବ।

## ଫୁର୍‌ସତ୍

# ଇଟାଲୀ ଆକାଶରେ ଏଲ୍‌ଭିସ୍

**ରୋମ୍:** କେନ୍ଦ୍ରୀୟ ଇଟାଲୀର ମଧ୍ୟ ଆକାଶରେ ଏକ ଲାଲ୍ ରଙ୍ଗର ବୃତ୍ତ(ଏଲ୍‌ଭିସ୍) ଦେଖିବାକୁ ମିଳିଛି। ଗତ ୨୭ ମାର୍ଚ୍ଚର ଏହି ଦୃଶ୍ୟ ଲୋକଙ୍କୁ ବେଶ୍ ଆଶ୍ଚର୍ଯ୍ୟ କରିଛି, ଯାହା ଏକ ବୈଜ୍ଞାନିକ କଳ୍ପନାଭିତ୍ତିକ ଚିତ୍ର ପରି ଦୃଶ୍ୟମାନ ହେଉଥିଲା। ଏକ ପର୍ବତର ପାଦଦେଶରେ ଥିବା ପୋସାଗ୍ନୋ ସହରରୁ ସ୍ଥାନୀୟ ଫଟୋଗ୍ରାଫର ଭାଲ୍ଟର ବିନୋଟୋ ଏହି ଦୃଶ୍ୟକୁ ତାଙ୍କ କ୍ୟାମେରାରେ କଏଦ୍ କରିଥିଲେ।



କେନ୍ଦ୍ରୀୟ ଇଟାଲୀ ଉପରେ ଏହି ରିଙ୍ଗ୍ ଦେଖାଦେଇଥିବାବେଳେ ଜ୍ୟୋତିର୍ବିଜ୍ଞାନୀମାନେ କହିଛନ୍ତି, ଏହି ବିଶାଳ ଲାଲ୍ ବୃତ୍ତର ବ୍ୟାସାର୍ଦ୍ଧ ଅତିକମ୍‌ରେ ୩୬୦ କିମି ହୋଇଥିବାବେଳେ ଏହା ଆଡ୍ରିଏଟିକ୍ ସମୁଦ୍ରକୁ ଆଚ୍ଛାଦିତ କରିଛି। ବୃତ୍ତଟି ୧୦୦ରୁ ୬୦୦ କିମି ମଧ୍ୟରେ ରହିଛି। ବର୍ତ୍ତମାନ ପର୍ଯ୍ୟନ୍ତ ଇଟାଲୀ, ଫ୍ରାନ୍ସ, କ୍ରୋଏସିଆ, ଅଷ୍ଟ୍ରେଲିଆ ଏବଂ ହଙ୍ଗେରୀ ଆକାଶରେ ଦୃଶ୍ୟମାନ ହୋଇଥିବା ବିନୋଟୋ ତାଙ୍କ ଇନ୍‌ଷ୍ଟାଗ୍ରାମ୍ ପୋଷ୍ଟରେ ଶେୟାର କରିଛନ୍ତି। ଏଥିସହ ସେ କହିଛନ୍ତି, ଏହା ଏକ ଇଲେକ୍ଟ୍ରୋମ୍ୟାଗ୍ନେଟିକ୍ ପଲ୍ସ ଉତ୍ସର ଫଳାଫଳ। ତାଙ୍କଠାରୁ ପ୍ରାୟ ୨୮୫ କିମି ଦକ୍ଷିଣରେ ଥିବା ଆଙ୍କୋନାରେ ସୃଷ୍ଟ ଝଡ଼ରେ ବଜ୍ରପାତରୁ ଏଲ୍‌ଭିସ୍ ସୃଷ୍ଟି ହୋଇଥିବା ସେ ଦେଖିଥିଲେ। ଏଲ୍‌ଭିସ୍ ହେଉଛି ଏକ ସ୍ପିରିଟ୍, ଯାହା ବଜ୍ରପାତର ମେଘଠାରୁ ଉପରେ ବଡ଼ ଆକାରର ବୈଦ୍ୟୁତିକ ନିଷ୍କାସନ କରେ। ରିପୋର୍ଟ ଅନୁଯାୟୀ, ବଜ୍ରପାତ ଏତେ ବଡ଼ଧରଣର ଥିଲା, ଯାହାଫଳରେ ସେଥିରୁ ଇଲେକ୍ଟ୍ରୋମ୍ୟାଗ୍ନେଟିକ୍ ପଲ୍ସ ସୃଷ୍ଟି ହୋଇଥିଲା। ବିଶେଷଜ୍ଞଙ୍କ ମୁତାବକ, ବଜ୍ରପାତ ୧୦ରୁ ୩୦ କିଲୋ ଆମ୍ପିୟର କରେଣ୍ଟ ଧାରଣ କରେ। ହେଲେ ଏହି ଏଲ୍‌ଭିସ୍ ତା'ଠାରୁ ୧୦ ଗୁଣା ଅଧିକ ଶକ୍ତିଶାଳୀ।

# ୧୨ ବର୍ଷୀୟ ମିନି ହଲ୍କ

ବ୍ରାସିଲିଆ



ଅନେକ ବଡିବିଲ୍ଡର ଅଛନ୍ତି, ଯେଉଁମାନେ କି ବହୁ ସମୟ ଜିମ୍‌ରେ ଅତିବାହିତ କରନ୍ତି। ସେମାନଙ୍କୁ ବଡି କରିବାକୁ କିଛି ବର୍ଷ ସମୟ ଲାଗିଥାଏ। ହେଲେ ଜଣେ ବାଳକ ୧୨ ବର୍ଷ ବୟସରେ ବଡି ତିଆରିକରି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଛନ୍ତି। ଏଥିପାଇଁ ତାଙ୍କୁ ମିନି ହଲ୍କ ମଧ୍ୟ କୁହାଯାଉଛି। ବ୍ରାଜିଲ ବାସିନ୍ଦା କଉଜିନ୍‌ହୋ ନେଟୋ ତାଙ୍କର ଏପରି ବଡି ପାଇଁ ପ୍ରତିଦିନ ବହୁ ପରିଶ୍ରମ କରନ୍ତି। ସେ ପ୍ରତ୍ୟୁଷ ୫ଟା ୩୦ରୁ ଉଠି ୮ କିମି ଦୌଡ଼ିଥା'ନ୍ତି। ପରେ ସେ ସ୍କୁଲ ଯିବା ପାଇଁ ପ୍ରସ୍ତୁତ ହୁଅନ୍ତି। ସ୍କୁଲରୁ ଆସି ପାଠପଢ଼ା ଶେଷ କରିଥା'ନ୍ତି। ପରେ ୯ଟାରେ ଶୋଇବା ପୂର୍ବରୁ ୨ରୁ ସାଢ଼େ ୨ ଘଣ୍ଟା ଦିନର ୨ୟ ଥର ପାଇଁ ୱେଟ୍ ଟ୍ରେନିଂ ସେସନ କରନ୍ତି। ତାଙ୍କ ଓଜନ ୩୭ କିଲୋ ହୋଇଥିବାବେଳେ ସେ ବର୍ତ୍ତମାନ ୯୧ କିଲୋରୁ ଅଧିକ ଓଜନର ଡେଡଲିଫ୍ଟ କରିପାରୁଛନ୍ତି। ତାଙ୍କ ବାପା କାରଲୋସ୍ ପିଟାଙ୍ଗା ଫିଲ୍‌ହୋଙ୍କ କହିବା ମୁତାବକ, ନେଟୋ ୨୦୨୧ରୁ ଜିମ୍ ଯିବା ଆରମ୍ଭ କରିଛନ୍ତି। ଯେଉଁମାନେ ଲମ୍ବା ସମୟ ପର୍ଯ୍ୟନ୍ତ ପରେ ମଧ୍ୟ ଯେଉଁ କାର୍ଯ୍ୟ କରିପାରନ୍ତିନି ନେଟୋ ତାହା ଜିମ୍ ଆରମ୍ଭରୁ କରିପାରୁଥିଲେ। ସେ ସାଲ୍‌ଭାଡୋର୍‌ରେ ଆମାଟିଉର୍ ଏଲ୍‌ପିଓ ୱେଟ୍‌ଲିଫ୍ଟିଂ ଚାମ୍ପିୟନଶିପ୍‌ରେ ଭାଗ ନେଇ ତୃତୀୟ ସ୍ଥାନ ଅଧିକାର କରିଥିଲେ। ତାଙ୍କର ଏକ ଟ୍ରେନିଂ ଟିମ୍ ରହିଛି। ସେଥିରେ ଜଣେ କୋଚ୍, ଡାକ୍ତର, ଫିଜିଓଥେରାପିଷ୍ଟ, ନ୍ୟୁଟ୍ରିଶନିଷ୍ଟ ଅଛନ୍ତି।

# ଛୋଟପିଲାର ସ୍ୱପ୍ନ ପୂରଣ ହେଲା



ରାମ ଚରଣ

**ମୁମ୍ବାଇ:** ବଲିଉଡ୍ ଭାଇଜାନ୍ ସଲମାନ୍ ଖାନ୍, ଟଲିଉଡ୍ ଷ୍ଟାର ଦଗ୍ଗୁବତି ଭେଙ୍କଟେଶ ଏବଂ ସାଉଥ୍ ସୁପରଷ୍ଟାର ରାମ ଚରଣଙ୍କ ବଲିଉଡ୍ ମୁଭି 'କିସି କି ଭାଇ କିସି କି ଜାନ୍'ର ଗୀତ ୟେତମ୍ମା ରିଲିଜ୍ ପରେ ପରଦାକୁ ଆସିଛି। ଏହି ଗୀତ ରିଲିଜ୍‌କୁ ନେଇ ରାମ ଚରଣ ଏକ ପ୍ରତିକ୍ରିୟା ଦେଇଛନ୍ତି। ସେ କହିଛନ୍ତି, ଏହି ଗୀତ ହେଉଛି ବ୍ଲାଷ୍ଟ। ଏହା ସବୁଠାରୁ ଭଲ ଗୀତ ମଧ୍ୟରୁ ଗୋଟିଏ। ସଲମାନ୍‌ଙ୍କ ସହ ଡ୍ୟାନ୍ସକରି ଜଣେ ଛୋଟ ପିଲାର ସ୍ୱପ୍ନ ପୂରଣ ହେଲା ବୋଲି ସେ କହିଛନ୍ତି। ଏହି ଗୀତରେ ସେ ବହୁତ ମଜା କରିଛନ୍ତି, ଯାହା ଦର୍ଶକଙ୍କ ବେଶ୍ ମନଲୋଭା ହୋଇଛି। ତେବେ ଏହି ଗୀତ ରିଲିଜ୍ ପରେ ଦର୍ଶକ ଏହାକୁ ବେଶ୍ ପସନ୍ଦ କରୁଥିବା ଦେଖିବାକୁ ମିଳିଛି। କିଛିଦିନ ହେବ 'ଆର୍‌ଆର୍‌ଆର୍' ମୁଭିର 'ନାଟୁ ନାଟୁ' ଗୀତକୁ ଓସ୍କାର ମିଳିବା ପରେ ରାମ ଚରଣ ଚର୍ଚ୍ଚାରେ ଥିଲେ। ଏହି ଓସ୍କାର ପାଇଁ ସେ ନିଜକୁ ବହୁ ଗର୍ବିତ ମନେକରୁଛନ୍ତି।

# ପଏଣ୍ଟ ଟେବୁଲ ଶୀର୍ଷରେ ରାଜସ୍ଥାନ ରୟାଲ୍ସ

**ଗୁଆହାଟୀ, ୮।୪(ପି.ଟି.)**

ଇଣ୍ଡିଆନ୍ ପ୍ରିମିୟର୍ ଲିଗ (ଆଇପିଏଲ)ର ୧୧ତମ ମ୍ୟାଚରେ ଦିଲ୍ଲୀ କ୍ୟାପିଟାଲ୍ସକୁ ୫୭ ରନ୍‌ରେ ପରାସ୍ତ କରିଛି ରାଜସ୍ଥାନ ରୟାଲ୍ସ। ରାଜସ୍ଥାନର ଦ୍ୱିତୀୟ ହୋମ୍ ଟର୍ଫ ଗୁଆହାଟୀର ବର୍ଷାପଡା କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ଘରୋଇ ଦଳ ୨୦ ଓଭରରେ ୪ ଉଇକେଟ ହରାଇ ୧୯୯ ରନ୍ କରିଥିଲା। ଜବାବରେ ନିର୍ଦ୍ଧାରିତ ଓଭରରେ ଦିଲ୍ଲୀ କ୍ୟାପିଟାଲ୍ସ ୯ ଉଇକେଟ ହରାଇ ୧୪୨ ରନ୍ କରିବାରେ ସମର୍ଥ ହୋଇଥିଲା। ତୃତୀୟ ମ୍ୟାଚରୁ ଦ୍ୱିତୀୟ ବିଜୟ ହାସଲ କରି ରାଜସ୍ଥାନ ପଏଣ୍ଟ ଟେବୁଲ ଶୀର୍ଷରେ ପହଞ୍ଚିଛି। ଖଲିଲ୍ ଅହମଦଙ୍କ ସ୍ଥାନରେ ପୃଥ୍ୱୀ ଶ' ଓ ଜୋସ୍ ବଟଲରଙ୍କ ସ୍ଥାନରେ ସନ୍ଦୀପ ଶର୍ମା ଇମ୍ପାକ୍ଟ ପ୍ଲେୟର ଭାବରେ ଆସିଥିଲେ।


ଉଇକେଟ ନେବା ପରେ ଉଲ୍ଲସିତ ରାଜସ୍ଥାନ ରୟାଲ୍ସ ବୋଲର ଟ୍ରେଣ୍ଟ ବୋଲ୍ଟ(ମଝି)।

**ବଟଲର-ଜୟସ୍ୱାଲଙ୍କ ଧମାକା:** ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ରାଜସ୍ଥାନକୁ ଆଉ ଏକ ଭଲ ଆରମ୍ଭ ଦେଇଥିଲେ ଯଶସ୍ୱୀ ଜୟସ୍ୱାଲ ଓ ଜୋସ୍ ବଟଲର। ଉଭୟ ଖେଳାଳି ୮.୩ ଓଭରରେ ୯୮ ରନ୍ ଯୋଡି ଏକ ଦୃଢ ମୂଳଦୁଆ ପ୍ରଦାନ କରିଥିଲେ। ମ୍ୟାଚର ପ୍ରଥମ ଓଭରରେ ଖଲିଲ ଅହମଦଙ୍କୁ ୫ ଚୌକା ମାରି ଇନିଂସ ଆରମ୍ଭ କରିଥିଲେ ଜୟସ୍ୱାଲ। ଜୟସ୍ୱାଲ ୩୧ ବଲ୍ ଖେଳି ୬୦ ରନ୍ କରିଥିଲେ। ଅନ୍ୟ ପକ୍ଷରେ ଟପ୍ ସ୍କୋରର ରହିଥିବା ବଟଲର ୫୨ ବଲ୍ ଖେଳି ୭୯ ରନ୍ କରିଥିଲେ। ଉଭୟ ଖେଳାଳିଙ୍କ ଇନିଂସରେ ୧୧ ଚୌକା ଓ ଗୋଟିଏ ଛକା ସାମିଲ ଥିଲା। ମଧ୍ୟକ୍ରମରେ ସଞ୍ଜୁ ସାମସନ୍ ୦ ଓ ରିୟାନ୍ ପରାଗ ୭ ବିଫଳ ହୋଇଥିବା ବେଳେ ଶେଷ ଆଡକୁ ସିମରନ୍ ହେଟମେୟରଙ୍କ ଅପରାଜିତ ୩୯ ରନ୍ ବଳରେ ରାଜସ୍ଥାନ ୧୯୯ ରନ୍‌ରେ ପହଞ୍ଚିଥିଲା। କ୍ୟାପିଟାଲ୍ସ ପକ୍ଷରୁ ମୁକେଶ କୁମାର ସର୍ବାଧିକ ୨ ଉଇକେଟ ନେଇଥିବା ବେଳେ କୁଲଦୀପ ଯାଦବ ଓ ରୋଭମାନ ପାୱେଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ବୋଲ୍ଟଙ୍କ ପ୍ରଭାବୀ ବୋଲିଂ:** ନ୍ୟୁଜିଲାଣ୍ଡ ପେସର୍ ଟ୍ରେଣ୍ଟ ବୋଲ୍ଟ ମ୍ୟାଚର ପ୍ରଥମ ଓଭରରୁ ହିଁ ରୟାଲ୍ସର ବିଜୟ ଟୋନ୍ ସେଟ୍ କରିଥିଲେ। ପ୍ରଥମ ଓଭର ମେଡେନ୍ ପକାଇବା ସହିତ ସେ ପୃଥ୍ୱୀ ଶ ଓ ମନୀଷ ପାଣ୍ଡେଙ୍କୁ ଆଉଟ୍ କରିଥିଲେ। ପ୍ରଥମ ଓଭରରେ ଦୁଇ ଉଇକେଟ ହରାଇବା ସହିତ କ୍ୟାପିଟାଲ୍ସର ରନ୍‌ଗତି ଉପରେ ମଧ୍ୟ ଅଙ୍କୁଶ ଲାଗିଥିଲା। ଅଧିନାୟକ ଡେଭିଡ୍ ୱାର୍ନର ସର୍ବାଧିକ ୬୫ ରନ୍ କରିଥିବା ବେଳେ ଲଳିତ ଯାଦବ ୩୮ ଓ ରିଲି ରୋଷୋ ୧୪ ରନ୍ କରିଥିଲେ। ଏହି ୩ ଖେଳାଳିଙ୍କ ବାଦ୍ ଦଳର ଅନ୍ୟ କୌଣସି ଖେଳାଳି ଦୁଇ ଅଙ୍କ ଛୁଇଁପାରି ନ ଥିଲେ। ରୟାଲ୍ସ ପକ୍ଷରୁ ଟ୍ରେଣ୍ଟ ବୋଲ୍ଟ ଓ ଯୁଜବେନ୍ଦ୍ର ଚହଲ ୩ଟି ଲେଖାଏ ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆର. ଅଶ୍ୱିନ୍ ୨ ଓ ସନ୍ଦୀପ ଶର୍ମା ଗୋଟିଏ ଉଇକେଟ ନେଇଥିଲେ। ଯଶସ୍ୱୀ ଜୟସ୍ୱାଲଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ରାଜସ୍ଥାନ ରୟାଲ୍ସ ୨୦ ଓଭରରେ ୧୯୯/୪( ଜୋସ୍ ବଟଲର-୭୯, ଯଶସ୍ୱୀ ଜୟସ୍ୱାଲ-୬୦, ସିମରନ୍ ହେଟମେୟର-୩୯, ମୁକେଶ କୁମାର-୨/୩୬, ରୋଭମାନ ପାୱେଲ-୧/୧୮, କୁଲଦୀପ ଯାଦବ-୧/୩୧)।

ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୧୪୨/୯(ଡେଭିଡ୍ ୱାର୍ନର-୬୫, ଲଳିତ ଯାଦବ-୩୮, ରିଲି ରୋଷୋ-୧୪, ଯୁଜବେନ୍ଦ୍ର ଚହଲ-୩/୨୭, ଟ୍ରେଣ୍ଟ ବୋଲ୍ଟ-୩/୨୯, ରବିଚନ୍ଦ୍ରନ ଅଶ୍ୱିନ-୨/୨୫)।

**ଆଇପିଏଲ୍ କାର୍ଯ୍ୟସୂଚୀ**

**(ଆଜିର ମ୍ୟାଚ)**

**ଗୁଜରାଟ ବନାମ କୋଲକାତା**
ସ୍ଥାନ:ଅହମଦାବାଦ,
ସମୟ: ଅପରାହ୍ନ ୩.୩୦

**ହାଇଦ୍ରାବାଦ ବନାମ ପଞ୍ଜାବ**
ସ୍ଥାନ: ହାଇଦ୍ରାବାଦ,
ସମୟ: ରାତି ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ସୁପରକିଙ୍ଗ୍ସର ସହଜ ବିଜୟ

**ମୁମ୍ବାଇ, ୮।୪**

ଇଣ୍ଡିଆନ୍ ପ୍ରିମିୟର୍ ଲିଗ(ଆଇପିଏଲ)ର ୧୨ତମ ମ୍ୟାଚରେ ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରିଛି ଚେନ୍ନାଇ ସୁପର କିଙ୍ଗ୍ସ(ସିଏସ୍‌କେ)। ଅଜିଙ୍କ୍ୟ ରାହାନେଙ୍କ ଅର୍ଦ୍ଧଶତକ ବଳରେ ୭ ଉଇକେଟରେ ଏହି ମ୍ୟାଚକୁ ଜିତି ନେଇଥିଲା ସୁପରକିଙ୍ଗ୍ସ। ପ୍ରଥମେ ବ୍ୟାଟିଂ କରି ମୁମ୍ବାଇ ୨୦ ଓଭରରେ ୮ ଉଇକେଟରେ ୧୫୭ ରନ୍ କରିଥିଲା। ଜବାବରେ ୧୮.୧ ଓଭରରେ ୩ ଉଇକେଟ ହରାଇ ଚେନ୍ନାଇ ଆବଶ୍ୟକ ରନ୍ ସଂଗ୍ରହ କରି ନେଇଥିଲା। ମୁମ୍ବାଇ ପକ୍ଷରୁ ଟିମ୍ ଡେଭିଡଙ୍କ ସ୍ଥାନରେ କୁମାର କାର୍ତ୍ତିକେୟ ଓ ଚେନ୍ନାଇ ପକ୍ଷରୁ ଦୀପକ ଚହରଙ୍କ ସ୍ଥାନରେ ଅମ୍ବାତି ରାୟୁଡୁଙ୍କୁ ଇମ୍ପାକ୍ଟ ସବଷ୍ଟିଚ୍ୟୁଟ ଭାବରେ ସାମିଲ କରାଯାଇଥିଲା।


ଏକ ଆକର୍ଷଣୀୟ ଶଟ୍ ଖେଳୁଛନ୍ତି ଅଜିଙ୍କ୍ୟ ରାହାନେ।

ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ପକ୍ଷରୁ ରୋହିତ ଶର୍ମା ଓ ଇଶାନ କିଶନ ଓପନିଙ୍ଗ ଯୋଡିରେ ୩୮ ରନ୍ ଯୋଡିଥିଲେ। ରୋହିତ ଶର୍ମା ୨୧ଙ୍କୁ ବୋଲ୍ଡ କରି ତୁଷାର ଦେଶପାଣ୍ଡେ ଏହି ଯୋଡି ଭାଙ୍ଗିଥିଲେ। ମୁମ୍ବାଇରା ପରବର୍ତ୍ତୀ ଖେଳାଳି ମାନେ ଭଲ ଆରମ୍ଭ ପାଇଥିଲେ ମଧ୍ୟ ଏହାକୁ ବଡ ସ୍କୋରରେ ପରିଣତ କରିବାରେ ବିଫଳ ହୋଇଥିଲେ। କାମେରନ୍ ଗ୍ରୀନ୍ ୧୧ ଓ ସୂର୍ଯ୍ୟକୁମାର ଯାଦବ ୧ ପୁଣି ଥରେ ବିଫଳ ହୋଇଥିଲେ। ପ୍ରଥମ ମ୍ୟାଚ୍‌ରେ ଅର୍ଦ୍ଧଶତକ ହାସଲ କରିଥିବା ତିଳକ ବର୍ମା ୨୨ ରନ୍ କରିଥିଲେ। ଶେଷ ଆଡକୁ ଟିମ୍ ଡେଭିଡ୍ ୩୧ ଓ ହ୍ରିତିକ୍ ଶୋକିନ୍ ୧୮ ରନ୍ କରିବାରୁ ମୁମ୍ବାଇ ୧୫୦ ରନ୍ ପାର କରିଥିଲା। ଚେନ୍ନାଇ ପକ୍ଷରୁ ରବୀନ୍ଦ୍ର ଜାଡେଜା ୨୦ ରନ୍‌ରେ ୩ ଉଇକେଟ ନେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ମିଚେଲ୍ ସାଣ୍ଟନର ଓ ତୁଷାର ଦେଶପାଣ୍ଡେ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ସିସାଣ୍ଡା ମଗାଲା ଗୋଟିଏ ଉଇକେଟ ନେଇଥିଲେ।

୧୫୮ ରନ୍ ଜବାବରେ ଚେନ୍ନାଇ ଓପନର ଡେଭନ କନୱେଙ୍କୁ ଖାତା ଖୋଲିବା ପୂର୍ବରୁ ହରାଇଥିଲା। ତେବେ ଚେନ୍ନାଇ ପକ୍ଷରୁ ଚଳିତ ସିଜନରେ ପ୍ରଥମ ମ୍ୟାଚ୍ ଖେଳିଥିବା ରାହାନେ ଧୂଆଁଧାର ଅର୍ଦ୍ଧଶତକ ମାରିଥିଲେ। ରାହାନେ ୨୭ ବଲ୍‌ରୁ ୬୧ ରନ୍ କରିଥିଲେ। ଏହି ଇନିଂସରେ ୭ ଚୌକା ଓ ୩ ଛକା ସାମିଲ ଥିଲା। ଅନ୍ୟମାନଙ୍କ ମଧ୍ୟରେ ଋତୁରାଜ ଗାଏକ୍ୱାଡ ଅପରାଜିତ ୪୦ ରନ୍ କରିଥିବା ବେଳେ ଶିବମ ଦୁବେ ୨୮ ଓ ଅମ୍ବାତି ରାୟୁଡୁ ୨୦* ରନ୍ କରିଥିଲେ। ଜାସନ୍ ବେହେରେଣ୍ଡ୍ରଫ୍,କୁମାର କାର୍ତ୍ତିକେୟ ଓ ପୀୟୁଷ ଚାୱଲା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୧୫୭/୮(ଇଶାନ କିଶନ-୩୨, ଟିମ୍ ଡେଭିଡ୍-୩୧, ତିଳକ ବର୍ମା-୨୨, ରବୀନ୍ଦ୍ର ଜାଡେଜା-୩/୨୦, ମିଚେଲ ସାଣ୍ଟନର-୨/୨୮, ତୁଷାର ଦେଶପାଣ୍ଡେ-୨/୩୧)।

ଚେନ୍ନାଇ ସୁପର କିଙ୍ଗ୍ସ ୧୮.୧ ଓଭରରେ ୧୫୯/୩(ଅଜିଙ୍କ୍ୟ ରାହାନେ-୬୧, ଋତୁରାଜ ଗାଏକ୍ୱାଡ-୪୦*, ଶିବମ ଦୁବେ-୨୮, ଜାସନ୍ ବେହେରେଣ୍ଡ୍ରଫ୍-୧/୨୪, କୁମାର କାର୍ତ୍ତିକେୟ-୧/୨୪, ପୀୟୁଷ ଚାୱଲା-୧/୩୩)।

## ହେଡ୍ ଟୁ ହେଡ୍

**(ଗୁଜରାଟ – କୋଲକାତା)**
ମୋଟ ମ୍ୟାଚ ୧
ଗୁଜରାଟ ବିଜୟୀ: ୧
କୋଲକାତା ବିଜୟୀ: ୦
ନଜରରେ ରହିବେ: ଶୁବମନ ଗିଲ୍, ରଶିଦ୍ ଖାନ,ଡେଭିଡ୍ ମିଲର୍, ମହମ୍ମଦ ଶାମି (ଗୁଜରାଟ ଟାଇଟନ୍ସ), ନୀତୀଶ ରାଣା, ଆନ୍ଦ୍ରେ ରସେଲ୍, ରିଙ୍କୁ ସିଂ, ଟିମ୍ ସାଉଦି(ଦିଲ୍ଲୀ କ୍ୟାପିଟାଲ୍ସ)।

**(ହାଇଦ୍ରାବାଦ – ପଞ୍ଜାବ)**
ମୋଟ ମ୍ୟାଚ: ୧୯
ହାଇଦ୍ରାବାଦ ବିଜୟୀ: ୧୩
ପଞ୍ଜାବ ବିଜୟୀ: ୬
ନଜରରେ ରହିବେ: ଅଭିଷେକ ଶର୍ମା, ଉମ୍ରାନ ମଲିକ, ରାହୁଲ ତ୍ରିପାଠୀ, ଟି ନଟରାଜନ (ସନ୍‌ରାଇଜର୍ସ ହାଇଦ୍ରାବାଦ), ଶିଖର ଧାୱନ, କାଗିସୋ ରାବାଡା, ଲିଆମ୍ ଲିଭିଙ୍ଗଷ୍ଟୋନ, ଅର୍ଶଦୀପ ସିଂ ( ପଞ୍ଜାବ କିଙ୍ଗ୍ସ)।

# ଅଲ୍‌ରାଉଣ୍ଡରଙ୍କ ଭୂମିକାକୁ ଗୌଣ କରି ହେବନି: ମିଲର

**ଅହମଦାବାଦ,୮।୪(ପି.ଟି.)**

ଇଣ୍ଡିଆନ ପ୍ରିମିୟର୍ ଲିଗ୍(ଆଇପିଏଲ)ରେ ପ୍ରଥମ ଥର ପାଇଁ ଇମ୍ପାକ୍ଟ ସବ୍‌ଷ୍ଟିଚ୍ୟୁଟ୍‌ର ବ୍ୟବହାର କରାଯାଉଛି। ଏହା ଦ୍ୱାରା ଉଭୟ ଦଳ ଜଣେ ଅତିରିକ୍ତ ବ୍ୟାଟର ଓ ବୋଲର ବ୍ୟବହାର କରିବାର ସୁଯୋଗ ମଧ୍ୟ ପାଉଛନ୍ତି। ତେବେ ଇମ୍ପାକ୍ଟ ସବ୍‌ଷ୍ଟିଚ୍ୟୁଟ୍ ଦଳରେ ଅଲରାଉଣ୍ଡରଙ୍କ ଭୂମିକା କମ୍ ବା ଅଧିକ କରିପାରିବ ନାହିଁ। ଏହା ଦଳକୁ ଅଧିକ ଶକ୍ତିଶାଳୀ କରୁଥିବା ବେଳେ ଏହା ଅଲରାଉଣ୍ଡରଙ୍କ ଭୂମିକାକୁ ଗୌଣ କରିବନି ବୋଲି ସେ ମତ ଦେଇଛନ୍ତି। ବିଗତ କିଛିଦିନ ହେବ ମୁଁ ଦଳରେ ଯୋଗ ଦେଇଛି ଏବଂ ଏହି କନସେପ୍ଟକୁ ବୁଝିବାକୁ ପ୍ରୟାସ କରୁଛି ବୋଲି ସେ କହିଛନ୍ତି। ଏହି ନିୟମ ବଳରେ ୬-୭ ବ୍ୟାଟର କିମ୍ବା ୬ ଜଣ ବୋଲରଙ୍କୁ ସାମିଲ କରି ହେବ। କ୍ରିକେଟରେ ଅଲରାଉଣ୍ଡରଙ୍କ ଭୂମିକା ଅତ୍ୟନ୍ତ ସ୍ୱତନ୍ତ୍ର। ଲକ୍ଷ୍ନୌ ଓ ହାଇଦ୍ରାବାଦ ମ୍ୟାଚରେ କୃଣାଲ ପାଣ୍ଡ୍ୟାଙ୍କ ଉଦାହରଣ ଦେଇଥିଲେ ମିଲର। କୃଣାଲ ଏହି ମ୍ୟାଚରେ ୩୪ ରନ୍ ସ୍କୋର କରିବା ସହିତ ୩ ଉଇକେଟ ନେଇଥିଲେ। ଇମ୍ପାକ୍ଟ ସବ୍‌ଷ୍ଟିଚ୍ୟୁଟ୍‌ର ବ୍ୟବହାର ଦ୍ୱାରା ଦଳକୁ ବ୍ୟାଟିଂ ଅଥବା ବୋଲିଂରେ ସାମାନ୍ୟ ଅଧିକ ଶକ୍ତି ମିଳିବ। ଅଲରାଉଣ୍ଡରମାନଙ୍କ ଉପସ୍ଥିତି ଏହା ଦ୍ୱାରା ବିଲକୁଲ ପ୍ରଭାବିତ ହେ ବ ନାହିଁ ବୋଲି ମିଲର କହିଛନ୍ତି। ରବିବାର ଗୁଜରାଟ ଟାଇଟନ୍ସ ଓ କୋଲକାତା ନାଇଟ ରାଇଡର୍ସ ମଧ୍ୟରେ ମ୍ୟାଚ୍ ଖେଳାଯିବ। ଗୁଜରାଟ ଦୁଇଟି ମ୍ୟାଚରେ ଅପରାଜେୟ ରହିଥିବା ବେଳେ କୋଲକାତା ଏହାର ଶେଷ ମ୍ୟାଚରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବିପକ୍ଷରେ ବୃହତ ବିଜୟ ହାସଲ କରିଛି। ଗୁଜରାଟ ଦଳ କୌଣସି ଜଣେ ଦୁଇ ଜଣ ଖେଳାଳିଙ୍କ ପ୍ରଦର୍ଶନ ଉପରେ ଭରସା କରିନଥାଏ। ବିଭିନ୍ନ ପର୍ଯ୍ୟାୟରେ ଭିନ୍ନ ଭିନ୍ନ ଖେଳାଳିଙ୍କ କାନ୍ଧରେ ଦାୟିତ୍ୱ ରଖାଯାଇଥାଏ ବୋଲି ସେ କହିଛନ୍ତି। ସମାନ ରଣନୀତି ବଳରେ ପଦାର୍ପଣ ସଂସ୍କରଣରେ ଦଳ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା। ଜଣେ ଖେଳାଳିଙ୍କ ଉପରେ ନିର୍ଭରଶୀଳ ରହିଲେ ଦଳର ପ୍ରଦର୍ଶନ ପ୍ରଭାବିତ ହୋଇଥାଏ ବୋଲି ସେ କହିଛନ୍ତି।

## ଇମ୍ପାକ୍ଟ ସବ୍‌ଷ୍ଟିଚ୍ୟୁଟ୍ ତାଲିକାରେ ଶୁଭ୍ରାଂଶୁ



**ଭୁବନେଶ୍ୱର, ୮।୪ (ସ୍ପୋର୍ଟ୍ସ ବ୍ୟୁରୋ)**

ଚେନ୍ନାଇ ସୁପରକିଙ୍ଗ୍ସ ଦଳରେ ସାମିଲ ଥିବା ଓଡ଼ିଶା ରଣଜୀ ଟ୍ରଫି ଦଳର ଅଧିନାୟକ ଶୁଭ୍ରାଂଶୁ ସେନାପତି ଇମ୍ପାକ୍ଟ ସବଷ୍ଟିଚ୍ୟୁଟ ଖେଳାଳିଙ୍କ ମଧ୍ୟରେ ସ୍ଥାନ ପାଇଥିଲେ। ଶନିବାର ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ମ୍ୟାଚରେ ୫ ଜଣ ଇମ୍ପାକ୍ଟ ସବଷ୍ଟିଚ୍ୟୁଟ ଖେଳାଳିଙ୍କ ମଧ୍ୟରେ ଶୁଭ୍ରାଂଶୁ ସାମିଲ ଥିଲେ। ଚେନ୍ନାଇ ପକ୍ଷରୁ ଆକାଶ ସିଂ, ରାଜବର୍ଦ୍ଧନ ହଙ୍ଗରଗେକର୍, ଶେକ୍ ରଶିଦ୍, ଅମ୍ବାତି ରାୟୁଡୁ ଓ ଶୁଭ୍ରାଂଶୁ ସେନାପତି ଏହି ତାଲିକାରେ ସାମିଲ ଥିଲେ।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ରାଜସ୍ଥାନ ରୟାଲ୍ସ | ୩ | ୨ | ୧ | ୪ | +୨.୦୬୭ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୩ | ୨ | ୧ | ୪ | +୧.୩୫୮ |
| ଗୁଜରାଟ ଟାଇଟନ୍ସ | ୨ | ୨ | ୦ | ୪ | +୦.୭୦୦ |
| ଚେନ୍ନାଇ ସୁପର କିଙ୍ଗ୍ସ | ୩ | ୨ | ୧ | ୪ | +୦.୩୫୬ |
| ପଞ୍ଜାବ କିଙ୍ଗ୍ସ | ୨ | ୨ | ୦ | ୪ | +୦.୩୩୩ |
| କୋଲକାତା ନାଇଟ ରାଇଡର୍ସ | ୨ | ୧ | ୧ | ୨ | +୨.୦୫୬ |
| ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୨ | ୧ | ୧ | ୨ | -୧.୨୫୬ |
| ମୁମ୍ବାଇ ଇଣ୍ଡିଆନ୍ସ | ୨ | ୦ | ୨ | ୦ | -୧.୩୯୪ |
| ଦିଲ୍ଲୀ କ୍ୟାପିଟାଲ୍ସ | ୩ | ୦ | ୩ | ୦ | -୨.୦୯୨ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୨ | ୦ | ୨ | ୦ | -୨.୮୬୭ |

**ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍**

# ଭାରତୀୟ ଦଳର ନେତୃତ୍ୱ ନେବେ ଶିବ, ଦୀପକ

**ନୂଆଦିଲ୍ଲୀ, ୮।୪ (ପି.ଟି.)**

ଏପ୍ରିଲ ୩୦ରୁ ମେ' ୧୪ ପର୍ଯ୍ୟନ୍ତ ଉଜ୍‌ବେକିସ୍ତାନର ତାସ୍‌କେଣ୍ଟଠାରେ ହେବାକୁଥିବା ଆଗାମୀ ପୁରୁଷ ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍‌ରେ ଭାରତୀୟ ଦଳର ନେତୃତ୍ୱ ନେବେ ୬ଥର ଏସିଆନ ଚାମ୍ପିୟନ ପଦକ ବିଜେତା ଶିବ ଥାପା ଏବଂ ୨୦୧୯ ଏସିଆନ ଚାମ୍ପିୟନଶିପ୍ ରୌପ୍ୟ ପଦକ ବିଜେତା ଦୀପକ ଭୋରିଆ। ୨୦୧୫ରେ ଦୋହା ବିଶ୍ୱ ଚାମ୍ପିୟନଶିପ୍‌ରେ ଏକ ବ୍ରୋଞ୍ଜ ଜିତିଥିବା ଶିବ ଆଉ ଏକ ପଦକ ହାସଲ କରିବା ଲକ୍ଷ୍ୟରେ ଅଛନ୍ତି। ସେ ୬୩.୫ କେଜି କାଟେଗୋରିରେ ଦେଶ ତରଫରୁ ପ୍ରତିନିଧିତ୍ୱ କରିବେ। ବର୍ତ୍ତମାନ ସମୟରେ ବକ୍ସିଂରେ କ୍ରମେ ଉନ୍ନତି କରିବାରେ ଲାଗିଥିବା ଦୀପକ ୫୧କେଜି ଫ୍ଲାଇୱେଟ୍ କାଟେଗୋରିରେ ଦେଶ ପାଇଁ ପଦକ ଆଣିଦେବେ ବୋଲି ଆଶା କରାଯାଉଛି। ୨୦୨୧ରେ ଉଜ୍‌ବେକିସ୍ତାନରେ ଷ୍ଟ୍ରାଣ୍ଡଜା ମେମୋରିଆଲ ଟୁର୍ନାମେଣ୍ଟରେ ୨୦୧୬ ରିଓ ଅଲିମ୍ପିକ୍ସ ସ୍ୱର୍ଣ୍ଣ ବିଜେତା ଏବଂ ୨୦୧୯ ବିଶ୍ୱ ଚାମ୍ପିୟନ ଶଖୋବିଦ୍ଦିନ ଜୋଇରୋଭଙ୍କୁ ପରାସ୍ତ କରି ସେ ବିଶ୍ୱସ୍ତରରେ ନିଜର ପରିଚୟ ସୃଷ୍ଟି କରିଥିଲେ। ବକ୍ସିଂ ଫେଡେରେଶନ ଅଫ୍ ଇଣ୍ଡିଆ (ବିଏଫ୍‌ଆଇ) ସଭାପତି ଅଜୟ ସିଂ କହିଛନ୍ତି, ପୁରୁଷ ଦଳ କଠିନ ପରିଶ୍ରମ କରିଛି। ସେମାନେ ପ୍ରତ୍ୟେକ ଦେଶ ପାଇଁ ଗୌରବ ଆଣିଦେବେ ବୋଲି ସେ ଆଶା କରନ୍ତି। ବିଶ୍ୱ ଚାମ୍ପିୟନଶିପ୍‌ରେ ଭାଗ ନେବା ପୂର୍ବରୁ ଭାରତୀୟ ଦଳ ଏପ୍ରିଲ ୧୭ରେ ତାସ୍‌କେଣ୍ଟ ଗସ୍ତ କରିବ। ସେଠାରେ ଏକ ବହୁରାଷ୍ଟ୍ରୀୟ ଟ୍ରେନିଂ କ୍ୟାମ୍ପରେ ଯୋଗ ଦେବ। ତାସ୍‌କେଣ୍ଟ ଚାମ୍ପିୟନଶିପ୍‌ରେ ଭାଗ ନେବାଲାଗି ୧୦୪ ଦେଶର ପ୍ରାୟ ୬୪୦ ବକ୍ସର ସେମାନଙ୍କ ନାମ ପଞ୍ଜୀକୃତ କରିଛନ୍ତି। ଏଥିରେ ସ୍ୱର୍ଣ୍ଣ ବିଜେତାଙ୍କ ଲାଗି ୨,୦୦,୦୦୦ ଡଲାର, ରୌପ୍ୟ ବିଜେତାଙ୍କ ଲାଗି ୧,୦୦,୦୦୦ ଡଲାର ଏବଂ ପ୍ରତ୍ୟେକ ବ୍ରୋଞ୍ଜ ବିଜେତାଙ୍କ ଲାଗି ୫୦,୦୦୦ ଡଲାର ଆର୍ଥିକ ପୁରସ୍କାର ବ୍ୟବସ୍ଥା ରହିଛି।

# ଇକୋର୍ସା, ଭୁବନେଶ୍ୱର'ଏ', ଖୋର୍ଦ୍ଧା, କେନ୍ଦ୍ରାପଡ଼ା ବିଜୟୀ

**ଭୁବନେଶ୍ୱର, ୮।୪ (ସ୍ପୋର୍ଟ୍ସ ବ୍ୟୁରୋ)**

ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ କଟକର ବିଭିନ୍ନ ଗ୍ରାଉଣ୍ଡରେ ଚାଲିଥିବା କଳାହାଣ୍ଡି କପ୍ କ୍ରିକେଟ ଟୁର୍ନାମେଣ୍ଟର ଡାଇମଣ୍ଡ-ଏ ଓ ସିଲ୍‌ଭର-ଏ ଗ୍ରୁପ୍‌ର ୬ଟି ମ୍ୟାଚ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଇକୋର୍ସା, ଭୁବନେଶ୍ୱର'ଏ', ଖୋର୍ଦ୍ଧା, କେନ୍ଦ୍ରାପଡ଼ା, ପାରାଦୀପ, ମାଲକାନଗିରି ଦଳ ବିଜୟୀ ହୋଇଛି। ଭୁବନେଶ୍ୱର ଏ' ଦଳର ସିଦ୍ଧାନ୍ତ ଜେନା ସଫଳ ଖେଳାଳି ଭାବରେ ଶତକ ହାସଲ କରିଛନ୍ତି।


ସିଦ୍ଧାନ୍ତ ଜେନା

### ରେଭେନ୍ସା ଗ୍ରାଉଣ୍ଡ-୧

ଏଠାରେ ଭୁବନେଶ୍ୱର-ଏ ୧୦୭ ରନ୍‌ରେ କଟକ-ବି'କୁ ପରାସ୍ତ କରିଛି। ଭୁବନେଶ୍ୱର-ଏ' ୪୬.୩ ଓଭରରେ ୧୦ ଉଇକେଟ ହରାଇ ୨୬୯ ରନ୍ କରିଥିଲା। ଦଳ ପକ୍ଷରୁ ସିଦ୍ଧାନ୍ତ ଜେନା ୧୧୮ ଓ ଦେବାଶିଷ ୬୭ ରନ କରିଥିଲେ। କଟକ-ବି ୯ ଉଇକେଟ ହରାଇ ୧୬୨ ରନ କରିବାକୁ ସକ୍ଷମ ହୋଇଥିଲା।

### ରେଭେନ୍ସା ଗ୍ରାଉଣ୍ଡ-୨

ଇକୋର୍ସା ଦଳ ୯୫ ରନ୍‌ରେ ସୁନ୍ଦରଗଡକୁ ପରାସ୍ତ କରିଛି। ଇକୋର୍ସା ୪୬ ଓଭରରେ ୧୦ ଉଇକେଟ ହରାଇ ୨୪୧ ରନ କରିଥିଲା। ଦଳ ପକ୍ଷରୁ ମଳୟ ଜେନା ୬୨ ରନ୍ କରିଥିଲେ। ସୁନ୍ଦରଗଡ ୧୪୬ ରନରେ ଅଲ୍‌ଆଉଟ ହୋଇ ଯାଇଥିଲା।

### ସନ୍‌ସାଇନ୍ ଗ୍ରାଉଣ୍ଡ

ଖୋର୍ଦ୍ଧା ଦଳ ଭଦ୍ରକକୁ ୫ ଉଇକେଟରେ ପରାସ୍ତ କରିଛି। ଭଦ୍ରକ ୪୩.୩ ଓଭରରେ ମାତ୍ର ୧୩୯ ରନକରି ଅଲ୍‌ଆଉଟ ହୋଇଯାଇଥିଲା। ବିପକ୍ଷ ଦଳର ରୂପକ ଜେନା ୨୦ ରନ ଦେଇ ୩ ଉଇକେଟ ହାସଲ କରିଥିଲେ। ଖୋର୍ଦ୍ଧା ଦଳ ୨୬.୩ ଓଭରରେ ୫ ଉଇକେଟ ହରାଇ ବିଜୟୀ ହୋଇଥିଲା।

### ଅଡ଼ଶପୁର ଗ୍ରାଉଣ୍ଡ

କେନ୍ଦ୍ରାପଡ଼ା ଦଳ ୭୦ ରନ୍‌ରେ ନୂଆପଡ଼ାକୁ ପରାସ୍ତ କରିଛି। କେନ୍ଦ୍ରାପଡ଼ା ୪୩.୩ ଓଭରରେ ୧୬୮ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ବାଲେଶ୍ୱର ମାଝୀ ଓ ଆୟୁଷ୍ମାନ ଗୁପ୍ତା ୩ ଉଇକେଟ ସଫଳତା ପାଇଥିଲେ। ନୂଆପଡା ୨୮ ଓଭରରେ ୯୮ ରନରେ ଅଲଆଉଟ ହୋଇଥିଲା।

### ଏମ୍‌ଜିଏମ୍ ଗ୍ରାଉଣ୍ଡ

ପାରାଦୀପ ୧୮୬ ରନରେ କନ୍ଧମାଳକୁ ହରାଇଛି। ପାରାଦୀପ ଦଳ ୪୯.୫ ଓଭରରେ ୨୪୩ ରନରେ ଅଲଆଉଟ ହୋଇଥିଲା। ଚିତ୍ତରଞ୍ଜନ ପାତ୍ର ୬୧ ରନ୍ କରିଥିଲେ। କନ୍ଧମାଳ ଦଳ ୧୯.୪ ଓଭରରେ ୫୭ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା।

### ବାରବାଟୀ ଷ୍ଟାଡିୟମ

ମାଲକାନଗିରି ୪ ଉଇକେଟରେ ଗଜପତିକୁ ପରାସ୍ତ କରିଛି। ଗଜପତି ଦଳ ୨୩.୪ ଓଭରରେ ୯୨ ରନ କରି ଅଲଆଉଟ ହୋଇଥିଲା। ଜବାବରେ ମାଲକାନଗିରି ୨୨.୫ ଓଭରରେ ୫ ଉଇକେଟ ହରାଇ ୯୬ ରନ୍ କରିଥଲା।

## ଡେକାଥଲନରେ ତେଜସ୍ୱିନଙ୍କୁ ରୌପ୍ୟ

**ନୂଆଦିଲ୍ଲୀ, ୮।୪ (ପି.ଟି.)**

ଯୁକ୍ତରାଷ୍ଟ୍ର ଆମେରିକା (ୟୁଏସ୍‌ଏ)ର ଆରିଜୋନାଠାରେ ଅନୁଷ୍ଠିତ ଜିମ୍ କ୍ଲିକ୍ ଶୁଟ୍‌ଆଉଟ୍ ପ୍ରତିଯୋଗିତା ଡେକାଥଲନରେ ଭାରତର ରାଜ୍ୟଗୋଷ୍ଠୀ ପଦକ ବିଜେତା ହାଇଜମ୍ପର ତେଜସ୍ୱିନ ଶଙ୍କର ରୌପ୍ୟପଦକ ଜିତିଛନ୍ତି। ସେ ଅଳ୍ପକେ ଜାତୀୟ ରେକର୍ଡ ହାସଲ କରିପାରିନାହାନ୍ତି। ବର୍ମିଂହାମ୍‌ଠାରେ ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ବ୍ରୋଞ୍ଜ ଜିତିଥିବା ତେଜସ୍ୱିନ କଷ୍ଟସାଧ୍ୟ ୧୦ ଇଭେଣ୍ଟ ବିଶିଷ୍ଟ ଡେକାଥ୍ଲନରେ ଅଂଶଗ୍ରହଣ କରି ୭,୬୪୮ ପଏଣ୍ଟ ସ୍କୋର କରିଥିଲେ। ୨୦୧୧ରେ ୭,୬୫୮ ପଏଣ୍ଟ ସହ ଜାତୀୟ ରେକର୍ଡ ପ୍ରତିଷ୍ଠା କରିଥିବା ଭରତିନ୍ଦର ସିଂଙ୍କଠାରୁ ସେ ୧୦ ପଏଣ୍ଟ ପଛରେ ରହିଯାଇଥିଲେ। ପ୍ରତିଯୋଗିତା ଆରିଜୋନା ୟୁନିଭର୍ସିଟିର ଟସ୍‌ସନ କ୍ୟାମ୍ପସରେ ଅନୁଷ୍ଠିତ ହୋଇଥିଲା। ୧୦ଟି ଇଭେଣ୍ଟକୁ ନେଇ ଦୁଇଦିନ ଧରି ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ନେବାସ୍କାର ଗିଲ୍ କ୍ଲିନ୍‌ଫୋର୍ଥ ୭,୮୪୫ ପଏଣ୍ଟ ସହ ପ୍ରଥମ ସ୍ଥାନ ଅଧିକାର କରିଥିଲେ।


କୋଲକାତା ନାଇଟ ରାଇଡର୍ସ ବିପକ୍ଷ ଆଇପିଏଲ୍ ମ୍ୟାଚ ପୂର୍ବରୁ ଶନିବାର ଅହମଦାବାଦସ୍ଥିତ ନରେନ୍ଦ୍ରମୋଦି ଷ୍ଟାଡିୟମରେ ଅନୁଷ୍ଠିତ ଏକ ପ୍ରାକ୍ଟିସ ସେସନରେ କୋଚ୍ ଆଶିଷ ନେହେରାଙ୍କ ସହ ଗୁଜରାଟ ଟାଇଟନ୍ସ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା।



ନବଜୋତ ସିଂ ସିଦ୍ଧୁ ଜେଲରୁ ବାହାରିବା ପରେ ପଞ୍ଜାବ କଂଗ୍ରେସ ରାଜନୀତି ସରଗରମ ହୋଇଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ଚରଣଜିତ ସିଂ ଚନ୍ନି କେତେଜଣ ଭାଜପା ନେତାଙ୍କୁ ଭେଟିଥିବାରୁ ସେ ଗୈରିକ ଦଳରେ ଯୋଗଦେବେ ବୋଲି ଚର୍ଚ୍ଚା ହେଉଛି। ୨୦୨୨ ପଞ୍ଜାବ ବିଧାନସଭା ନିର୍ବାଚନରେ କଂଗ୍ରେସର ଶୋଚନୀୟ ପରାଜୟ ପରେ ଚନ୍ନି ରାଜନୈତିକ ଦୃଶ୍ୟପଟରୁ ଅଦୃଶ୍ୟ ହୋଇଯାଇଥିଲେ। ଅପରପକ୍ଷେ ଦୁର୍ନୀତି ମାମଲାରେ ଜ୍ୱାଇଁ ଗିରଫ ହେବା ପରେ ମଧ୍ୟ ଚନ୍ନିଙ୍କୁ ସମାଲୋଚନାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଗାୟକ ତଥା କଂଗ୍ରେସ ନେତା ସ୍ୱର୍ଗତ ସିଦ୍ଧୁ ମୁସେୱାଲାଙ୍କ ଗ୍ରାମକୁ ଚନ୍ନିଙ୍କ ପରିଦର୍ଶନ ରାଜନୀତିରେ ସେ ସକ୍ରିୟ ହେବା ସଙ୍କେତ ଦେଇଛି।

**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ପାୱାରଙ୍କ 'ଆଦାନୀ' ମନ୍ତବ୍ୟ

# ବିରୋଧୀ ମେଣ୍ଟର ସ୍ଥାୟିତ୍ୱକୁ ନେଇ ପ୍ରଶ୍ନ

**ନୂଆଦିଲ୍ଲୀ, ୮।୪(ପି.ଟି.)**

ଆମେରିକାର ଶର୍ଟ ସେଲର ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ଭାରତୀୟ ଶିଳ୍ପପତି ଗୌତମ ଆଦାନୀଙ୍କ ପରିଚାଳିତ ଆଦାନୀ ଗ୍ରୁପ୍‌ର ଷ୍ଟକ୍ ଜାଲିଆତି ସମ୍ପର୍କରେ ରିପୋର୍ଟ ପ୍ରକାଶ କରିବା ପରେ ଏହାର ଜେପିସି ତଦନ୍ତ ଦାବିରେ ବିଭିନ୍ନ ଆଞ୍ଚଳିକ ଦଳ ସମେତ ପ୍ରାୟ ୨୦ ବିରୋଧୀ ଦଳ ଏକାଠି ହୋଇଥିଲେ। ତେବେ ଏନ୍‌ସିପି ଅଧ୍ୟକ୍ଷ ଶରଦ ପାୱାର ଆଦାନୀଙ୍କ ସମର୍ଥନରେ ମନ୍ତବ୍ୟ ଦେବା ପରେ ଅଣଭାଜପା ମେଣ୍ଟର ସ୍ଥାୟିତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ୨୦୨୪ ଲୋକସଭା ନିର୍ବାଚନରେ ଭାଜପାକୁ ପରାଜିତ କରିବା ଲାଗି ବିରୋଧୀ ଦଳଗୁଡ଼ିକୁ ଏକାଠି କରିବା ଦିଗରେ ବିଭିନ୍ନ ନେତା ଉଦ୍ୟମ ଜାରି ରଖିଛନ୍ତି। ଚଳିତ ବର୍ଷ ୬ ରାଜ୍ୟରେ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ବିରୋଧୀ ଦଳଗୁଡ଼ିକ ନିକଟରେ ପହଞ୍ଚିବାକୁ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜ୍ଜୁନ ଖାର୍ଗେ ଉଦ୍ୟମ ଚଳାଇଛନ୍ତି। ସେ ଡିଏମ୍‌କେ ନେତା ତଥା ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ, ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏବଂ ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଶିବସେନା (ୟୁବିଟି) ନେତା ଉଦ୍ଧବ ଠାକ୍‌ରେଙ୍କ ସମେତ ଅନ୍ୟ ବିରୋଧୀ ନେତାମାନଙ୍କ ସହ ଯୋଗାଯୋଗ କରି ଆସନ୍ତା ମାସରେ ବୈଠକ କରିବାକୁ ଯୋଜନା ଚଳାଇଥିବାବେଳେ ପାୱାରଙ୍କ ମନ୍ତବ୍ୟ ଏଥିରେ ବାଧକ ସାଜିଛି। ତେବେ ଏନ୍‌ସିପି ନେତାଙ୍କ ମନ୍ତବ୍ୟ ସେମାନଙ୍କ ମେଣ୍ଟ ଉଦ୍ୟମକୁ ପ୍ରତିହତ କରିବ ନାହିଁ ବୋଲି କେତେଜଣ ନେତା କହିଛନ୍ତି। ପାୱାରଙ୍କ ଏନ୍‌ସିପି ଦ୍ୱିତୀୟ ବୃହତ୍ ବିରୋଧୀ ଦଳ। ଆଦାନୀ ପ୍ରସଙ୍ଗର ଯୁଗ୍ମ ସଂସଦୀୟ କମିଟି (ଜେପିସି) ତଦନ୍ତ ଲାଗି ବିରୋଧୀ ଦଳଗୁଡ଼ିକ ଦାବି କରିଆସୁଥିବାବେଳେ ବିଚାର ବିଭାଗୀୟ ତଦନ୍ତ ସପକ୍ଷରେ ପାୱାର ଯୁକ୍ତି ବାଢ଼ିଛନ୍ତି। ଏନ୍‌ସିପି ନେତାଙ୍କର ଏହା ବ୍ୟକ୍ତିଗତ ମନ୍ତବ୍ୟ। ଏହା ଦ୍ୱାରା ବିରୋଧୀ ଏକତା ପ୍ରଭାବିତ ହେବ ନାହିଁ ବୋଲି କଂଗ୍ରେସ ମୁଖପାତ୍ର ସୁପ୍ରିୟା ଶ୍ରୀନାଟେ କହିଛନ୍ତି। ସେହିପରି ସିପିଆଇ ସାଧାରଣ ସମ୍ପାଦକ ଡି. ରାଜା କହିଛନ୍ତି, ବିଭିନ୍ନ ଲୋକ ଭିନ୍ନ ଭିନ୍ନ କଥା କହୁଛନ୍ତି। ଆଗାମୀ ଦିନରେ ଏହା କେଉଁ ମୋଡ଼ ନେଉଛି, ତାହା ଦେଖାଯାଉ। ତେବେ ଭାଜପାକୁ ପରାଜିତ କରିବା ଲାଗି ସବୁ ଧର୍ମନିରପେକ୍ଷ ଗଣତାନ୍ତ୍ରିକ ଦଳ ଏକାଠି ହୋଇ ଲଢ଼ିବାକୁ ସେ ଆହ୍ୱାନ ଦେଇଛନ୍ତି। ଏନ୍‌ସିପି ନେତାଙ୍କ ମନ୍ତବ୍ୟ ବିରୋଧୀ ଏକତାରେ ଫାଟ ସୃଷ୍ଟି କରିବ ନାହିଁ ବୋଲି ଶିବସେନା (ୟୁବିଟି) ନେତା ସଞ୍ଜୟ ରାଉତ କହିଛନ୍ତି।



ଶରଦ ପାୱାର

# ଦଳୀୟ ନେତାଙ୍କୁ ଭାରତ, ଓଡ଼ିଶାର ଗୌରବମୟ ଇତିହାସ ପଢ଼ାନ୍ତୁ: ବିଜେଡି

## ଅଠରବାଙ୍କୀ ପ୍ରତିମୂର୍ତ୍ତି ଭଙ୍ଗା ଘଟଣା

**ଭୁବନେଶ୍ୱର, ୮।୪(ବ୍ୟୁରୋ)**

ପାରାଦୀପ ଅଠରବାଙ୍କୀ ବାଲିଫ୍ଲଟ୍‌ରେ କଳିଙ୍ଗ କର୍ଣ୍ଣଧାର ମତ୍ସ୍ୟଜୀବୀ ସମବାୟ ସମିତି ଘରଛାତ ଉପରେ ଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ଓ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିକୁ ଦୁଇ ଦିନ ତଳେ ଭଙ୍ଗାଯାଇଥିଲା। ଏନେଇ ଶନିବାର ପାରାଦୀପ ନଗର ବିଜେଡି ପକ୍ଷରୁ ସ୍ଥାନୀୟ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ବିଜେଡି ମୁଖପାତ୍ର ଲେଲିନ ମହାନ୍ତି ଟୁଇଟ୍ କରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କହିଛନ୍ତି, ପାରାଦୀପରେ ଆପଣଙ୍କ ଦଳର କର୍ମୀମାନେ ମହାନ୍ ସଂଗ୍ରାମୀ, ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ଏବଂ ପ୍ରବାଦପୁରୁଷ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ଭାଙ୍ଗିଛନ୍ତି। ଏହି ହୀନ କାର୍ଯ୍ୟରେ ଯେଉଁମାନଙ୍କ ସମ୍ପୃକ୍ତି ରହିଛି ସେମାନଙ୍କ ମୁଖିଆ ହେଉଛନ୍ତି ଆପଣଙ୍କ ଦଳର ବରିଷ୍ଠ ନେତା ବିଭୁପ୍ରସାଦ ତରାଇ। ଏଭଳି କାର୍ଯ୍ୟରେ ଲିପ୍ତ ଆପଣଙ୍କ ଦଳର ନେତାଙ୍କୁ ଭାରତ ତଥା ଓଡ଼ିଶାର ଗୌରବମୟ ଇତିହାସ ପଢାଇବାର ବ୍ୟବସ୍ଥା କରନ୍ତୁ ବୋଲି ଲେଲିନ କହିଛନ୍ତି। ଅପରପକ୍ଷେ ମୂର୍ତ୍ତି ଭଙ୍ଗାଯିବା ସମ୍ପର୍କରେ ସମିତି ସମ୍ପାଦକ ଅଲେଖ ଚନ୍ଦ୍ର ତରାଇ କହିଛନ୍ତି, ଘରର ଛାତ ସୁରକ୍ଷା ପାଇଁ ସେହି ମୂର୍ତ୍ତିକୁ ଆଣି ରଖାଯାଇଛି। ମରାମତି କାର୍ଯ୍ୟ ଶେଷ ହେବା ପରେ ଉପଯୁକ୍ତ ସ୍ଥାନରେ ପୁଣି ସ୍ଥାପନ କରାଯିବ ବୋଲି ସେ କହିଛନ୍ତି।

CLASSIFIED DISPLAY
ALL EDITION - B/W (Everyday)
MORE SPACE • SAME PRICE
TARIFF
for Booking Contact 0674-2580385
9178722970, 8018240892
7894447167, 9338226625

SONY MOBILE NETWORK
ନିଜଛାତ,ଜମି,ଜଲିନ୍‌କୁ ରୋଜଗାର ପନ୍ଥା ବନାନ୍ତୁ 5G Network Tower ଲଗାନ୍ତୁ.
ପ୍ରତିମାସ, 20 ବର୍ଷର ଚୁକ୍ତି, ଚୁକ୍ତି ଶୁଳ୍କ 650/-ମାତ୍ର
ADVANCE : 30 LAKH
ଭଡା : ୧୫,୦୦୦/- ମାସିକ, ଚାକିରି-୧ଜଣ, ଦରମା : ୧୫,୦୦୦/- + PF + Bonos + ବୋଲେରୋ ଗାଡି
6390061477
7380925927

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଭାଜପାରେ ରାଜଗୋପାଳାଚାରୀଙ୍କ ଅଣନାତି

**ନୂଆଦିଲ୍ଲୀ, ୮।୪**



ସି.ଆର କେଶବନ୍

କଂଗ୍ରେସର ପୂର୍ବତନ ନେତା ତଥା ପ୍ରଥମ ଭାରତୀୟ ଗଭର୍ଣ୍ଣର ଜେନେରାଲ ସି ରାଜାଗୋପାଳାଚାରୀଙ୍କ ନାତି ସି.ଆର କେଶବନ୍ ଶନିବାର ଭାଜପାରେ ଯୋଗ ଦେଇଛନ୍ତି। ଫେବୃଆରୀରେ କଂଗ୍ରେସରୁ ଇସ୍ତଫା ଦେଇଥିବା କେଶବନ୍ ପୂର୍ବରୁ ଦଳର ଅଧ୍ୟକ୍ଷ ମଲ୍ଲିକାର୍ଜ୍ଜୁନ ଖାର୍ଗେଙ୍କୁ ପଠାଇଥିବା ଇସ୍ତଫା ପତ୍ରରେ ଲେଖିଥିଲେ, ସେ ଦୁଇ ଦଶନ୍ଧି ଧରି ଦଳ ପାଇଁ କାର୍ଯ୍ୟ କରୁଛନ୍ତି। କିନ୍ତୁ ବର୍ତ୍ତମାନ ଦଳର ମୂଲ୍ୟବୋଧ କମିବାରେ ଲାଗିଛି।

# ସୁଶାନ୍ତ ସିଂଙ୍କୁ ନେଇ ତେଜିଲା ରାଜନୀତି

- ବିଜେଡି ଅଫିସିଆଲି ସ୍ୱୀକାର କଲା ନବ ଦାସ ହତ୍ୟାକାଣ୍ଡରେ ନେତାଙ୍କ ସମ୍ପୃକ୍ତି ରହିଛି: ପୃଥ୍ୱୀରାଜ
- ବିରୋଧୀଙ୍କ କଥାରେ ଆମେ କ'ଣ ନାଚିବୁ: ମହେଶ
- ଭାଜପା ନେତା ଦାୟିତ୍ୱହୀନ ମନ୍ତବ୍ୟ ଦେଉଛନ୍ତି: ବିଜେଡି

**ଭୁବନେଶ୍ୱର, ୮।୪(ବ୍ୟୁରୋ)**

ପୂର୍ବତନ ମନ୍ତ୍ରୀ ତଥା ଭଟଲି ବିଧାୟକ ସୁଶାନ୍ତ ସିଂଙ୍କୁ ଝାରସୁଗୁଡ଼ା ଉପନିର୍ବାଚନରୁ ଦୂରେଇ ରଖାଯାଇଛି। ବରିଷ୍ଠ ପର୍ଯ୍ୟବେକ୍ଷକ କିମ୍ବା ବିଜେଡି ବ୍ଲକ ଓ ମ୍ୟୁନିସିପାଲିଟି ପର୍ଯ୍ୟବେକ୍ଷକ ତାଲିକାରେ ତାଙ୍କ ନାମ ନାହିଁ। ତାଙ୍କୁ ଦଳର ପ୍ରମୁଖ ପରିଚାଳନା ତାଲିକାରୁ କାହିଁକି ବାଦ୍ ଦିଆଯାଇଛି ତାହା ଅସ୍ପଷ୍ଟ ଥିବାବେଳେ ରାଜନୀତି ଜୋର ଧରିଛି। ସୁଶାନ୍ତଙ୍କ ନାଁ ନ ନେଇ ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ହତ୍ୟା ପଛରେ ସୁଶାନ୍ତଙ୍କ ସମ୍ପୃକ୍ତି ଥିବା ବିଜେଡି ଅଫିସିଆଲି ପ୍ରମାଣ କରିଛି। ପୂର୍ବରୁ ବିରୋଧୀ ଦଳ ନେତା ଯାହା କହିଥିଲେ, ବିଜେଡି ସେହି କଥାକୁ ଆନୁଷ୍ଠାନିକ ଭାବେ ସ୍ୱୀକାର କରିଛି। ତାଙ୍କ ଉପରେ ନବ ସମର୍ଥକଙ୍କ ଆକ୍ରୋଶରୁ ବିଜେଡି ବର୍ତ୍ତିବାକୁ ଚାହୁଁଛି। ଦଶାହ କାର୍ଯ୍ୟରୁ ମଧ୍ୟ କେତେଜଣଙ୍କୁ ଦୂରେଇ ରଖାଯାଇଥିଲା। ପୂର୍ବରୁ ତାଙ୍କ ନାଁରେ ଅଭିଯୋଗ ରହିଛି ବୋଲି ପୃଥ୍ୱୀରାଜ କହିଛନ୍ତି। ଅନ୍ୟପକ୍ଷେ ବରିଷ୍ଠ ବିଜେଡି ନେତା ତଥା ଢେଙ୍କାନାଳ ଏମ୍‌ପି ମହେଶ ସାହୁ କହିଛନ୍ତି, ଦଳ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କାହିଁକି ଏଭଳି ନିଷ୍ପତ୍ତି ନେଇଛନ୍ତି ସେ ହିଁ କହିପାରିବେ। ବିଜେଡିରେ ସମସ୍ତେ ଦକ୍ଷ ନେତା। କିଏ କ'ଣ କହୁଛି ତାକୁ ନେଇ କିଛି କହିହେବନାହିଁ। ହତ୍ୟା ମାମଲାର ତଦନ୍ତ ଚାଲିଛି। ଜଣେ ଆକ୍ଟିଭ ଲୋକଙ୍କୁ ସବୁବେଳେ ସବୁ ଜାଗାରେ ଦାୟିତ୍ୱ ଦିଆଯିବ କି? ଦଳର ନିଷ୍ପତ୍ତିକୁ କାର୍ଯ୍ୟକର୍ତ୍ତା ଗ୍ରହଣ କରିବେ। ବିରୋଧୀ ଦଳ କ'ଣ ପ୍ରତିକ୍ରିୟା ଦେଲେ, ତାଙ୍କ କଥାରେ କ'ଣ ନାଚିବୁ? ବିରୋଧୀ ଦଳ କ'ଣ ଜଜ୍ ବୋଲି ମହେଶ ପ୍ରଶ୍ନ କରିଛନ୍ତି। କଂଗ୍ରେସର ବରିଷ୍ଠ ନେତା ସନ୍ତୋଷ ସିଂ ସାଲୁଜା କହିଛନ୍ତି, ପୂର୍ବତନ ମନ୍ତ୍ରୀ ତଥା ଭଟଲି ବିଧାୟକ ସୁଶାନ୍ତ ସିଂ ପୂର୍ବରୁ ବିଜେପୁର, ପଦ୍ମପୁର, ବ୍ରଜରାଜନଗର ଦାୟିତ୍ୱରେ ଥିଲେ। ଗତ ଏନ୍‌ଏସି ନିର୍ବାଚନରେ ମଧ୍ୟ ତାଙ୍କୁ ଦାୟିତ୍ୱ ଦିଆଯାଇଥିଲା। ତାଙ୍କ ନାଁ ନବ ଦାସ ହତ୍ୟାକାଣ୍ଡରେ ସମ୍ପୃକ୍ତି ଥିବା କୁହାଯାଉଛି। ସୁଶାନ୍ତ ଉପନିର୍ବାଚନକୁ ଗଲେ ନବଙ୍କ କର୍ମୀ ଓ ତାଙ୍କ ଘର ଲୋକେ ମଧ୍ୟ ବିରୋଧ କରିବେ। ଅନ୍ୟପକ୍ଷେ ଜୀବନରେ ଥରେ କାଉନସିଲର ଭୋଟରେ ଜିତି ନ ଥିବା ପୃଥ୍ୱୀରାଜ ଏଭଳି ଅରୁଚିକର ମନ୍ତବ୍ୟ ଦେବା ପୂର୍ବରୁ ଲଜ୍ଜାବୋଧ କରିବା କଥା ବୋଲି ବିଜେଡି ମୁଖପାତ୍ର ଇପ୍‌ସିତା ସାହୁ ଗଣମାଧ୍ୟମକୁ କହିଛନ୍ତି।

# ରାଜ୍ୟ ସରକାର ମିଛ ସ୍ୱପ୍ନ ବାଣ୍ଟିବାର ସୌଦାଗର: କଂଗ୍ରେସ

**ଭୁବନେଶ୍ୱର, ୮।୪(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାକୁ ଶିଳ୍ପ ସମୃଦ୍ଧ ରାଜ୍ୟରେ ପରିଣତ କରିବେ ବୋଲି ୨୦୦୦ରୁ ଘୋଷଣା କରିଚାଲିଛନ୍ତି। ଏପରି କି ୨୦୦୩ରୁ ଅଦ୍ୟାବଧି ସ୍ଥାପିତ ବୃହତ୍ ଶିଳ୍ପ କେବଳ ଖଣିଜଭିତ୍ତିକ। ରାଜ୍ୟରେ ଅନ୍ୟ କୌଣସି ଶିଳ୍ପ ପ୍ରତିଷ୍ଠା ହୋଇନାହିଁ। ବାସ୍ତବ କଥା ହେଉଛି, ୨୦୦୦ରୁ ଆଜି ପର୍ଯ୍ୟନ୍ତ ରାଜ୍ୟରେ ଯେତେଗୁଡ଼ିଏ କୃଷିଭିତ୍ତିକ ଶିଳ୍ପ ଥିଲା ସେସବୁ ଗୋଟିଏ ପରେ ଗୋଟିଏ ବନ୍ଦ ହୋଇଗଲା। ମୁଖ୍ୟମନ୍ତ୍ରୀଙ୍କ ଜିଲାରେ ଗୋଟିଏ ଶିଳ୍ପ ପ୍ରତିଷ୍ଠା ହୋଇପାରିଲା ନାହିଁ। ସେ ଅଞ୍ଚଳରୁ ୫ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ବିଭିନ୍ନ ରାଜ୍ୟକୁ ଦାଦନ ଖଟିବା ପାଇଁ ଯାଉଛନ୍ତି। ଏପରି କି ପେଟପାଟଣା ପାଇଁ ଯାଇ ଅତ୍ୟାଚାର ଓ ଶୋଷଣର ଶିକାର ହେଉଛନ୍ତି। ସରକାର ମିଛ ସ୍ୱପ୍ନ ବାଣ୍ଟିବାର ସୌଦାଗର ହୋଇଛନ୍ତି ବୋଲି କଂଗ୍ରେସ ନେତା ରଜନୀ ମହାନ୍ତି କହିଛନ୍ତି।

ସେ ଏକ ପ୍ରେସ୍ ବିଜ୍ଞପ୍ତିରେ କହିଛନ୍ତି, ଦାଦନ ଖଟିବାକୁ ଯାଇଥିବା ଶ୍ରମିକଟିଏ ଗାଁକୁ ଶବ ହୋଇ ଫେରୁଛି। ମୁଖ୍ୟମନ୍ତ୍ରୀ ବାରମ୍ବାର ପୁରସ୍କାର ପାଉଛନ୍ତି ବୋଲି ଦାବି କରୁଛନ୍ତି। ଏକ ନମ୍ବର ମୁଖ୍ୟମନ୍ତ୍ରୀଙ୍କର ଦୀର୍ଘ ୨୩ ବର୍ଷ ପରେ ମଧ୍ୟ ଏ ରାଜ୍ୟବାସୀଙ୍କ ପ୍ରତି ସାମାନ୍ୟତମ ନିଷ୍ଠା ନାହିଁ। ସରକାର ଟ୍ରାନ୍ସଫର୍ମେଶନ ଏବଂ ସମୟାନୁବର୍ତ୍ତିତା କଥା କହୁଛନ୍ତି, କିନ୍ତୁ ୨୩ ବର୍ଷ ଭିତରେ ରାଜ୍ୟର ଦାଦନ ଶ୍ରମିକଙ୍କର କୌଣସି ଚିଠା ଏବଂ ଠିକଣା ନ ରହିବା ଏହା ରାଜ୍ୟ ସରକାରଙ୍କ କିଭଳି ଟ୍ରାନ୍ସଫର୍ମେଶନ ହେଉଛି ଏବଂ ସମୟାନୁସାରେ କିଭଳି କାମ ହେଉଛି ଏଥିରୁ ସ୍ପଷ୍ଟ ପ୍ରମାଣ ମିଳୁଛି। ଶହ ଶହ ଗରିବ କଲ୍ୟାଣ ଯୋଜନା କରାଯାଉଛି ବୋଲି କୁହାଯାଉଛି, କିନ୍ତୁ ଏମାନଙ୍କ ପାଖରେ ଏ ଯୋଜନା ଆଜି ଅପହଞ୍ଚ କାହିଁକି? ଏହାର ସୁଫଳ କାହାକୁ ମିଳୁଛି। ସ୍ୱପ୍ନ ଆପଣଙ୍କର ଏକମାତ୍ର କାମ।


# Classified Everyday
0674-2580101, 2549949



MATRIMONIAL

**BRIDE WANTED**

ASHRIBAD WEDDING-ବୟସ 58 ଜାତି ବଙ୍ଗାଳୀ (ବୟସ 45 ଜାତି ତେଲି, ବୟସ 41 ଜାତି ଗୁଡ଼ିଆ Software Engineer in Bangalore) ବୟସ 34 ଜାତି ବ୍ରାହ୍ମଣ- ପୁରୁଷଙ୍କ ପାଇଁ ଉପଯୁକ୍ତ ମହିଳା ଆବଶ୍ୟକ। ଯୋଗାଯୋଗ- 9178392294. D-0060

**GROOM WANTED**

Beautiful Khandayat girl 1994 5'2" serving OJS "SUNASANSAR". 9937512659, 8249969649. D-0061

ASHRIBAD WEDDING-ବୟସ 34 ଜାତି ଖଣ୍ଡାୟତ Divorce ମହିଳାଙ୍କ ପାଇଁ ପୁରୁଷ ଆବଶ୍ୟକ, ସବୁଜାତି ଗ୍ରହଣୀୟ। ଯୋଗାଯୋଗ- 9178392294. D-0059

37 ବୟସ୍କା ସୁନ୍ଦର ବିଧବା ନିଃସନ୍ତାନ ଏକାକୀ ରହୁଥିବା ଖଣ୍ଡାୟତ ଜାତିର ସରକାରୀ କାର୍ଯ୍ୟରତ ଝିଅଙ୍କୁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 7749076723 D-0054

56 ବୟସ୍କା ପେନ୍‌ସନ ପାଉଥିବା Govt. Teacher ନିଃସନ୍ତାନ ବିଧବା ବ୍ରାହ୍ମଣ ମହିଳାଙ୍କୁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 8658185147. D-0058



REAL ESTATE

**SALE**

Individual 3500sqft. gharabari plot Balianta, 2400sqft. Janala for immediate registration, possession: 9937850303 (ବିଷ୍ଣୁ) D-0023

ANTQUE Model bullet sale with valid documents. Contact. 9938205600. D-0043

**2400 sqft. Gharabari Land 50' wide road facing near Pokhariput DAV School. Contact: 9090030067, 9090030068.** D-3028

Xavier ୟୁନିଭରସିଟିରୁ ୪ କି.ମି. (ପିପିଲି-ଜଟଣୀ ରୋଡ୍‌ରେ) ବର୍ଗଫୁଟକୁ- 800/-, 550/-ରେ ପ୍ଲଟ୍ କିଣି ଘର କରନ୍ତୁ। 9938016295. D-74838

Gharabari plot for sale Sivasakti Nagar (Hanspal) per sqft.- 2750/-. 7008492511. D- 0047

Land for sale at Pubasasan Mouza, infront of CIFA having area 2200sqft. with yellowzone (gharabari). Contact: 9938205600. D-0042

ନଖରା ହଂସପାଳ, ରଙ୍ଗବଜାର, ପିପିଲି, ଇଲେକ୍ଟ୍ରିଥାଇ ବାଉଣ୍ଡାରି ପ୍ଲଟ୍ ବିକ୍ରିହେବ। **9438299931.** D-3128

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft.- 3,60,000/-, ଛଡାବର 1200sqft.- 3,00,000/-, ନଖରା 300/-, 6371569855. D-74837

ଭୁବନେଶ୍ୱର ଟଙ୍କପାଣି ରୋଡ୍ **BJEM-2 backside** ରାସ୍ତା ପାଖରେ **2100sqft.** ବାଉଣ୍ଡରି ଘରବାଡ଼ି ପ୍ଲଟ୍ ବିକ୍ରୟହେବ। ବର୍ଗଫୁଟକୁ **900/-. Mob: 9438220432, 8144658008.** D- 0049

Plot sale (yellowzone) near TATA Memorial Cancer Hospital (proposed), infront- of BSF Cantonment. Contact: 9937269125. D-74531

Farmhouse having 5acre area sale near 9K.M. from Chaudwar. Contact: 9938205600. D-0041

ଭୁବନେଶ୍ୱର ସାଇମନ୍ଦିର ଛକରୁ 7K.M. ଦୂରରେ ରଙ୍ଗବଜାର ପାଖରେ ଘରବାରି ପ୍ଲଟ୍ ମିଳୁଛି। 8093465134, 9668194157. D-74839

ଜଟଣୀ NISER (Tahasil Chhak) ସାମ୍ନାରେ ଘରବାରି, yellowzone, 30ft. road ଏବଂ boundarywall ସ୍ଥିତିବାନ୍ plot କିଣି ଘର କରନ୍ତୁ। Contact: 9938066403, 9438315973. D-2998

**A gharabari plot with 5 feet compound wall, steel gate, 10feet Coconut Tree 4 sides of 6000sft. NH side Adaspur road 6 K.M. from Phulanakhara, 11K.M. to BBSR, Middle of CTC & BBSR in a Complex with high profile Atmosphere & Educated 7 Families with electricity & water supply. If u want self independent & peacefully life. 7809525452.** D-74668

**Duplex At: Pokhariput near D.A.V. School. Land Area=2400 sqft., const. Area= 3700sqft. Contact. 9776996478.** D-3031



CONSTRUCTION

Construct your Dream Home/Building with compititive rate contact Besco Developers, Satyanagar, Bhubaneswar, 9778855101, 7735330028. D-2999

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।



FOR RENT

2 Rooms,kitchen, toilet, Dinings pace Ground floor opposite hotel Presidency, Nayapalli 7077754377. D-74840

3BHK, 3 toilet near Palasuni Market, Bhubaneswar. Contact : 9337892385. D-73375



Healthcare

Newly open Spa Positively health benefit with expert. Contact- 7749976301 D-74532

**Full Body massage by Experience Therapist @999 only- 9078484455. (Bhubaneswar).** D-3134

Asribadaa Panchakarma Herbal SPA, Kesarimall, Bhubaneswar. Contact: 8926173473. D-74669

Newly open health benefits SPA special Offer @ 799, Jaydev Vihar. 8018429809. D-73697

All types of professional body massage by professional therapy. Contact: 9556924059, 7077933109. D-0046

**Relax, Refresh your body, Mind at Saikrupa Spa with best therapies. 8984068077.** D-0034



education

**B. Ed. Andhrapradesh under Nagarjuna Andhra University 2023-2025 batch Contact- 8339831898, 8260311845, 9930627570 seat booking admission.** D-0056

University Gold medallist offers expert PERSONAL coaching for English, Maths, Science Class 8 to 10 any board. Khandagiri 8599086770. D-0044

**AFFIDAVIT**

I, Anila Kumar Patnaik, S/o Late Kanhu Charan Patnaik, presently residing at Qr. No. LA-693, HAL Township, Post: Sunabeda-2, PS.- Sunabeda, Dist.- Koraput (Odisha). Do hereby declare that by virtue of affidavit dt.07/4/2023 before the Notary, Sunabeda, I have changed my name from Anila Kumar Patnaik to Anil Kumar Patnaik. Hence in future I will be known as Anil Kumar Patnaik in all official and other purposes. D-0055

By virtue of an affidavit sworn before the Notary Public, Bolangir, I Sayed Kotabur Rasul, R/o. Gandhinagar pada, Bolangir town, PO/Dist. Bolangir declared that I want to change my name from Sayad Kotobur Rasul, S/o. Sayad Nayim Rasul (Father) and Sayada Anwari Begum (Mother) to Sayed Kotabur Rasul, S/o. Sayed Naim Rasul (Father) and Sayeda Anwara Begum (Mother) for all purposes. D-0052

**LEGAL NOTICE**

ଆମ୍ଭେ ଶ୍ରୀମତୀ ରୀନା ଜେନା, ସ୍ୱାମୀ: ଧ୍ରୁବ ଚରଣ ବିଶ୍ୱାଳ, ଗ୍ରାମ: କୋରଡ଼କଣ୍ଟା, ଥାନା: ବଡ଼ଗଡ଼, ଜିଲ୍ଲା: ଖୋର୍ଦ୍ଧା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଉଅଛୁ ଯେ ଦୀର୍ଘ ୧୨ (ବାର) ବର୍ଷରୁ ଅଧିକ ସମୟ ଧରି ଆମ୍ଭେ କୋରଡ଼କଣ୍ଟାରେ ଘର କରି ବାସ କରି ଆସୁଅଛୁ। ଗ୍ରାମର କିଛି ଖଳ ପ୍ରକୃତିର ଲୋକ ଜାଲ୍ କାଗଜପତ୍ର ବଳରେ ମୋର ଜମି ଓ ଘର ଦଖଲ କରିବାକୁ ଷଡ଼ଯନ୍ତ୍ର କରୁଥିବା ଆମ୍ଭେ ଜାଣିବାକୁ ପାଉଛୁ। ଭବିଷ୍ୟତରେ ଯଦି ଏହି ଜମି ଓ ଘର ସେମାନଙ୍କ ପ୍ରରୋଚନାରେ ପଡ଼ି ଜାଲ୍ କାଗଜପତ୍ର ଦ୍ୱାରା କେହି କ୍ରୟ କରନ୍ତି, ତେବେ ଆମ୍ଭେ ଏଥିପାଇଁ ଦାୟୀ ହେବୁ ନାହିଁ।
ଇତି- ଶ୍ରୀମତୀ ରୀନା ଜେନା
କୋରଡ଼କଣ୍ଟା
ଧ-୦୦୪୧

**ନିରୁଦ୍ଦିଷ୍ଟ**



ନାମ- ସହଦେବ ଗୌଡ଼, ରଙ୍ଗ- ଗୋରା, ବୟସ: 60 ସେ ଗଲା ବେଳେ ଧୋତି ପିନ୍ଧି ଥିଲେ, ସେ ନୟାପଲ୍ଲୀରୁ ନିଖୋଜ ଅଛନ୍ତି ଏବଂ ସେ ଦାଶକାଠିଆ ବଜାନ୍ତି। ଗତମାସ ୨୦ ତାରିଖଠାରୁ ସେ ନିଖୋଜ ଅଛନ୍ତି, ତେଣୁ ତାଙ୍କର କୌଣସି ସନ୍ଧାନ ପାଆନ୍ତି ତେବେ ଏହି ନମ୍ବରରେ ଯୋଗାଯୋଗ କରନ୍ତୁ। 9316230902. 8455986851. D-0053

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଏ ସପ୍ତାହର ପ୍ରଶ୍ନ

୧ – ଏଲିଫ୍ୟାଣ୍ଟ କଞ୍ଜରଭେଶନ ନେଟ୍‌ୱର୍କ .......... ରାଜ୍ୟରେ ଆରମ୍ଭ କରାଯାଇଛି ?
୨– ପ୍ରେସ୍ ଇନ୍‌ଫର୍ମେଶନ୍ ବ୍ୟୁରୋର ନୂତନ ଡାଇରେକ୍ଟର ଜେନେରାଲ୍ ଭାବେ .......... ନିଯୁକ୍ତ ହୋଇଛନ୍ତି ?
୩– ଦିବ୍ୟ କଳା ମେଳା ............ ରାଜ୍ୟରେ ପାଳନ କରାଯାଏ ?
୪– ପିଏମ୍ ମିତ୍ର ସ୍କିମ୍ ............... ପକ୍ଷରୁ ଆରମ୍ଭ କରାଯାଇଛି ?
୫– ମିରାକିଲ୍ସ ଅଫ୍ ଫେସ୍ ୟୋଗା ପୁସ୍ତକ ......... ଲେଖିଛନ୍ତି ?

## ଗତ ଥରର ଉତ୍ତର

୧ ଫାଇନାନ୍ସିଆଲ୍ ଆକ୍ସନ ଟାସ୍କ ଫୋର୍ସ
୨ ଟାଇପ୍–୨ ଡାଇବେଟିସ୍
୩ ସିକିମ୍
୪ ଆମେରିକା
୫ ସେଲ୍ୟୁଲଏଡ୍

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

## ଉତ୍ତରଦାତା


ଶେଖ୍ ୟାକୁବ୍, ଗୋପ


ଶୁଭଶ୍ରୀ ମହାନ୍ତି, ଭୁବନେଶ୍ୱର

## ଟପ୍ ୧୦

### ସବୁଠୁ ଉଚ୍ଚା ପକ୍ଷୀ

| | |
|---|---|
| ୧– କମନ୍ ଅଷ୍ଟ୍ରିଚ୍ | ୨.୮ ମିଟର |
| ୨– ସୋମାଲି ଅଷ୍ଟ୍ରିଚ୍ | ୨.୭୨ ମିଟର |
| ୩– ଏମୁ | ୧.୯ ମିଟର |
| ୪– ସଦର୍ନ କ୍ୟାଜୋୟାରୀ | ୧.୮ ମିଟର |
| ୫– ଡାଲମାଟିଆନ୍ ପେଲିକାନ୍ | ୧.୭୫ ମିଟର |
| ୬– ନର୍ଦନ କ୍ୟାଜୋୟାରୀ | ୧.୭ ମିଟର |
| ୭– ମ୍ୟୁଟ୍ ସ୍ୱାନ୍ ଓ ଟ୍ରମ୍ପେଟର ସ୍ୱାନ୍ | ୧.୭ ମିଟର |
| ୮– ଗ୍ରେଟର ରେଆ | ୧.୫ ମିଟର |
| ୯– ମାରାବୋଉ ଷ୍ଟର୍କ | ୧.୫ ମିଟର |
| ୧୦– ଶୋଏବିଲ୍ | ୧.୫ ମିଟର |

ୟୁଥ୍ ଆଲର୍ଟ

# ଦୃଷ୍ଟିଶକ୍ତି ବଢ଼ାଇବା ଖାଦ୍ୟ



ବର୍ତ୍ତମାନ ଅଧିକ ସମୟ ମୋବାଇଲ୍, ଲାପ୍‌ଟପ୍, କମ୍ପ୍ୟୁଟର ଆଦି ବ୍ୟବହାର କରିବା ଏବଂ ଅସନ୍ତୁଳିତ ଖାଦ୍ୟାଭ୍ୟାସ ଭଳି ବିଭିନ୍ନ କାରଣରୁ ଅଧିକାଂଶ ଯୁବପିଢ଼ିଙ୍କଠାରେ ଚକ୍ଷୁ ସମସ୍ୟା ଦେଖିବାକୁ ମିଳୁଛି। ଏମିତିରେ ନିଜ ଖାଦ୍ୟ ତାଲିକାରେ କ'ଣ ସବୁ ସାମିଲ କଲେ ଦୃଷ୍ଟିଶକ୍ତି ବୃଦ୍ଧି ହେବାରେ ସହାୟକ ହେବ, ଜାଣିରଖନ୍ତୁ ସେ ସମ୍ପର୍କରେ...

**ଶାଗ:** ଦୃଷ୍ଟିଶକ୍ତି ବୃଦ୍ଧି କରିବା ଲାଗି ଶାଗ ହେଉଛି ସବୁଠୁ ଭଲ ଖାଦ୍ୟ। ଏଥିରେ ଭରି ରହିଛି ପ୍ରଚୁର ପରିମାଣରେ ଭିଟାମିନ୍, ମିନେରାଲ୍ସ। ତେଣୁ ପ୍ରତିଦିନ ଖାଦ୍ୟ ତାଲିକାରେ ତଟକା ସବୁଜ ଶାଗକୁ ସାମିଲ କରି ଉପକୃତ ହୋଇପାରିବେ।

**ଅଣ୍ଡା:** ଏଥିରେ ଭରିରହିଛି ପ୍ରଚୁର ପରିମାଣର ଲ୍ୟୁଟିନ୍, ଭିଟାମିନ୍ ଇ, ସି, ଯାହାକି ଚକ୍ଷୁ ସମସ୍ୟା ଦୂର କରିବା ଲାଗି ବହୁତ ଉପକାରୀ।



**ସି ଫୁଡ୍:** ସାଲମନ୍, ଟୁନା ଭଳି ସମୁଦ୍ର ମାଛରେ ପ୍ରଚୁର ପରିମାଣରେ ଓମେଗା–୩ ଫ୍ୟାଟି ଏସିଡ୍ ଭରି ରହିଛି, ଯାହାକି ଚକ୍ଷୁ ଶୁଷ୍କ ହେବା ବା ଡ୍ରାଏ ଆଇ ଏବଂ ଅନ୍ୟାନ୍ୟ ଚକ୍ଷୁ ସମସ୍ୟା ଦୂର କରିବାରେ ସାହାଯ୍ୟ କରିଥାଏ। ଏହି ସି ଫୁଡ୍ ଖାଇବା ଦ୍ୱାରା ଗ୍ଲୁକୋମା ଭଳି ସମସ୍ୟାଠାରୁ ମଧ୍ୟ ଦୂରେଇ ରହିବାରେ ସାହାଯ୍ୟ କରେ।

**ଛୁଇଁ:** ଶିମ୍ବ, ବିନ୍ସ, ଝୁଡ଼ଙ୍ଗ, ସଜନାଛୁଇଁ ଆଦି ଭଳି ଛୁଇଁଜାତୀୟ ଖାଦ୍ୟରେ ପ୍ରୋଟିନ୍ ଏବଂ ଜିଙ୍କ୍ ପରିମାଣ ଖୁବ୍ ଅଧିକ, ଯାହାକି ଚକ୍ଷୁ ପାଇଁ ବେଶ୍ ଉପକାରୀ। ତେଣୁ ଏହାକୁ ଖାଇଲେ ଦୃଷ୍ଟିଶକ୍ତି ବୃଦ୍ଧି ହେବ।

**ମଞ୍ଜି ଓ ବାଦାମଜାତୀୟ ଖାଦ୍ୟ:** ଆଖିର ମାଂସପେଶୀକୁ ସୁସ୍ଥ ଏବଂ ମଜଭୁତ ରଖିବା ଲାଗି ଭିଟାମିନ୍ ଇ, ସି, ଜିଙ୍କ୍, ଓମେଗା–୩ ଫ୍ୟାଟି ଏସିଡ୍ ଏବଂ ଆଣ୍ଟିଅକ୍ସିଡାଣ୍ଟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେବେ ଏ ସବୁ ଭରପୂର ମାତ୍ରାରେ ରହିଛି ବିଭିନ୍ନ ମଞ୍ଜି ଏବଂ କାଜୁ, ପେସ୍ତା, ଚିନାବାଦାମ ଏବଂ ଅନ୍ୟ ବାଦାମଜାତୀୟ ଖାଦ୍ୟରେ।

**ପନିପରିବା:** ଗାଜର, ଫୁଲକୋବି ଏବଂ ଅନ୍ୟାନ୍ୟ ତଟକା ପନିପରିବା ଜାତୀୟ ଖାଦ୍ୟ ମଧ୍ୟ ଆପଣଙ୍କ ଦୃଷ୍ଟିଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ।

# ଚ୍ୟାଲେଞ୍ଜ



ସଫଳତା ମାର୍ଗରେ 'ଚ୍ୟାଲେଞ୍ଜ' ହେଉଛି ଏମିତି ଏକ ବାଧକ, ଯାହାକୁ ଡରି କେହି କେହି ସମ୍ପୂର୍ଣ୍ଣ ଓହରି ଯାଇ ଲକ୍ଷ୍ୟଚ୍ୟୁତ ହୋଇଯାଆନ୍ତି ତ ଆଉ କାହା ପାଇଁ ଏହା ହିଁ ପାଲଟେ ଦୃଢ଼ ମନୋବଳ ରଖି ସଫଳତାର ଶୀର୍ଷରେ ପହଞ୍ଚିବାର ଚାବିକାଠି। ତେବେ ମଣିଷର ମାନସିକତାକୁ ନେଇ ଏହାର ପରିଭାଷା କାହା ପାଇଁ କେମିତି...

ଜୀବନର ପ୍ରତିଟି ସମୟରେ ମଣିଷକୁ ଅନେକ ଘାତ ପ୍ରତିଘାତର ସମ୍ମୁଖୀନ ହେବାକୁ ପଡ଼ିଥାଏ। ସଫଳତା ପାଇବାକୁ ହେଲେ ଅନେକ ଚ୍ୟାଲେଞ୍ଜର ବି ସାମ୍ନା କରିବାକୁ ବି ପଡ଼େ। ହେଲେ ଯିଏ ଏହି ଚ୍ୟାଲେଞ୍ଜକୁ ଡରିଯାଏ ସେ ହାରିଯାଏ ଏବଂ ଯିଏ ଏହାକୁ ଜୀବନର ଏକ ପରୀକ୍ଷା ଭାବେ ଗ୍ରହଣ କରି ଉଦ୍ୟମ ଜାରି ରଖେ, ସେ ହିଁ ସଫଳତାର ସ୍ୱାଦ ଚାଖିପାରେ। ତେଣୁ କୌଣସି ଚ୍ୟାଲେଞ୍ଜର ସମ୍ମୁଖୀନ ହେବା ଲାଗି କେଉଁ ସବୁ ଦିଗକୁ ଅଣଦେଖା କଲେ ଆଗକୁ ବଢ଼ିପାରିବେ ଜାଣିରଖନ୍ତୁ ସେ ସମ୍ପର୍କରେ...

**ନକାରାତ୍ମକ ଭାବନା ଦୂରାନ୍ତୁ:** ଯେବେ ଜଣେ ନିଜ ଲକ୍ଷ୍ୟପଥରେ ଅଗ୍ରସର ହୁଏ, ସେତେବେଳେ ଅନେକ ବାଧା ବା ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥାଏ। ହେଲେ କେବେକେବେ ମନରେ ନକାରାତ୍ମକ ଭାବନା ରହିଲେ ଏହା ଚ୍ୟାଲେଞ୍ଜକୁ ଗ୍ରହଣ କରିବାକୁ ଦିଏନାହିଁ ଏବଂ ପ୍ରଗତି ପଥରେ ବାଧକ ସାଜେ। ଏହା ମାନସିକ ସ୍ତରରେ ଜଣଙ୍କୁ ଦୁର୍ବଳ କରିଦିଏ। ଫଳରେ ଆଗକୁ କୌଣସି ଚ୍ୟାଲେଞ୍ଜ ଆସିଲେ ତାହାକୁ ସାମ୍ନା କରିବା ତ ଦୂରର କଥା, ଭୟରେ ଜଣେ ସେଥିରୁ ସମ୍ପୂର୍ଣ୍ଣ ଓହରିଯାଏ। ତେଣୁ ସର୍ବପ୍ରଥମେ ନିଜ ମନରେ ଏଭଳି ଭାବନା ଦୂରେଇ ସକାରାତ୍ମକ ଭାବନା ରଖନ୍ତୁ।

**ଲକ୍ଷ୍ୟ ପ୍ରତି ରଖନ୍ତୁ ଫୋକସ୍:** ଆମ ଭିତରେ ଅନେକ ଏମିତି ବି ଅଛନ୍ତି, ଯାହାଙ୍କର ଲକ୍ଷ୍ୟ କେବଳ ଗୋଟିଏ ହୋଇ ନ ଥାଏ। ସେମାନେ ସେ ସବୁକୁ ସଫଳ କରିବା ଲାଗି ଉଦ୍ୟମ ବି କରନ୍ତି। ହେଲେ କୌଣସି କାର୍ଯ୍ୟରେ ଯଦି ଥରେ ବିଫଳତା ଆସେ ଅବା ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡ଼େ, ତେବେ ବାରମ୍ବାର ଉଦ୍ୟମ କରିବା ବଦଳରେ ସେମାନେ ଏହାକୁ ଛାଡ଼ି ଅନ୍ୟ ସମସ୍ତ ଲକ୍ଷ୍ୟ ପୂରଣ କରିବାକୁ ଗୁରୁତ୍ୱ ଦିଅନ୍ତି। ସେହିପରି କୌଣସି ନିର୍ଦ୍ଦିଷ୍ଟ କାର୍ଯ୍ୟ ପ୍ରତି ଫୋକସ୍ ନ ରହିବାରୁ ଗୋଟିଏ ପରେ ଗୋଟିଏ ଲକ୍ଷ୍ୟରେ ଆସୁଥିବା ଚ୍ୟାଲେଞ୍ଜକୁ ସେମାନେ ଅବହେଳା କରି ଛାଡ଼ିଦିଅନ୍ତି ଏବଂ ଶେଷରେ କୌଣସି ଲକ୍ଷ୍ୟ ହାସଲ କରିବା ସହଜ ହୋଇପାରି ନ ଥାଏ।







**ଛାଡ଼ନ୍ତୁ ଭୟ:** ଭୟ ଏଭଳି ଏକ ଭାବନା, ଯାହାକି ମଣିଷକୁ ପଛକୁ ପଛକୁ ଟାଣେ। ଲକ୍ଷ୍ୟ ପଥରେ ଆସୁଥିବା ଚ୍ୟାଲେଞ୍ଜକୁ ଥରେ ସାମ୍ନା କରିବାକୁ ଭୟ କଲେ ଏହା ମାନସିକ ସ୍ତରରେ ଦୁର୍ବଳ କରିଦେବ, ଯଦ୍ୱାରା ଜଣେ ଏଥିରୁ ନିଜକୁ ଦୂରେଇବା ଖୁବ୍ କଷ୍ଟକର ହୋଇପଡ଼ିବ। ଉଦାହରଣ ସ୍ୱରୂପ ଭବିଷ୍ୟତରେ ସଫଳ ଓକିଲ ହେବାକୁ ଇଚ୍ଛା ରଖିଥିବା ଜଣେ ଛାତ୍ରୀ କିମ୍ବା ଛାତ୍ର କ୍ଲାସ୍‌ରୁମ୍‌ରେ ଶିକ୍ଷକ ଏବଂ ଛାତ୍ରୀଛାତ୍ରଙ୍କ ସମ୍ମୁଖରେ ପଦେ କଥା କହିବାକୁ ଡରନ୍ତି। ଧୀରେ ଧୀରେ ଏହି ଡର ମନରେ ରହିଯାଏ। ଫଳରେ ଜବ୍ ମିଳିଲେ କିପରି କୋର୍ଟରେ ନିଜର ମତ ରଖିବେ ତାକୁ ନେଇ ଭୟ କରନ୍ତି ଏବଂ ଲକ୍ଷ୍ୟ ପଥ ବଦଳାଇ ଦିଅନ୍ତି। ହେଲେ ଏହା ଜଣେ ବିଦ୍ୟାର୍ଥୀର ପରିଚୟ ନୁହେଁ। ତେଣୁ ସର୍ବପ୍ରଥମେ ନିଜର ଦୁର୍ବଳତାକୁ ନିଜେ ଖୋଜିବା ଏବଂ ଏହାକୁ ଦୂର କରିବା ଲାଗି ବାରମ୍ବାର ଚେଷ୍ଟା କରିବା ଦ୍ୱାରା ହିଁ ମନରୁ ଭୟ ଦୂର କରି ସଫଳତା ପାଇବାର ଏକମାତ୍ର ଉପାୟ।

**ଅନ୍ୟ କଥାରେ ହୁଅନ୍ତୁନି ଦୁର୍ବଳ:** ଅନ୍ୟକୁ ଆଗକୁ ବଢ଼ିବାରେ ଉତ୍ସାହିତ କରିବା କିମ୍ବା ପ୍ରେରଣା ଯୋଗାଇଦେବା ଲୋକଙ୍କ ତୁଳନାରେ ବିଭିନ୍ନ ନକାରାତ୍ମକ କଥା କହି ପଛକୁ ଟାଣିବା ଲୋକଙ୍କ ସଂଖ୍ୟା ବେଶି। ହେଲେ ଏଥିରେ ମନକୁ ଦୁର୍ବଳ ନ କରି ସେଭଳି ଲୋକଙ୍କ କଥାକୁ ଏକ ଚ୍ୟାଲେଞ୍ଜ ଭାବି ଦୃଢ଼ ମନୋବଳ ରଖି ବାରମ୍ବାର ଚେଷ୍ଟା କଲେ ସଫଳ ହୋଇପାରିବେ ସେଥିରେ ସନ୍ଦେହ ନାହିଁ। ତେଣୁ କିଏ କ'ଣ କହୁଛି କିମ୍ବା କିଏ କ'ଣ ଭାବିବ ସେ ଦିଗରେ ଧ୍ୟାନ ଦେଇ ନିଜକୁ ଦୁର୍ବଳ କରିବା ବଦଳରେ ନିଜ କାର୍ଯ୍ୟରେ ଧ୍ୟାନ ଦିଅନ୍ତୁ ଏବଂ ଆଗକୁ ବଢ଼ନ୍ତୁ।

### ଏମାନେ କ'ଣ କୁହନ୍ତି



**ପ୍ରସନ୍ନ କୁମାର ସାଉ** (ଚିତ୍ରଶିଳ୍ପୀ, ଧନିଶୋ, ଜଗତ୍‌ସିଂହପୁର)– ଯଦି ଜୀବନରେ ଚ୍ୟାଲେଞ୍ଜ ନାହିଁ, ତେବେ ଜୀବନ ଏକ ମରୁ ଉଦ୍ୟାନ। ତେଣୁ ଜୀବନର ଘାତ–ପ୍ରତିଘାତ ଏବଂ ଅନ୍ୟର କଟାକ୍ଷକୁ ଚ୍ୟାଲେଞ୍ଜ ଭାବେ ନେଇ ଆତ୍ମବିଶ୍ୱାସ ଓ ନିଷ୍ଠାର ସହ ଆଗକୁ ବଢ଼ିବା, ତେବେ ସଫଳତାର ମିଠା ସ୍ୱାଦ ଚାଖିପାରିବା। ଏହା ମୋ ଚିତ୍ରଶିଳ୍ପୀ ଜୀବନର ଆଇନା ପ୍ରତିବିମ୍ବ ସଦୃଶ। ପେସାରେ ଜଣେ ଶିକ୍ଷକ ହୋଇଥିଲେ ହେଁ ନିଶା ଚିତ୍ର ଆଙ୍କିବା। ଏଥିପାଇଁ ଏସବୁ କାହିଁକି କରୁଛୁ, ଏଥିରେ ଲାଭ କ'ଣ, ଅଯଥା ସମୟ ନଷ୍ଟ ଭଳି ଅନେକ ନକାରାତ୍ମକ କଥା ଶୁଣିଛି। ହେଲେ ପଛଘୁଞ୍ଚା ନ ଦେଇ ଏହାକୁ ଚ୍ୟାଲେଞ୍ଜ ଭାବି ଆଗେଇ ଆସିଛି ବୋଲି ଆଜି ଦେଶ ବିଦେଶରେ ନିଜ ଚିତ୍ରକଳା ପ୍ରଦର୍ଶନ କରି ପ୍ରଶଂସିତ ଓ ପୁରସ୍କୃତ ହେବାର ସୌଭାଗ୍ୟ ପାଇଛି। ତେଣୁ ଚ୍ୟାଲେଞ୍ଜକୁ ମୁଁ ସବୁବେଳେ ସ୍ୱାଗତ କରେ।



**ମାମାଲି ଜେନାମଣି** (କଣ୍ଠଶିଳ୍ପୀ, ବାଲିମେଳା, ମାଲକାନଗିରି)– ମୋ ମତରେ ନିଜ ଭାବନାକୁ ଉଚ୍ଚ ଓ ନିଜକୁ ବେଷ୍ଟ ପ୍ରମାଣିତ କରିବାକୁ ହେଲେ ସବୁବେଳେ ଚ୍ୟାଲେଞ୍ଜକୁ ଗ୍ରହଣ କରିବା ଦରକାର। କାରଣ ବିନା ଚ୍ୟାଲେଞ୍ଜରେ ବା ବିନା କଷ୍ଟରେ ଯେଉଁ ସଫଳତା ମିଳେ ସେଥିରେ ସେତିକି ଖୁସି ମିଳେନି ଯେତିକି ମିଳେ କଷ୍ଟ କରି ନିଜ ଉଦ୍ୟମରେ ହାସଲ କରିଥିବା ସଫଳତାରେ। ନିଜ କଥା କହିବି ଜଣେ ସିଙ୍ଗର ହେବା ଲାଗି ଅନେକ କଷ୍ଟ କରିଛି। ମାଲକାନଗିରିରୁ ପ୍ରତିଦିନ ଭୁବନେଶ୍ୱର ବାପାଙ୍କ ସାଙ୍ଗେ ବସ୍‌ରେ ଆସିଛି ଗୀତ ଶିଖିବାକୁ। ପ୍ରଥମେ ସମସ୍ତେ ହସୁଥିଲେ ଏବଂ ଏହାକୁ ମୋର ପାଗଳାମି କହୁଥିଲେ, ହେଲେ ମୋ ବାପାମାଆ ମୋତେ ସର୍ବଦା ଉତ୍ସାହିତ କରିବା ସହ ଏହାକୁ ଏକ ଚ୍ୟାଲେଞ୍ଜ ଭାବି ଆଗକୁ ବଢିବାକୁ ପ୍ରେରଣା ଦେଇଥିଲେ। ଯେଉଁଥିପାଇଁ ଆଜି ଓଡିଶାର ଅନେକ ପ୍ରତିଷ୍ଠିତ କଣ୍ଠଶିଳ୍ପୀଙ୍କ ସହ ଗାଇ ନିଜର ଏକ ପରିଚୟ ସୃଷ୍ଟି କରିବାରେ ସକ୍ଷମ ହୋଇଛି।

ୟୁଥ୍ ଫ୍ୟାଶନ୍

# ଅଜବ ବ୍ୟାଗ୍

ଭଳିକିଭଳି ଅଜବ ଫ୍ୟାଶନ୍ ଆପଣେଇବାରେ ଯୁବପିଢ଼ି ସବୁବେଳେ ଆଗରେ। ଯେଉଁଥିରୁ ବାଦ୍‌ପଡ଼ିନି ବ୍ୟାଗ୍। ଜାଣିବା କେତୋଟି ଅଜବ ବ୍ୟାଗ୍ ସମ୍ପର୍କରେ...





**ଲିଜାର୍ଡ ଏବଂ ଫ୍ରଗ୍ ବ୍ୟାଗ୍:** ଯୁବତୀ ହୁଅନ୍ତୁ ଅବା ଯୁବକ, ଭଳିକିଭଳି ପୋଷାକ ସହିତ ନୂଆ ଡିଜାନର ବ୍ୟାଗ୍ ଧରିବାର ସଉକ ପ୍ରାୟ ଅନେକଙ୍କର ରହିଛି। ତେବେ ଆପଣ ଜାଣିଲେ ଆଶ୍ଚର୍ଯ୍ୟ ହେବେ, ବର୍ତ୍ତମାନ ଲେଦରରେ ପ୍ରସ୍ତୁତ ଲିଜାର୍ଡ ବା ଝିଟିପିଟି ଏବଂ ବେଙ୍ଗ ଆକୃତିର ବ୍ୟାଗ୍ ବି କେହି କେହି ବ୍ୟବହାର କରୁଛନ୍ତି। ତେବେ ଏଗୁଡ଼ିକୁ ଦେଖିଲେ ଜୀବନ୍ତ ଲାଗୁଥିବାରୁ ଏଭଳି ବ୍ୟାଗ୍ ଧରିଲେ ଅନ୍ୟର ଦୃଷ୍ଟି ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିବେ ବୋଲି ବ୍ୟବହାରକାରୀ ମତ ରଖନ୍ତି। କେତେକ ଅନ୍‌ଲାଇନ୍ ସାଇଟ୍‌ରେ ମଧ୍ୟ ଏସବୁ ଉପଲବ୍ଧ ହେଲାଣି।

**ଗାଡ଼ି ବ୍ୟାଗ୍:** କାହା କାନ୍ଧରେ ଝୁଲୁଛି ବସ୍ ତ କାହାର ଟ୍ରକ୍, ଆଉ ପୁଣି କାହା ପିଠିରେ ଲାଟେଷ୍ଟ ମଡେଲ୍ କାର ଡିଜାଇନ୍‌ର ବ୍ୟାଗ୍ ପ୍ୟାକ୍। ଏଭଳି ଅଜବ ଗାଡ଼ି ଡିଜାଇନ୍‌ର ବ୍ୟାଗ୍ ଏବେ ପାଲଟିଛି ଅନେକ ଯୁବପିଢ଼ିଙ୍କ ପାଇଁ ଲାଟେଷ୍ଟ ଫ୍ୟାଶନ୍ ଷ୍ଟେଟ୍‌ମେଣ୍ଟ। ଏସବୁ ଲେଦର, ଫୋମ୍, କାନ୍‌ଭାସ୍ ଆଦି ବିଭିନ୍ନ ମ୍ୟାଟେରିଆଲ୍‌ରେ ପ୍ରସ୍ତୁତ ହେଉଛି। ତେବେ ଏସବୁ ମଧ୍ୟରୁ ବ୍ଲାକ୍ ଆଣ୍ଡ ହ୍ୱାଇଟ୍ କଲର କମ୍ବିନେଶନ୍ ଥିବା ବସ୍ ଏବଂ ଲକ୍‌ଜୁରୀ କାର୍ ଡିଜାଇନ୍ ବ୍ୟାଗ୍‌କୁ ଯୁବତୀମାନେ ଅଧିକ ପସନ୍ଦ କରୁଥିବା ଦେଖିବାକୁ ମିଳୁଛି।

**ଭାୟୋଲିନ୍ ବ୍ୟାଗ୍:** ଏହି ବ୍ୟାଗ୍‌ପ୍ୟାକ୍ ଦେଖିବାକୁ ଅବିକଳ ଭାୟୋଲିନ୍ ପରି। କେହି ଜଣେ ଏହାକୁ କ୍ୟାରି କଲାବେଳେ ଆପଣ ଦେଖିଲେ ଏହା ଭାୟୋଲିନ୍ ବୋଲି ହଠାତ୍ ଭ୍ରମରେ ପଡ଼ିଯିବେ। ଏହାର ବିଭିନ୍ନ କଲର ଏବଂ ଡିଜାଇନ୍ ମଧ୍ୟ ମିଳୁଛି। ମ୍ୟୁଜିକ୍ ଲଭର ୟୁଥ୍ ଏହାକୁ ବେଶୀ ପସନ୍ଦ କରୁଥିବା ଦେଖିବାକୁ ମିଳୁଛି।



**ସ୍କଲ୍ ବ୍ୟାଗ୍:** ଅଜବ ଫ୍ୟାଶନ୍ ରୁଚି ରଖୁଥିବା ଯୁବପିଢ଼ିଙ୍କ ପାଇଁ ଏହା ସବୁଠୁ ବେଷ୍ଟ ଚଏସ୍। କାରଣ ଏହି ବ୍ୟାଗ୍‌ଟି ଦେଖିବା ପାଇଁ ମଣିଷ ଖପୁରି ଭଳି। ଭୟଙ୍କର ଲାଗୁଥିଲେ ହେଁ ଅନ୍ୟଠୁ ଡିଫରେଣ୍ଟ ଲାଗିବା ନିଶାରେ ଏହାର ଡିମାଣ୍ଡ ବଢୁଥିବା ଦେଖିବାକୁ ମଲୁଛି। ଏହାର ବିଭିନ୍ନ ଭେରାଇଟି ମିଳୁଥିବା ବେଳେ ଲେଦର ସ୍କଲ ବ୍ୟାଗ୍ ଅଧିକ ବ୍ୟବହୃତ ହେଉଥିବା ଦେଖିବାକୁ ମିଳୁଛି।

**କ୍ୟାଟେଲ୍ ବ୍ୟାଗ୍:** କେହି ଜଣେ ଏହି ବ୍ୟାଗ୍ ଧରିଥିବା ଦେଖିଲେ ଆପଣ ହୁଏତ ଭାବିପାରନ୍ତି ସେ ଚା, ଗରମ ପାଣି କିମ୍ବା ଅନ୍ୟ କୌଣସି ତରଳ ପଦାର୍ଥ ନେବା ଲାଗି କ୍ୟାଟେଲ୍ ବ୍ୟବହାର କରୁଛନ୍ତି। ହେଲେ ଏହା ବାସ୍ତବରେ ଏକ ବ୍ୟାଗ୍; ଯେଉଁଥିରେ ଆପଣ ପର୍ସ, ମୋବାଇଲ୍ ଫୋନ୍, ମେକ୍‌ଅପ୍ କିଟ୍ ଆଦି କ୍ୟାରି କରିପାରିବେ। ଫ୍ୟାଶନ୍ ଟ୍ରେଣ୍ଡରେ ଅପ୍‌ଡେଟ୍ ରହିବାକୁ ପସନ୍ଦ କରୁଥିବା କେତେକ ଯୁବତୀ ଏହାକୁ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ରବିବାର, ଏପ୍ରିଲ ୯/୨୦୨୩ Bhubaneswar, Sunday, April 9/ 2023

### ୧୪ ବର୍ଷରୁ କମ୍ ଏସିଆନ ଡେଭଲପ୍‌ମେଣ୍ଟ ଟେନିସ ଫାଇନାଲ୍ସ

# ମାୟା ରନରଅପ୍

**ଭୁବନେଶ୍ୱର, ୮।୪ (ସ୍ପୋର୍ଟ୍ସ ବ୍ୟୁରୋ)**

ସର୍ବଭାରତୀୟ ଟେନିସ ଆସୋସିଏଶନ (ଏଆଇଟିଏ), ଓଡ଼ିଶା ଟେନିସ ଆସୋସିଏଶନ (ଓଟିଏ) ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଆଇଟିଏଫ୍ ଏସିଆନ ୧୪ ବର୍ଷରୁ କମ୍ ଡେଭ୍‌ଲପ୍‌ମେଣ୍ଟ ଚାମ୍ପିୟନଶିପ୍‌ର ସିଙ୍ଗଲ୍ସ ଓ ଡବଲ୍ସରେ ରନର୍‌ଅପ୍ ହୋଇଛନ୍ତି ଭାରତର ମାୟା ରାଜେଶ୍ୱରନ ରେଭଥୀ। ଶନିବାର ଅନୁଷ୍ଠିତ ଫାଇନାଲରେ ମାୟା ଉଭୟ ବାଳିକା ସିଙ୍ଗଲ୍ସ ଓ ଡବଲ୍ସ ଫାଇନାଲରେ ହାରି ଯାଇଥିଲେ। ବାଳିକା ସିଙ୍ଗଲ୍ସ ଫାଇନାଲରେ ମାୟା କୋରିଆର ଜିୟୁନ୍ ଓଙ୍କ ଠାରୁ ୬-୩, ୬-୧ ସେଟ୍‌ରେ ପରାସ୍ତ ହୋଇଛନ୍ତି। ଅନ୍ୟତମ ଭାରତୀୟ ଖେଳାଳି ହରିଥା ଶ୍ରୀ ଭେଙ୍କଟେଶଙ୍କ ସହିତ ସେ ବାଳିକା ଡବଲ୍ସ ଖେଳିଥିଲେ। ଡବଲ୍ସ ସେମିଫାଇନାଲରେ ମାୟା ଓ ହରିଥା ଯୋଡ଼ି କୋରିଆର ୟେରୀ ହୋଙ୍ଗ ଓ ଜିୟୁନ୍ ଓଙ୍କ ନିକଟରୁ ୬-୪ ଓ ୬-୧ ସେଟରେ ହାରି ଯାଇଥିଲେ। ବାଳକ ସିଙ୍ଗଲ୍ସ ଫାଇନାଲରେ କୋରିଆର ଓନମିନ କିମ୍ ନିଜ ଦେଶର ମିନ୍ ହ୍ୟୁକ୍ ଚୋଙ୍କୁ ୭-୬(୨) ଓ ୬-୨ ସେଟ୍‌ରେ ପରାସ୍ତ କରିଛନ୍ତି। ସେହିପରି ବାଳକ ଡବଲ୍ସ ପ୍ରଥମ ସେମିଫାଇନାଲରେ କୋରିଆର ମିନ୍ ହ୍ୟୁକ୍ ଚୋ ଓ ଓନମିନ କିମ୍‌ଙ୍କ ଯୋଡି ଥାଇଲାଣ୍ଡର ର୍ୟୁ କୋଟିକୁଲା ଓ ଧର୍ମା ପାଣ୍ଟାରାଟର୍ନଙ୍କୁ ୬-୩ ଓ ୬-୧ ସେଟ୍‌ରେ ପରାସ୍ତ କରିଛନ୍ତି। ଭୁବନେଶ୍ୱର ମେୟର ସୁଲୋଚନା ଦାଶ ଅତିଥି ଭାବରେ ଯୋଗ ଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଟିଏ ସଭାପତି ଅସିତ ତ୍ରିପାଠୀ, ସମ୍ପାଦକ ସତ୍ୟଜିତ ମହାନ୍ତି ଓ ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା ଓ ସମ୍ବିତ ପଟ୍ଟନାୟକ ଉପସ୍ଥିତ ରହିଥିଲେ।



ଡବଲ୍ସ ଫାଇନାଲିଷ୍ଟଙ୍କ ସହ ଅତିଥି ତଥା ଭୁବନେଶ୍ୱର ମେୟର ସୁଲୋଚନା ଦାଶ।

### ରାଜାୱତ ଫାଇନାଲରେ

**ଓର୍ଲିନ୍ସ, ୮।୪ (ପି.ଟି.):** ଭାରତର ପ୍ରିୟାଂଶୁ ରାଜାୱତ ଓର୍ଲିନ୍ସ ମାଷ୍ଟର୍ସ ସୁପର ୩୦୦ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସେ ଆୟର୍ଲାଣ୍ଡର ଏନହାତ୍ ଏନ୍‌ଗୁୟେନଙ୍କୁ ହରାଇ ଦେଇଛନ୍ତି।




### ପଏଣ୍ଟ ବାଣ୍ଟିଲେ ବେଙ୍ଗାଲୁରୁ ଏଫ୍‌ସି, ଶ୍ରୀନିଡି ଡେକାନ

**କୋଝିକୋଡ୍, ୮।୪ (ପି.ଟି.):** ସୁପର ଲିଗ୍‌ରେ ଆଇ-ଲିଗ୍ ଦଳ ଶ୍ରୀନିଡି ଡେକାନ ଓ ଆଇଏସ୍‌ଏଲ ହେଭିୱେଟ୍ ବେଙ୍ଗାଲୁରୁ ଏଫ୍‌ସି ପଏଣ୍ଟ ବଣ୍ଟାଆରା କରିଛନ୍ତି। ଦୁଇ ଦଳ ମଧ୍ୟରେ ଏଠାରେ ଶନିବାର ଅନୁଷ୍ଠିତ ମ୍ୟାଚ୍ ୧-୧ ଗୋଲରେ ଅମୀମାଂସିତ ଭାବେ ଶେଷ ହୋଇଛି। ମ୍ୟାଚ୍‌ର ଦୁଇଟି ଯାକ ଗୋଲ୍ ପ୍ରଥମାର୍ଦ୍ଧରେ ଜାଭି ହର୍ନାଣ୍ଡେଜ (୯ମ) ଓ ଫୈଜାଲ ଶାୟେସଟେକ୍ (୨୧ତମ ମିନିଟ୍‌ରେ)ଙ୍କ ଦ୍ୱାରା ସ୍କୋର ହୋଇଥିଲା। ଦିନର ଦ୍ୱିତୀୟ ମ୍ୟାଚ୍‌ରେ କେରଳ ବ୍ଲାଷ୍ଟର୍ସ ୩-୧ ଗୋଲ୍‌ରେ ଆଇ-ଲିଗ୍ ଚାମ୍ପିୟନ ରାଉଣ୍ଡଗ୍ଲାସ ପଞ୍ଜାବକୁ ହରାଇଦେଇଛି।




## ମହିଳା ହକି କ୍ୟାମ୍ପରେ ଓଡ଼ିଶାରୁ ୪

**ବେଙ୍ଗାଲୁରୁ, ୮।୪ (ପି.ଟି.)**

ଅଷ୍ଟ୍ରେଲିଆ ଗସ୍ତରେ ଯିବା ପୂର୍ବରୁ ଭାରତୀୟ ମହିଳା ହକି ଦଳର ଏକ ୩୫ ଦିନିଆ ପ୍ରସ୍ତୁତି ଶିବିର ଅନୁଷ୍ଠିତ ହେବାକୁ ଯାଉଛି। ୩୩ ଜଣ ସମ୍ଭାବ୍ୟ ଖେଳାଳିଙ୍କୁ ନେଇ ଏହି ଶିବିର ଅନୁଷ୍ଠିତ ହେବ। ଏହି ଶିବିରରେ ଓଡ଼ିଶାରୁ ୪ ଜଣ ଖେଳାଳି ସାମିଲ ହୋଇଛନ୍ତି। ଡିଫେଣ୍ଡର ଦୀପ୍‌ଗ୍ରେସ ଏକ୍କାଙ୍କ ସହିତ ମାରିଆନା କୁଜୁର, ସୁନେଲିତା ଟପ୍ପୋ ଓ ଆଜମିନା କୁଜୁର ସାମିଲ ଅଛନ୍ତି। ମହିଳା ଦଳର ମୁଖ୍ୟ କୋଚ୍ ଜାନ୍ନେକ ସ୍କପମ୍ୟାନ୍ ଏହି ଶିବିରରେ ଦଳର ଚୂଡ଼ାନ୍ତ ଏକାଦଶ ଚୟନ ହେବ ବୋଲି ସୂଚନା ଦେଇଛନ୍ତି। ଏପ୍ରିଲ ୯ ତାରିଖରୁ ଏହି ଶିବିର ଆରମ୍ଭ ହୋଇ ମେ' ୧୩ ପର୍ଯ୍ୟନ୍ତ ଚାଲିବ। ପୂର୍ବରୁ ଅନୁଷ୍ଠିତ କ୍ୟାମ୍ପରେ ଆମେ ଦଳର ବେସ୍‌ଲାଇନ୍ ସ୍ଥିର କରିବାରେ ସମର୍ଥ ହୋଇଥିଲୁ। ଚଳିତ ଶିବିର ପରେ ଶ୍ରେଷ୍ଠ ଖେଳାଳିମାନଙ୍କୁ ହିଁ ଅଷ୍ଟ୍ରେଲିଆ ଗସ୍ତରେ ସୁଯୋଗ ମିଳିବ ବୋଲି ସ୍କପ୍‌ମ୍ୟାନ୍ କହିଛନ୍ତି। ଦଳ ଏହି ଶିବିରରେ ବିଭିନ୍ନ ଯୋଜନା ପ୍ରସ୍ତୁତ କରିବା ସହିତ ଏହାକୁ କାର୍ଯ୍ୟକ୍ଷମ କରିବାର ରାସ୍ତା ତିଆରି କରିବ ବୋଲି ସ୍କପ୍‌ମ୍ୟାନ୍ କହିଛନ୍ତି। ମହିଳା ହକିରେ ଅଷ୍ଟ୍ରେଲିଆ ଶୀର୍ଷ ଦଳ ଥିବାରୁ ଏହା ଆମକୁ ଆଗକୁ ବଢିବାରେ ସହାୟତା କରିବ ବୋଲି ସେ କହିଛନ୍ତି।

**ସମ୍ଭାବ୍ୟ ହକି ଦଳ**

**ଗୋଲକିପର:** ସବିତା, ରଜନୀ ଏଟିମାର୍ପୁ, ବିଚୁ ଦେବୀ ଖାରିବାମ୍, ବନ୍ସାରୀ ସୋଲାଙ୍କି।

**ଡିଫେଣ୍ଡର୍ସ:** ଦୀପ୍‌ଗ୍ରେସ ଏକ୍କା, ଗୁରଜିତ କୌର, ନିକ୍କି ପ୍ରଧାନ, ଉଦିତା, ଇଶିକା ଚୌଧୁରୀ, ଅକ୍ଷତା ଆବାସୋ ଧେକାଲେ, ଜ୍ୟୋତି ଛତ୍ରି, ମହିମା ଚୌଧୁରୀ।

**ମିଡ୍‌ଫିଲ୍ଡର୍ସ:** ନିଶା, ସଲିମା ଟେଟେ, ସୁଶୀଳା ଚାନୁ ପୁଖରାମ୍ବାମ, ଜ୍ୟୋତି, ନବଜୋତ କୌର୍, ମୋନିକା, ମାରିଆନା କୁଜୁର, ସୋନିକା, ନେହା, ବଲଜିତ୍ କୌର୍, ରୀନା ଖୋଖର, ବୈଷ୍ଣବୀ ଫାଲକେ, ଆଜମିନା କୁଜୁର।

**ଫରୱାର୍ଡ୍ସ:** ଲାଲରେମସିଆମି, ନବନୀତ କୌର, ବନ୍ଦନା କଟାରିୟା, ଶର୍ମିଳା ଦେବୀ, ଦୀପିକା, ସଙ୍ଗୀତା କୁମାରୀ, ମୁମତାଜ ଖାନ୍ ଓ ସୁନେଲିତା ଟପ୍ପୋ।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ